
# ସିଂହାସନ

ନଂ [illegible]/277

# ସିଂହକଟି

ଶ୍ରୀ କୃଷ୍ଣପ୍ରସାଦ ମିଶ୍ର ଏମ୍. ଏ., ଏଲଏଲ. ବି.



ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ

ପ୍ରଥମ ପ୍ରକାଶ
୧୯୫୯

ମୁଦ୍ରାକର
ପ୍ରସାଦ ପ୍ରେସ
କଟକ—୨

ମୂଲ୍ୟ—ତିନିଟଙ୍କା ପଚିଶ ନୂଆ ପଇସା

ଡକ୍ଟର ଶ୍ରୀ ହରେକୃଷ୍ଣ ମହତାବ
ପୂଜ୍ୟାସ୍ପଦେଷୁ

# ସିଂହକାଟି

ସାମାଜିକ-ଉପନ୍ୟାସ

ଲେଖକଙ୍କର ଅନ୍ୟାନ୍ୟ ଲେଖା:—

ଦର୍ଶନ ଓ ସମାଲୋଚନା

ମୃଗତୃଷ୍ଣା

# ଦୁଇପଦ

'ମୃଗତୃଷ୍ଣା' ମୋର ପ୍ରଥମ ଉପନ୍ୟାସ । 'ସିଂହକଟି' ଦ୍ୱିତୀୟ । ମୃଗତୃଷ୍ଣା ତାର ନିଛ ଆଦର୍ଶବାଦ ଯୋଗୁଁ ଜଣେ ମାସିକ ପତ୍ରିକାର ସମ୍ପାଦକଙ୍କ ଦ୍ୱାରା ମୌଖିକ ସମାଲୋଚିତ ହୋଇଥିଲା । ଶେଷରେ ସମ୍ପାଦକ ଆଶା ପ୍ରକାଶ କରିଥିଲେ, ଅନୁଭୂତି ତରୁଣ ଔପନ୍ୟାସିକଙ୍କୁ ବାସ୍ତବଧର୍ମୀ କରାଇଦେବ । ଅନ୍ୟ ସବୁ ଦୃଷ୍ଟିରୁ ମୃଗତୃଷ୍ଣା ଭଲ ।

ଆଦର୍ଶବାଦ ଓ ଯଥାର୍ଥବାଦର ଦ୍ୱନ୍ଦ୍ୱରେ କୌଣସି ଲେଖକ ନ ପଡ଼ିବା ଶ୍ରେୟ । ଉଭୟେ, ସୃଷ୍ଟି ଓ ସ୍ରଷ୍ଟା ଦୃଷ୍ଟିରୁ ଅର୍ଥଶୂନ୍ୟ । ଚରିତ୍ର ଚିତ୍ରଣ ବେଳେ, ଘଟଣା ସଂଘଟନ କଲାବେଳେ ତେଣୁ ସାହାଯ୍ୟପ୍ରଦ ନୁହନ୍ତି ।

ତେଣୁ ସିଂହକଟି ଉଭୟ 'ବାଦ' ଦୃଷ୍ଟିକୋଣରୁ ଅସ୍ପୃଶ୍ୟ । ସିଂହକଟି ଏକ ମୌଳିକ ସାମାଜିକ ଉପନ୍ୟାସ । ଯୁଗ ଯୁଗ ଧରି ମାନବ ଆତ୍ମାର ସଞ୍ଚିତ ଆଶା, ଅଭିମାନ, ଅନ୍ତର୍ଦ୍ୱନ୍ଦ୍ୱ ଓ ଅନୁଯୋଗକୁ ଏଥିରେ ରୂପାୟିତ କରାଯାଇଛି ।

ପୁଞ୍ଜିବାଦକୁ ଔପନ୍ୟାସିକ ନିନ୍ଦା କରିଛି, ଏକ ଆର୍ଥିକ ଓ ସାମାଜିକ ବ୍ୟବସ୍ଥା ଭାବେ ନୁହେଁ, ବୈୟକ୍ତିକ ଦୃଷ୍ଟିରୁ ଏହା ଏକ ଦୂଷିତ ମନୋବୃତ୍ତି ବୋଲି, ଧର୍ମ ଏହାକୁ ଅସ୍ୱୀକାର କରୁଥିବା ଯୋଗୁଁ । ସେହିପରି ଧର୍ମର ଉନ୍ନତ ବିକାଶକୁ—ଯେତେବେଳେ ତାହା ଧର୍ମ-ମାତ-ସମ୍ମତ ସୁଖକୁ ବର୍ଜନ କରି ଭିକ୍ଷାବୃତ୍ତି ଗ୍ରହଣ କରିବାକୁ ପ୍ରରୋଚନା ଦିଏ—ଏହି ଔପନ୍ୟାସିକ ତାଡ଼ନା କରିଛି ।

ଔପନ୍ୟାସିକ ପାଇଁ ଜଣେ ଆଦର୍ଶ—ଶୁଦ୍ଧ ମାନବ । ଯାହା ଭାଗରେ ସୁଖ ପଡ଼େ, ଦୁଃଖ ମଧ୍ୟ; ଦୁଃଖବେଳେ ଅନାଗତ ସୁଖକୁ କଳ୍ପନା କରି ସେ ବଞ୍ଚିରହେ । ସେ ଲୋକମାନଙ୍କ ଦ୍ୱାରା ପ୍ରତାରିତ ହୁଏ; ତଥାପି ସେ ଈଶ୍ୱରଙ୍କ ଅସ୍ତିତ୍ୱ, କର୍ମଫଳ ଓ ମାନବର ସାଧୁତା ଉପରେ ଆସ୍ଥା ହରାଏନ ।

ସେହି ମାନବ । ଶରବନ୍ଧ୍ୟ ।

ସିଂହକଟି ଉପନ୍ୟାସ । ତେଣୁ କୌଣସି ବ୍ୟକ୍ତି, ସ୍ଥାନ, ସଂସ୍ଥା ପ୍ରତି ଏହାର ସମ୍ବନ୍ଧ ନାହିଁ ।

କୃଷ୍ଣ ପ୍ରସାଦ ମିଶ୍ର

ଓଁ ଋମ୍ମଣ୍ଡେ ଜମ୍ଭୟ ଜମ୍ଭୟ ସ୍ତମ୍ଭୟ ସ୍ତମ୍ଭୟ ମୋହୟ ମୋହୟ ସର୍ବଂ ମାଂ ଭ୍ରଂ ଦମଦମ ସ୍ୱାହା ।

ନିର୍ଦ୍ଧୂମ ଖରାରେ ମୁଣ୍ଡ ଫାଟି ପଡୁଛି । କୋଡ଼ିଏ ହାତ ଆବାନ୍ତରରେ ଗଛପତ୍ର ନାହିଁ । ତା'ପରେ ଶ୍ଳେଟ ଶ୍ଳେଟ ଗୁଳ୍ମଲତା, ବାଉଁଶକୋଳି ଗଛ, ଚିମା ଚିମା ପଥର, ଆବୁଡ଼ା ଖାବୁଡ଼ା ଜମି ଓ ଆମ୍ବତୋଟା । ବାଉଁଶନଈ ସମ୍ପୂର୍ଣ୍ଣ ଜଳଶୂନ୍ୟ, ବହୁଦୂରରେ ସୋଲଗି ପର୍ବତ ଖରାଯୋଗୁଁ ଝାପ୍ସା ଝାପ୍ସା ଦିଶୁଛି । ସାନ୍ତରାପୁର ଶାସନ ପାଏ ବାଟଠୁ ମଧ୍ୟ କମ୍ ହେବ । ବାଉଁଶନଈର ଶଯ୍ୟାରେ ଗଛପତ୍ରଡାଳକେତୋଟି, ତାହାଉପରେ ତାଳଚଟେଇ ପକାଇ ଷୋହଳ ସତର ବର୍ଷର କିଶୋରଟିଏ ପଦ୍ମାସନରେ ବସି ନାସିକାଗ୍ରକୁ ଲକ୍ଷି ଆତ୍ମସ୍ଥ ହୋଇ ଉଚ୍ଚାରଣ କରୁଥିଲା—

ଓଁ ଋମ୍ମଣ୍ଡେ ଜମ୍ଭୟ ଜମ୍ଭୟ ସ୍ତମ୍ଭୟ ସ୍ତମ୍ଭୟ......

ମନ୍ତ୍ରର ପ୍ରଥମାଂଶ ଗମ୍ଭୀରଭାବେ ଉଚ୍ଚାରିତ ହୋଇ କ୍ରମେ ଶେଷାଂଶ ଆଡ଼କୁ ଅସ୍ପଷ୍ଟ ହୋଇ ଯାଉଥିଲା । ଜପ ବାଚନିକରୁ ଆରମ୍ଭ ହୋଇ ଉପାଂଶୁରେ ପରିଣତ ହେଉଥିଲା ଓ ଶେଷରେ ମାନସିକରେ ନିଶ୍ଚିହ୍ନ ହୋଇଯାଉଥିଲା । ମନ୍ତ୍ରଟିକୁ ଶହେହଜାର ଥର ଜପ କରିବା କଥା । ବର୍ତ୍ତମାନ ସୁଦ୍ଧା ଏକହଜାର ଥର

ହୋଇଥିବ । ଗୋଟିଏ ଥର ଜପ କରିବାପରେ ଡାହାଣପଟ ଟୋକେଇଟିଏରୁ ତିନିହଜାର ଗୋଡ଼ିରୁ ଗୋଟିଏ ଆସି ବାଁପଟ ଟୋକେଇଟିଏରେ ଭର୍ତ୍ତି ହେଉଥିଲା । ମନ୍ତ୍ରର ସଂଖ୍ୟା ସଠିକ ଭାବେ ଜାଣିବାକୁ ଆଉ କୌଣସି ଉପାୟ ନ ଥିଲା । କିଶୋର ଜାପକଙ୍କ ସମ୍ମୁଖରେ ତିନୋଟି ବାଉଁଶକଣି ତ୍ରିଭୁଜାକାରରେ ପୋତା ହୋଇଥାଏ । ତ୍ରିଭୁଜ ମଧ୍ୟରେ ଲାଲ ମୁରୁଜରେ ଅଷ୍ଟଦଳ ପଦ୍ମ, କେତୋଟି ମଲ୍ଲୀକଢ଼, ଘିଅ ଦୀପଟିଏ । ପାଖରେ ଧଳାସୂତାର ବିଣ୍ଡି । ଜପ ପ୍ରାୟ ଦିନ ବାରଟା ବେଳେ ଆରମ୍ଭ ହୋଇଛି, ଦୁଇଟା ଭିତରେ ଶେଷ ହୋଇଯିବ ବୋଲି ଅନୁମାନ ।

ଗୁଳ୍ମଲତାଙ୍କ ପଛଆଡ଼ ପରେ ପରେ ବଡ଼ ବଡ଼ ଆମ୍ବଗଛ ଦୁଇ ତିନୋଟି, ଗୋଟିଏ ଡାଳରେ ଜାପକଙ୍କ ସମବୟସ୍କ ଦୁଇଜଣ ବସି କିଛି ସମୟ ଶାସନ ଆଡ଼କୁ ଚାହିଁ କିଛି ସମୟ ଧ୍ୟାନସ୍ଥ ବନ୍ଧୁଙ୍କ ଆଡ଼କୁ ଚାହୁଁଥିଲେ । ଦୁହିଁଙ୍କ ମୁଖମଣ୍ଡଳରେ ବିସ୍ମୟ, ଆଶ୍ଚର୍ଯ୍ୟ, ଉତ୍କଣ୍ଠା, ଉଦ୍‌ବିଗ୍ନତା, ସନ୍ଦେହ ସବୁର ସମ୍ମିଶ୍ରଣ । ଦୁହେଁ ନିରବଚ୍ଛିନ୍ନ ନିସ୍ତବ୍‌ଧତାକୁ ଭାଙ୍ଗି ମଝିରେ ମଝିରେ ପଦେ ଦୁଇପଦ କଥା ହୋଇ ଯାଉଥାନ୍ତି ।

ସତରେ କଣ ମନ୍ତ୍ରସିଦ୍ଧି ହେବ ?

ଅବଶ୍ୟ ।

ହେ ଗୋପୀନାଥ, ମନ୍ତ୍ରସିଦ୍ଧି ହେଉ । ଶିବର ମନୋବାଞ୍ଛା ପୂର୍ଣ୍ଣହେଉ । ସୁକେଶୀ ଶିବକୁ ଭଲ ପାଆନ୍ତୁ । ଯାବଜ୍ଜୀବନ ତାଙ୍କର କଙ୍କଣ ହୋଇ ରହନ୍ତୁ ।

ତ୍ରିଶାୟକିଶୋରଟି ଧ୍ୟାନସ୍ଥ ହୋଇ ବାଲୁକା ଆଡ଼କୁ ଚାହୁଁଥିଲା । ସଙ୍ଗୀଟିର ବାସ୍ତୁଲତା ଆଡ଼କୁ ତାର ଦୃଷ୍ଟି ନଥିଲା ।

ବନ୍ଧୁ ଶୁଣିବାର କୌଣସି ବାହାନା ମଧ୍ୟ ନକରୁଥିବା ଦେଖି ଚପଳ କିଶୋରଟି କ୍ଷୋଭକୁ ଜୀର୍ଣ୍ଣ କରୁ କରୁ କହିଲା—

ମୋର କାହିଁ ବିଶ୍ୱାସ ହେଉନି । ମହାପାତ୍ରଙ୍କର ପାହାଡ଼ ଭଳି ଦାଣ୍ଡଦୁଆର ଦୁଇଟି ବନ୍ଦହୋଇଥିବ । ସୁକେଶୀ [illegible] ଶୋଇଥିବେ । ଏତେ ଦାସଦାସୀ, ସମସ୍ତଙ୍କ ନଜର ଏଡ଼ି ସେ କପରି ଆସିପାରିବେ ! ଅସମ୍ଭବ, ମନ୍ତ୍ର ବୃଥା ହେବ । ଏ ଯୁଗରେ [illegible] ମନ୍ତ୍ର କାହାର ସିଦ୍ଧ ହୋଇଛି ?

ବନ୍ଧୁଙ୍କ ଏକାଗ୍ରତା ଭାଙ୍ଗିବା ପାଇଁ ବାଣ ଠିକ୍ ଜାଗାରେ ବାଜିଥିଲା । ଅତ୍ୟନ୍ତ ବିରକ୍ତିରେ ବନ୍ଧୁ କହିଲେ—ମନ୍ତ୍ର ଯଦି ସିଦ୍ଧ ହେଉନି ତା'ହେଲେ ବାଟିଆ ସର୍ବଙ୍କ ମୁହଁକୁ ଦେଖି କପରି ସବୁକଥା କହିଦେଉଛି ? ଧୈର୍ଯ୍ୟଧରି ଚୁପ୍‌ଚାପ ଦେଖ୍ କଣ ହେଉଛି ।

ବାସୁଳ ଚୁପ ହୋଇଗଲା । ଦୁହେଁ ମୌନ ହୋଇ ସେମାନଙ୍କ ଉପରେ ଦିଆହୋଇଥିବା ଦାୟିତ୍ୱକୁ ସୁରୁଖୁରୁରେ ତୁଲାଇବାକୁ ଲାଗିଲେ । କିଛି ସମୟ ବିତିଗଲା ।

ଶିବନାଥର ଶରୀର ଅସହ୍ୟଭାବେ ଗରମ ହୋଇ ଆସୁଥାଏ । ଝାଳ ବିନ୍ଦୁ ବିନ୍ଦୁ ହୋଇ ଉତ୍ତପ୍ତ ବାଲି ଉପରେ ପଡ଼ି କେଉଁଆଡ଼େ ଶୁଖିଯାଉଥାନ୍ତି । ମୁଣ୍ଡରେ ଓଦା ଗାମୁଛା—ଦୀର୍ଘକାଳ ଏକ ଆସନରେ ବସି ରହିବା ହେତୁ ନିଃଶ୍ୱାସପ୍ରଶ୍ୱାସ ପ୍ରଖର ହୋଇ ଆସୁଥାଏ । ପାଣିକୁଣ୍ଡରେ ଖସି ପଡ଼ି ଘରକାନ୍ଥରେ ଝଲମଲ [illegible] ହେବାପରି ଚତୁର୍ଦ୍ଦିଗରେ ଝଲମଲର ଏକ ଆସ୍ତରଣ [illegible] ହୋଇଯାଇଥାଏ । ହଠାତ୍ ଏପରି ଏକ ସମୟ ଆସିଲା ଯେତେବେଳେ ଡାହାଣପଟ ଟୋକେଇରେ ଆଉ ଗୋଟି ରହିଲନି । ଆମ୍ବତୋଟାରୁ କୋଇଲି ତିନଥର ସ୍ୱର ଦେଲା । [illegible] ସଂଖ୍ୟା ପୂର୍ଣ୍ଣ ହୋଇଯାଇଛି । ଅପରିସୀମ ଆନନ୍ଦରେ ଶିବନାଥର

ସ୍ମୃତି କେତେଥର ଧଡ଼ ଧଡ଼ ହୋଇଗଲା । ପାଇବାର ସମୟ—ଆଶା, ଆକାଂକ୍ଷା, କଳ୍ପନା ଫଳବତୀ ହେବାର ସମୟ ସନ୍ନିକଟ ।

ଓଁ ଗୃମୁଣ୍ଡେ ଜୟ ଜୟ ସ୍ତମ୍ଭୟ ସ୍ତମ୍ଭୟ ମୋହୟ ମୋହୟ ସର୍ବଂ ମାଂ ଭ୍ରଂ ଦମ ଦମ ସ୍ୱାହା ।

ଆମ୍ବଗଛରୁ ବହୁସମୟ ଧରି ବସିଥିବା କୁଆଟେ ଉଡ଼ିଗଲା । ମନ୍ତ୍ର ଉଚ୍ଚାରଣରେ କୋଇଲି ପ୍ରତିଦ୍ୱନ୍ଦ୍ୱିତାର ସଙ୍କେତ ଅନୁମାନ କରି କିଛି ସମୟ ଯାଏଁ ପୁଣି ଜୋରରେ କୁହୁତାନ କରିବାକୁ ଲାଗିଲା । କୁଆ, କୋଇଲି ବା ତାର କାର୍ଯ୍ୟକଳାପକୁ ତଟସ୍ଥ ହୋଇ ନିରୀକ୍ଷଣ କରୁଥିବା ବନ୍ଧୁଦ୍ୱୟ, କେହି ତାର ଦୃଷ୍ଟି ଆଗରେ ନଥିଲେ । ଆସନ ତ୍ୟାଗ କରି ସେ ଠିଆହେଲା—ଧ୍ୟାନର ସମୟ—

ହେ ଦେବୀ, ପ୍ରସନ୍ନ ହୁଅ, ପ୍ରସନ୍ନ ହୁଅ । ନରହରିପୁର ଶାସନର ଜମିଦାର ଗୋବିନ୍ଦ ମହାପାତ୍ରଙ୍କ କନ୍ୟା ସୁକେଶୀ ମୋତେ ଭଲ ପାଆନ୍ତୁ । ଆଜୀବନ ମୋତେ ଭଲ ପାଆନ୍ତୁ । ମୃତ୍ୟୁ ପର୍ଯ୍ୟନ୍ତ ମୋତେ ଭଲ ପାଆନ୍ତୁ । ହେ ଦେବୀ, ସୁକେଶୀଙ୍କ ବଦନ ପୂର୍ଣ୍ଣଚନ୍ଦ୍ର ପରି, ସେ କେଶଗୀକର୍ଣ୍ଣୀ, ଶରୀର ତାଙ୍କର ତପ୍ତକାଞ୍ଚନର ରଙ୍ଗ, ପରିଧାନ ବିଭିନ୍ନ ମୂଲ୍ୟବାନ ବସନ, ହେ ଦେବୀ, ଏହିପରି ବର୍ଣ୍ଣିତବିଭୂଷିତଯୁକ୍ତା ସୁକେଶୀ ମୋତେ ଭଲ ପାଆନ୍ତୁ । ମୋର କିଙ୍କରୀ, ମୋର ବଶ୍ୟା ହୁଅନ୍ତୁ । ସଦା, ସଦା, ସଦା······ହେ ଦେବୀ ପ୍ରସନ୍ନ ହୁଅ ।

ବୃକ୍ଷ ଉପରୁ ଗୃହେଟି ବିସ୍ମୟବିସ୍ଫାରିତ ନେତ୍ର ମନ୍ତ୍ର ଫଳବତୀ ହେବାକୁ ଯାଉଛି ଭାବି ମହାଭୟରେ ଆଚ୍ଛନ୍ନ ହୋଇ ତଳକୁ ଚାହିଁ ଥାନ୍ତି । ଶୁଭିବ ଝନତ୍କାର, ଘଳଘୁଙ୍ଗୁରୀ ଶବ୍ଦ— ଶିବନାଥ ସନ୍ତ

ଝୁଲି ଆସିବେ ମେଘାଙ୍ଗୀ, ଦିଗମ୍ବରୀ, ମୁଣ୍ଡମାଳିନୀ, ଖଡ୍ଗଧାରିଣୀ···
ଦେ, ଦେ, କଣ ଦେଉଛୁ···ଦେ···ଖାଇବାକୁ ଦେ...

ନେ ମା ମୋର ରକ୍ତ ଖା···ଶିବନାଥ ଆଙ୍ଗୁଠି କାଟି ଦେଉଛି

ତଥାସ୍ତୁ···ଦେବୀ ଅନ୍ତର୍ହିତା । ତା'ପରେ ପ୍ରଣୟବ୍ୟାକୁଳିତା ସୁକେଶୀ ଉଆସରୁ ଦଉଡ଼ି ଆସିବେ, ମନ୍ତ୍ରର ଫଳ ସେୟା, ଜପ ନିର୍ବିଘ୍ନରେ ଶେଷ ହୋଇଛି । ବୃଥା ହେବନି । ଶିବନାଥ ଧ୍ୟାନ ପରେ ମଣ୍ଡଳକୁ ପ୍ରଦକ୍ଷିଣ କରି ସୂତା ଗୁଡ଼ାଇବାରେ ଲାଗିଥାଏ । ସୂତା ଗୁଡ଼ାଆପରେ ଦେବୀଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଇଚ୍ଛାପୂର୍ଣ୍ଣ ନହେବାଯାଏଁ ପଡ଼ିରହିବା କଥା । ଶିବନାଥ ଦୁଇଟିଯାକ ଚଟେଇ ବିଛେଇ ଦେଇ ତା' ଉପରେ ସାଷ୍ଟାଙ୍ଗ ପ୍ରଣାମ କଲା । ଶିବନାଥ ପ୍ରଣାମ ଆରମ୍ଭ କରିବା ସଙ୍ଗେ ସଙ୍ଗେ ବୃକ୍ଷ ଉପରେ ନେଡ଼ ଝୁରେଇଟି ଆଉ ବାଲୁଙ୍ଗାକୁ ନ ରହିଁ ଗ୍ରାମଆଡ଼କୁ ନିରୀକ୍ଷଣ କରିବାକୁ ଲାଗିଲେ । ବର୍ତ୍ତମାନ ସୁକେଶୀ 'ପ୍ରିୟ, ପ୍ରିୟତମ ଶିବ' କହି କହି ନଦୀଶଯ୍ୟାକୁ ଦଉଡ଼ି ଆସିବା କଥା । ସେମାନେ ବୃକ୍ଷଉପରୁ ସୁକେଶୀଙ୍କୁ ଆସିବା ଦେଖିଲେ ଶିବନାଥକୁ ସାବଧାନ କରାଇଦେବେ । ରାଘବ ହଠାତ୍ କହିଲା—ଶିବ, କେହି ଜଣେ ଆସିବା ପରି ଦିଶୁଛି, ମହାପାତ୍ରଙ୍କ ଘର ଆଡ଼ୁ ।

ଚପଳ ପାର୍ଥ ସଙ୍ଗେ ସଙ୍ଗେ ପ୍ରତିବାଦ କଲା—ଦିନରେ ତୋତେ ସେ ମହାପାତ୍ରଙ୍କ ଉଆସରୁ ଆସିବାପରି ଦିଶୁଛି ? ସେ ପରା ସାନବେଢ଼ା ଆଡ଼ୁ ବାହାରିଲା, ତୋତେ ଦିଶୁନାହିଁ କି ?

ରାଘବ କିଛିକ୍ଷଣ ନିରୀକ୍ଷଣ ପରେ ପୁଣି ଚିତ୍କାର କଲା—ଶିବ ବୋଧେ ସୁକେଶୀ ଆସିଗଲେ ।

ସୁକେଶୀ ଆସିଗଲେ ! [illegible]ଲି ଉପରେ ସାଷ୍ଟାଙ୍ଗ ପ୍ରଣିପାତରେ ପଡ଼ିଥିବା ଶିବନାଥର ଶରୀରରେ ଯେପରି ବିଦ୍ୟୁତ ପ୍ରବାହ ଖେଳିଗଲା ଶିରପ୍ରଶିରାରେ, ରୋମେ ରୋମେ, ଆପାଦମସ୍ତକେ । ପାର୍ଥ [illegible],

ମୋତେ ତ ପରିଷ୍କାର ଦିଶୁନି, ହଁ, କେହି ଜଣେ ମହାପାପଙ୍କ ଡିଆସରୁ ବାହାରିଲା । ତୁ ସୁକେଶୀ ବୋଲି ଜାଣିଲୁ କିପରି ?

ବାହାରିଥିବା ଲୋକଟି ଗାଁରୁ ବାହାରିବା ମାତ୍ରକେ ଗଛ-ଗହଳରେ କେଉଁଆଡ଼େ ଲୁଚିଗଲା । ରାଘବ ଭଲ କରି ଦେଖିବାପାଇଁ ଉପର ଡାଳକୁ ଯିବାର ପ୍ରସ୍ତାବ ଆଣିବା ସଙ୍ଗେ ସଙ୍ଗେ ପାର୍ଥର ମାରିବଟାରେ ତାହା ନାକଚ ହୋଇଯିବାରୁ ଦୁହେଁ ଗଛର ସର୍ବନିମ୍ନ ଡାଳରେ ବସି ରହି ସବୁ ଧ୍ୟାନ ଡିଆସ ନିକଟସ୍ଥ ଜାଗାଟି କେନ୍ଦ୍ରିତ କରିଦେଲେ । ଶିବ ସେହିପରି ସାଷ୍ଟାଙ୍ଗ ପ୍ରଣିପାତାସନରେ ପଡ଼ିଥାଏ । ଦକ୍ଷିଣାପବନ ବହୁଥିଲା । କିଶୋରଦ୍ୱୟ ବସିଥିବା ଡାଳର ପତ୍ରଗୁଡ଼ିକ ମର୍ମର କରିଗଲେ । ଉତ୍କଣ୍ଠା, ଦୀର୍ଘ ପ୍ରତୀକ୍ଷା ତିନିଙ୍କୁ ଦୁଃଖ ଦେଉଥାଏ ।

ହଠାତ୍ ଶୁଖିଲା ଆମ୍ବପତ୍ରର ଚର୍ ଚର୍ ଶୁଣି ଦୁହେଁ ଆମ୍ବଗଛ ଡାଳରୁ ସେହି ଆଡ଼କୁ ଚାହିଁଦେଲେ । ସେମାନଙ୍କ ଅଲକ୍ଷିତରେ ପାଣୁଆ ମଜ୍‌ବୁତ୍ ଠେଙ୍ଗାଟିଏ ଧରି ଚୋରାପଟ୍ଟ ଗଛ ଆଢୁଆଳରେ ଆସି ଆସି ହଠାତ୍ ନଦୀଶଯ୍ୟାରେ ପହଞ୍ଚି ଯାଇଥିଲା । ଖୋଲା ଜାଗାରେ ପାଣୁଆ ପହଞ୍ଚିବା ମାତ୍ରକେ କିଶୋରଦୁଇଟିଙ୍କର ଦୃଷ୍ଟି ତା ଉପରେ ପଡ଼ିଗଲା । ସୁନ୍ଦରୀ ସୁକେଶୀଙ୍କ ପରିବର୍ତ୍ତେ ଷଣ୍ଢଙ୍ଗୀଙ୍କ ଶୂକର ଶ୍ୟାମକାୟ ପାଣୁଆକୁ ଦେଖି 'ବୋଉଲୋ' କହି ବିଜୁଳି ବେଗରେ ଡାଳରୁ ଓହଳ ପତ୍ରରେ ଲଥ୍ ଲଥ୍ ପଡ଼ି ରାଘବ ଓ ପାର୍ଥ ଟାଁ ଆଡ଼କୁ ଦଉଡ଼ିବାକୁ ଲାଗିଲେ । ପତ୍ରର ଖସ୍ ଖାସ୍ ଶୁଣି ମୁଣ୍ଡ ଟେକି ଶିବନାଥ ସୁକେଶୀଙ୍କୁ ଦେଖିବ ବୋଲି ଚାହିଁଦେଲା । ପାଣୁଆ ଓ ଶିବ ଚାରିଆଖି ହୋଇଗଲେ । ତା'ପରେ ସାଷ୍ଟାଙ୍ଗ ପ୍ରଣିପାତାସନରୁ କେତେବେଳେ ଓ କିପରି ଶିବ ଦଣ୍ଡାୟମାନ ହେଲା, ଦଣ୍ଡାୟମାନରୁ କେତେବେଳେ ସେ ସୋଲସି ଆଡ଼କୁ ଢଳେ ଢଳେ

ଧାବମାନ ହେବାକୁ ଲାଗିଲା, ତା ପାଣୁଆ ବୁଝିପାରିଲାନି । ହଠାତ୍ ସୋଲସ୍ଥ ଆଡ଼କୁ ଶିବନାଥ ଦଉଡ଼ି ପଳାଉଥିବା ଦେଖି ସେ ପାଟି କଲା—

ଶିବବାବୁ, ବଡ଼ବାବୁଙ୍କ ଦେହ ଭାରି ଖରାପ, ଚାଲିଆସ ହେ ! ତୁମକୁ ଖୋଜୁଛନ୍ତି, ଚାଲିଆସ ହେ ! ଶିବବାବୁ ହେ...

ତା ଡାକରେ ଗୋଠା, ନଦୀଶଯ୍ୟା, ଗୁଳ୍ମଲତା ସବୁ ଯେପରି କମ୍ପିତ ହୋଇ ଉଠିଲେ । ମଧ୍ୟାହ୍ନ ଅବରଳ ଉଷ୍ମରେ ଥରି ଉଠିଲା ।

ସାନ୍ତରାପୁର ଶାସନର ଦକ୍ଷିଣପଟ ସାହାଲରେ ଠିକ୍ ମଝିକୁ ଏପଟୁ କୋଡ଼ିଏଘର ସେପଟୁ କୋଡ଼ିଏଘର ଛାଡ଼ି ମଧୁସୂଦନ ଷଡ଼ଙ୍ଗୀଙ୍କ ଘର । ଗାଁର ପଶ୍ଚିମାନ୍ତରେ ଗୋପୀନାଥ ଜିଉ, ପୂର୍ବାନ୍ତରେ ଗୋପୀନାଥଙ୍କ ବଗିଚ୍ଛ, ବଗିଚ୍ଛର ଧାରେ ଧାରେ ରାସ୍ତା ଚାଲିଯାଇଛି, କିଛିଦୂର ଛାଡ଼ି, ଜେନାମଣି ଠାକୁରାଣୀ । ଶାସନରେ ସମସ୍ତଙ୍କର ଉଚ୍ଚପିଣ୍ଡା, ପିଣ୍ଡା ଆଗରେ ବ୍ରତ ବିବାହ ପାଇଁ ତିନଶ ପଁଷଠିଦିନିଆ ବେଦୀ । ବେଦୀ ଆଗରେ, ଗାଁଦାଣ୍ଡକୁ ଦାଣ୍ଡପିଣ୍ଡାକୁ ଛାଇ କରୁଥିବା ଚାଳର ଦି'ଗୁଣା ଦେଢ଼ଗୁଣା ଉଚ୍ଚ ନଡ଼ିଆଗଛ । ଷଡ଼ଙ୍ଗୀଙ୍କ ଘର ଛଡ଼ା ଗାଁର ଆଉ ସବୁ ଘର ଏକାପରି । ଷଡ଼ଙ୍ଗୀଙ୍କ ଘର ଅନ୍ୟମାନଙ୍କ ଘରଠୁ ବେଶି ଦୀର୍ଘ, ବେଶି ବିସ୍ତୃତ । ସବୁଘର ଛାତବାଡ଼ିଆ ହୋଇଛି, ଘର ଭିଟାଣ ସିମେଣ୍ଟରେ ମଜବୁତ୍ ଓ ଚିକ୍କଣ ହୋଇଛି । ଗାଁ କାରିଗର ଓ ରାଜମିସ୍ତ୍ରୀଙ୍କ ଦକ୍ଷତା ଯେତିକଦୂର ଗଲା ସେଯାଏଁ ଷଡ଼ଙ୍ଗୀ ଚେଷ୍ଟା କରିଛନ୍ତି । ଷଡ଼ଙ୍ଗୀଙ୍କ ବୈଭବ ବିଷୟରେ ବହୁଜନଶ୍ରୁତି ପ୍ରଚଳିତ । ପୂର୍ବପୁରୁଷ କାନ୍ୟକୁବ୍ଜ, ଭଲ ବ୍ରାହ୍ମଣ ବୋଲି ବହୁଡାକ…କିନ୍ତୁ ବୁଦ୍ଧି, ମନୋବୃତ୍ତି, ଭାବନା କୌଣସି ଆଡ଼ୁ ଷଡ଼ଙ୍ଗୀ ବ୍ରାହ୍ମଣ ନଥିଲେ । ତଥାପି ଅଗାଧ ସାଂସାରିକ ବୁଦ୍ଧି ଓ କୁବେରର ଧନସମ୍ପତ୍ତି ତାଙ୍କୁ ବ୍ରାହ୍ମଣମାନଙ୍କ ମଧ୍ୟରେ ମଧ୍ୟ ପୂଜାର୍ହ କରିଥିଲା । ମହାରାଜ

ବ୍ୟବସାୟ ତାଙ୍କର ବହୁଦୂରକୁ ବ୍ୟାପିଥିଲା, ବହୁଦୂରକୁ । ତିନୋଟି ପୁଅ, ବଡ଼ ରମାକାନ୍ତ, ଦ୍ୱିତୀୟ ଦେବୀପାଦ, କନିଷ୍ଠ ଶିବନାଥ । ବଡ଼ ଭାଗ୍ୟ ଯୋଗୁ ସେ ତିନୋଟି ପୁଅ ପାଇଥିଲେ, ନ ହେଲେ ତାଙ୍କ ବଂଶରେ ପୋଷ୍ୟପୁତ୍ରର ପରମ୍ପରା ତିନିପୁରୁଷରୁ ଗଡ଼ି ଆସୁଥିଲା । ତେଣୁ ପୁଅମାନଙ୍କୁ ପ୍ରୟୋଜନଠୁ ବେଶି ସେ ଭଲ ପାଉଥିଲେ ।

ରମା ଏମ୍. ବି., ବି. ଏସ୍. ପାସ୍ କରି କଟକରେ ଡାକ୍ତରୀ ଦୋକାନ ଖୋଲିଥିଲା । ମଝିଆ ଦେବୀପାଦ ବି. ଏ. ପଢ଼ୁଥିବା ବେଳେ ପଢ଼ା ଛାଡ଼ିଦେଲା, ବେଦବେଦାନ୍ତଉପନିଷଦରେ ତାର ମନ, ଅସାଧାରଣ ପ୍ରକୃତି, ବୁଝି ହୁଏନା, ସାନ ଶିବନାଥ ଗଣିତ ଯୋଗୁଁ ଅଷ୍ଟମରେ ଥରେ ଓ ନବମରେ ଥରେ ଫେଲ୍ ହେବାପରେ ବର୍ତ୍ତମାନ ଦଶମ ଶ୍ରେଣୀର ଛାତ୍ର । ଦେବୀପାଦ ଓ ଶିବନାଥ ଗାଁରେ ଷଡ଼ଙ୍ଗୀଙ୍କ ପାଖେ ରହୁଥିଲେ ।

କେତେଦିନ ହେଲା ଷଡ଼ଙ୍ଗୀଙ୍କ ଦେହ ଭଲ ରହୁ ନଥିଲା । ହଠାତ୍ ସନ୍ଧ୍ୟାନ୍ତ ଦିନ ଜ୍ୱର ବେଶିହୋଇ ସେ ପ୍ରଳାପ ଆରମ୍ଭ କରିଦେଲେ । ବୟସାଧିକ ଶରୀର, ସାମାନ୍ୟ ରୋଗରେ ମଧ୍ୟ ମୃତ୍ୟୁର ଭୟ । ପତ୍ନୀ ବସୁନ୍ଧରା ବ୍ୟତିବ୍ୟସ୍ତା, ଆଶଙ୍କାହତା ହୋଇପଡ଼ି ପୁଅମାନଙ୍କୁ ଖୋଜିବାକୁ ଲାଗିଲେ । ପ୍ରଳାପରେ ଷଡ଼ଙ୍ଗୀ ଶିବ, ଶିବ, ବୋଲି ତିନିଚାରିଥର ଡାକିଥିଲେ । ବଗିଚାଘରୁ ଦେବୀକୁ ପାଣୁଆ ଯାଇ ଡାକି ଆଣିଲା; କିନ୍ତୁ ଶିବ ? ଏପଟତ, ଅପରଟତ ସବୁଜାଗା ପାଣୁଆ ବୁଲି ଆସିଲା ଶିବକୁ ନ ପାଇ । ଶେଷରେ ପାଇ ମଧ୍ୟ ନଥାନ୍ତା ଯଦି ଶାସନ ମୁଣ୍ଡରୁ କଣେଇପାରିଲ ଶିବନାଥ ତାର ସାଙ୍ଗମାନଙ୍କସହ ତାସ୍ ଖେଳୁଥିବା ନଦୀଆଡ଼େ ଯାଇଛି ବୋଲି କହି ନଥାନ୍ତା । ଶିବନାଥକୁ ଧରି

ପାଣୁଆ ଘରକୁ ଫେରୁ ଫେରୁ ସନ୍ଧ୍ୟା । ବାରଣ୍ଡାରେ ଚଢ଼ିବାମାତ୍ରେ ସେମାନଙ୍କର ଆସିବା ସମ୍ବାଦ ଘରଭିତରକୁ ଚାଲିଗଲା । ବହୁ ସମୟ ଧରି ପାଣୁଆ କି ଶିବନାଥ କେହି ଫେରିନଥିବାରୁ ଘରେ ସମସ୍ତେ ଚିନ୍ତିତ ହୋଇପଡ଼ିଥିଲେ । ବିଶେଷ କରି ରୋଗଶଯ୍ୟାରେ ଷଡ଼ଙ୍ଗୀ । ଡାକ୍ତରଙ୍କ ଚିକିତ୍ସାରେ ସେ ଅପେକ୍ଷାକୃତ ଭଲ ଥିଲେ । ପ୍ରଳାପ ବନ୍ଦ ହୋଇଯାଇଥିଲା, ସବୁ ବୁଝୁଥିଲେ । ଶିବ ଘରେ ଦ୍ୱିପ୍ରହରରୁ ନାହିଁ ଶୁଣି ତାହା ମନବ୍ୟସ୍ତ ହେଉଥିଲା, ବାରପ୍ରକାର କଳ୍ପନା ଦୁଃଖ ଦେଉଥିଲା । ଖଟ ଉପରେ ଶୋଇଥାନ୍ତି, ବସୁନ୍ଧରା ପାଦ ଆଉଁସି ଦେଉଛନ୍ତି । ରମାକାନ୍ତ ବାପାଙ୍କ ରୋଗର ସମ୍ବାଦ ପାଇ ନଥାଏ, ଚିଠି ଯାଇଛି, ଟେଲିଗ୍ରାମ ଦେବାକୁ ବସୁନ୍ଧରା ମନାକଲେ । ସାଧାରଣ କଥାରେ ବିଚଳିତ ନହେବା ତାଙ୍କର ସ୍ୱଭାବ । ପୁଣି ରମାକାନ୍ତ ଯେପରି ବଦ୍‌ରାଗୀ, କିଛି ବିଶେଷ କାରଣ ନଥାଇ ତାଙ୍କୁ ଡାକିଲେ ଚିଡ଼ିବ । ମଫସଲରେ ରହିବାକୁ ସେ ଭଲପାଏନି, ଯିବେନି ଦୁଇଦିନ ମଧ୍ୟ ନୁହେଁ । ଦେବୀପାଦ ଷଡ଼ଙ୍ଗୀ ଶୁଣିପାରିବା ଭଳି ଦୂରତାରେ ଥାଇ ବାରଣ୍ଡାରେ ରାମାୟଣ ପଢ଼ୁଛି । ଶିବନାଥକୁ ଆଗେ ଆଗେ ରଖି ପାଣୁଆ ଘରଭିତରକୁ ଆସିଲା । ଦେବୀପାଦ ରାମାୟଣରୁ ମୁଣ୍ଡଟେକି ଶିବକୁ ଚାହିଁଲା ।

କୁଆଡ଼େ ବୁଲୁଥିଲୁ ସାରା ଦିପହର, ନଷ୍ଟ ହୋଇଗଲୁ, ନା ପଢ଼ାପଢ଼ି, ନା ଦାୟିତ୍ୱଜ୍ଞାନ ।

ଶିବ, ଏଣେ ଆସିଲୁ । ବସୁନ୍ଧରା ଭିତରୁ ଡାକିଲେ ।

ଏତେବେଳଯାଏଁ କୁଆଡ଼େ ଯାଇଥିଲୁ ?

ଖେଳୁଥିଲି । ଯାହା କରୁଥିଲି ତୋର କଣ ଗଲା ?

କେଉଁଠି ?

ତୋଟାରେ ।

ଚୌଠାରେ ନୁହଁ ମା, ନଦୀବାଲିରେ, ଚଟେଇ ବିଛେଇ, ମୁରୁଜରେ ଚିତା କରି, ଧୂପ ଜାଳି···ପାଣୁଆ ସଂଶୋଧନ କଲା ।

କିଏ ହେଲା ? କିଏ ହେଲା ? ଆମେ ପୂଜା କରୁଥିଲୁ ।

ଖରାବେଳେ ନଈବାଲିରେ ତୁ ପୂଜା କରୁଥିଲୁ ! ଆଉ କେଉଁଠି ଜାଗା ମିଳିଲାନି ? ସତକହ କିଏ କରୁଥିଲୁ ?

ମୁଁ କହିବିନି ।

ବାଟସାରା ପାଣୁଆର ଜେରା, ତା' ସାଙ୍ଗରେ ଝିଙ୍କା ଓଟରା, ଦଉଡ଼ାଦଉଡ଼ି, ପ୍ରକୃତ ଉଦ୍ଦେଶ୍ୟ ଧରା ପଡ଼ିଯିବାର ଭୟ, ଲଜ୍ଜା, ସାଧନାରେ ବିଫଳତା···ଶିବ ନିକାଞ୍ଚନତା ଲୁହଁ ଥିଲା ସବୁ ବିଚାର କରିବା ପାଇଁ । ପାଣୁଆ ସହ ଫେରୁଥିବାବେଳେ ହଠାତ୍ ତାର ମନେ ହେଲା, ସୁକେଶୀଙ୍କୁ ପାଇବାପାଇଁ ବାଲିମଟିରେ ସିଝିବା ତାର ମହାନ୍ ବୋକାମୀ ହୋଇଛି···ତା ସାରଲ୍ୟର ସୁବିଧା ନେଇ ସ୍ୱାର୍ଥ ଓ ଗୌରବ ଆନନ୍ଦ ପାଇଛନ୍ତି । ନିରର୍ଥକ, ହାସ୍ୟାସ୍ପଦ କଥାରେ କପରି ସେ ମାତିଥିଲା ଭାବି ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲା । ନିଜ ଉପରେ, ଅନ୍ୟମାନଙ୍କ ଉପରେ ତା'ର ରାଗ ବଢ଼ି ବଢ଼ି ଯାଉଥାଏ ।

କହିବାକୁ ହେବ । ବସୁନ୍ଧର ଚିତ୍କାର କଲେ ।

ନା ।

ବସୁନ୍ଧର ଖଟଉପରୁ ଉଠିପଡ଼ି ଶିବନାଥକୁ ଚମ୍ପୁଡ଼ାଟେ ମାରି ଦେଲେ, ଶିବନାଥ ମୁହଁ ବୁଲାଇ ଦେବାରୁ ଚମ୍ପୁଡ଼ା କାନମୁଣ୍ଡାରେ ବସିଲା । ଦିନସାରର ପରିଶ୍ରମ, ଅପମାନ, ଖରା, କ୍ରୋଧ··· ଶିବନାଥକୁ ସବୁ ଝାପ୍‌ସା ଦିଶିଲା । X —

ଗଦବ ଉପରୁ ପାଟି କଲା—ସୁକେଶୀ !

ନଦୀଶଯ୍ୟା ଆଡ଼କୁ ଦଉଡ଼ି ଦଉଡ଼ି ସତରେ ଆସୁଛନ୍ତି । ଶିବ ଆଖି ମଳିଲା, ବହୁସମୟ ଖରାରେ ବୁଲିଁ ରହିବାରୁ ତାକୁ ସବୁ ନାଲିନାଲିଆ ଦିଶୁଥାଏ । ସୁକେଶୀ ନା ଆଉ·କିଏ ?

ଶିବ···ସୁକେଶୀଙ୍କ ଡାକ ଶୁଣି ଶିବ ଚମକି ପଡ଼ିଲା । ପଛପଟୁ ସେ ଡାକୁଥିଲେ ।

ଶିବ !

ଉଁ । ସୁକେଶୀଙ୍କ ମୁହଁରେ ଦୃଷ୍ଟି ନ ପକାଇ ଶିବ ଉତ୍ତର ଦେଲା ।

ଖରାଟାରେ କାହିଁକି ବସିଛ, ଚାଲ ତୋଟା ଭିତରକୁ । ସାମାନ୍ୟ କଥାପାଇଁ ଏତେ କଷ୍ଟ ସହିଲ ।

ଚାଲ···ସୁକେଶୀ ଶିବନାଥର ହାତଧରି ତାକୁ ଆସନରୁ ଉଠାଇଲେ । ସଙ୍କୋଚ ଏବଂ ଆନନ୍ଦରେ ଶିବନାଥର ଦେହ ଥରୁଥିଲା ପରିପୂର୍ଣ୍ଣମାନକଳ୍ପନା ଶରୀରରେ ରକ୍ତ ରକ୍ତ ବିଦ୍ୟୁତ ଖେଳାଇ ଦେଉଥିଲା । ଦୁହେଁ ତୋଟାରେ ପହଞ୍ଚିଲେ—ବାଟଯାକ ଶିବ ସୁକେଶୀଙ୍କ ମୁହଁକୁ ଚାହିଁବାକୁ ସାହସ କରୁ ନଥାଏ । ତୋଟାରେ ପହଞ୍ଚି ସୁକେଶୀ ଶିବନାଥର ହାତ ଛାଡ଼ିଦେଇ ଗଛଗହଳକୁ ଚାହିଁ ଚାହିଁ କିଛିଦୂର ଆଗକୁ ଚାଲିଗଲେ । ସବୁ ଗଛରୁ ଆମ୍ବ ତୋଳା ହୋଇ ନ ଥାଏ । ସୁକେଶୀ ଆଗକୁ ଚାଲିବାରେ ଶିବନାଥ ଠିଆ ହୋଇଗଲା । ସୁକେଶୀ ଚାଲିଯାଉଛନ୍ତି···କେଶରାଜି, ଗୁରୁନିତମ୍ବ—ଶିବ ଛାତିରେ ବେଦନା ଅନୁଭବ କଲା ।

ହଠାତ୍ ତାର ମନେହେଲା ସୁକେଶୀ ତା ଆଖି ଆଗରୁ ଅଦୃଶ୍ୟ ହୋଇ ଯାଇଛନ୍ତି । କୁଆଡ଼େ ଗଲେ, ଏଇଠି ଥିଲେ ! ବୋଧେ ବହୁଦୂରରୁ ସେ ଡାକୁଛନ୍ତି···ଶିବ, ଶିବ, ଶିବ ।

ଶିବ, ଶିବ, ଶିବ···ବସୁନ୍ଧରା ଡାକୁଥିଲେ । ପାଣ୍ଡୁଆ ମୁହଁରେ ପାଣି ଛୁଟୁଥିଲା । ଦେବୀ ନିରପେକ୍ଷ ହୋଇ ସବୁ ଦେଖୁଥାଏ । ଷଡ଼ଙ୍ଗୀ ଖଟ ଉପରେ ବ୍ୟାକୁଳ ହେଉଥାଆନ୍ତି—

ଭଲ ଚାପୁଡ଼ା ମାରିଲ । ଏଡ଼େ କ୍ରୋଧ, ପିଲାଟା ମରି-ଗଲାଣି ତ !

ଆଃ, ଚୁପ କର, ସେପରି ବ୍ୟସ୍ତ କାହିଁକି ହେଉଛ, ସକାଳୁ ଖାଇନି, ଅତ୍ୟଧିକ ଦୁର୍ବଳତା ଯୋଗୁଁ ମୂର୍ଚ୍ଛା ହୋଇଯାଇଛି । ଚାପୁଡ଼ାରେ କଣ କେହି କେବେ ମରିଯାଏ ?

ପାଣୁଆ ନାକକାନ ଫୁଙ୍କିବାରେ ଲାଗିଥାଏ । ଡାକ କ୍ରମଶଃ ସ୍ପଷ୍ଟ ହୋଇ ଉଠୁଥାଏ । ଶେଷରେ କାନ ଭାଙ୍ଗିପଡ଼ିବା ଭଳି ଶବ୍ଦରେ ଶିବ ଧଡ଼ପଡ଼ ହୋଇ ଉଠି ବସିଲା । ଚେତା ଫେରିବା ମାତ୍ରେ ବସୁନ୍ଧରା ଶିବକୁ କୋଳକୁ ଟାଣିନେଇ ମୁଣ୍ଡ ଆଉଁସିବାକୁ ଲାଗିଲେ । ଦେଖା ଶିବନାଥ ଉଠିବସିବାପରେ ଆଉ ସେଠି ଠିଆ-ହେବା ଦରକାର ନାହିଁ ଭାବି ରାମାୟଣ ଧରି ପଡ଼ାଘରକୁ ଚାଲିଗଲା । ଚାଲିଯିବାବେଳେ କହିଲା—ଜାନକୀ, ଆଲୁଅ ଲଗାଇ-ବାର ବ୍ୟବସ୍ଥା ଜଲ୍ଦି କର ।

ଶେଯ ଉପରୁ ଷଡ଼ଙ୍ଗୀ କହିଲେ—ତାକୁ ଗଣ୍ଡେ ଖାଇବାକୁ ଆଗ ଦେଇଦଅ । ଉଃ ! ଭଗବାନ୍ !

ଗୋଟିଏ ଦିନ ଅନୁପସ୍ଥିତ ରହି ଶିବନାଥ ସ୍କୁଲକୁ ଗଲା । ଷଡ଼ଙ୍ଗୀ ଦୁର୍ଘଟନାର ପରଦିନ ତାକୁ ବିଶ୍ରାମ ନେବାକୁ କହିଥିଲେ । ଦଶମଶ୍ରେଣୀରେ ବି' ସେକ୍‌ସନର ଛାତ୍ର । ସେହି ଶ୍ରେଣୀରେ ସୁକେଶୀ ଛାତ୍ରୀ । ଗୋବିନ୍ଦ ମହାପାତ୍ର ବାଣପୁରଚଉଦକୋଶରେ ବଡ଼ ଜମିଦାର । ସେହି ଅଞ୍ଚଳରେ 'ବାବୁଘର' ବୋଇଲେ ଷଡ଼ଙ୍ଗୀଙ୍କ ଘର କିମ୍ବା ମହାପାତ୍ରଙ୍କ ଘରକୁ ବୁଝାଉଥିଲା । ଜେନାମଣିଙ୍କଠୁ ଅଳ୍ପ ଦୂରକୁ ନରହରିପୁର ଶାସନ । ସେହି ସାହିରେ ମହାପାତ୍ରଙ୍କ ଘର । ସାହିର ଲୋକମାନେ ମହାପାତ୍ରଙ୍କ ଘରକୁ ସମ୍ମାନରେ ଉଆସ ବୋଲି କହୁଥିଲେ । ସୁକେଶୀ ତାଙ୍କର ଏକମାତ୍ର ସନ୍ତାନ, ଅଲ୍ଲୀ, ଗେହ୍ଲାଆଦରର ଏକମାତ୍ର କେନ୍ଦ୍ର । କେବଳ ଘରେ ନୁହେଁ ବାହାରେ ମଧ୍ୟ ସୁକେଶୀଙ୍କ ସୌନ୍ଦର୍ଯ୍ୟ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଥିଲା । ସ୍କୁଲରେ ସବୁ ଶିକ୍ଷକଙ୍କ ପ୍ରିୟପାତ୍ରୀ ସେ । ଛାତ୍ରମାନେ ତାଙ୍କର ପରିଚିତ ହେବାକୁ ହୃଦୟରେ ଅଭିଳାଷା ରଖୁଥିଲେ; କିନ୍ତୁ ସାହସ କିଏ କରିବ ? କେହି କେବେ ସାହସିକ ହୋଇ ବାହାରିଲେ ଶିକ୍ଷକମାନେ ତାକୁ ସଙ୍ଗେ ସଙ୍ଗେ ସାବଧାନ କରାଇଦେଇ ଉତ୍ସାହକୁ ଭାଙ୍ଗି ଦେଉଥିଲେ । ସୁକେଶୀଙ୍କ ପ୍ରଣୟପ୍ରାର୍ଥୀ ଛାତ୍ରମାନଙ୍କ ଭିତରେ ଶିବ ସର୍ବପ୍ରଧାନ ଥିଲା । ସହପାଠୀ ଓ ଶିକ୍ଷକ ସମସ୍ତେ ସେକଥା ଜାଣିଥିଲେ; କିନ୍ତୁ ସମାଲୋଚନା କରିବାକୁ କାହାକୁ କେବେ ସୁଯୋଗ

ମିଳୁ ନ ଥିଲା । ଶିବନାଥ ତାର ବ୍ୟବହାରରେ, କାର୍ଯ୍ୟକଳାପରେ ସେ ସୁକେଶୀଙ୍କ ପ୍ରତି ଆକୃଷ୍ଟ ବୋଲି କେବେ ଦେଖାଇ ନଥିଲା । ସ୍କୁଲରେ ବିଶେଷ ଭଲ ଛାତ୍ର ନ ହେଲେ ମଧ୍ୟ ଶିବନାଥ ଭଦ୍ର, ପରୋପକାରୀ, ଉଦାର, କର୍ମିଷ୍ଠ ଓ ବନ୍ଧୁପ୍ରିୟ । କୌଣସି ବନ୍ଧୁ କେବେ ଉତ୍ସାହରେ ତା ଅନ୍ତରର ଇଚ୍ଛାକୁ ଅନୁମାନ ଜୋରରେ ପ୍ରଚାର କରି ଦେଇଥିଲେ, ଶିବ ପ୍ରତିବାଦ କରି ନଥିଲା । ସତରେ ସେ ସୁକେଶୀଙ୍କୁ ଭଲ ପାଉଥିଲା । କିନ୍ତୁ ପ୍ରକାଶ କରି କି ଲାଭ ଯାହା ମୂଳରୁ ବ୍ୟର୍ଥତା ଦ୍ୱାରା ପରିସୀମିତ । ସୁକେଶୀଙ୍କ ଚାରିପଟେ ଅନ୍ୟାନ୍ୟ ଛାତ୍ରମାନଙ୍କ ପ୍ରେମୋକ୍ତି, ଶିକ୍ଷକମାନଙ୍କର ଆଦର ଓ ଏକାଗ୍ର ଦୃଷ୍ଟି ପାଚେରୀ ଭଳି ଠିଆ ହୋଇଥିଲା । ଶିବ ସେ ପାଚେରୀକୁ ଡେଇଁବାକୁ ବା ଭାଙ୍ଗିବାକୁ ଥିଲା ଅନିଚ୍ଛୁକ । ତାର ବିଶ୍ୱାସ ଥିଲା, କ୍ଲାସରେ ସେ ସୁକେଶୀଙ୍କ ଆଦର ପାଇବା ପାଇଁ ସବୁଠୁ ବେଶି ଉପଯୁକ୍ତ । ସମୟ ଆସିବ ଯେତେବେଳେ ସୁକେଶୀ ତାକୁ ନିଜେ ଖୋଜିନେବେ । ସେଥିପାଇଁ କ୍ଲାସରେ ସେ ପଛ ବେଞ୍ଚରେ ବସୁଥିଲା, କେବେହେଲେ ସୁକେଶୀଙ୍କ ସହିତ କଥାବାର୍ତ୍ତା କରିବାକୁ ଚେଷ୍ଟା କରି ନ ଥିଲା । ଦିନେ ପାର୍ଥ ଅକସ୍ମାତ୍ ତାଙ୍କ ଘରୁ ତାଳପତ୍ର ବହି ଖଣ୍ଡେ ପାଇଲା, କାମାକ୍ଷା ମନ୍ତ୍ର ଓ ତନ୍ତ୍ର । କୌତୂହଳ ହୋଇ ବହିଟିକୁ ଓଲଟାଇ ଓଲଟାଇ ନାରୀବଶୀକରଣ ପରିଚ୍ଛେଦରେ ସେ ଆସି ଅଟକି ଗଲା । ରାଘବ ସହ ପରାମର୍ଶ କରିବା ପରେ ଦୁହେଁ ବହିଟିକୁ ଧରି ଶିବନାଥ ପାଖକୁ ଆସିଲେ । ସୁକେଶୀଙ୍କୁ ପାଇବାର ସହଜ ଉପାୟ ବାହାର କରିପାରିଥିବାରୁ ଦୁହେଁ ଉତ୍ସାହିତ ଥିଲେ ।

କ୍ଲାସରୁମ୍‌ରେ ଶିବନାଥ ପହଞ୍ଚିଦେଖେ ପାର୍ଥ ଓ ରାଘବଙ୍କ ଓଠରେ ସ୍ମିତହାସ୍ୟ । ସେମାନଙ୍କ ହସରେ ଖୁବ୍ ଜୋରରେ ପ୍ରତିକ୍ରିୟା ହେଲା । ଶିବନାଥ ଦାନ୍ତ ଚିପି ଗମ୍ଭୀର ହୋଇ ବସି-

ଗଲା । ସୁକେଶୀ ବାରଣ୍ଡାରେ; ସ୍କୁଲ ଘଣ୍ଟା ବାଜି ନ ଥିବାରୁ ଶିକ୍ଷକ ଆସି ନଥାନ୍ତି । କିଛି ସମୟ ପରେ ପାର୍ଥ ଓ ରାଘବ ଶିବନାଥ ସିଂ ପାଖକୁ ଆସିଲେ । କାହାର କିଛି କହିବାର ନ ଥିଲା । ସମସ୍ତେ ମନେ ମନେ ସେଦିନ ତନ୍ତ୍ର ସାଧନାର ଅସାରତା ଓ ନିର୍ବୋଧତା ଉପଲବ୍ଧି କରୁଥିଲେ । ପାର୍ଥ ପ୍ରଥମେ ଆରମ୍ଭ କଲା—

ଶିବ, ଆମର ନିଶ୍ଚେ କୌଣସିଠି ଭୁଲ ହୋଇଯାଇଛି ।

ପିଲାମାନଙ୍କ କୋଳାହଳରେ କ୍ଲାସ ପଡୁଥିଲା ଉଠୁଥିଲା । ଶିବନାଥ ପାର୍ଥ କଥାରେ କିଛି ନ କହି ଗୁମ୍ ମାରି ବସିଥାଏ । ସେ ଅପମାନିତ ବୋଧ କରୁଥାଏ । ତାର ଭୁଲ ହୋଇଛି ଓ ଭୁଲ ହୋଇଛି ଦୁଇଜଣ ବନ୍ଧୁଙ୍କ ଆଗରେ । ତାର ଅବମାନନା ପାଇଁ ବନ୍ଧୁଦ୍ୱୟ ଯେପରି ଦାୟୀ । ରାଘବ ଆଉ କଣ କହିବାକୁ ଯାଉଥିଲା-ବେଳେ ଘଣ୍ଟା ହୋଇଯିବାରୁ ଛାତ୍ରମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବାକୁ ଲାଗିଲେ । କ୍ଷଣକ ଭିତରେ କ୍ଲାସରେ ଶୃଙ୍ଖଳା ଦେଖାଗଲା । କିଛି ସମୟ ପରେ ପ୍ରବେଶ କଲେ ପ୍ରଧାନ ଶିକ୍ଷକ, ପଛେ ପଛେ ସୁକେଶୀ ।

କ୍ଲାସରେ ପ୍ରଧାନଶିକ୍ଷକଙ୍କ କଥା ପ୍ରତି ଅମନୋଯୋଗୀ ହୋଇ ଶିବନାଥ ସୁକେଶୀଙ୍କ କଥା ଭାବି ଯାଉଥାଏ । ଭାବନାରେ ବ୍ୟସ୍ତ ରହି ସମୟ କେତେବେଳେ ଶେଷ ହେଲା ସେ ଜାଣିପାରିଲା ନ । କ୍ଲାସ ଭାଙ୍ଗିବା ପରେ ରାଘବ ଓ ପାର୍ଥ ପୁଣି ଶିବ ପାଖକୁ ଆସିଲେ । ତିନିହେଁ କ୍ଲାସରୁ ବାହାରି ପ୍ରଧାନ ଶିକ୍ଷକଙ୍କ ପଛେ ପଛେ ସୁକେଶୀଙ୍କ ଗତିପଥକୁ ଅନୁସରଣ କରି ସ୍କୁଲପଡ଼ିଆକୁ ଆସିଲେ । ପାର୍ଥ କହିଲା—ଶିବ, ସେ ବହିରେ ସ୍ତ୍ରୀମାନଙ୍କୁ ବଶ କରିବାପାଇଁ ଆଉ କେତୋଟି ଉପାୟ ମଧ୍ୟ ଲେଖାହୋଇଛି, ଗୋଟିକରେ ଅସଫଳ ହେଲେ ବୋଲି ତୁ ବୋଧେ ନୈରାଶ୍ୟ ଅନୁଭବ କରୁଛୁ ।

ମୁଁ ଭାବୁଛି ଆଜି ଗୋଟିଏ ବିଧି ପ୍ରୟୋଗ କରି ଦେଖିଲେ କ୍ଷତି କଣ ହୁଅନ୍ତା ?

ଶିବନାଥ ନିଜକୁ ଆଉ ବେଶି ନିବୋଧ କରିବାକୁ ଇଚ୍ଛୁକ ନ ଥିଲେ । ଅତ୍ୟନ୍ତ ଚତୁର ପରି ସନ୍ଦିଗ୍ଧ ସ୍ୱରରେ ସେ ପଚାରିଲେ—ଆଉ କି ଉପାୟ ?

ଅମାବାସ୍ୟା ଦିନ ରାତି ବାରଟା ବେଳେ ଯୋଗିନୀ ସାଧନା କରିବାକୁ ହେବ । ଦେବୀଙ୍କୁ ମା ରୂପେ ତୁ ବରଣ କରି ନିଜର ମନସ୍କାମନା ପ୍ରକାଶ କଲେ ତାହା ଅବଶ୍ୟ ସେ ପୂର୍ଣ୍ଣ କରିବେ ।

ଅମାବାସ୍ୟା କେବେ ପଡ଼ୁଛି ?

ଆଉ ପାଞ୍ଚଦିନ ରହିଲା ।

ତୁମେ ଦୁଇଜଣ ମୋ ସହିତ ଯିବାକୁ ଡରିବନି ତ ?

କଦାପି ନୁହେଁ ।

ଆଚ୍ଛା, ବିଚାର କରି ଦେଖିବା । ଶିବନାଥ ମନେ ମନେ କଣ ଭାବି ହସିଦେଲେ । ନୂତନ ପରିକଳ୍ପନାରେ ପାର୍ଥ ଓ ରାଘବ ଉଲ୍ଲସିତ ହୋଇ ଉଠିଲେ । ଅମାବାସ୍ୟା ଶ୍ମଶାନ, ନିକାଞ୍ଚନ ରାତ୍ରି, ଦୁହିଙ୍କ ଲୋମ ଟାଙ୍କୁରି ଉଠିଲା ।

ଆଜି ହେଡ୍‌ମାଷ୍ଟ୍ରେ କେଉଁ ବିଷୟ ଡାକୁଥିଲେ ମୁଁ କିଛି ଲେଖିପାରିନି । ରାଘବ, ତୁ ମୋ ଖାତାଟା ନେଇଯା, ସେଥିରେ ଉତାରି ମୋତେ କାଲି ଦେଇଯିବୁ ।

ହଉ ।

ଆଜି ସନ୍ଧ୍ୟାବେଳେ ଘରକୁ ଆସିବଟି ?

ଅବଶ୍ୟ ।

ଅମାବାସ୍ୟା କଥା ମନେ ରହିଲା ତ ?

ପ୍ରସ୍ତୁତ ହୋଇ ରହିଥିବୁ, ସବୁ ସାଜ ସରଞ୍ଜାମ ଆମେ ଆଣିବୁ । ତୁ ବ୍ୟସ୍ତ ହେବୁନ ।

ହଠାତ୍ ଜିପ୍‌ଗାଡ଼ିଟିଏ ସ୍କୁଲ ଫାଟକ ପାଖରେ ଅଟକି ଗଲା । ସୁକେଶୀଙ୍କ ପିତା ଗୋବିନ୍ଦ ବାବୁ ଓହ୍ଲାଇ ପଡ଼ିଲେ ।

ବୁଢ଼ା ଆଜି କୁଆଡ଼େ ଝିପଟିଛି ?

ଆରେ, ଯେତେହେଲେ ହେଡ୍‌ମାଷ୍ଟର ତାର ପଣାପାଲି ସାଙ୍ଗ । ଆଜିକ ପାଇଁ ନିମନ୍ତ୍ରଣ ଦେବାକୁ ଆସିଥିବ ।

ଗୋବିନ୍ଦ ମହାପାତ୍ରେ ଅଫିସ୍ ଘର ଭିତରେ ପଶିଲେ । ଶିବନାଥ ପଚାରିଲା—ଆରେ ରାଘବ, ଆଜି କଣ ପଣ୍ଡିତେ ଆସିବେନି ? ପନ୍ଦର ମିନିଟ ବିଳମ୍ବ ହୋଇ ଗଲାଣି !

ତୁ କଣ ଜାଣିନୁ, ପଣ୍ଡିତ ପରା ବଦଳି ହୋଇଯାଉଛନ୍ତି । ତାଙ୍କ ବଦଳରେ ଜଣେ ନୂଆପଣ୍ଡିତ ଆସିବା କଥା, ବୋଧେ ସେ ଆସି ନାହାନ୍ତି ।

ମୁଁ ତାହେଲେ ଘରକୁ ଯାଉଛି । ମୋ ଦେହ ଭଲ ଲାଗୁନି ।

ଶିବନାଥ ବହିପତ୍ରଧରି ସ୍କୁଲ ଫାଟକ ପାଖରେ ପହଞ୍ଚିଲା । ଜିପ୍ ଗାଡ଼ି ମହାପାତ୍ରଙ୍କୁ ଅପେକ୍ଷା କରିଥାଏ । ହଠାତ୍ ଜିପ୍ ଭିତରୁ "ଶୁଣିଲୁ, ଶୁଣିଲୁ" ଡାକରେ ତାର ଧ୍ୟାନ ବିକେନ୍ଦ୍ରିତ ହୋଇଗଲା, ସେ ଜିପ୍ ଭିତରକୁ ଚାହିଁ ଦେଖେ ଜଣେ ସଫାସୁତୁରା ପ୍ରୌଢ଼ ଭଦ୍ରଲୋକ ବସିଛନ୍ତି । ଗୈରିକ ଲୁଗା, ଗୈରିକ ପଞ୍ଜାବୀ, ହୃଷ୍ଟ ପୃଷ୍ଟ, ପ୍ରଭାବଶାଳୀ । ଭଦ୍ରବ୍ୟକ୍ତି ଅପରିଚିତ । ତେଣୁ ଆଉ କାହାକୁ ଡାକୁଥିବେ ଭାବି ଶିବନାଥ ଜିପ୍ ଆଡ଼କୁ ଚାହିଁଥିଲେ ମଧ୍ୟ ଡାକୁଥିବା ଲୋକକୁ ଯେପରି ଦେଖିନି ସେହିପରି ମୁହଁଭଙ୍ଗୀ କରି ଚାଲିବାକୁ ଆରମ୍ଭ କରିବାରୁ ପୁଣି ଉଚ୍ଛ୍ୱସିତ ସ୍ୱର

ଶୁଣିଲା—ଶୁଣ, ତୁମକୁ ଡାକୁଛି । ଏଥରକ ଭଦ୍ରବ୍ୟକ୍ତି ହାତ ହଲାଇ ଡାକୁଥିଲେ । ଶିବନାଥ ଜପ୍ ପାଖରେ ପହଞ୍ଚିବାରେ ସେ ପଚାରିଲେ—ତୁମ ନାମ କଣ ବାବୁ ।

ଶିବନାଥ ଷଡ଼ଙ୍ଗୀ ।

ବାପାଙ୍କ ନା ମଧୁସୂଦନ ଷଡ଼ଙ୍ଗୀ ?

ହଁ ।

ମୋତେ ଚିହ୍ନୁଛ ?

ନା ।

ଏହି ସମୟରେ ଗୋବିନ୍ଦ ମହାପାତ୍ର ପହଞ୍ଚିଗଲେ ।

କଣ ସ୍ୱାମୀଜୀ, ଶିବନାଥଙ୍କୁ କିପରି ଚିହ୍ନିଲେ ?

ଗୋବିନ୍ଦ ମହାପାତ୍ରଙ୍କ ପାର୍ଶ୍ୱରେ କୌତୁହଳ ବିସ୍ଫାରିତ ନେତ୍ର ସହିତ ସୁକେଶୀ । ପ୍ରଶ୍ନ ମହାପାତ୍ରବାବୁ ପଚାରିଥିଲେ ।

ମୁଁ ଜାଣେ । ତା ବାପର ଅବିକଳ ଚେହେରା ତା ଟି କଣ ଦେଖୁନ୍ତୁ । ଥରେ ମଧୁ ତାର ସାରା ପରିବାର ସହିତ ପ୍ରୟାଗ ଯାଇଥିଲା । ସେତେବେଳେ ଶିବ ଖୁବ୍ ପିଲା ଥିଲା ।

ଶିବନାଥ ସଙ୍କୋଚ ଓ ଲଜ୍ଜାରେ କିଛି କହି ନପାରି ଗୋଟିଏ ଜାଗାରେ ଠିଆ ହୋଇଥାଏ । ହଠାତ୍ ସୁକେଶୀଙ୍କ ଆଡ଼କୁ ସେ ଚାହିଁଲା । ଦୁହିଁଙ୍କ ଆଖି ମିଳିଯିବାରୁ ମୁହଁରେ ତାର ଲଜ୍ଜା ବୋଳି ହୋଇଗଲା । ସେ ତଳକୁ ମୁହଁ କରିଦେଲା ।

ତାହାହେଲେ ଷଡ଼ଙ୍ଗୀଙ୍କ ସହିତ ଆପଣଙ୍କର ଭଲ ପରିଚୟ ଅଛି ।

ମୁଁ ଏଠାକୁ ଆସିବାର ଆଉ ଗୋଟିଏ ଉଦ୍ଦେଶ୍ୟ ତାକୁ ଦେଖିବା ମଧ୍ୟ । ପ୍ରୟାଗ ଯେବେ ଯାଇଥିଲା, ସେହିଦିନୁ ସେ ମୋର

ଶିଷ୍ୟ । ତୋର ପର ଏଇ ଗୋଟିଏ ଝିଅ । ବା, ବା, ବେଶ୍ ସୁନ୍ଦରତ ହୋଇଛୁ । ଆ ମା, ମୋ ପାଖ ସିଟ୍‌କୁ ଆ ।

ସୁକେଶୀଙ୍କୁ ଟାଣିନେଇ ସେ ତାଙ୍କର ଗୋଟିଏ କଡ଼ରେ ବସାଇଲେ । ଶିବ ଠିଆହୋଇଲ କାହିଁକ ? ସେଇ ପାଖରେ ବସ ।

ଗୋବିନ୍ଦ ବାବୁ ଡ୍ରାଇଭର ପାଖ ସିଟ୍‌ରେ ବସିଲେ । ଶିବ ସୁକେଶୀଙ୍କଠୁ ଯେତେ ବ୍ୟବଧାନ ରଖାଯାଇପାରେ ରଖି ପାଖରେ ବସିଲ । ଆଗକୁ ଚାହୁଁଥାଏ ସେ, କଣ୍ଟୁ ନ ଜାଣିବା ପରି ବାହାରକୁ । କେତେବେଳେ ଚାହୁଁଥାଏ ଗତିଶୀଳ ପରି ପ୍ରତୀତ ହେଉଥିବା ଗଛ, ନାଳ, ବିଲ, ଘରଆଡ଼କୁ । ସ୍ୱାମୀଜୀ ପଚାରୁଥିଲେ ସୁକେଶୀଙ୍କୁ, ତୁମେ ଦୁହେଁ ଏକା କ୍ଳାସରେ ପଢ଼ୁଛ ?

ସେଇଅବସରରେ ସ୍ୱାମୀଜୀଙ୍କୁ ଭଲକରି ଦେଖିବା ବାହାନାରେ ସୁକେଶୀ ଶିବ ଆଡ଼କୁ ଘୁଞ୍ଚିଗଲେ । ଶିବନାଥର ଲୋମାଞ୍ଚିତ ହୋଇଗଲ । ସୁକେଶୀ 'ହଁ' କହି ସ୍ୱାମୀଜୀଙ୍କ ଆଡ଼କୁ ଚାହିଁ ରହିଲେ ।

ଆରେ ମହାପାତ୍ର, ଏ ଦୁହେଁ କଣ ପରସ୍ପରକୁ ନଚିହ୍ନିବା ପରି ବସିଛନ୍ତି, କଥାକଣ ?

ଦୁହେଁ ଦୁହିଁକୁ ଚିହ୍ନନ୍ତି ଯେ···ହଁ ସ୍ୱାମୀଜୀ, ସୁକେଶୀକୁ କଟକ କେବେ ଛାଡ଼ିଲେ ଭଲ ହେବ କହିଲେ । ମୁଁ ଭାବୁଛି ସେ ଏକାଦଶ ଶ୍ରେଣୀଟା କଟକରେ ଯାଇ ପଢ଼ୁ । ସେଠି ହଷ୍ଟେଲରେ ରହିବ । ମୋର କାହିଁକି ମନେ ହେଉଛି ଏଠି ତାର ଭଲ ପଢ଼ାପଢ଼ି ହୋଇ ପାରୁନ ।

ଏବେପରା ଦଶମରେ ଅଛି, ଦଶମଟା ଯାଉ ସୁବିଧା ଦେଖି ଯାହା କରିବୁ ।

ତା ବୋଉର ମଧ୍ୟ ସେଇ ଇଚ୍ଛା ।

ତୁମେ ଦୁଇଜଣ ଚୁପ୍‌ଚାପ୍ ବସିଲ ଯେ, କଥାବାର୍ତ୍ତା କାହିଁକି ହେବନି । ସ୍ୱାମୀଜୀ ଶିବନାଥ ଏବଂ ସୁକେଶୀ ଉଭୟଙ୍କୁ କହୁଥିବା-ବେଳେ ଡ୍ରାଇଭର ବାଁକୁ ଟର୍ଣ୍ଣିଂ ନେବାରେ ସୁକେଶୀ ହଠାତ୍ ଶିବନାଥ ଉପରେ ପଡିଗଲେ । ଶିବନାଥର ମୁହଁ ଅସ୍ୱାଭାବିକ ରୂପେ ଲାଲ୍ ହୋଇଗଲା । ସୁକେଶୀ ଶିବନାଥ ପାଖରୁ ଘୁଞ୍ଚି ଗଲେ ।

ଜିପ୍ ଉଆସଠି ପହଞ୍ଚିଲା । ପ୍ରାୟ ପଚାଶ ସରିକି ଲୋକ ଦୁଆରେ ରୁଣ୍ଡ ହୋଇଥାନ୍ତି । "ହରେରାମ" ସଂକୀର୍ତ୍ତନ ସ୍ୱେଳ ଦାଣ୍ଡ ଚମକାଉଥାଏ । ବାରଣ୍ଡାରୁ ଉଆସ ଭିତର ଯାଏ ଗାଲିଚା ପାରି ଦିଆଯାଇଥାଏ । ସ୍ୱାମୀଜୀଙ୍କ ଅଭ୍ୟର୍ଥନା ପାଇଁ ଏତେ ଆଡ଼ମ୍ବର ଦେଖି ଶିବନାଥ ଆଶ୍ଚର୍ଯ୍ୟ ହେଲା । କେହି ପ୍ରସିଦ୍ଧ ସନ୍ୟାସୀ ହୋଇଥିବେ, ପରେ ବୁଝିବ ସେ । ଦୂରରୁ ଗହଳି ଦେଖି ଓ ଆଡ଼ମ୍ବରର ପ୍ରୟୋଜନ ବୁଝିପାରି ଜିପ୍ ରହିବାପରେ ସେ ସମସ୍ତଙ୍କ ଦୃଷ୍ଟି ଏଡ଼ାଇ ଖସିଯିବ ବୋଲି ମନେ ମନେ ଠିକ୍ କରିଥିଲା । କିନ୍ତୁ ସାଧୁ ମହାଶୟ ଉଆସଠି ସୁକେଶୀଙ୍କୁ ଓ ତାକୁ ଓହ୍ଲାଇ ପଡି ତାଙ୍କର ଦୁଇ ପାର୍ଶ୍ୱକୁ ଆସିବାକୁ କହିଲେ । ଲାଜ ଲାଜହୋଇ ଶିବନାଥ ସ୍ୱାମୀଜୀଙ୍କର ଦକ୍ଷିଣ ପାଖରେ ଯାଇ ଠିଆ ହେଲା । ସୁକେଶୀ ଅନ୍ୟପଟକୁ ଯାଇସାରିଥାନ୍ତି । 'ହରିବୋଲ୍' ଶବ୍ଦରେ ଦାଣ୍ଡ ଉଚ୍ଛୁଳିଲା । ଲୋକେ ଭୂମିରେ ସାଷ୍ଟାଙ୍ଗ ପ୍ରଣିପାତ କରିବାକୁ ଲାଗିଲେ । କୁଳବଧୂମାନେ ରୋଗଗ୍ରସ୍ତ ଶିଶୁମାନଙ୍କୁ ଆଣି ସ୍ୱାମୀଜୀଙ୍କ ପାଦତଳେ ଗଡ଼ାଇଦେଲେ । ଆଦରରେ ସ୍ୱାମୀଜୀ ସେମାନଙ୍କ ଭିତରୁ କାହାକୁ କାହାକୁ ଆଉଁସି ଦେଉଥାନ୍ତି । ଜଣେ ଜଣ ସ୍ୱାମୀଜୀଙ୍କ ଗୋଡ଼ ଅଣ୍ଟାକୁ ଅଣ୍ଟାକୁ ଭିଡ଼ରେ ଶିବନାଥର ଗୋଡ଼ଧରି କାନ୍ଦିବାକୁ ଲାଗିଲା । ଜଣେ ବୟସ୍କ, ବୃଦ୍ଧ ତା ଗୋଡ଼ଧରି ମୁଣ୍ଡିଆ ମାରୁଥିବା ଦେଖି ଭୟରେ ଶିବନାଥର ମୁହଁ କଳା ପଡ଼ିଗଲା । ସେ ସ୍ୱାମୀଜୀଙ୍କ ଦକ୍ଷିଣହାତକୁ ଭିଡ଼ ଧରିବାରୁ ସ୍ୱାମୀଜୀ ତାଙ୍କୁ ଖୁବ୍

ହସିଦେଇ ପ୍ରବୋଧ ଦେଲେ—ଈଶ୍ୱର ସମର୍ପଣ କରଦେ । ବ୍ରାହ୍ମଣ ସନ୍ତାନ, କଛି ଖରାପ ହେବନାହିଁ ।

ହୁଳହୁଳିରେ ଖଣ୍ଡମଣ୍ଡଳକୁ ଧ୍ୱନିତ କରି ଜମିଦାରଙ୍କ ସ୍ତ୍ରୀ ଓ ଗ୍ରାମର ଅନ୍ୟାନ୍ୟ ସମ୍ଭ୍ରାନ୍ତ ବଂଶର ସ୍ତ୍ରୀମାନେ ସ୍ୱାମୀଜୀଙ୍କର ଆଳତି କରିବାକୁ ବାହାରିଲେ । ଶିବନାଥ ଓ ସୁକେଶୀ ଉଭୟଙ୍କ ଉପରେ ଭରଦେଇ ସ୍ୱାମୀଜୀ ଠିଆ ହୋଇଥାନ୍ତି । ସାଧୁଙ୍କ ବନ୍ଦାପନା କରି ସୁକେଶୀଙ୍କ ବୋଉ ଫେରିଯାଉଥିବା ବେଳେ "ଏ ଦୁହିଙ୍କୁ ଛୁଉଁରଲୁ" ବୋଲି ସାଧୁ ପାଟି କରିବାରୁ ସେ ଫେରିଆସି ଶିବନାଥ ଓ ସୁକେଶୀଙ୍କୁ ବନ୍ଦାପନା କଲେ । ଶିବନାଥ ଉଆସ ଭିତରକୁ ଯାଉଁଥିଲେ ମଧ୍ୟ ଭିଡ଼ ଭିତରୁ ଅସଂଖ୍ୟ ପ୍ରଶଂସ୍ୟମାନ ଦୃଷ୍ଟି ତା ଉପରେ ପଡ଼ୁଥିବା ଜାଣି ପାରୁଥାଏ । ଉଆସ ଭିତରକୁ ଶିବ ଆଗରୁ କେବେ ଆସି ନ ଥିଲା । ଉଆସର ସବୁ ଆଡ଼କୁ ଦେଖିବାକୁ ଇଚ୍ଛା ହେଲେ ମଧ୍ୟ ସାଧୁଙ୍କ ସାନ୍ନିଧ୍ୟରେ ତାକୁ ଗମ୍ଭୀର ହୋଇ ତଳକୁ ମୁହଁ ପୋତି ଚାଲିବା ଯଥାର୍ଥ ପରି ମନେ ହେଲା । ସେହି କେତେକ୍ଷଣ ସୁକେଶୀ ତା ମନ ଭିତରୁ ପୋଛି ହୋଇ ଯାଇଥିଲେ ।

ସୁକେଶୀ ମଧ୍ୟ ଗମ୍ଭୀର ହୋଇ ତଳକୁ ମୁହଁ ପୋତି ଚାଲିଥିଲେ । ସ୍ୱାମୀଜୀଙ୍କ ବଳିଷ୍ଠ ହାତ ଦୁଇଟି ଦୁହିଙ୍କ କାନ୍ଧକୁ ଆଶ୍ରା କରିଥାଏ । ଦାଣ୍ଡଘର ପାରହେବା ପରେ ପରେ କଚ୍ଛବାଡ଼ ବଗିଚା, ତାପରେ ଦକ୍ଷିଣ ଦିଗକୁ ବୁଲିଲେ ଉଆସର ଅନ୍ତଃପୁର ।

ଆରେ ମହାପାତ୍ର, ତୁ ତ ବଡ଼ଆଡ଼ମ୍ବରରେ ରହୁଛୁ ।

ସବୁ ଆପଣଙ୍କ ଆଶୀର୍ବାଦ, ଏଇ ଘରକୁ ଆସନ୍ତୁ ।

ହଠାତ୍ ଶିବନାଥର ମନେହେଲା ତାର ଉପସ୍ଥିତି ଜମିଦାର ଓ ତାଙ୍କ ସ୍ତ୍ରୀଙ୍କୁ ସୁଖଦ ହେଉ ନାହିଁ । କେବଳ ସ୍ୱାମୀଜୀଙ୍କ ଓସ୍ତୋଧରେ ତାକୁ ସେମାନେ କଛି କହି ପାରୁନାହାନ୍ତି ।

ସୁକେଶୀର ଶୋଇବା ଘର ।

ବାଃ, ସଜନେମାଙ୍କ ପ୍ରକୋଷ୍ଠ—ସ୍ୱାମୀଜୀ ଆଗ୍ରହରେ ଘର ଭିତରକୁ ପଶିଗଲେ । ତାଙ୍କର ପଛେ ପଛେ ସୁକେଶୀ, ସୁକେଶୀଙ୍କୁ ଅନୁକରଣ କରିବାକୁ ଯାଉଥିବାବେଳେ ପଛରୁ କେହି ତା ପିଠିକୁ ଛୁଇଁ ତାକୁ ଡାକିବା ପରି ଶିବନାଥର ମନେ ହେଲା । ସେ ପଛକୁ ବୁଲି ଚାହେଁ, ଜମିଦାର ସାହେବ କ୍ରୋଧକୁ ଯଥା ସମ୍ଭବ ସଂଯତ କରି କଣ କହିବାକୁ ଚାହୁଁଛନ୍ତି । ଶିବନାଥ ଦୁଆରବନ୍ଧରୁ ଘର ଭିତରକୁ ନ ଯାଇ ବାରଣ୍ଡାକୁ ଓହ୍ଲାଇଗଲା । ସାଧୁ ଘର ଭିତରକୁ ଆସି ବାହାରେ ଶିବନାଥ ଠିଆହିବା ଦେଖି ତାଡ଼ନା ସ୍ୱରରେ କହିଲେ—ଏପରି ବୁଲିଗଲେ ତୋ ବାପା ଆମକୁ ପ୍ରଶଂସା କରିବ ? ପଶି ଆସ । ନ ଖାଇ କୁଆଡ଼େ ବୁଲିଯାଉଛୁ ?

ଜମିଦାରଙ୍କର ଆଉ କିଛି କହିବାକୁ ନ ଥିଲା । ସୁକେଶୀଙ୍କ ଖଟ ଉପରେ ଦେବୁକଡ଼ ରଙ୍ଗର ବିଛଣା ପଡ଼ିଥିଲା । ସାଧୁ ଶିବନାଥକୁ ନେଇ ବସିଲେ । ସୁକେଶୀ ସାଧୁଙ୍କ ଅର୍ଚ୍ଚନାରେ ବ୍ୟସ୍ତ ହୋଇ ପଡ଼ିଥାନ୍ତି । ସୁକେଶୀଙ୍କ ବଖରାକୁ ଲାଗିଥିବା ପ୍ରକୋଷ୍ଠଟିକୁ ଚାକରମାନେ ସଜାଡ଼ିବାରେ ଲାଗିଥାନ୍ତି । ସେହିଘରେ ସାଧୁ ମହାଶୟ ରହିବେ ।

ତିନ ଗୁରୁବନ୍ଦନ ପରେ । ବସୁନ୍ଧରା ଶେଷଘରେ ଅଛନ୍ତି । ଷଡ଼ଙ୍ଗୀଙ୍କ ସ୍ୱାସ୍ଥ୍ୟର କିଛି ଉନ୍ନତି ଘଟିଛି । ଦାଣ୍ଡଘରେ ସେ ମହାଜନୀ କାଗଜପତ୍ର ଦେଖାଦେଖି କରୁଛନ୍ତି । ଆରାମ ଚୌକି ପାଖେ ଗୋଟିଆ ଟୁଲ୍ ଟିଏ । ତାର ଉପରେ କାଗଜପତ୍ର ଗୋଛେ । ତଳେ ସତରଞ୍ଜି ପଡ଼ିଛି । ଦୁଇଜଣ ଗୁମାସ୍ତା ହିସାବପତ୍ର କରିବାରେ ବ୍ୟସ୍ତ । ଦାଣ୍ଡଘର ପରେ ପିଲାମାନଙ୍କର ପଢ଼ିବା ଓ ଶୋଇବା ପାଇଁ ଘର । ଶିବନାଥ ଅଙ୍କ କଷୁଛି । ଦେବୀପାଦ କଟକକୁ ଜଣେ ବନ୍ଧୁଙ୍କ ପାଖକୁ ଚିଠି ଲେଖୁଛି । ପାଖରେ ଶିବାନନ୍ଦଙ୍କର "ସନ୍ଥ ଜୀବନୀ" ଇଂରାଜୀ ବହି । ମହାଜନ କାରବାର ବୁଝୁଥିବା ବେଳେ ପିଲାମାନଙ୍କର କାର୍ଯ୍ୟକଳାପ ପର୍ଯ୍ୟବେକ୍ଷଣ ପାଇଁ ଓ ହଠାତ୍ କୌଣସି କଥା ଦରକାର ପଡ଼ିଲେ ପିଲାଙ୍କୁ ଆଦେଶ ଦେବା ପାଇଁ ସୁବିଧା ହେବ ବୋଲି ଦାଣ୍ଡ ଘର ଓ ପଢ଼ିବା ଘର ମଝିରେ ବଡ଼ ଝରକାଟିଏ । ପିଲାଙ୍କୁ ସୁବିଧା, ଦାଣ୍ଡଘରର କଥାବାର୍ତ୍ତା ପିଲାଏ ପରିଷ୍କାର ଶୁଣନ୍ତି ।

ଷଡ଼ଙ୍ଗୀ, ଘରେ ଅଛ ? ସାଧୁ ମହାଶୟ ପିଣ୍ଡାକୁ ଚଢ଼ିଯାଇ ସାଥିରେ ଆସିଥିବା ମହାପାତ୍ରଙ୍କ ଚାକରକୁ କହିଲେ, ତୁ ଯା ଘଣ୍ଟାଏ ଘୁରି ଆସିବୁ, ଯିବା ।

ସାଧୁଙ୍କ ସ୍ୱର ଶୁଣି ଷଡ଼ଙ୍ଗୀ ଧଡ଼ପଡ଼ ହୋଇ ଉଠି ଦାଣ୍ଡ ପିଣ୍ଡାକୁ ଚାଲି ଆସିଲେ ।

ଅହୋଭାଗ୍ୟ ! ଗୁରୁ ଦର୍ଶନ ! ସେ ସେଇଠି ସ୍ୱାମୀଙ୍କ ପାଦ ତଳେ ସାଷ୍ଟାଙ୍ଗ ହେଲେ ।

ଆରେ ଶିବ ତାଳେ ପାଣି ଆଣିଲୁ ।

ହଇରେ, ତୋର ତ ଭାରି ଗୁରୁଭକ୍ତି, ଗୁରୁଦେବ ହେଲା ଗାଁକୁ ଆସିଲଣି, ତୁ ଦେଖା କରିବାକୁ ଥରେ ହେଲେ ଗଲୁନି । ଶୁଣୁଛି ତୁ ଭାରି ବଡଲୋକ ଏ ଭିତରେ ହୋଇଯାଇଛୁ ।

ଶିବ ଆସି ମୋତେ ସବୁ କହୁଛି । କିନ୍ତୁ କଣ କରିବ ଦେହଟା କେତେଦିନ ହେଲା ଭଲ ରହୁନି, ଭାରି ଦୁର୍ବଳ ଲାଗୁଛି, କୌଣସି ଆଡ଼େ ଯିବାଆସିବାକୁ ଇଚ୍ଛା ହେଉନି । ଆପଣଙ୍କ ପାଖକୁ ମୋର କଣ ଯିବାକୁ ଇଚ୍ଛା ନ ଥିଲା, ଇଚ୍ଛା ହୋଇଛି, ହବା ପରେ ପରେ ମନଭିତରେଇ ମରିଯାଇଛି । ଶେଷରେ ଭାବିଲି, ଭକ୍ତ ଯଦି ଅକ୍ଷମତା ଯୋଗୁଁ ଭଗବାନଙ୍କ ପାଖକୁ ଯାଇ ପାରିବନି ତାହେଲେ ଭଗବାନ ମଧ୍ୟ କଣ ତା ପାଖକୁ ଆସିବେନି !

ଷଡ଼ଙ୍ଗୀଙ୍କ କଥାରେ ସାଧୁ ତୃପ୍ତି ହୋଇଥିବା ପରି ମନେହେଲା । କଥାରେ ମଧ୍ୟ ତୁ ଧନ୍ୟ !

ପଡ଼ାଘର ଆଡ଼େ ସାଧୁଙ୍କ ଦୃଷ୍ଟି ଗୁଳିଗଲା । ଦେବୀପାଦ ମୁହଁପୋତି ଲେଟୁଥିଲା ।

କେତୋଟି ସନ୍ତାନ ତୋର ?

ତିନୋଟି ପୁଅ ।

ଶିବନାଥ ହାତରୁ ପାଣି ନେଇ ନେଇ ଷଡ଼ଙ୍ଗୀ କହିଲେ, ଶିବ, ସ୍ୱାମୀଙ୍କ ଗୋଡ଼ ଧୋଇଦେ ।

ଶିବନାଥ ଗୋଡ଼ ଧୋଇଦେଲା ।

ଚରଣ ଛୁଅ ।

ଆରେ, ମହାପାତ୍ର କହୁଥିଲେ ତୁ କୁଆଡ଼େ ବହୁତ ଜମାଇଲୁଣି । କେତେ ଟଙ୍କା ଜମେଇଲଣି, ଛେର ? ସ୍ୱାମୀଜୀଙ୍କ ଆଖି [illegible]

ହୋଇ ଆସିଲା । ଓଠରେ ମୁରୁକ ହସ । ଷଡ଼ଙ୍ଗୀଙ୍କ ମୁହଁ ଗୋଲ ପଡ଼ିଗଲା, ଆପଣ ବିକାଳଜ୍ଞ, ଆପଣଙ୍କୁ କଣ ଅଜଣା !

ସ୍ୱାମୀଜୀଙ୍କ ଦୃଷ୍ଟି ଝରକା ଦେଇ ପୁଣି ଦେବୀପାଦ ଉପରେ ଚଢ଼ିଲା । ସେ ଗମ୍ଭୀର ହୋଇଗଲେ—ସେ ମଧ୍ୟ ତୋ ପୁଅ ।

ଅଜ୍ଞା !

ଆଶ୍ଚର୍ଯ୍ୟ !

ଏହି ସମୟରେ ଦୁଆର ଆଢ଼ୁଆଳରେ କାଚ ଝଣ ଝଣ ଶୁଣାଗଲା । ବସୁନ୍ଧରା ଗୁରୁଙ୍କୁ ଅଭିବାଦନ କରିବା ପାଇଁ ଅପେକ୍ଷା କରୁଥିଲେ । ଡେରି ହେଉଥିଲା ।

ତୋ ସ୍ତ୍ରୀ...ସାଧୁ ଆସନ ଚୌକିରୁ ଉଠି ଭିତରକୁ ଚାଲିଲେ । ଚାଲିଲୁ ତୋ ଘରବାଡ଼ି ଦେଖିବା, କିପରି ସଜାଇଛୁ ।

ଗୁରୁଦେବ ଆଗେ ଆଗେ ଚାଲିଲେ, ପଛେ ପଛେ ଷଡ଼ଙ୍ଗୀ । ଏକୁଣ୍ଡିବନ୍ଧରେ ସେ କ୍ଷଣକ ପାଇଁ ଠିଆ ହୋଇଗଲେ, ବସୁନ୍ଧରାଙ୍କୁ ମୁଣ୍ଡିଆମାରି ପଦରଜ ନେଇ ମୁଣ୍ଡରେ ଲଗାଇବାର ସୁବିଧା ଦେବାକୁ ।

ସୌଭାଗ୍ୟବଶ୍ତ ତୁଅ ମା, ଗୁରୁଦେବ ଭିତରକୁ ଚାଲିଲେ । ଷଡ଼ଙ୍ଗୀ ତାଙ୍କୁ 'ଏଇଟା ବୈଷକ ଘର, ଏଇଟା ଶୋଇବାଘର, ମୋର, ପୁଅମାନଙ୍କର' କହି କହି ଯାଉଥାନ୍ତି । ପୂର୍ଣ୍ଣ କୌତୁହଳରେ ସାଧୁ ସବୁ ଦେଖୁଥାନ୍ତି । ଶିବନାଥ ଆଶ୍ଚର୍ଯ୍ୟ ହେଉଥାଏ, ସାଧୁଙ୍କ ନିଷ୍ପ୍ରୟୋଜନ କୌତୁହଳରେ ତାର ବିସ୍ମୟର ସୀମା ରହୁ ନଥାଏ । ସାଧୁ ଯାହା ଦେଖୁଥାନ୍ତି ତାର ଅନର୍ଗଳ ପ୍ରଶଂସା କରୁଥାନ୍ତି, ବେଳେ ବେଳେ ଆଉ କିପରି ସଜ ଗଲେ ଭଲ ହୁଅନ୍ତା ତା ମଧ୍ୟ କହି ଦେଉଥାନ୍ତି । ସବୁ ବୁଲି ଦେଖିବା ପରେ ଷଡ଼ଙ୍ଗୀଙ୍କ ଶୋଇବାଘର ବାରଣ୍ଡାରେ ଗାଲିଚାଟିଏ, ତା ଉପରେ ସଫା ବିଛଣା ଚାଦର, କାନ୍ଥକୁଲଗି

ଗୋଲ ତକଆ ଦେଖି, 'ସାଧୁପାଇଁ, ସାଧୁପାଇଁ' କହି ସ୍ୱାମୀଜୀ ଶିଶୁ-ସୁଲଭ, ଚପଳତାରେ ଡିଆଁ ମାରି ବାରଣ୍ଡା ଉପରକୁ ଚଢ଼ିଗଲେ ।

ବସରେ ପିଲେ, ମୋ ଗୁରୁପାଖେ ବସ ।

ଶିବନାଥ ଏକା ବସୁଥିବା ଦେଖି ସାଧୁ ବିରକ୍ତ ହୋଇ କହିଲେ—ଆରେ ତୋର ଅନ୍ୟ ଭାଇମାନଙ୍କୁ ଡାକ ! ସ୍ୱାର୍ଥପର !

ଦେବୀ ପାଦ ସେତେବେଳଯାଏଁ ସ୍ୱାମୀଜୀଙ୍କୁ ଅଭ୍ୟର୍ଥନା କରିବାକୁ ଆସି ନ ଥାଏ । ପଡ଼ାଘରକୁ ଦେଖିବାକୁ ସ୍ୱାମୀଜୀ ଯାଇ ନ ଥାନ୍ତି । ଶିବନାଥ ଉଠିବା ପୂର୍ବରୁ 'ଦେବୀ !' କର୍କଶ କଣ୍ଠରେ ଷଡ଼ଙ୍ଗୀ ଡାକିଲେ ଦେବୀ ପହଞ୍ଚିବା ଦେଖି ଷଡ଼ଙ୍ଗୀ ରୁଦ୍ରମୂର୍ତ୍ତି ଧାରଣ କରି ପଚାରିଲେ —କଣ କରୁଥିଲୁ ! ଧର୍ମଦର୍ଶନ ମନ୍ତ୍ରଯନ୍ତ୍ର ବୋଲି ଜୀବନ ଯାଉଛି, ସେଇଥିପାଇଁ ପଡ଼ାପଢ଼ି ଛାଡ଼ିଲୁ, ଅଥଚ ସାଧୁସନ୍ନ୍ୟାସୀ ଦେଖିଲେ ପାଖକୁ ଆସି ଅଭ୍ୟର୍ଥନା କରିବାର ଭଦ୍ରତା ନାହିଁ ।

ଆସ ବାବା—ସ୍ୱାମୀଜୀ କୋମଳ ସ୍ୱରରେ ଆଶ୍ୱାସନା ଦେଲେ । ଦେବୀପାଦ ପିତା ଓ ଗୁରୁ ଉଭୟଙ୍କ କଥାକୁ ନଶୁଣିବା ପରି ଭଙ୍ଗୀ କରି ସ୍ୱାମୀଙ୍କ ପାଦ ଛୁଇଁଲା । ଷଡ଼ଙ୍ଗୀଙ୍କ କୋପ ଶାନ୍ତ ହେଲା ।

ତୃପ୍ତିସୁ କାହିଁରେ ?

ସବା ବଡ଼ ପରା କଟକରେ ଡାକ୍ତରି ଦୋକାନ ଖୋଲିଛି ।

ଉଃ ! ହଉ ଜଳଖିଆ ଆଣ୍ ।

ବସୁନ୍ଧରା ତରତର ହୋଇ ରୋଷଘରକୁ ଯାଇ ଜଳଖିଆ ଆଣି ବାରଣ୍ଡାରେ ରଖିଦେଲେ । ଜଳଖିଆ ଥୁଆହେବା ମାତ୍ରେ ସବୁତକ, ଯେତେ ଚଞ୍ଚଳ ପାରନ୍ତି ଖାଇ ହାତଧୋଇଦେଇ ଗମ୍ଭୀର ହୋଇ ସାଧୁ ଗୃହଆଡ଼କୁ ଚାହିଁଲେ । ସାଧୁଙ୍କର କ୍ଷଣକ୍ଷଣକେ ଭାବାନ୍ତର ଦେଖି ଷଡ଼ଙ୍ଗୀଙ୍କ ଛଡ଼ା ସମସ୍ତେ ଆଶ୍ଚର୍ଯ୍ୟ ହେଉଥାନ୍ତି । ଷଡ଼ଙ୍ଗୀ କିନ୍ତୁ ଦୀକ୍ଷାନେବାବେଳେ ପ୍ରଥମତାରେ ସ୍ୱାମୀଙ୍କର ଆଚରଣ

ବ୍ୟବହାର ସହିତ ଭଲରୂପେ ପରିଚିତ ଥିବା ହେତୁ ଆଶ୍ଚର୍ଯ୍ୟ ହେଉ ନ ଥାନ୍ତି ।

ଗୁରୁଦେବ, ଗୋଟିଏ ଅନୁରୋଧ ଅଛି ।

କହ, କହ, ହୃଦୟ ଖୋଲି କହ । ପାନଡବାରୁ ଦୁଇଟି ପାନ ଏକାବେଳକେ ପାଟିରେ ପୂରାଇ ପୂରାଇ ସାଧୁ କହିଲେ ।

ପୁଅମାନଙ୍କ ପାଇଁ ମୁଁ ବହୁତ ଚିନ୍ତିତ । ମୋ ପରେ କଣ ହେବ, କିପରି ଚଳିବେ, ପରସ୍ପର ମଧ୍ୟରେ ସେମାନଙ୍କର ସ୍ନେହ ସହାନୁଭୂତି ରହିବ ନା ନାହିଁ । ଷଡ଼ଙ୍ଗୀ ରହିଯାଇ ପୁଣି କହିଲେ, ସେମାନଙ୍କର କୋଷ୍ଠୀ ଦେଖନ୍ତେ ! ଆପଣଙ୍କଠୁ ତ ବଡ଼ ଜ୍ୟୋତିଷ ପଣ୍ଡିତ ଆଉ ଭାରତବର୍ଷରେ କେହି ନାହିଁ । ଆପଣଙ୍କଠୁ ସେମାନଙ୍କ ଭବିଷ୍ୟତ ସମ୍ବନ୍ଧରେ ଶୁଣିଲେ ମନର ଶାନ୍ତି ଆସିବ ।

ଆଣ ତେବେ, ତୋ ପୁଅମାନଙ୍କ ଭବିଷ୍ୟତ ଜାଣିବାକୁ ମୋର ମଧ୍ୟ ଇଚ୍ଛା ଅଛି । ଆଉ ଜାଣିବାକୁ ଇଚ୍ଛା ଅଛି ବାପର ଅର୍ଜିତ ସନ୍ତାନମାନଙ୍କର ଭବିଷ୍ୟତକୁ ଆବୃତ କରେ ନା ନାହିଁ ।

ସ୍ୱାମୀଜୀ !! ଷଡ଼ଙ୍ଗୀ ବିଭୀଷିକାଗ୍ରସ୍ତ ପରି ଚିତ୍କାର କରି ଉଠିଲେ । ସ୍ୱରରେ କଠୋରତା ନଥିବାରୁ ତାହା ବାଳକର ଆର୍ତ୍ତନାଦ ପରି ଶୁଭିଲା ବା ଶୁଭିଲା କୌଣସି ଶାପଗ୍ରସ୍ତ ଦୁଃଖୀ ଯେପରି ଦୟାପାଇଁ ଚିତ୍କାର କରୁଛି ।

ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଷଡ଼ଙ୍ଗୀଙ୍କ ବ୍ୟବହାରରେ । ସ୍ୱାମୀଜୀ ହସିଲେ—ଥୟ ଧର ମଧୁ, ଏତେ ବ୍ୟସ୍ତ କାହିଁକି, ମୁଁ ଆଗ ଜାତକ ଦେଖେ ।

ବସୁନ୍ଧରା ଜାତକବହି ପାଇଁ ଷଡ଼ଙ୍ଗୀଙ୍କ ଶୟନକକ୍ଷକୁ ଗଲେ । ସାଧୁ ଦେବୀପାଦକୁ ଚାହିଁ ପଚାରିଲେ—କେଉଁଠି ଥିଲ ?

ପଢ଼ାଘରେ ।

କଣ କରୁଥିଲ ?

ଛୁଟି କାଟୁଥିଲି ।

ଧର୍ମ ଆଡ଼କୁ ତୁମର ମତିଗତି ଅଛି ।

ଦେବୀପାଦ ସ୍ୱାମୀଙ୍କ ମୁହଁକୁ ଚାହିଁଲା । ବାପା ବର୍ତ୍ତମାନ କହିଥିଲେ ।

କିନ୍ତୁ ସେ କହି ନ ଥିଲେ ତୁ ଶିବାନନ୍ଦଙ୍କ ଭକ୍ତ ବୋଲି ।

ଆପଣ ଆସିବାବେଳେ ମୋ ଟେବୁଲ ଉପରକୁ ଚାହିଁ ନାହାନ୍ତି ?

ବୁଦ୍ଧିବାନ୍ ତୁ । କେଉଁଯାଏ ପଢ଼ିଛୁ ?

ବି. ଏ. ପଢ଼ୁଥିଲି । ଭଲ ଲାଗିଲାନି ।

ସମ୍ଭବ ନୁହଁ କି, ଧର୍ମ ମଧ୍ୟ, କେବଳ ପଢ଼ିବାରେ ତୋତେ ଭଲ ନ ଲାଗିବ । ସ୍ୱାମୀଜୀ ହସିଦେଲେ । ବସୁନ୍ଧରା ଜାତକବଣ୍ଡା ଆଣି ରଖିବାରୁ କଥା ବ୍ୟାହତ ହେଲା ।

କାଗଜ ପେନ୍‌ସିଲ ଆଣ, ଏନା ଅଙ୍କ କଷି ମୁଁ ଫଳାଫଳ କହିପାରିବିନି । ଗାଁ ଅବଧାନମାନଙ୍କ ପରି ମୁଁ କଣ ଗଣକ ?

ବସୁନ୍ଧରା କାଗଜ ପେନ୍‌ସିଲ ପାଇଁ ପଢ଼ାଘରକୁ ଦଉଡ଼ିଗଲେ । ଜାତକବଣ୍ଡାରୁ ସାଧୁ ଗୋଟିଏ ଜାତକ ଉଠାଇନେଲେ । ଦେଖେ କାହାର ଭାଗ୍ୟ ଫିଟିଛି । ଜାତକକୁ ଏପଟ ସେପଟ କରି ପଢ଼ିଲେ, ଶ୍ରଦ୍ଧାନାମ ଦେବୀପାଦ ଷଡ଼ଙ୍ଗୀ । ବାବା, ତୁମର ।

ସାଧୁ ଦେବୀପାଦର ମୁହଁକୁ ଚାହିଁ ହସିଦେଲେ ।

ହଁ, ତାର, ତାର ପ୍ରଥମେ ଦେଖନ୍ତୁ । ଅଗଣାରେ ଠିଆହୋଇ ବସୁନ୍ଧରା କହିଲେ । ବାରଣ୍ଡାରେ ଦେବୀ, ଶିବ, ଷଡ଼ଙ୍ଗୀ ସ୍ୱାମୀଙ୍କ ପାଖରେ ବସିଥାଆନ୍ତି । ତାଳପତ୍ରଟିରୁ କପାଳ ଉଦ୍‌ଘାଟନ ଜଣା-ପଡ଼ିବ ସେ କଥା ଶୁଣି ଦେବୀପାଦ ଓ ଶିବନାଥ ବସି

ହେଉଥାଆନ୍ତି । ସେମାନେ ସ୍ୱାମୀଜୀଙ୍କ ଫଳାଫଳକୁ ଉଦ୍‌ବିଗ୍ନ ହୋଇ ଅପେକ୍ଷା କରିଥାଆନ୍ତି । ତେବେ ଶିବନାଥର ଉଦ୍‌ବେଗ ବାହାରକୁ ରହି ରହି ପ୍ରକାଶିତ ହୋଇଯାଉଥାଏ । ଦେବୀପାଦ ବାହାରକୁ ନୀରବ, ନିସ୍ପନ୍ଦ, ନିଶ୍ଚଳ । ସାଧୁ କାଗଜରେ କଣ କଷିବାରେ ବ୍ୟସ୍ତ । ପୁଅମାନଙ୍କ ଭାଗ୍ୟର ଅନାବୃତ ସୌନ୍ଦର୍ଯ୍ୟକୁ ଦେଖିବାକୁ ଅପେକ୍ଷମାନ ଷଡ଼ଙ୍ଗୀ ସାଧୁଙ୍କ ମୁହଁକୁ ଭକ୍ତିବିହ୍ୱଳ ହୋଇ ଚାହିଁ ରହିଥାନ୍ତି ସତେ ଯେପରି ତାଙ୍କର ତତ୍କାଳୀନ ଏକାଗ୍ରଭକ୍ତି ସ୍ୱାମୀଜୀଙ୍କୁ ଗଣନା କରିବାରେ ସାହାଯ୍ୟ କରୁଛି, ଆଉ ତା ସଙ୍ଗେ ସଙ୍ଗେ ପୁଅମାନଙ୍କ ଭାଗ୍ୟକୁ ସୁଖୋଜ୍ଜ୍ୱଳ କରୁଛି ! ନିସ୍ତବ୍ଧତା ଭଙ୍ଗ କରି ସାଧୁ କହିଲେ—

ବେଟା ଦେବୀ, ଇଧର ଆଓ । ଅଳ୍ପ ବିରକ୍ତ ହୋଇ ଦେବୀପାଦ ସାଧୁଙ୍କ ପାଖକୁ ଘୁଞ୍ଚିଗଲା । ସାଧୁ ଦେବୀ ପିଠିରେ ହାତ ବୁଲାଉ ବୁଲାଉ କହିଲେ—ଷଡ଼ଙ୍ଗୀ, ଏ ପୁଅର ବିଶେଷ ଯତ୍ନ ନେବୁ । ଏ ପୁଅ ଜାତକରେ ପ୍ରବ୍ରଜ୍ୟା ଯୋଗ ଓ ମହାଭୋଗୀ ଯୋଗ ଉଭୟ ରହିଛି । ମୁଖରେ ନିତ୍ୟ ହରିନାମ, କୋଳରେ ନିତ୍ୟ ନୂତନ ଷୋଡ଼ଶୀ, ଏ କୋଷ୍ଠୀର ବିଶେଷତା ।

ଆପଣ ଅସଙ୍ଗତ କଥା କହୁଛନ୍ତି । ଷଡ଼ଙ୍ଗୀ କହିଲେ ।

ଚୁପ୍ କର, ଫଳାଫଳ କହିବା ବେଳେ ମୁଁ କେବେ ପରିହାସ କରେନି ।

ଏତକ କହିବାପରେ ସ୍ୱାମୀଜୀଙ୍କର କଣ୍ଠସ୍ୱର ବଦଳିଗଲା । ରହି ରହି ସେ କହିଲେ—ସଂସାରରେ ସବୁ ସମ୍ଭବ । ଆକୃତି ଦେଖି ମଧ୍ୟ ମାନବ ଚରିତ୍ର ଓ ଭାଗ୍ୟ ମୁଁ କିଛି କିଛି ଜାଣିପାରେ । ତୋର ଏଇ ପୁଅ ପଦ୍ମାସନରେ ଲେଖିବାରେ ବ୍ୟସ୍ତ ଥିବାବେଳେ ମୋ ଦୃଷ୍ଟି ପଡ଼ୁ ପଡ଼ୁ ମୁଁ ତା'ଠି ଅନେକ ବିଶେଷତା ଦେଖିବାକୁ

ପାଇଲି । ତା' ପ୍ରତି ମୋର ଆଗ୍ରହ ବଢ଼ି ବଢ଼ି ଗଲା । ସେଇଥିପାଇଁ ତୁ ଜାତକ ଦେଖିବାକୁ କହିବାରୁ ମୁଁ ମନା ନ କରି ତା'ର ଜାତକ ଦେଖିବାକୁ ସୁଯୋଗ ମିଳିବ ଭାବି ତୋ ପ୍ରସ୍ତାବରେ ହଁ କଲି । ଘଟଣାଚକ୍ରରେ ପଡ଼ିବା ପୂର୍ବରୁ ପ୍ରତ୍ୟେକ ମଣିଷ ଅତି ସାଧାରଣ ଜଣାପଡ଼ନ୍ତି । ସେହିପରି, ହାତପାଦମୁଣ୍ଡ ଥାଇ ଲକ୍ଷ ଲକ୍ଷ ଲୋକଙ୍କ ଭିତରୁ ଜଣେ । କିନ୍ତୁ ହଠାତ୍ ସମୟ ଆସିବ, ଯାହା କେହି ଭାବି ନ ଥିବେ, ସେ ମଧ୍ୟ ଭାବି ନ ଥିବ, ସେୟା ଘଟିଯିବ । ବଡ଼ ଅଦ୍ଭୁତ ଏଇ ସଂସାର ।

ସ୍ୱାମୀଜୀଙ୍କର କଥା ବନ୍ଦ ହୋଇଗଲା, ସେ ଅତ୍ୟନ୍ତ ଦୁଃଖିତ ହୋଇ ଶୂନ୍ୟ ଆକାଶକୁ ନିର୍ନିମେଷ ଦୃଷ୍ଟିରେ ଚାହିଁବାକୁ ଲାଗିଲେ । ସ୍ୱାମୀଜୀଙ୍କର ଭାବଭଙ୍ଗୀରେ ସମସ୍ତେ ଆତଙ୍କିତ ହୋଇ ଉଠିଲେ । ଦେବୀପାଦ ସବୁ ଛଳନା ଭାବି ବିରକ୍ତରେ ଉଠି ଚାଲିଗଲା । କିନ୍ତୁ ତା ଚାଲିଯିବା କାହାର ଧ୍ୟାନକୁ ବିକେନ୍ଦ୍ରିତ କଲାନି । ସ୍ୱାମୀଜୀ କଣ କହିବାକୁ ଚାହୁଁଥିଲେ, ନ କହି ରହିଗଲେ ତା ଜାଣିବାକୁ ସମସ୍ତଙ୍କର ଉଦ୍‌ବିଗ୍ନତା କ୍ରମେ ବଢ଼ି ବଢ଼ି ଯାଉଥାଏ ।

ସ୍ୱାମୀଜୀ, ଆଉ କଣ ? ଷଡ଼ଙ୍ଗୀ ବ୍ୟାକୁଳିତ ହୋଇ ପଚାରିଲେ ।

ତୋ କୁଳର ସମସ୍ତ ପାପ ଏଇ ପୁଅ ତା କାନ୍ଧରେ ବୋହି ତୁମ ସମସ୍ତଙ୍କୁ ଉଦ୍ଧାର କରିବ । କିନ୍ତୁ ସେଥିପାଇଁ ତାକୁ ଅକଥନୀୟ କଷ୍ଟ ସହିବାକୁ ହେବ ।

ମାନେ ? ଷଡ଼ଙ୍ଗୀଙ୍କ ଉଦ୍‌ବ୍ୟାକୁଳିତ କଣ୍ଠସ୍ୱର ସମୁଦ୍ରର ଅତଳ ଗହ୍ୱରରୁ ସମସ୍ତ ଜଳପକ୍ଷୀର ଓଜନ ଶବ୍ଦ ବାହାରକୁ ବାହାରିବା ପରି ଶୁଣାଗଲା ।

ଯାହା ଯାହା ପାପ ତୁ କରିଛୁ ତୋ ଜୀବନରେ, ସବୁ ଏହାର ଜୀବନରେ ଫଳିବ । ସବୁ ଏଇ ଭୋଗିବ । ତେବେ ଜଣେ ଭାଇ କିଛି ଭାଗ ନେଇପାରେ ।

ଗୁରୁଦେବ ! !

ଯାଃ, ମୁଁ କିଛି କହିବିନି, ମୋର ସମସ୍ତ ହୋଇଗଲା । ସାଧୁ ଉଠି ଜାତକବହିଟା ଫୋପାଡ଼ି ଦେଇ ତରତର ହୋଇ ବାହାରକୁ ଚାଲିଗଲେ । ବସୁନ୍ଧରା ଆବାକାବା ହୋଇ ଚାହିଁଥାନ୍ତି । ଷଡ଼ଙ୍ଗୀ ପଛେ ପଛେ ଗୋଡ଼ାଇଲେ ।

ସ୍ୱାମୀଜୀ ! ସ୍ୱାମୀଜୀ !

ବସୁନ୍ଧରା ସେମାନଙ୍କ ପଛେ ପଛେ । ସେହି ସମୟରେ ଦାଣ୍ଡଦୁଆରେ ସାଧୁ ଷଡ଼ଙ୍ଗୀଙ୍କ କାନରେ କଣ କହୁଥିବା ଦେଖି ବସୁନ୍ଧରା ଶିବକୁ ସେଠିକି ଯିବାକୁ ବାରଣ କରି ନିଜେ ଦୂରରେ ଠିଆ ହୋଇ ରହିଲେ । ବ୍ୟାଧବାଣଖିଆ ହରିଣୀ ପରି ତାଙ୍କ ଦେହ ଥରୁଥାଏ । ସ୍ୱାମୀଜୀ କଣ କହିଲେ କେଜାଣି, ଶୁଣିବାପରେ ଷଡ଼ଙ୍ଗୀଙ୍କ ମୁହଁ ବିବର୍ଣ୍ଣ ହୋଇଗଲା, ସେ 'ହା ଦେବ ! କହି ଉଠିଲେ ଚକ୍ଷୁ ତାଙ୍କର ଅସ୍ୱାଭାବିକରୂପେ ବିସ୍ଫାରିତ ହୋଇ ଯାଇଥାଏ । ଷଡ଼ଙ୍ଗୀଙ୍କୁ ସେହି ଅବସ୍ଥାରେ ଛାଡ଼ିଦେଇ ସାଧୁ ଚାଲିଗଲେ । ଷଡ଼ଙ୍ଗୀ ବାରଣ୍ଡାରେ ବସି ରହିଲେ । ସାଧୁଙ୍କ କଥା ମନେପଡ଼ି ଯାଉଥାଏ— ପିତାର କର୍ମ ପୁତ୍ରଭାଗ୍ୟରେ ପ୍ରତିଫଳିତ ହୁଏ । ପିତାର ପାପ ପୁଅମାନେ ଧନସମ୍ପତ୍ତି ସହ ଭାଗ ବାଣ୍ଟନ୍ତି । ଦେବୀ·····ଷଡ଼ଙ୍ଗୀଙ୍କ ହୃଦୟ ହାହାକାର କରି ଉଠିଲା, ନା, ନା, ଦେବୀର ପରିଣତି ଏପରି କେବେ ହୋଇ ନପାରେ । କେବେ ନୁହେଁ, ଅସମ୍ଭବ । ପିତାର ପାପ·····

ବନ୍ଧୁବନ୍ଦନ ରାତର ଘଟଣା—

ସୋଲଗି ପାହାଡ଼ର ସ୍କନ୍ଧ ଚିରି ସୂର୍ଯ୍ୟ ଉଦୟ ହେବା ପରି ବିସ୍ମୃତିର ଅନ୍ଧକାର ମଧ୍ୟରୁ ସେ ଘଟଣା ଷଡ଼ଙ୍ଗୀଙ୍କ ମନେ ପଡ଼ି ଆସିଲା । ଯୌବନରେ ସେ ଥିଲେ ବଡ଼ ବେଶି ଉଚ୍ଛୃଙ୍ଖଳ, ଅସାଧୁ । ବସୁନ୍ଧରା ସୁନ୍ଦରୀ ଥିଲେ, ଅଙ୍ଗପ୍ରତ୍ୟଙ୍ଗରେ ତାଙ୍କର ଭୋଗ୍ୟବସ୍ତୁ ଭରପୂର ଥିଲା; କିନ୍ତୁ ବର୍ଷ ପାଞ୍ଚଟାରେ ପ୍ରଥମ ସନ୍ତାନର ଜନ୍ମ ପରେ ପରେ ଯୌବନଶ୍ରୀ ମଉଳି ପଡ଼ିଲା । ବିଗତ ଯୌବନା ସ୍ତ୍ରୀଙ୍କୁ ଭଲ ପାଇବାକୁ ଯେତେ ଚେଷ୍ଟା କଲେ ମଧ୍ୟ ସ୍ତ୍ରୀଙ୍କଠୁ ତାଙ୍କର ମନ ଭାଙ୍ଗିଗଲା । ମନର ତୃଷ୍ଣା ବଦଳିବା ସଙ୍ଗେ ସଙ୍ଗେ ଜୀବନ-ଦର୍ଶନ ମଧ୍ୟ ବଦଳିଗଲା । ଈଶ୍ୱରଦତ୍ତ ଶକ୍ତିକୁ ପ୍ରୟୋଗ ନକରି ଆବଦ୍ଧ ରଖି ଲାଭ କଣ ?

ଯୌବନକୁ ମଦପିଆଳିର ମଦ ପରି ଏକାଥରେ ପିଇଯିବାର ଦୁଃସାହସ ରଖୁଥିବା ବନ୍ଧୁ ସଙ୍ଗୀ ମଧ୍ୟ ଦର୍ଶନ ପରିବର୍ତ୍ତନ ପରେପରେ ଜୁଟିଗଲେ ।

ବୁଭୁକ୍ଷା ।

ଯୁବତୀ ସୌନ୍ଦର୍ଯ୍ୟ ଚିନ୍ତନ । ବିବାହିତା ଅବିବାହିତା ।

ସେ ଗୋଷ୍ଠୀ ।

ସେ ମରାଳଗମନା ।

ସେ ମଦମତ୍ତା ।

କୀର୍ତ୍ତନ ।

ମନନ ।

ନିଦିଧ୍ୟାସନ ।

ଦୁଃସାହସ ।

ମୋକ୍ଷ ।

ସାମ୍ନାରେ ପୀତାମ୍ବର ରଥ, ଏକଲା ସେ, ଭଦନେ ବାନ୍ଧାହେବାକୁ ଯାଉଛନ୍ତି କହି ଗଞ୍ଜାମ ଆଡ଼େ ଗ୍ଭଲିଗଲା । ତିନଦିନ ପରେ ଫେରିବା ବେଳକୁ ସାଥୀରେ ସତର ଅଠର ବର୍ଷର ସୁନ୍ଦରୀ ଯୁବତୀଟିଏ । "ମୋର ସ୍ତ୍ରୀ, ସାରସୀ, ଖଲିକୋଟର ଜଣେ ଗରିବ ବ୍ରାହ୍ମଣ କନ୍ୟା-ଦାନ କଲେ ।" ସାରସୀ ଘରେ ଗୋଡ଼ଦେବା ପରେ ପରେ ଗୃହର ରୂପ ବଦଳିଗଲା, ଧୀରେ ଧୀରେ ସବୁ ଶୃଙ୍ଖଳିତ, ବ୍ୟବସ୍ଥିତ ହୋଇ ଉଠିଲେ, ପନିପରିବା ଗଛରେ ଘରପଛ ବାଡ଼ିଆଡ଼ ହସି ଉଠିଲା । ଗାଁ ଲୋକେ ପୀତାମ୍ବର ସ୍ତ୍ରୀଙ୍କର ସୌନ୍ଦର୍ଯ୍ୟ, ଶୀଳ ଓ ଗୃହକାର୍ଯ୍ୟରେ ନୈପୁଣ୍ୟ ଦେଖି ଆଶ୍ଚର୍ଯ୍ୟ ହେଲେ, କେତେ ଈର୍ଷାରେ ଜଳିଗଲେ । ସାରସୀଙ୍କର ରୂପ ସେମାନେ ପ୍ରତିଦିନ ଦେଖୁ-ଥିଲେ, ଗରିବଘର ବୋଲି ପୋଖରୀରୁ ପାଣି ଆଣିବାଠୁ ଆରମ୍ଭ କରି ଘର ଲିପାପୋଛା, କିଏ କେତେବେଳେ ଆସିଲେ ତାଙ୍କ ସହ କଥାବାର୍ତ୍ତା ହେବା ସବୁ ତାଙ୍କୁ କରିବାକୁ ପଡ଼ୁଥିବାରୁ ଅସୂର୍ଯ୍ୟଂ ପଶ୍ୟା ହୋଇ ସାରସୀ ଆଉ ରହି ପାରି ନଥିଲେ । ସେଥିରେ କିନ୍ତୁ ତାଙ୍କର ଗ୍ଲାନି ନଥିଲା, ସବୁକାର୍ଯ୍ୟ ଯେପରି ତାଙ୍କର କର୍ତ୍ତବ୍ୟ ସେହିପରି ଅବିଚଳିତ ଭାବେ ନିନ୍ଦା ପ୍ରଶଂସାକୁ ଭ୍ରୂକ୍ଷେପ ନକରି ସେ ପୀତାମ୍ବର ଗୃହର କାର୍ଯ୍ୟ ତୁଲାଇବାକୁ ଲାଗିଲେ, ଏକନିଷ୍ଠ ହୋଇ ପୀତାମ୍ବରର ସେବା କରିବାକୁ ଲାଗିଲେ । ଧୀରେ ତାଙ୍କର ଆୟତ ଚଞ୍ଚଳ ଚକ୍ଷୁ, ହଳଦୀ ପରି ଶରୀର ରଙ୍ଗ, ତୀକ୍ଷ୍ଣ ନାସିକା, ଉଭା ଉରଜର ଯଉ ଅନ୍ୟାନ୍ୟ ଯୁବକମାନଙ୍କ ଦୃଷ୍ଟିକୁ ଯିବାପରି ମଧୁସୂଦନ ଷଡ଼ଙ୍ଗୀଙ୍କ ଦୃଷ୍ଟିରେ ମଧ୍ୟ ପଡ଼ିଥିଲା । ଦେଖିବାପରେ ବ୍ୟାକୁଳତା ବଢ଼ିଗଲା, ତା'ପରେ ଷଡ଼ଙ୍ଗୀ ଇଚ୍ଛା ନକଲେ ମଧ୍ୟ ରାସ୍ତାରେ ବହୁବାର ସାରସୀଙ୍କୁ ଦେଖିବାକୁ

ଲାଗିଲେ । ଅକସ୍ମାତ୍ ବାଟରେ ସାରସୀ ସମ୍ମୁଖୀନ ହୋଇଗଲେ ଷଡ଼ଙ୍ଗୀଙ୍କ ଅନ୍ତରାତ୍ମା କଷ୍ଟରେ ଚିତ୍କାର କରି ଉଠୁଥିଲା । ଶେଷରେ ସେ ଉଦ୍ଦେଶ୍ୟ ସିଦ୍ଧିପାଇଁ ନାନା ଉପାୟ ଭାବିବାକୁ ଲାଗିଲେ । ତେବେ ବାଧା ଅନେକ ସବୁଠୁ, ବେଶି ଡର ଲାଗୁଥାଏ ତାଙ୍କର ଲୋକଙ୍କ କଥା ଶୁଣି, ସତୀ ସ୍ତ୍ରୀ ସାରସୀ, ସତୀ, ପତିବ୍ରତା ! ଗାଁର ଲକ୍ଷ୍ମୀ ବୋଲି .ତାଙ୍କର ସ୍ୱାମୀସେବା ଦେଖି ଲୋକେ କଥାବାର୍ତ୍ତା ହେଉଥାନ୍ତି । ସମ୍ମାନ ଦେଖାଉଥାନ୍ତି । ବାସ୍ତବରେ କଣ ସାରସୀ ସତୀ, ତା'ହେଲେ ତ ଅଡୁଆ କଥା । ନା, ଅସାଧାରଣ ସୌନ୍ଦର୍ଯ୍ୟ ଓ ସାଧାରଣ ସ୍ୱାମୀସେବା ସାରସୀଙ୍କୁ ଗାଁର ସତୀ, ପୂଜ୍ୟା କରି-ଦେଇଛି । କିନ୍ତୁ ଠିକ୍ କରିପାରିଲେନି ଷଡ଼ଙ୍ଗୀ ।

ଦିନେ ଅଧା ଜବରଦସ୍ତ ଭାବେ ସେ ବସୁନ୍ଧରାଙ୍କୁ ନେଇ ତାଙ୍କ ବାପଘରେ ଛାଡ଼ିଦେଇ ଆସିଲେ । ବସୁନ୍ଧରାଙ୍କର କିନ୍ତୁ ମହାସୁଖ, ବାପ ଘରଠୁ ବଳି ସ୍ୱର୍ଗ ଅଛି ନା ଶାଶୁଘରଠୁ ବଳି ରୌରବ-ନରକ ମର୍ତ୍ତ୍ୟରେ ଆଉ ଅଛି ! ରମାକାନ୍ତ ବସୁନ୍ଧରାଙ୍କ ସଙ୍ଗେ ଅଜାଘରକୁ ଗଲା; କିନ୍ତୁ ଦେବୀପାଦ ଜାନକୀ ପାଖେ ରହିଗଲା, ସେତେବେଳେ ତାକୁ ପାଞ୍ଚ ଛଅ ବର୍ଷ ହେବ । ବସୁନ୍ଧରାଙ୍କୁ ପିଲାଙ୍କରୁ କାହିଁକି କେଜାଣି ସେ ଆଣୁ ନଥିଲା ।

ବସୁନ୍ଧରାଙ୍କୁ ଛାଡ଼ି ଷଡ଼ଙ୍ଗୀ ଶାସନରେ ପହଞ୍ଚିବା ମାତ୍ରେ ଶୁଭ ଖବର ଶୁଣିଲେ । ପୀତାମ୍ବର କଲିକତାକୁ ବ୍ୟବସା କରିବାକୁ ଚାଲି ଯାଇଛି । ଘରେ ଏକା ସାରସୀ । ବାପଘରକୁ ଯିବାକୁ ସେ ମନା କରିଥିଲେ । ଉତ୍କଟବାପଗୃହଠୁ ଶାଶୁନଣନ୍ଦଶୂନ୍ୟ ଶାଶୁଘର ବେଶି ସୁଖଦ । ପୁଣି ସତୀ ସ୍ତ୍ରୀର କଣ ବିପଦ ? ଏ ଖବର ଶୁଣି ଷଡ଼ଙ୍ଗୀଙ୍କୁ ତାଙ୍କର ଛାତିର ଗତି ବନ୍ଦ ହୋଇଯିବା ପରି ଲାଗିଲା, ଆନନ୍ଦର ଆତିଶଯ୍ୟରେ ତାଙ୍କର ରୋମାଞ୍ଚ ହୋଇ

ଆସିଲା । ଉଦ୍ଦେଶ୍ୟପୂରଣ କରିବାପାଇଁ ସେ ନାନା ଉପାୟ ଖୋଜିବାକୁ ଲାଗିଲେ । ହଠାତ୍ ଦିନେ ସାଙ୍ଗମାନଙ୍କ ଉପରେ ସେମାନଙ୍କର କୌଣସି ଅଶ୍ଲୀଳ ପ୍ରସ୍ତାବରେ ଭୀଷଣ ରାଗି ସେମାନଙ୍କୁ ଘରକୁ ଆଉ ନଆସିବାକୁ କହିଦେଲେ । ଷଡ଼ଙ୍ଗୀଙ୍କର ପରିବର୍ତ୍ତନରେ ସଙ୍ଗୀମାନେ ଆଶ୍ଚର୍ଯ୍ୟ ହେଲେ; କିନ୍ତୁ ବଡ଼ଲୋକକୁ ଉତ୍ତର କିଏ ? ଦଶ ବାର ଦିନ ଚାଲିଗଲା । କୌଣସି ଉପାୟ ଷଡ଼ଙ୍ଗୀକୁ ନିରାପଦ ଜଣା ପଡ଼ୁନଥାଏ । ଦିନେ ଆଉ ସମ୍ଭାଳି ପାରିଲେନି । ସକାଳୁ ଆକାଶ ମେଘାଚ୍ଛନ୍ନ ହୋଇ ଥଣ୍ଡାପବନ ବହୁଥାଏ । ଝିପିରି ଝିପିରି ବର୍ଷା ମଧ୍ୟ ହେଉଥାଏ । ସେ ସାହସ କରି ସାରସୀଙ୍କ ପାଖକୁ ଚିଠି ଲେଖିଲେ—

ପ୍ରିୟେ,

ମୁଁ ଏକାନ୍ତ ହରିଣ, ବିରହ ବାଡ଼ବାଗ୍ନିରେ ପରିବୃତ୍ତହୋଇ ଜଳି ମରୁଛି । ତୁମ ଉପବନର, ତୁମର ହରିଣ ହୋଇ ରହିବାକୁ ଇଚ୍ଛା ଦିନୁଦିନ ବଢ଼ି ଚାଲିଛି । ତୁମର ଆଶ୍ରା ପାଇଲେଇ ଏ କାମନାଗ୍ନିରୁ ରକ୍ଷା ପାଇବି । ତୁମ ପରି ସୁନ୍ଦରୀ ଏ ଚକ୍ଷୁ କେବେ ଦେଖି ନଥିଲା, ମୃତ୍ୟୁ ପୂର୍ବରୁ ଆଉ କେବେ ଦେଖିବ ବୋଲି ବିଶ୍ୱାସ ନାହିଁ । ମଣିଷର ବଞ୍ଚିବା ମରିବା ବଡ଼ ଅନିଶ୍ଚିତ । ସଂସାର ଛାଡ଼ି ଯିବା ପୂର୍ବରୁ ତୁମ ଉପବନରେ ବିଚରଣ କରିବାର ଯଦି ସୌଭାଗ୍ୟ ନ ପାଏ ତାହେଲେ ବଡ଼ ଦୁଃଖ ରହିଯିବ, ସତ କହୁଛି ପ୍ରିୟେ, ବଡ଼ ଦୁଃଖ ! ମୋତେ ତ ବେଳେ ବେଳେ ଲାଗୁଛି, ମୁଁ ସଂସାରକୁ ତୁମ ପାଇଁ ଆସିଛି, କେବଳ ତୁମରି ପାଇଁ, ତୁମର ରସୋଚ୍ଛଳ ଯୌବନ, ଅଧର ମଧୁ ପାଇଁ । ବାରମ୍ବାର ମୁଁ ଏ ସଂସାରକୁ ଆସୁଥିବି, କେତେଥର ଆସିଥିବି ତା ବା କିଏ କହିବ ? ଧନ ଜନ ଗୋପଲକ୍ଷ୍ମୀ ସବୁଥିରେ ଐଶ୍ୱର୍ଯ୍ୟଶାଳୀ ମୁଁ; କିନ୍ତୁ କେତେ

ଦୁଃଖ, କେତେ ଦୁଃଖରେ ଦୁଃଖୀ ମୁଁ…ହା ଭାଗ୍ୟ, ମୋତେ କିଏ କେମିତି ହେଲେ ଭଲ ପାଇବେନି ? ବିଭବଶାଳୀ ଲୋକ ଦାନ କରନ୍ତି । ମହାଦାନୀ କର୍ଣ୍ଣ ଓ ହରିଶ୍ଚନ୍ଦ୍ର ପରର ସନ୍ତୋଷ ପାଇଁ ସର୍ବସ୍ୱ ଲୁଟାଇ ଦେଇଥିଲେ । ସୌନ୍ଦର୍ଯ୍ୟ କଣ ସବୁ ସମ୍ପତ୍ତିଠୁଁ ବଡ଼ ସମ୍ପତ୍ତି ନୁହେଁ ? ମୁଁ ସର୍ବହରା ପ୍ରିୟେ, ମୋତେ ଭିକ୍ଷା ଦିଅ ।

ଜୋରରେ ବର୍ଷା ଛିଞ୍ଚାଡ଼ା ପଡ଼ିବାରୁ ସମସ୍ତେ ଦାଣ୍ଡପଟର ଦୁଆର ଝରକା ଦେଇ ଘର ଭିତରେ ରହିଥାନ୍ତି । ଷଡ଼ଙ୍ଗୀଙ୍କର ଛାତି ଜୋରରେ ଉଠୁଥାଏ ପଡ଼ୁଥାଏ । ଜିଭମୂଳ ଶୁଖି ଯାଉଥାଏ । ପେଣ୍ଡା ଥରୁଥାଏ, ନ ଚାଲି ସେହି ଦାଣ୍ଡରେ ବସିପଡ଼ିବାକୁ ଇଚ୍ଛା ହେଉଥାଏ । ଚାରିଆଡ଼କୁ ଚାହିଁ ଚାହିଁ ସେ ପୀତାମ୍ବର ବାରଣ୍ଡାରେ ଚଢ଼ି କରାଘାତ କଲେ । ଦୁଆର ଫିଟିଗଲା । ସାରସୀ ଷଡ଼ଙ୍ଗୀଙ୍କୁ ଦେଖି ମୁଣ୍ଡରେ ଓଢ଼ଣା ଟାଣିଦେଲେ । ତାଙ୍କ ବାରଣ୍ଡାରେ ଷଡ଼ଙ୍ଗୀ କପରି ! ତାଙ୍କ ଘରେ ତାଙ୍କର କଣ କାମ ରହିପାରେ !! କଣ କହିବେ ବୋଲି ସାରସୀ କାନ୍ଥକଡ଼କୁ ଆଉଜି ଅପେକ୍ଷା କରିବାକୁ ଲାଗିଲେ । ବହୁତ ସମୟ ଚାଲିଗଲା । ଷଡ଼ଙ୍ଗୀ କିଛି କହୁ ନଥାନ୍ତି । ସାରସୀ ଆଶ୍ଚର୍ଯ୍ୟ ହୋଇ ଦାଣ୍ଡ ବାରଣ୍ଡାକୁ କଣେଇ ଚାହିଁଲେ । କେହି ଦିଶୁ ନ ଥିଲେ, ଆରେ ଷଡ଼ଙ୍ଗୀ କୁଆଡ଼େ ଗଲେ, ସେ ମୁଣ୍ଡରୁ ଓଢ଼ଣା କାଢ଼ି ପକାଇ ଚାହିଁଲେ, ଷଡ଼ଙ୍ଗୀ ପିଣ୍ଡାରେ ନଥିଲେ, ତାଙ୍କ ଗୋଡ଼ପାଖେ କାଗଜଟିଏ ଉପରେ ଢେଲଟ ଗୋଡ଼ାଟିଏ ଥୁଆ ହୋଇଥିଲା । ସେ କାଗଜଟିକୁ ନେଇ ଦାଣ୍ଡ ଦୁଆର ବନ୍ଦକଲେ ।

ଷଡ଼ଙ୍ଗୀ କିପରି ପୀତାମ୍ବର ଘରୁ ନିଜ ଘରେ ପହଞ୍ଚିଲେ ତା ଜାଣି ପାରିଲେନି । ଦାଣ୍ଡଘର ଆରାମଚୌକିରେ ଆସି ବସିପଡ଼ି ସେ ଦମ୍ଭ ଧରିଲେ । କିନ୍ତୁ ସଙ୍ଗେ ସଙ୍ଗେ ଭୟ, ଅସମ୍ଭବ ଭୟ ଓ ଚିନ୍ତା ତାଙ୍କୁ ମାଡ଼ି ବସିଲା । କାହିଁକି ସେ ଏପରି ଭୁଲ କଲେ !

ଯଦି ସେ ଟୋକାଟା ଚିଠିଟା ଅନ୍ୟମାନଙ୍କୁ ଦେଖାଇଦିଏ ତାହେଲେ କେଡ଼େ ବଦନାମ ତାଙ୍କର ନ ହେବ । ଉଃ ! କ୍ଷଣିକ ଦୁର୍ବଳତାର କି ଭୀଷଣ ପରିଣାମ ! ତେବେ ଚିଠି ତଳେ ସେ ଦସ୍ତଖତ କରି ନାହାନ୍ତି । ନହେଲେ ସରିଥିଲା ତ । ପୁଣି ଚିଠିରେ ସମ୍ବୋଧନ ମଧ୍ୟ ସାରସୀଙ୍କୁ କରାହୋଇଛି ବୋଲି ପ୍ରମାଣ କଣ ! ଖାଲି ତ 'ପ୍ରିୟେ' ଲେଖା ହୋଇଛି । ଷଡ଼ଙ୍ଗୀଙ୍କୁ ଧୈର୍ଯ୍ୟ ଆସିଲା । କିଛି ହେବନି । ଯାସବୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ତାଙ୍କୁ ନିଦ ଆସିଗଲା । ସେ ଦାଣ୍ଡଘରର ଦୁଆର ଝରକା ସବୁ ବନ୍ଦ କରିଦେଇ ସେଇଠି ଆରାମଚୌକିରେ ଗଡ଼ି ପଡ଼ିଲେ । ଅନ୍ୟଦିନେ ସେ ଶୋଇବା ଘରେ ଯାଇ ଶୋଇବା କଥା । ସେଦିନ କାହିଁକି ଯେ ଦାଣ୍ଡଘରେ ସେ ଶୋଇବାକୁ ପସନ୍ଦ କଲେ ତା ସେ ବହୁତ ପରେ ବୁଝିଥିଲେ ।

ବର୍ଷା ବଢ଼ି ବଢ଼ି ଯାଉଛି । ସମୟ ମଧ୍ୟାହ୍ନ ହେବ । କିନ୍ତୁ ରାତିର ଅନ୍ଧକାର ଭଳି କଳାରଙ୍ଗ ସବୁଆଡ଼େ ଧୀରେ ଧୀରେ ବ୍ୟାପ୍ତ ହୋଇ ଯାଉଥାଏ । ଉପରେ ମେଘ ଦୁନ୍ଦୁଭି । ହଠାତ୍ ଦୁଆରେ କେହି ଡାକିବାରୁ ବୋଧହୁଏ, ଷଡ଼ଙ୍ଗୀଙ୍କ ନିଦ ଭାଙ୍ଗିଗଲା । ଗୁଡ୍ଡ ଧୂଡ୍‌ଧୂଡ୍‌ କ୍ଷଣକ ପାଇଁ ବନ୍ଦ ହୋଇଗଲା । ଆରାମଚୌକିରୁ ସେ ଦୁଆର ଆଡ଼କୁ ଚାହିଁଲେ । ବାହାରେ ପୁଣି ଠକ୍ ଠକ୍ । ଶଙ୍କିତ ପଦରେ ସେ ଦୁଆର ମେଲିଇ ଦେଲେ । ଅନ୍ଧକାରରେ ପରିଷ୍କାର କିଛି ଜଣା ପଡୁ ନ ଥାଏ । ତେବେ ସେ ଜାଣିଲେ—ସାରସୀଙ୍କ ସହିତ ବୋଧେ ଥଣ୍ଡାପବନ ଘରଭିତରକୁ ପଶି ଆସିଲା । ବ୍ୟାକୁଳ ହୋଇ ସେ ଦୁଆର ବନ୍ଦ କରିଦେଲେ । ଅନ୍ଧାରରେ ସାରସୀ ଆଉ ଦେଖାଗଲେନି । ଦୁଆର ପାଖେ ଷଡ଼ଙ୍ଗୀ ଦୁର୍ବଳ ଚିତ୍ତରେ ଅପେକ୍ଷା କଲେ ।

ଆପଣ ସେ ଚିଠି ଲେଖିଥିଲେ ?

......

ମୋର ସ୍ୱାମୀ ମୋ ପାଖରେ ନାହାନ୍ତି ବୋଲି, ଆପଣଙ୍କର ସମ୍ମତି ଅଛି ବୋଲି ସିନା ଆପଣଙ୍କର ଏତେ ସାହସ । ଆପଣଙ୍କୁ ଲୋକ ଦଣ୍ଡ ନାହାନ୍ତି, ଧର୍ମ ମନେ ପଡ଼ୁନ !

ଷଡ଼ଙ୍ଗୀ ପୁଣି ନିରୁତ୍ତର ରହିଲେ । ସାରସୀଙ୍କର କଣ ମନେ ହେଲା ସେ ପୁଣି କହିଲେ, ଏଥିରକ କଥାରେ ଜୋର ନ ଥିଲା— ଆପଣ ଏଡ଼େ ଖରାପ ବୋଲି କେହି ବାହାରୁ ଜାଣି ପାରିବେନି । ଆପଣଙ୍କ ଘରକୁ ଆସିବା ମୋର ଭୁଲ ହୋଇଛି । ସେ ଚିଠି ମୁଁ ଗାଁ ପଞ୍ଚାୟତରେ ଦେଖାଇବି ।

× × × ×

ସାରସୀ ଚାଲିଗଲେ । ଆଠମାସ ପରେ ଷଡ଼ଙ୍ଗୀ ଶୁଣିଲେ ସାରସୀଙ୍କର ପୁଅଟିଏ ହୋଇଛି । ପୁଅ ଦେଖିବାପାଇଁ ପୀତାମ୍ବର ଟାକୁ ଫେରିଲା । ଆନନ୍ଦରେ ପୁଅ ନା ଦେଲା—ଯାଦବ କିଶୋର । ଲୋକେ ଡାକିଲେ କିଶୋର । ପିଲାଦିନୁ ସେ ପାଗଳା ।

ବୋଉ, ସାଧୁ କଣ କହିଲେ ? ବହୁସମୟ ପରେ ଅପ୍ରତ୍ୟାଶିତ ଘଟଣାର ମୂର୍ଚ୍ଛନା ଭାଙ୍ଗି ଶିବନାଥ ପଚାରିଲା ।

କିଛି ନୁହେଁ ଯା । ବସୁନ୍ଧରା ପ୍ରକୃତିସ୍ଥ ହେଲେ ।

ଭାଇନାଙ୍କ ଜାତକରେ କଣ ଅଛି ଯାହାକୁ ସାଧୁ କହିବାକୁ ମନା କଲେ ।

ଈଶ୍ୱର ଜାଣନ୍ତି ।

ଶିବନାଥ ପଢ଼ାଘରକୁ ଚାଲିଗଲା । ଷଡ଼ଙ୍ଗୀ ଦାଣ୍ଡବାରଣ୍ଡାରୁ ଫେରିଆସି ଘରଭିତର ବାରଣ୍ଡାରେ ବସିଲେ । ମୁହଁ ତାଙ୍କର କଳା ପଡିଯାଇଥିଲା, ଦେହ ଥରୁଥିଲା, ତୋଟି ଶୁଖି ଯାଉଥିଲା ।

କଣ ହେଲା, ସାଧୁ କଣ କହିଲେ ?

ବସୁନ୍ଧରା, ତୁମକୁ ମୋର ଗୋଟିଏ କଥା କହିବାର ଅଛି । ଅନେକଦିନୁ ଭାବିଲିଣି ତୁମ ଆଗରେ କହି କ୍ଷମା ମାଗିବି, କିନ୍ତୁ ଚେଷ୍ଟା କରି ମଧ୍ୟ କହି ପାରିନି । ଆଜି କହିଦେବି । ତୁମେ କ୍ଷମା କଲେ ମୋର ସବୁ ପାପ ଚାଲିଯିବ । ସେ ଦୋଷ ମୁଁ ଆଉ କାହା ପ୍ରତି କରିନି, ତୁମରି ପ୍ରତି ଦୋଷ କରିଛି, ଦ୍ରୋହ କରିଛି । ଲଗ୍ନ ମଣ୍ଡପରେ ଯେଉଁ ପ୍ରତିଜ୍ଞା କରିଥିଲି ତାହାକୁ ଉଲ୍ଲଂଘନ କରିଛି । ମୁଁ……

ହଠାତ୍ ଷଡ଼ଙ୍ଗୀ ବସୁନ୍ଧରାଙ୍କୁ ଚାହିଁଲେ । ସେଠାରେ ସହାନୁଭୂତି, କରୁଣା ବା ଆର୍ଦ୍ରତା ଲେଶମାତ୍ର ନଥିଲା । ଥିଲା ଏକ କଠିନ ମନୋଭାବ, ସ୍ୱାମୀଙ୍କର କୌଣସି ମହାନ୍ ଗୁପ୍ତ ରହସ୍ୟ

ଉଦ୍‌ଘାଟିତ ହେବାକୁ ଯାଉଛି ଗ୍ରାମ ସ୍ୱାଂସ୍ଥ ଆନନ୍ଦ, ଷଡେଙ୍ଗୀର ଦର୍ପ ।

ଷଡ଼ଙ୍ଗୀଙ୍କର କଣ୍ଠ କହଲାଗଲା । ସିଂହପରି ସେ ଗର୍ଜି ଉଠିଲେ—ପାଣି ଗ୍ଲାସେ ଆଣ !

ବସୁନ୍ଧରା ପାଣି ଦେଲେ । କଣ କହୁଥିଲ, ଅଧାରେ ରହିଗଲ କାହିଁକି ?

ମୋତେ ଏତେ ପଚରାପଚରି ଭଲ ଲାଗେନା, ତୁମେ ଯାଅ ।

ବସୁନ୍ଧରା ଚାଲିଗଲେ । ଷଡ଼ଙ୍ଗୀ ବସୁନ୍ଧରା ଯିବାପରେ ପାଟି କଲେ—ଦେବୀ, ଦେବୀ, ଦେବୀ, କୁଆଡ଼େ ଗଲା ?

ଭାଇ ବୋଧେ ବଗିଚାଆଡ଼େ ଗଲେ ।

ଚଣ୍ଡାଳଟାର ବୁଲିବା ଅଭ୍ୟାସ ଗଲାନି । ଷଡ଼ଙ୍ଗୀ ଶୋଇବାକୁ ଚାଲିଗଲେ । ଦିନ ବାରଟା ହେବ । ପ୍ରଚଣ୍ଡ ଖରା ସମସ୍ତଙ୍କୁ ଆକୁଳ କରି ପକାଉଥାଏ । ରବିବାରେ ଷଡ଼ଙ୍ଗୀଙ୍କ ଘରେ ଶୀଘ୍ର ଖିଆପିଆ ହୋଇ ପାରେନା । ମାଛ ମାଂସ ଆସେ । ରବିବାର ବୋଲି ବସୁନ୍ଧରା ମାଛ ମାଂସ ଖାଆନ୍ତିନି । ଦେବୀପାଦ ମଧ୍ୟ ନୁହଁ । ଅନ୍ୟମାନେ ଖାଆନ୍ତି । ଖାଇସାରିବା ପରେ ଦେବୀପାଦ ପ୍ରତିଦିନ ଦ୍ୱିପ୍ରହରେ ବଗିଚାଭିତରେ ଥିବା ମାଳୀ ଘରକୁ ଚାଲିଯାଏ । ବଗିଚାର ସାଜସରଞ୍ଜାମରେ ବଗିଚାଘର ଭର୍ତ୍ତି ହୋଇଥାଏ । ପିଣ୍ଡାରେ ବେତର ଆରାମଚୌକିଟିଏ ଓ କେଉଁପାଲିଙ୍କଟିଏ ସଦାସର୍ବଦା ରହିଥାଏ । କେହି ଗଲେ ବସି ବା ଶୋଇ ପବନ ଖାଆନ୍ତି ।

ବଗିଚାଘରେ ଆରାମଚୌକିରେ ବସି ବସି ଦେବୀପାଦ ଶୋଇବାକୁ ଉପକ୍ରମ କରୁଥିବା ବେଳେ କାନ ଜୋରରେ ସଲସଲ ହେବାରୁ ସେ ଉଠିବସିଲା । ପଛରେ ସ୍ନେହପ୍ରଭା, ହାତରେ ପାରା ପରଟିଏ, ଆଖିରେ ଦୁଷ୍ଟାମୀ, ଓଠରେ ହସ ।

କଣ ଦେଖା ହୁଇ, ରାଗିଗଲ କି ?

ତୁମେ କେତେବେଳେ, ଆଜି ଏତେ ଜଲ୍‌ଦି !

ତୁମେ ଯେପରି ବୁଲିପଡ଼ିଲ ମୁଁ ଭାବିଲି ରାଗିଗଲ ।

ତୁମର କୋପକୁ ମୋର ସବୁଠୁ ଡର, ବାବାଜି ଲୋକ କନା !

ଆଜି ଏତେ ଚଞ୍ଚଳ କପରି ?

ଚା' ହେଲେ ମୁଁ ଯାଉଛି ।

ଯାଅ, ମୁଁ ଶୁଏ ।

ମୁଁ ଯିବନି ।

......

ତୁମ ଘରକୁ ଜଣେ ସାଧୁ ଆସିଥିଲେ, ଭାରି ଭଲ ଗଣନା କରିଜାଣନ୍ତି କୁଆଡ଼େ । ମୋତେ ଟିକଏ ଖବର ଦେଲନି, ମୁଁ ହାତ ଦେଖାଇଥାନ୍ତି ।

......

କେବେ ମନସ୍କାମନା ପୂର୍ଣ୍ଣ ହେବ ବୋଲି ।

ମୋ କୋଷ୍ଠି ଦେଖିଲେ ।

ଭାରି ଭଲ କହିଥିବେ ।

ହଁ ।

କଣ କହିଲେ ।

କହିଲେ ପ୍ରବ୍ରଜ୍ୟାଯୋଗ ସହିତ ବନ୍ଧୁନାଶ ଭୋଗଯୋଗ ମଧ୍ୟ ଅଛି ।

କଣ କହିଲେ ?

ଦେବୀପାଦ ଶେଷପଦକ ଅଳ୍ପ ଧୀରେ କହିଥିଲି । ସ୍ନେହ ଠିକ୍ ଶୁଣି ପାରିଥିଲେ; କିନ୍ତୁ ପରିଷ୍କାର ଶୁଣିବାକୁ ଇଚ୍ଛାକରି ଦୃଢ଼ ସ୍ୱରରେ ପଚାରିଦେଲେ, କଣ କହିଲେ, ପ୍ରବ୍ରଜ୍ୟା ଆଉ...... ।

କହୁ ନାସ୍ତିକ୍ଭୋଗ ।

ଅସଭ୍ୟ ! ଏପରି କଥା କହିବାକୁ ଲଜ ଲାଗେନ ?

ସ୍ନେହ !

ସ୍ନେହ କଣ ? ଲୋକଙ୍କ ଆଗରେ ସାଧୁ ବୋଲାଇବେ, ଅଥଚ ଯେତେକ ମଇଲା ମନ ଭିତରେ ଧରି ବୁଲୁଥିବେ । ସେ କହିଲା ବେଳେ ତୁମେ ସେଠି ବସିରହିଲ ! କିଛି ପ୍ରତିବାଦ କଲନି ?

......

ଆଉ କଣ କହିଲେ ?

ଆଉ କଣ ବାପାଙ୍କ କାନରେ ଚୂପଚୂପ କହିଲେ, ଆମେ କେହି ଶୁଣି ପାରିଲୁନି ।

ମୁଁ ଜାଣେ କଣ କହିଥିବେ ।

କଣ ?

ଜୀବନରେ ସବୁ ଭୋଗ ଓ ଯୋଗ ସାରିଦେଇ ଶେଷରେ ବାବାଜୀଙ୍କ ଆଶ୍ରମର ଉତ୍ତରାଧିକାରୀ ହେବ । ଗୁରୁ ଯେପରି ଶିଷ୍ୟ ସେହିପରି ।

ଛାଡ଼ ସେ କଥା ତୁମକଥା କୁହ, ଶୁଣୁଛି ବାହାଘରର ବନ୍ଦୋବସ୍ତ ଭାରି ଜୋରରେ ଚାଲିଛି ।

ଆଉ କଣ ସବୁବେଳେ କୁମାରୀ ରହନ୍ତି ! ନା, କଣ ରହିବ ?

......

ଆଜି କଣ ପଢ଼ିଛ ?

କିଛି ପଢ଼ିନି, ପଢ଼ିବି କଣ, ତୁମେ ଆସିବାବେଳକୁ ଡୁଲାଉଥିଲି ପରା !

କିଛି କୁହ । ସ୍ନେହ ଅନେକବେଳୁ ଠିଆ ହୋଇଥିଲେ, ବସି ପଡ଼ିଲେ ।

ତୁମେ ଆଜ ଯାଅ । ଆଜ କଥାବାର୍ତ୍ତା ହେବାକୁ ଭଲ ଲାଗୁନ । ମୁଁ ଏକାନ୍ତରହିବାକୁ ଚାହୁଁଛି, କଣ କଣ ଭାବିବାକୁ ଇଚ୍ଛା ହେଉଛି ।

ସ୍ନେହ ଟିଆହୋଇ ପଡ଼ିଲେ । ତୁମର ବଗିଚାକୁ ଆସିଛି ବୋଲି ସିନା ଏକଥା କହିଲ । ଚାଲିଯିବି, କେଉଁଦିନ କଣ ଜବରଦସ୍ତି ରହେ ? ତୁମେ ଇଚ୍ଛା କଲେ ତ ଧକ୍କା ମାରି ତଡ଼ିଦେଇ ପାରନ୍ତ । ସେ କ୍ଷମତା ପ୍ରୟୋଗ କରୁନ । ହଉ ମୁଁ ଚାଲି ଯାଉଛି ।

ଦେବୀପାଦ କିଛି ଉତ୍ତର ନଦେଇ ଆରାମଚୌକିରେ ଗୋଡ଼ରେ ନିଜର ଗୋଡ଼ଯୋଡ଼ାକୁ ସଜାଡ଼ି ଆଖି ବୁଜିଦେଲା । ସ୍ନେହଙ୍କ ରାଗ ସରି ନଥାଏ, ତାକୁ ପ୍ରକାଶ କରିବାପାଇଁ ସେ କିଛିଦୂର ଚାଲିଗଲେ । କିନ୍ତୁ କିଛି ବାଟ ଯିବାପରେ ତାଙ୍କର ଗତି ଆପେ ଆପେ ସ୍ଥିର ହୋଇଗଲା । ଦେବୀପାଦକୁ ସେ ପିଲାଦିନୁ ଦେଖିଆସିଛନ୍ତି, ତାଠି ବର୍ତ୍ତମାନ କପରି ଆଶା କରୁଛନ୍ତି କୌଣସି ପ୍ରକାର ପରିବର୍ତ୍ତନ ! ହୃଦୟ ତାର ରୁକ୍ଷ, ପଥର ପରି ନିର୍ଦ୍ଦୟ । କାହାକୁ ସେ କେବେ ଖୋସାମତ କରିନ, ଅନୁନୟ ବିନୟ କରିବା ତା ଜାତକରେ ନାହିଁ । ଏ ସମ୍ବନ୍ଧରେ ଆଉ କାହାର ଅନୁଭୂତି ଥାଉ ନଥାଉ ସ୍ନେହଙ୍କର ଯଥେଷ୍ଟ ଅଛି । ପିଲାଦିନୁ ସେ ଦେବୀ ସହିତ ଚଳି ଆସିଛନ୍ତି । ପାଖକୁ ଗଲେ ଆଦର କରିବ, ସ୍ନେହ କରିବ, କିନ୍ତୁ ରାଗିଲେ କି ରୁଷିଲେ ଖୋସାମତ କରିବନି । ଦେବୀ ସବୁ କରେ, କିନ୍ତୁ ସବୁଥିରେ ନିର୍ଲିପ୍ତତା । ସ୍ନେହଙ୍କର ମନେହୁଏ, ଦେବୀ ତାଙ୍କୁ ଭଲ ପାଏନି । କାହାକୁ ହେଲେ ସେ ଭଲ ପାଇ ପାରିବନି । ତାଙ୍କର କ୍ରୋଧ ହୁଏ । ଭାବେ ଏଥରକ ସେ ନିଜକୁ ସଂଯତ କରିବ । କିନ୍ତୁ ପର ମୁହୂର୍ତ୍ତରେ ଦେବୀ ଆଗକୁ ଚାଲିଆସିଲେ ସେ ସବୁ ଭୁଲିଯାନ୍ତି, ଦେବୀର ବ୍ୟକ୍ତିତ୍ୱ ଯେପରି ତାଙ୍କୁ ଭଲପାଇବାକୁ ବାଧ୍ୟ କରେ ।

ସ୍ନେହ ଫେରି ଆସିଲେ । ଦେବୀ ଭାଇ, କଣ ପୃଷ୍ଠି ପଚାରିଲ, କଥା କହୁନାହିଁ । ଦେବୀପାଦ ବହିପଢ଼ାରେ ଧ୍ୟାନ ଦେଇଥିଲା ।

ସେଇଟା କି ବହି ?

ସ୍ୱାମୀ ନିଗମାନନ୍ଦଙ୍କ ଜୀବନୀ ।

କିଏ ସେହିପରି ଜଣେ ସାଧୁ ? ଦେବୀପାଦ ରାଗରେ ସ୍ନେହ ଆଡ଼କୁ ଚାହିଁ ପଡ଼ିଲା । ସ୍ନେହ ସବୁବେଳେ ଦେବୀର କୋପକୁ ଡରୁଥିଲେ । ଦେବୀର ରକ୍ତଚକ୍ଷୁ ଦେଖି ସେ କହିପକାଇଲେ—ଭୁଲ ହେଲା ।

ସାଧୁସନ୍ନ୍ୟାସୀମାନଙ୍କୁ ଭକ୍ତି କରି ଶିଖ ।

କିଛି ସମୟ ପରେ ସ୍ନେହ ସାହସ କରି ପଚାରିଲେ, ଭଲ ବହି ?

ନିଅ ପଢ଼ ।

ସ୍ନେହ ବହି ଓଲଟାଇବାକୁ ଲାଗିଲେ । ଏତେ ମୋଟା ବହି, ମୁଁ ପଢ଼ି ପାରିବିନି । ମୋତେ ଟିକେ ଟିକେ କହିଦିଅ ।

ସବୁକଥା ଟିକେ ଟିକେ କୁହାଯାଇ ପାରେନା ।

ତଥାପି ।

ଦେବୀପାଦ ବିରକ୍ତ ହେଲା । ଆଚ୍ଛା ଶୁଣ—ଟିକେ ଟିକେ—ନିଗମାନନ୍ଦ ବିବାହ କଲେ, ସ୍ତ୍ରୀ ତାଙ୍କର ସ୍ୱର୍ଗର ଅପ୍‌ସରା ପରି ସୁନ୍ଦରୀ ଓ ସାବିତ୍ରୀଙ୍କ ପରି ଗୁଣବତୀ ଥିଲେ, ଦୁହିଙ୍କ ମଧ୍ୟରେ ପ୍ରଗାଢ଼ ପ୍ରେମ ହେଲା, ଦିନେ ନିଗମାନନ୍ଦ ଦୂର ବିଦେଶରେ ଥାନ୍ତି, ସନ୍ଧ୍ୟା ସମୟ, ହଠାତ୍ ତାଙ୍କ ସ୍ତ୍ରୀଙ୍କୁ ବିଷଣ୍ଣ ମୁହଁରେ ଦୁଆର ପାଖେ ଠିଆ ହୋଇ ତାଙ୍କ ଆଡ଼କୁ ଚାହିଁ ଥିବା ଦେଖିଲେ, ମନ ବ୍ୟସ୍ତ ହେଲା, ଛୁଟି ନେଇ ଘରକୁ ଗଲେ, ଘରେ ପହଞ୍ଚି ଶୁଣନ୍ତି ପ୍ରାଣାଧିକା ପ୍ରିୟା ତାଙ୍କର ମୃତ । ବିରହ ଜ୍ୱାଳାରେ ସେ ସନ୍ନ୍ୟାସୀ ହେଲେ, ପ୍ରତିକ୍ଷଣ ସ୍ତ୍ରୀକୁ ଝୁରି ହେଉଥାନ୍ତି । କିନ୍ତୁ ଯିଏ ମରିଯାଇଛି ଯିଏ କଣ ଆଉ

କେବେ ଫେରେ ? ବଞ୍ଚିଥିବାବେଳେ, 'ହେ ନାଥ, ମୁଁ ତୁମର, କେବଳ ମୁଁ ତୁମର' ଯେତେଥର ଦେହ ଛୁଇଁ କହିଥିଲେ ମଧ୍ୟ, ମରିଗଲା ପରେ ସ୍ତ୍ରୀ ପୋଡ଼ି ଜଳ ଧୂଳି ସିନା ହୋଇଯାଏ ଆଉ କଣ କିଛି ରହେ ! ନଗମାନନ୍ଦଙ୍କୁ ତାଙ୍କ ସ୍ତ୍ରୀ ତ ମିଳିଲେନି, କିନ୍ତୁ ବେଦାନ୍ତଜ୍ଞାନ ମିଳିଲା । ସେ ବୁଝିଲେ ସ୍ତ୍ରୀ, ପୁତ୍ର, ସଂସାର ସବୁ ମିଛ, ସବୁ ନିଜ ଅହମିକାର ପ୍ରକାଶ, ଆସକ୍ତି । ଶେଷରେ ସେ ଶାନ୍ତି ପାଇଲେ । ଦେବୀପାଦ କଥା ବନ୍ଦ କଲା । ହେଲା ? ଠିକେ ଠିକେ କହିଲି ।

ପୋଡ଼ିଯାଉ ସେ ଶାନ୍ତି, ଧିକ୍କାର ସେ ବୁଝାମଣାକୁ, ବୁଦ୍ଧିକୁ ।

କଣ ହେଲା ? ଦେବୀପାଦ ଉଠି ବସିଲା । ସ୍ନେହଙ୍କ ମୁହଁ ଶୁଖିଯାଇ ଥିଲା, ଆଖି ଅଶ୍ରୁସିକ୍ତ ।

ସବୁ ମିଛ କିପରି ? ଉନେ ତ ସେ ସ୍ତ୍ରୀଙ୍କୁ ସବୁଠୁ ବେଶି ଭଲ ପାଉଥିଲେ । ସ୍ତ୍ରୀଙ୍କ ଜୀବନ, ପ୍ରେମ ଯେଉଁପରି ସତ୍ୟ, ତାଙ୍କର ମୃତ୍ୟୁ, ବିଯୋଗ ସେହିପରି ସତ୍ୟ । ଶାନ୍ତି ପାଇବା ପାଇଁ ଗୋଟିକୁ ମିଛ କହିବା କଣ ଦରକାର ? ଯାହାକୁ ପ୍ରାଣାଧିକା ବୋଲି କହୁ ଥିଲେ, ତାକୁ ଶେଷରେ ମିଛ କହିଲେ ! ହୃଦୟ କିପରି ମାନିଲା !

ତୁମମାନଙ୍କ ବୁଦ୍ଧିରେ ମଣିନତାର ପ୍ରାଚୁର୍ଯ୍ୟ ଯୋଗୁଁ ଏ ସବୁ କଥା ବୁଝି ପାରିବନି, ସ୍ତ୍ରୀଙ୍କୁ ଭଲ ପାଉଥିବାରୁ ସିନା ଦୁଃଖ ପାଇଲେ ? ଯେଉଁ ସୁଖ ଅସ୍ଥାୟୀ ଏବଂ ପରିଣାମରେ ନିଜଠାରୁ ସହସ୍ରଗୁଣରେ ଅଧିକ ଦୁଃଖ ଆଣିଦେବ, ସେ ସୁଖ କଣ ସୁଖ ?

ସତରେ କେତେ ଦୁଃଖ ପାଇଲେ ! ମଣିଷ ଯାହା ସବୁ ପାଏନି, କେତେବେଳେବା ଭାଗ୍ୟଯୋଗୁଁ ପାଇଗଲେ ତାହା ତା ପାଖରେ ସବୁବେଳେ ରହେନି ।

ଦେବୀପାଦ ଆରାମଚୌକି ଉପରେ ପୁଣି ଦେହଟାକୁ ଲମ୍ବାଇ ଦେଇ କହିଲା—ସେଇଥିପାଇଁ ତ ଦାର୍ଶନିକମାନେ କୁହନ୍ତି ଭାବୁକତା ସବୁ ଦୁଃଖର କାରଣ। ମାନବ ବୁଦ୍ଧିଶୀଳ ହେଲେ, ଜଗତର ତତ୍ତ୍ୱ ବୁଝିଲେ ଦୁଃଖର ଅବସାନ ହେବ।

ହେଇଥିବ, କିନ୍ତୁ କେତେ ଇଚ୍ଛା ହୁଏ ଯେ, ଯେ ଯାହା ଚାହୁଁଛି, ପ୍ରତିମୁହୂର୍ତ୍ତରେ ଯେଉଁ କଥାକୁ ମନଭିତରେ ରଖି ହୃଦୟର ରକ୍ତ ନିଗାଡ଼ି ନିଗାଡ଼ି ତାକୁ ପରିପୁଷ୍ଟ କରୁଛି ତାହା ପାଆନ୍ତା, ପାଇସାରନ୍ତା ପରେ ତାହା ତା'ର ହୋଇ ରହନ୍ତା, ସବୁଦିନ ପାଇଁ, ମଲାପରେ, ଆଉ ଜନ୍ମ ଯଦି ସତ୍ୟ ସେ ଜନ୍ମରେ ମଧ୍ୟ।

ସବୁ ଲୋକଙ୍କର ସବୁ ଭାବନା ଫଳିବାକୁ ଲାଗିଲେ କେଡ଼େ ବିଶୃଙ୍ଖଳା ହେବ, ଜାଣିପାରୁଛ ?

ବାଜେ କଥା, କିଛି ବିଶୃଙ୍ଖଳା ହେବନି। ମୁଁ ଯାହା ଚାହୁଁଛି, ତାହା ଅନ୍ୟ କେହି ଚାହୁଁ ନାହାନ୍ତି।

ଦେବୀପାଦ ହସିଲା।

ପ୍ରସ୍ତାବ ବିଆସିବାର ଦୁଇଦିନ ପରେ ଅମାବାସ୍ୟା ନିକଟ ହୋଇ ଆସୁଥିବାରୁ ରାଘବ ଓ ପାର୍ଥ ଶିବନାଥକୁ ସାଧନା କରିବା ବିଷୟରେ ବାରମ୍ବାର ପଚାରିବାକୁ ଲାଗିଲେ । ଶିବନାଥ ପ୍ରଥମେ ପ୍ରଥମେ ହୁଁ, ହାଁ ମାରିଲେ ମଧ୍ୟ କିଛି ସମୟ ଭିତରେ ଶ୍ମଶାନକୁ ଯାଇ ସାଧନା କରିବାପାଇଁ ତାର ଅନାଗ୍ରହ ପରିଷ୍କାର ଜଣାପଡ଼ିଗଲା । ପାର୍ଥ ଓ ରାଘବ ଦୀର୍ଘକାଳୀନ ବନ୍ଧୁତା ଯୋଗୁ ଶିବନାଥକୁ ପ୍ରଶ୍ନ ପଚାରିବାରେ ସେମାନଙ୍କର ଅଧିକାର ଅଛି ବୋଲି ଭାବୁଥିଲେ; କିନ୍ତୁ କ୍ରମେ ଶିବନାଥ ସେମାନଙ୍କର ପ୍ରଶ୍ନରେ ଅସନ୍ତୁଷ୍ଟ ହୋଇପଡ଼ିବା ଦେଖି ସେମାନେ ମଧ୍ୟ ଅସନ୍ତୁଷ୍ଟ ଓ କ୍ରୋଧରେ କ୍ଷିପ୍ର ହୋଇ ଉଠିଲେ । ମନୋମାଳିନ୍ୟ ଆରମ୍ଭ ହେଲା । ଯେଉଁ ସ୍ଥାନକୁ ସେମାନେ ଫେରିଆସିଲେ, ଶିବନାଥ କରିଥିବା ଯାଏଁ ସେମାନଙ୍କ ଦ୍ୱାରା ଆଜି ହଇରାଣ ହେବନାହିଁ ଏଇ କଳ୍ପନାରେ ସୁଖୀ ହେଲା । ପାର୍ଥ ଓ ରାଘବ ଉପଯୁକ୍ତ ସମୟ ଆସିଲେ ପ୍ରତିଶୋଧ ନେବେ ବୋଲି ଠିକ କରି ବନ୍ଧ ମେଲାଇଲେ । କ୍ଲାସ ଆରମ୍ଭ ହେଲା, ଶିକ୍ଷକଙ୍କ ସହ ସୁକେଶୀ କ୍ଲାସଘର ଭିତରକୁ ଆସିଲେ । ଶିବନାଥ ସନ୍ତର୍ପଣରେ ସୁକେଶୀଙ୍କୁ ଚାହିଁଲା । ସୁକେଶୀ ତା ଆଡ଼କୁ ଚାହିଁଥିଲେ । ଶିବନାଥ ନୋଟଖାତାକୁ ଦୃଷ୍ଟି ଫେରାଇ ନେଇ କ୍ଲାସପଢ଼ା ଦେଖିବାକୁ ଲାଗିଲା । କିଛି ସମୟ ପରେ ତାର ପୁଣି ଚାହିଁବାକୁ ଇଚ୍ଛା ହେଲା, ମନ ଭିତରେ ଉଠିଲା, ହେଲେ

ଚାହୁଥିବେ ? ସଂଶୟ ହେଲା, ଚାହୁଁ ନଥିବା ମଧ୍ୟ ସମ୍ଭବ । ଶିବନାଥ ମୁଣ୍ଡ ଟେକିଲା । ସେହି ସମୟରେ ସୁକେଶୀ ମଧ୍ୟ ମୁହଁ ଟେକିଲେ । ଚାରିଚକ୍ଷୁ ପୁଣି ହୋଇଗଲା । ଦୁହିଁଙ୍କ ଅଲକ୍ଷ୍ୟରେ ଆଉ ଦୁଇଜଣ ସେମାନଙ୍କ ଭାବଭଙ୍ଗୀକୁ ଲକ୍ଷ୍ୟ କରି ଆଶ୍ଚର୍ଯ୍ୟ ହେଉଥାଆନ୍ତି । ପାର୍ଥ କଥାବାର୍ତ୍ତା ହେଲେ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବା ଭୟରେ ରାଘବର ଖାତାକୁ ଟାଣି ଆଣି ଲେଖିଲା —ତା ଲେଖିବା ଆଡ଼କୁ ରାଘବ ଚାହିଁଥାଏ ।

କଥା କଅଣରେ ରାଘବ ?

ରାଘବ ଲେଖିଲା—ମୁଁ ତ ବୁଝିପାରୁନ । ସୁକେଶୀ ତ ଶିବକୁ ମୋଟେ ଚାହୁଁ ନଥିଲେ । ଆଜି ତ ଖାଲି ଆଖି ଲଢ଼େଇ ଚାଲିଛି ।

ପାର୍ଥ କହିଲା—ମୁଁ ଭାବୁଛି ଶିବର ସାଧନ ଫଳିଲା ।

କଥାଟା ମନ୍ଦସ୍ୱରରେ କୁହାଯାଇଥିଲେ ମଧ୍ୟ କ୍ଲାସରେ ଶିକ୍ଷକଙ୍କ ସମେତ ସମସ୍ତେ ଶୁଣିପାରିଲେ ।

କାହିଁକି ପାଟି କରୁଛ, ଠିଆହୁଅ । ଶିକ୍ଷକ ଦଣ୍ଡାଦେଶ ଦେଲେ । ପାର୍ଥ ଠିଆ ହେଲା । ଘଣ୍ଟା ବାଜିବାପରେ ଶିବନାଥ ସେମାନଙ୍କୁ କିଛି ନ କହି ଘରକୁ ଚାଲିଲା । ପାର୍ଥ ଓ ରାଘବ ଦୂରରେ ରହି ଅନୁସରଣ କଲେ । ପାଦଶବ୍ଦ ଶୁଣି ଶିବନାଥ ଫେରି ଚାହିଁଲା—ସୁକେଶୀ ତା ଆଡ଼କୁ ଚଞ୍ଚଳପାଦରେ ଚାଲି ଆସୁଥିଲେ । ଶିବନାଥ ରହିଗଲା । ସୁକେଶୀ ନିକଟ ହୋଇଯାଇ କହିଲେ—

ଆପଣ କାଲି ଘରଆଡ଼େ ଆସିଲେନି । ମୁଁ ଅପେକ୍ଷା କରିଥିଲି ।

ଶିବନାଥ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । କାରଣ ସୁକେଶୀଙ୍କ ଘରକୁ ଯେ ଆଉ ଯିବା ଉଚିତ ସେ କଥା ତା ମନରେ ସ୍ୱପ୍ନରେ ସୁଦ୍ଧା ଉଠି ନଥିଲା । ସେ ଭାବିଥିଲା, ସୁକେଶୀଙ୍କ ଯେଭଳି

ସାନ୍ନିଧ ସେ ପାଇଛି ସେତିକି ତା ପାଇଁ ଯଥେଷ୍ଟ । ସେତିକିରେ ସେ ସନ୍ତୁଷ୍ଟ ହୋଇ ରହିବ । ସୁକେଶୀଙ୍କ ମଧୁର ନିମନ୍ତ୍ରଣ ତାକୁ ହତବାକ୍ କରିଦେଲା ।

ଆପଣ ବାପାଙ୍କୁ ଡରୁଛନ୍ତି କି ? ନା, ନା, ଆଗ ଆଗ ସେ ସେଇମିତି ହେବେ । ତାପରେ କିଛି କହିବେନି । ତାଙ୍କର ଖାଲି ଡର, ମୁଁ କାହା ସହିତ ମିଶାମିଶି କଲେ କାଳେ ପଢ଼ାପଢ଼ିରେ ଖରାପ କରିବି । ମୁଁ ଗୋଟେ ବଡ଼ ପଣ୍ଡିତା ହୁଏ ବୋଲି ତାଙ୍କର ଇଚ୍ଛା । ସୁକେଶୀ ନିଜ କଥାରେ ନିଜେ ହସିଦେଲେ । ଶିବନାଥ ଚାହିଁଲା । ମଲ୍ଲୀକଢ଼ୀ ପରି ଦାନ୍ତଗୁଡ଼ିକ, ସମାନ, ଉଜ୍ଜ୍ୱଳ, ସୁନ୍ଦର ।

ଆପଣ ଖୁବ୍ ଭଲ ପଢନ୍ତି, ଆପଣ ଘରକୁ ଆସିଲେ ମୋ ପଢ଼ାପଢ଼ି ଭଲହେବ, ସାଙ୍ଗହୋଇ ପଢ଼ିବୁ ବୋଲି ମୁଁ ତାଙ୍କୁ କହିଦେଇଛି । ସ୍ୱାମୀଜୀ ସମର୍ଥନ କରିଛନ୍ତି । ଆଜି ସକାଳେ ସ୍ୱାମୀଜୀ ମୋତେ ଆପଣଙ୍କୁ ସାଥିରେ ନେଇଯିବାକୁ ମଧ୍ୟ କହିଛନ୍ତି ।

ମୁଁ ତାହେଲେ ଘରଠୁ ଆସିବି ।

ନା, ନା ବର୍ତ୍ତମାନ ମୋ ସଙ୍ଗେ ଯିବେ ।

ଦୁହେଁ ସୁକେଶୀଙ୍କ ଘୋଡ଼ାଗାଡ଼ିରେ ଚଢ଼ିଲେ । ସୁକେଶୀଙ୍କ ନିମନ୍ତ୍ରଣରେ ଶିବନାଥ ଆନନ୍ଦାତିଶଯ୍ୟରେ ବିହ୍ୱଳହୋଇ ପଡ଼ିଥାଏ । ସୁକେଶୀ କଣ ଭାବୁଛନ୍ତି ଜାଣିବାକୁ ଇଚ୍ଛା ହେଉଥାଏ । ବାଟରେ କିଛି ସମୟ ଚୁପଚାପ ବାହାରକୁ ଚାହିଁ ସୁକେଶୀ ପଚାରିଲେ—

ଆପଣ କ୍ଲାସ୍‌ରେ ମୋ ଆଡକୁ ସବୁବେଳେ କାହିଁକି ଚାହୁଁଛନ୍ତି ?

ସ୍ୱଚ୍ଛ ନୀଳଆକାଶରୁ ବଜ୍ର ପଡ଼ିଲା । ଶିବନାଥ ଡରରେ ଓ ଲଜ୍ଜାରେ କହିଲା—ଭୁଲ୍ ହୋଇଛି ।

ସୁକେଶୀ ବାହାରକୁ ଯିବାଁ ପ୍ରଶ୍ନ ପଚାରିଥିଲେ, ଅସ୍ୱାଭାବିକ ଉତ୍ତରରେ ଭୁଲି ପଡ଼ିଲେ । ଶିବନାଥର ମୁହଁ ମ୍ଳାନ ପଡ଼ିଗଲା । ସେ ଉଚ୍ଚକଣ୍ଠରେ ହସିଦେଲେ—

ଆପଣଙ୍କ ସହ ପରିଚିତ ହେବାକୁ ମୋର ବହୁଦିନରୁ ଇଚ୍ଛା ଥିଲା । ଷାଣ୍ମାସିକ ପରୀକ୍ଷା ପରେ ଆପଣଙ୍କର ସାହିତ୍ୟଖାତାକୁ ଆଣି ଯେତେବେଳେ ପଣ୍ଡିତେ ଆଦର୍ଶଲେଖା ବୋଲି କ୍ଲାସରେ ପଢ଼ନ୍ତି, ସେହିଦିନରୁ । ଆପଣଙ୍କ ଲେଖା ସତରେ ସୁନ୍ଦର, ମୁଁ ହେଲେ ସେଇମିତି ଲେଖି ପାରନ୍ତି । ଆପଣ ସାହିତ୍ୟରେ ଅଙ୍କପରି ସତୁରି ଅଶି ନମ୍ବର କପରି ଆଣୁଛନ୍ତି ମୁଁ କଳ୍ପନା କରିପାରୁନି । ଅବଶ୍ୟ ଅଙ୍କରେ ମଧ୍ୟ ସତୁରି ଅଶୀ ଆଣିବା ମୋ ପକ୍ଷରେ ଅସମ୍ଭବ ।

ଉଆସ ନିକଟ ହୋଇ ଆସୁଥିଲା । ସୁକେଶୀ କହିଲେ—

ବର୍ତ୍ତମାନ ତ ଆମେ ଚିହ୍ନା ପରିଚୟ ହୋଇ ସାରିଲେଣି, ସାଧୁ ମହାଶୟ ଚାଲିଯିବା ପରେ ଆପଣ ଆମ ଘରକୁ ଆସିବାକୁ ସଙ୍କୋଚ କରିବେନି । ସାଙ୍ଗ ହୋଇ ପଢ଼ିବା ।

ଆପଣ ପରା କଟକ ଯିବେ ?

ହଁ, ମଫସଲ ହାଇସ୍କୁଲ ଭଲ ଲାଗୁନି । ଏଠି କଣ ପଢ଼ାପଢ଼ି ହେଉଛି, କହୁନାହାନ୍ତି । ବାପା ଚାହାନ୍ତି, ମୁଁ ତାଙ୍କର ସୁଅଡ଼ିଂଅ ସବୁ କନା, ମୁଁ ବହୁତ ପଢ଼େ । ଭବାହ ନ କରି ସେଜଗାର କରେ । ଆପଣ ମଧ୍ୟ କଟକ ଚାଲିଆସନ୍ତୁ ।

କଟକରେ ପଢ଼ିବାକୁ ମୋର ମଧ୍ୟ ବହୁତ ଇଚ୍ଛା ଅଛି ।

ସୁକେଶୀ ଶିବନାଥ ବସିଥିବା ବେଞ୍ଚରେ ବସିଥିଲେ । ହଠାତ୍ ଉଠିପଡ଼ି ଅଳ୍ପ ଇତସ୍ତତଃ ହୋଇ ପୁଣି ବସିପଡ଼ି କହିଲେ—

ଆପଣ ସେପଟକୁ ଚାଲିଯାନ୍ତୁ, ଗାଁ ହୋଇଗଲା । ଶିବନାଥ ବାଟଯାକ ସେହିକଥା ଯେପରି ଭାବୁଥିଲା । ଆଦେଶ ପାଇବାମାତ୍ରେ

ସେ ସେପାଖରେ ଯାଇ ବସିଲା । ସୁକେଶୀ ଗମ୍ଭୀର ହୋଇଗଲେ । ଉଆସ ବାରଣ୍ଡାରେ ଜମିଦାର, ସାଧୁ ଓ ଅନ୍ୟାନ୍ୟ କେତେକ ଭଦ୍ରବ୍ୟକ୍ତି ବସି ଚର୍ଚ୍ଚା କରୁଥାନ୍ତି । ସାଧୁ ମହାଶୟ ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ ସବୁ ମତକୁ ସମାଲୋଚନା କରି ବଲ୍ଲଭଙ୍କ ଶୁଦ୍ଧାଦ୍ୱୈତକୁ ଶ୍ରେଷ୍ଠ ବୋଲି ପ୍ରତିପାଦନ କରୁଥାନ୍ତି । ଶିବନାଥ ତାଙ୍କର ପାଦସ୍ପର୍ଶ କରି ପ୍ରଣାମ କଲା । ସେତେବେଳେ ଯୁକ୍ତି ଖୁବ୍ ଜୋରସୋରରେ ଚାଲିଥିଲା, ସାଧୁ ତା ଆଡ଼କୁ ନ ଚାହିଁ 'ଆୟୁଷ୍ମାନ୍, ଭିତରକୁ ଯାଅ' କହି ଆଲୋଚନାରେ ମନଦେଲେ ।

ଆମ ଘର କିପରି ଲାଗୁଛି ?

ଭାରି ଭଲ ।

କଟକରୁ କାରିଗର ଆଣି ଘର ତିଆରି କରିଥିଲେ ବୋଲି ବାପା କହୁଥିଲେ । ଏଠା ଲୋକେ ଏପରି କେବେ କରି ପାରିବେନି । ଆମଘରକୁ ତ ଲୋକେ ଉଆସ ବୋଲି କୁହନ୍ତି । କୁହନ୍ତି ନା ?

ହଁ ।

ଆପଣଙ୍କ ଘର କିପରି ? ସଦାରୁ ଥରେ ଅଧେ ମୁଁ ଦେଖିଛି ।

ସେମାନେ ବଗିଚା ପାଖଦେଇ ଯାଉଥିଲେ ।

ଆପଣ ମୋ ଫୁଲବଗିଚା ଦେଖିଛନ୍ତି ? ଫୁଲ ବଗିଚାର ତତ୍ତ୍ୱାବଧାନ କେବଳ ମୁଁ ନିଏ । ମାଳୀ ଅଛି ସାହାଯ୍ୟ କରିବାକୁ, କିନ୍ତୁ ପ୍ରାୟ ସବୁ କାମ ମୁଁ କରେ । ସାଧୁ ମହାଶୟ ଦେଖି ତ ଗଦ୍‌ଗଦ ହୋଇଗଲେ । ଆସନ୍ତୁ ।

ଦୁହେଁ ପିଣ୍ଡାରୁ ତଳକୁ ଓହ୍ଲାଇ ବଗିଚାକୁ ଗଲେ । ଦୁଇଜଣ ଲୋକ ବଗିଚାରେ କାମ କରୁଥାଆନ୍ତି । ବଗିଚାର କଡ଼େ କଡ଼େ ଗୋଲପର ସିମ୍‌ସନ୍ ଗ୍ଲୋରି, ସିମ୍‌ସନ୍ କିଙ୍ଗ୍, ହଲାଣ୍ଡ ବଉଟି ଫୁଲ ଗଛର ଧାଡ଼ି ଥିଲା । ଗଛଗୁଡ଼ିକ ଯତ୍ନ ଓ ଲାଳନପାଳନ ପାଇ

ବେଶ ଚକଡ଼ା ବାନ୍ଧିଥାଆନ୍ତି । ଆଜି ଗୋଟିଏ ଧାଡ଼ିରେ ମଲ୍ଲୀ । ସୁକେଶୀ ମଲ୍ଲୀଗଛଗୁଡ଼ିକୁ ଦେଖି ଦେଖି ହଠାତ୍ କଣ ଇଚ୍ଛାହେଲା କହିତକ ଶିବନାଥକୁ ଧରାଇ ଦେଇ ଅଣ୍ଟାରେ କାନିଗୁଞ୍ଜାଇ ମଲ୍ଲୀ-ଗଛରୁ ଶୁଖିଲା ଡାଳ ବାହାର କରିବାକୁ ଲାଗିଲେ । ଶୁଖିଲା ପତର କାଢ଼ି ଫୋପାଡ଼ିଦେଲେ । ମଲ୍ଲୀଗୁଡ଼ିକ ବେଶ ବଡ଼ ବଡ଼ ହୋଇ-ଥାଏ । ଶିବନାଥ ମଲ୍ଲୀଗଛ ଉପରକୁ ଲଇଁ ପଡ଼ିଲା ।

ହାଁ, ହାଁ, କଣ କଲେ !

ଶିବନାଥ ମଲ୍ଲୀ ଫୁଲଟିକୁ ଛିଣ୍ଡାଇ ସାରିଥିଲା । ଯିଏ ହେଉ, ଫୁଲଗଛରୁ ଫୁଲ ଛିଣ୍ଡାଇଲେ ମୋତେ ଭଲ ଲାଗେନା ।

ଶିବନାଥ ଅତ୍ୟନ୍ତ ଦୋଷୀପରି କହିଲା—ଆପଣଙ୍କୁ ଦେବାପାଇଁ ତୋଳିଥିଲି ।

ମୋ ବଗିଚାରୁ ଫୁଲ ତୋଳି ମୋତେ ଦେଇଥାନ୍ତେ ! ଖାସ୍ ଗ୍ଲାକ୍ ତ ଆପଣ !

ଶିବନାଥ କିଛି କହିଲାନି ।

ଫୁଲଗଛରେ ଫୁଲ ଥିଲେ କେତେଲୋକ ତାର ବାସନାରେ ଖୁସି ହୋଇଥାଆନ୍ତେ, ତୋଳିଦେଲେ ଫୁଲ ଜଣକର ଯିନା ହୋଇଗଲା !

ମନ ଦୁଃଖ କଲେ କି ?

ନା ।

ଦୁହେଁ ସୁକେଶୀଙ୍କ ପଢ଼ାଘରେ ପହଞ୍ଚିଲେ । ସୁକେଶୀ ଶିବନାଥକୁ ବସାଇଦେଇ ଟେବୁଲଦାଢ଼ିକୁ ଲାଗି ଠିଆ ହୋଇ କହିଲେ—ଅଙ୍କଗୁଡ଼ିକ ଆପଣ କରୁଥାନ୍ତୁ । ମୁଁ ଆସୁଛି ।

ଅଙ୍କ ଖାତା ଓ ବହିକୁ ସୁକେଶୀ ଶିବନାଥ ପାଖକୁ ଠେଲି ଦେଇ ଚାଲିଗଲେ ।

ବୋଉ, ଘର ଭେକ କରୁଛୁ । କଣ ରଖିଛୁ ଦେ ।

ପୂଜାରୀକୁ କହ, ଆମ୍‌ଲେଟ କରିଦେବ । ତୋ ସାଙ୍ଗରେ ଆଜି କିଏ ଆସିଛନ୍ତି କି ?

ଶିବନାଥ ଷଡ଼ଙ୍ଗୀ । ସେଦିନ ଯିଏ ସାଧୁଙ୍କ ସହିତ ଆସିଥିଲେ ।

ପୂଜାରୀ ଜଳଖିଆ ଆଣି ଦେଲା ।

ଆମଲେଟ୍ କାହିଁ ?

ଆମଲେଟ୍ କରୁ କରୁ ଡେରି ହେବ, ତୁମେ ତ ଡେରି ସମ୍ଭାଳି ପାରିବନି ?

ତାଙ୍କ ପାଇଁ କିଛି ଜଳଖିଆ ନବୁନି । ସେ ସିଧା ସ୍କୁଲରୁ ଆସିଲେଣି ?

କିଛି ସମୟ ପରେ ତ ଘରକୁ ଚାଲିଯିବେ, ଏଠି କାହିଁକି ଜଳଖିଆ ଖାଇବେ ?

ଶିବନାଥ ଅଙ୍କଗୁଡ଼ିକ ସାରିଦେଇ ଟେବୁଲର ଚାରିଆଡ଼କୁ ଚାହୁଁଥିଲା । ଟେବୁଲର ଗୋଟିଏ ପାଖେ ଦୁଇ ତିନୋଟି ଖାତା ତଳେ ଆଲବମ୍ ଥୁଆ ହୋଇଥିଲା । କୌତୂହଳ ହୋଇ ଶିବନାଥ ଆଲବମ୍ ଖୋଲିଲା । ଅଧିକାଂଶ ସୁକେଶୀଙ୍କର ବିଭିନ୍ନ ଭାବଭଙ୍ଗୀର ଫଟୋ । କେଉଁଥିରେ ହସୁଛନ୍ତି, କେଉଁଥିରେ ଚାଲିଯାଉଥିବା ବେଳେ ଫେରି ଚାହିଁଦେଇଛନ୍ତି । କେଉଁଥିରେ ଫୁଲଗଛକୁ ଆଉଜିଛନ୍ତି । ଫଟୋଗୁଡ଼ିକ ସେତେ ଭଲ ଉଠି ନଥିଲା ।

ସୁକେଶୀ ପଶି ଆସି ଚିତ୍କାର କଲେ—ଆପଣଙ୍କୁ ମୋ ଆଲବମ୍ ଖୋଲିବାକୁ କିଏ କହିଲା ?

ଆଲବମ୍ ଛଡ଼ାଇ ନେଇ ସେ ଆଲମାରି ଭିତରେ ରଖିଦେଲେ ।

କଣ ଭଲ ଫଟୋ ହୋଇଛି ? ସୁକେଶୀ ପଚାରିଲେ ।

ହଁ ।

ଅଙ୍କଗୁଡ଼ିକ କରି ଦେଇଛନ୍ତି ?

ହଁ ।

ଧନ୍ୟବାଦ, ବହୁତ ଧନ୍ୟବାଦ, ଆପଣଙ୍କର ଡେରି ହୋଇଯିବଣି । ଯାଆନ୍ତୁ । କାଲି ଚାରିଟା ବେଳେ ଆସିବେ । ଆସିବେ କଣ ଯେ, ମୁଁ ତ ପ୍ରତିଦିନ ସ୍କୁଲରୁ ଡାକିଆଣୁଥିବି । ଆପଣଙ୍କର ସମୟ ନଷ୍ଟ ହେବ ବୋଲି ଏହି ଚାରିଟା ବେଳ ଠିକ୍ କରିଛି ପରା । ଆପଣ ଏତିକି ବେଳେ ଖେଳବୁଲି ସମୟ ନଷ୍ଟ କରି ଦେଉଥିଲେ, ମୁଁ ଭାବିଲି ସଦୁପଯୋଗ ହୋଇଗଲେ ଖରାପ କଣ ହେବ !

ସ୍ନେହପ୍ରଭଙ୍କର ଘର ଷଡ଼ଙ୍ଗୀଙ୍କ ଘରଠୁ ଗୃହ ପାଞ୍ଚୋଟି ଘର ଗୁଡ଼ା । ଘର ମଧ୍ୟରେ ସିନା ବ୍ୟବଧାନ ଏତେ କମ, ଆର୍ଥିକ ଅବସ୍ଥାରେ ସହସ୍ର ଯୋଜନର ପାର୍ଥକ୍ୟ । ସ୍ନେହପ୍ରଭଙ୍କ ବାପା ମହେଶ୍ୱର ପାଢ଼ୀଙ୍କର ଯାହା ଦୁଇପଇସା ଦାନ ଦକ୍ଷିଣାରୁ ଆସେ ତାହା କୌଣସି ଆଡ଼କୁ ପାଏନ । ଅବଶ୍ୟ ପରମ କରୁଣା ଦେଖାଇ ଈଶ୍ୱର ତାଙ୍କୁ ବହୁ କୁଟୁମ୍ବ ମଧ୍ୟ ଦେଇ ନଥିଲେ, କିନ୍ତୁ ଯାହା ଦେଇଥିଲେ ସ୍ନେହ, ସ୍ନେହଙ୍କ ସାନଭାଇ ପିନାକ, ସ୍ତ୍ରୀ ଯଶୋଦା, ସେମାନଙ୍କୁ ମଧ୍ୟ ପୂରାପେଟ ଖାଇବାକୁ ମିଳୁ ନଥିଲା । ପ୍ରେତକ୍ରିୟା କରି କେତେ ବା ଆୟ ହୁଅନ୍ତା ? ଲୋକେ ବେଶି ସଂଖ୍ୟାରେ ମରୁ ନଥିଲେ, ମଲେ ମଧ୍ୟ ଦାନ ହାତଖୋଲିକରି ଦବାକୁ କେହି ରାଜି ହେଉନଥିଲେ । ଘରେ କିନ୍ତୁ ଶାନ୍ତି ଥିଲା, ଗୃହିଣୀ ଓ ଝିଅ ଉଭୟେ ସ୍ନେହଶୀଳା ଓ ଧରିତ୍ରୀପରି ସହନଶୀଳା ଥିବା ଯୋଗୁଁ ।

ସ୍ନେହଙ୍କ ବାହାଘର ବର୍ଷେ ହେଲା କରିବାକୁ ଚେଷ୍ଟା କରି କରି ସବୁଠାରେ ମହେଶ୍ୱର ଅସଫଳ ହେଉଛନ୍ତି । ଝିଅର ବୟସ ବଢ଼ି ଚାଲିଛି, ରୂପ, ଗୁଣ, ଭଲକୋଷ୍ଠୀ ଏସବୁକୁ କେହି ପଚାରୁନାହାନ୍ତି । ଲୋକେ ଚାହୁଁଛନ୍ତି ଶିକ୍ଷା ଓ ଯୌତୁକ । ପ୍ରସ୍ତାବ ଆସୁଛି, ଭାଙ୍ଗି ଯାଉଛି । ସାନ୍ତରପୁର ଶାସନସାରା ସ୍ନେହଙ୍କ ଆଦର ପ୍ରଶଂସା ସବୁଠି ସବୁରି ମୁଖରେ । କିନ୍ତୁ ଘରକୁ ବୋହୂ କରି କିଏ ନେଉଛି ? ଏକା ଗାଁରେ ମଧ୍ୟ ବିବାହ କିପରି ହେବ !

ସ୍ନେହ ପିଲାଦିନୁ ଷଡ଼ଙ୍ଗୀଙ୍କ ଘରକୁ ଯାଉଥିଲେ । ତାଙ୍କର ଖେଳସାଥୀ ଥିଲା ଶିବନାଥ । କିନ୍ତୁ ଷଡ଼ଙ୍ଗୀଙ୍କ ଘରେ ଖେଳୁଥିବା ବେଳେ ଜଣେ ଲୋକକୁ ସେ ଭୟ କରୁଥିଲେ, ଟିକିଏ ଭୁଲ କଲେ ବା ବେଶି ପାଟି କଲେ ଯିଏ ଘର ଭିତରକୁ ଡାକନେଇ ପିଠି ଘରକୁ ଚୁପଚାପ ତାଙ୍କୁ ଫେରି ଯିବାକୁ କହୁଥିଲା ସେ ହେଉଛନ୍ତି ଦେବୀପାଦ । ପିଲାଦିନର ଭୟ ଭଲ ପାଇବାରେ କେବେ ପରିଣତ ହୋଇଲା ସ୍ନେହ ଜାଣନ୍ତିନ, କିନ୍ତୁ ଏବେ ମଧ୍ୟ ଦେବୀଙ୍କ କୋପକୁ ସେ ଭୟ କରନ୍ତି । ତଥାପି ଦେବୀପାଦ ପାଖରେ ରହିବାକୁ, ଦେବୀପାଦ ସହିତ କଥାବାର୍ତ୍ତା ହେବାକୁ ତାଙ୍କର ସବୁବେଳେ ଇଚ୍ଛା ଥାଏ । ସେଥିପାଇଁ ଯେତେବେଳେ ସେ ସୁବିଧା ପାଉଥିଲେ ଷଡ଼ଙ୍ଗୀଙ୍କ ଘରକୁ ଚାଲିଯାଉଥିଲେ । ହଠାତ୍ ଦିନେ କିନ୍ତୁ ତାଙ୍କର ସ୍ୱାଧୀନତାରେ ପ୍ରତିବନ୍ଧକ ଲାଗିଲା । ସବୁଦିନେ ସେ ଯାଇ ପାରିବେନି, ଆଉ ସେ ପିଲା ନୁହନ୍ତି । ଶନିବାର ଦିନ ସପ୍ତାହକେ ଥରେ ଯଶୋଦା ଛାଡ଼ିଦିଅନ୍ତି । ତାଗିଦା ଥାଏ ଜଲଦି ଫେରି ଆସିବାକୁ ଏବଂ ଷଡ଼ଙ୍ଗୀଙ୍କ ଘର ଛଡ଼ା ଆଉ କୁଆଡ଼େ ନଯିବାକୁ । ସ୍ନେହ ଷଡ଼ଙ୍ଗୀଙ୍କ ଘରକୁ ଯାନ୍ତି, ବସୁନ୍ଧରା କାମ କରୁଥିଲେ ତାଙ୍କୁ ସାହାଯ୍ୟ କରିଦିଅନ୍ତି, ଦେବୀପାଦ ଘରେ ଥିଲେ ତା ସହିତ କଥା ହୁଅନ୍ତି, ଘରେ ନଥିଲେ ଦେବୀପାଦକୁ ଖୋଜିବାକୁ ବଗିଚାକୁ ଚାଲିଯାଆନ୍ତି ।

ସ୍ନେହ ଘରକାମ ଜଲ୍‌ଦି ଜଲ୍‌ଦି ସାରୁଥିଲେ । ଚଞ୍ଚଳ ନ ଗଲେ ଦେବୀପାଦ ବଗିଚାଘରେ ଶୋଇପଡ଼ିବାର ସମ୍ଭାବନା ବହୁତ ଅଛି । ତା'ହେଲେ କଥାବାର୍ତ୍ତା ଆଉ ହୋଇ ପାରିବନି ।

ବୋଉ, ଗୁଡ଼ଙ୍କର ଆଜ କିଛି ନାହିଁ । ବାପା ଗୁଡ଼ଳ ଧରି କେତେବେଳକୁ ଆସିବେ, କେତେବେଳକୁ ଚୂଲି ଲାଗିବ !

ସ୍ନେହ ଏଇକଥା ଯଶୋଦାଙ୍କୁ ଥରେ ନୁହଁ ଦୁଇ ତିନିଥର ପଚାରି ସାରିଥିଲେ । ଯଶୋଦା ତା ଉତ୍ତରରେ କଣ ବା କହିବେ ? କହିଥାନ୍ତି—ବାପା ଗୁଡ଼ଜଳ ଆଣିବାକୁ ଯାଇଛନ୍ତି ।

ଏପରି ପରିସ୍ଥିତି ଯେ ଆଉ କେବେ ସୃଷ୍ଟି ହୋଇନ ତା ନୁହେଁ । ବହୁବାର ହୋଇଛି । କିନ୍ତୁ କୌଣସି ସପ୍ତାହର ଶନିବାର ଦିନ ଏପରି ପରିସ୍ଥିତି ସୃଷ୍ଟି ହୋଇ ନଥିଲା । ଶନିବାର ବୋଲି ସ୍ନେହଙ୍କ ମନ ଉଚାଟ, ଯାହା ବାସି ପଖାଳ ଥିଲା ସକାଳେ ସମସ୍ତେ ଖାଇଥିଲେ, ଗୁଡ଼ଜଳ ଆସିଲେ ଦିନ ଓ ରାତି ଉଭୟପୁଖିଆ ପାଇଁ ରାନ୍ଧିବା କଥା । ଯେପରି ଦେଖାଗଲାଣି ଆଜି ଗୁଡ଼ଜଳ ଆସିବନି, ଉପାସ ରହିବାକୁ ହେବ । ଦେବୀପାଦ ବୋଧେ ବଗିଚାଘରେ ପଡ଼ି ପଡ଼ି ଢୁଳାଇ ସାରିବଣି । ଅନେକ ସମୟରେ ସେପରି ହୁଏ । ଅନ୍ୟ ଦିନମାନଙ୍କରେ ସ୍ନେହ ପହଞ୍ଚିଲେ ଦେବୀପାଦ ସେଦିନ ଯାହା ପଢ଼ିଥାଏ ତାହା ସ୍ନେହଙ୍କୁ କୁହେ । ଏହିପରି ଶୁଣି ଶୁଣି ସ୍ନେହ ଅନେକ କଥା ଜାଣିଛନ୍ତି । କିନ୍ତୁ ବହୁ କଥାରେ ତାଙ୍କ ମତ ଦେବୀପାଦ ମତ ସହ ମିଳେନା । ଦେବୀ ବିରକ୍ତ ହୁଏ, କିଛି ବୁଝି ପାରେନି ବୋଲି ଗାଳିଦିଏ; କିନ୍ତୁ ସ୍ନେହ ସବୁ ବୁଝନ୍ତି, ଦେବୀପାଦ ଯେଉଁଠି ଭୁଲ କରୁଛି ତାହା ସେ କହନ୍ତିନି, କିନ୍ତୁ ଜାଣିପାରନ୍ତି ।

ଦିନେ ଦିନେ ବହି ଉପରୁ ମୁହଁ ଟେକି ଦେବୀପାଦ ତାଙ୍କ ଆଡ଼କୁ ଚାହିଁବନି । ସ୍ନେହ କି ବହି ଜାଣିବାକୁ ଉପାୟ ମଧ୍ୟ ନ ଥିବ । ଇଂରେଜିରେ କି ବହି । ଇଂରେଜି ସେ ଜାଣନ୍ତିନି । ସେତେବେଳେ କାନ୍ଥକୁ ଆଉଜି, ବଗିଚାକୁ ଚାହିଁ, ପକ୍ଷୀମାନେ କଣ ଭାବୁଥିବେ, ପରସ୍ପରକୁ ସେମାନେ ମଧ୍ୟ କଣ ଭଲ ପାଉଥିବେ, ଏହିପରି ବାର-କଥା ଭାବୁଥିବେ । ବସି ବସି ବିରକ୍ତ ଲାଗିଲେ ସ୍ନେହ ଉଠି ଘରକୁ ଯିବାକୁ ଉଦ୍ୟତ ହେବାବେଳକୁ କହିବେ—ଦେବୀ ଭାଇ ଯାଉଛି ।

ସେତେବେଳେ ବହିରୁ ମୁହଁ ଉଠାଇ ଦେବୀପାଦ ଚାହିଁବ । ସ୍ନେହ ପୁଣି କହିବେ—ଯାଉଛୁ । ଅନ୍ତର ତାଙ୍କର ଚାହୁଁଥିବ ଦେବୀପାଦ ତୁଣ୍ଡରୁ ଶୁଣିବାକୁ—କ୍ଷମା କରିବ, ପଢ଼ାରେ ବ୍ୟସ୍ତ ରହି ତୁମ ସାଙ୍ଗରେ କଥା ଟିକିଏ ହୋଇ ପାରିଲାନି । ଆଉ ଶନିବାର ନିଶ୍ଚୟ ଆସିବ ।

ଦେବୀପାଦ କିନ୍ତୁ କୌଣସି କଥା କହିବା ପରିବର୍ତ୍ତେ ଖାଲି ଚାହିଁବ । ଦୃଷ୍ଟିର ତୀକ୍ଷ୍ଣତା ସ୍ନେହଙ୍କ ଶରୀର ନୁହଁ, ଶରୀରସ୍ଥ ଅସ୍ଥି-ମଜ୍ଜାକୁ ମଧ୍ୟ ପରୀକ୍ଷା କରୁଥିବା ପରି ମନେ ହେବ । ସ୍ନେହ ଥରି ଉଠିବେ । ଦେବୀ ଭାଇ କଣ ଦେଖୁଛନ୍ତି ? ତାଙ୍କ ପାଇଁ ସୁନ୍ଦର ଅସୁନ୍ଦର ବୋଧେ ସବୁ ସମାନ ।

ବହୁ ସମୟଯାଏଁ ବାପାଙ୍କୁ ଅପେକ୍ଷା କରି କରି ଶେଷରେ ସ୍ନେହ ଷଡ଼ଙ୍ଗୀଙ୍କ ଘରକୁ ବାହାରିଲେ । ଯଶୋଦା ପୁଅକୁ ଧରି ଶୋଇ ପଡ଼ିଥାନ୍ତି । ହେକ କରୁଥାଏ, ଏଣେ ପ୍ରବଳ ଭୟ, ଦେବୀପାଦ ଯଦି ଶୋଇ ପଡ଼ିଥାଏ ତାହେଲେ ସବୁ ପରିଶ୍ରମ ବ୍ୟର୍ଥ ହେବ ।

ଷଡ଼ଙ୍ଗୀଙ୍କ ଘରେ ସମସ୍ତେ ବିଶ୍ରାମ ନେଉଥିଲେ, ଏକା ଦେବୀପାଦ ନ ଥିଲା । ବଗିଚାରେ ମଧ୍ୟ ସ୍ନେହ ଦେବୀପାଦକୁ ଦେଖିବାକୁ ପାଇଲେନି । ଦିନେ ଦିନେ ଦେବୀପାଦ ସେହିପରି ଅନ୍ତର୍ଦ୍ଧାନ ହୋଇଯାଏ । ଏତେ ପରିଶ୍ରମ ପରେ ଦେବୀପାଦକୁ ନଥିବା ଦେଖି ସ୍ନେହ ଦୁର୍ବଳତା ଅନୁଭବ କଲେ । କିପରି ଲୋକ, ସେ ଶନିବାର ଦିନ ତାଙ୍କ ପାଖକୁ ଆସିବ ବୋଲି କଣ ଜାଣି ନାହାନ୍ତି ? ଆରାମ ଚୌକିରେ ସ୍ନେହ ବସିପଡ଼ିଲେ । ମନେ ପଡ଼ିଲା ଅନେକ ଦିନ ତଳେ, ସେଦିନ ମଧ୍ୟ ତାଙ୍କୁ ଜର ହୋଇଥିଲା । ତଥାପି ଦେବୀପାଦକୁ ଦେଖିବା ପାଇଁ ସେ କାହାକୁ ନକହି ବଗିଚାକୁ ଚାଲିଆସିଥିଲେ । ବଗିଚାକୁ ଆସି ଦେଖନ୍ତି ଦେବୀପାଦ ନାହିଁ ।

ବଗିଚାର ଅନ୍ୟଏକ କୋଣରେ ଏକ ସପକାର ବୃକ୍ଷ ତଳେ ସେହି ସମୟରେ ଷଡ଼ଙ୍ଗୀଙ୍କ ଜପାମାଳୀ ଆଣି ଦେବୀପାଦ ଜଣେ ବନ୍ଧୁଙ୍କ ସହ

ଜପଯୋଗ ସାଧିବାରେ ବ୍ୟସ୍ତ । ବନ୍ଧୁ ପଦ୍ମାସନରେ ଦୁଇମିନଟ ରହି ଅନଭ୍ୟାସ ଯୋଗୁ ଧୀରେ ଧୀରେ ଗୋଡ଼ ଖସାଇ ସୁଖାସନରେ ପହଞ୍ଚିଲେ ଓ ତାପରେ ସାଧାରଣ ଚକାମୁଣ୍ଡି । ହରିହର ଦେବାପାଦର ସହପାଠୀ ଥିଲା । ଦେବାପାଦ ଆଡ଼କୁ ଚାହିଁ ଦେଖେ ସେ ଜପ କରି ଚାଲିଛି ଏକଲୟରେ । ହରିହର ବଗିଚାର ଚତୁର୍ଦ୍ଦିଗକୁ ଅଳସ ଦୃଷ୍ଟି ପକାଇଲା । ଶନିବାର, ରବିବାର ଓ ଅନ୍ୟାନ୍ୟ ଛୁଟି-ଦିନମାନଙ୍କରେ ଆରାମରେ ଶୋଇବା କଥା । ଜପ କଲେ, ଭଗବାନ ଆସି ଦେଖାଦେବେ, ମଣିଷ ଅମର ହୋଇଯିବ, ଇଚ୍ଛାକଲେ ଆକାଶରେ ଉଡ଼ି ପାରିବ, ଜଳରେ ବୁଡ଼ି ପାରିବ ଇତ୍ୟାଦି ପ୍ରଲୋଭନ ଦେଖାଇ ଦେବାପାଦ ହରିହରକୁ ବଗିଚାକୁ ଡାକି ଆଣିଥିଲା । ଘରୁ ମଧ୍ୟାହ୍ନ ଭୋଜନପରେ ଦୁହେଁ ବଗିଚାପୋଖରୀରେ ଗାଧୋଇ ମଠା ପିନ୍ଧି ମାଳୀଧରି ବସି ଯାଇଥିଲେ । ଜପ କରୁକରୁ ଈଶ୍ୱରଙ୍କ ସାକ୍ଷାତ ପାଇବା ହରିହରକୁ ଅତି ସହଜ ମନେ ହୋଇଥିଲା । କିନ୍ତୁ ଦୁଇମିନଟ ଆସନରେ ବସିବାପରେ ତାକୁ ଜପ, ଆସନ ଓ ଈଶ୍ୱର ସବୁ ନିରର୍ଥକ ଓ ନିଷ୍ପ୍ରୟୋଜନ ମନେ ହେଲେ । କିପରି ସେ ସେଠାରୁ ଯାଇ ଘରେ ଶୋଇବ ସେଇ କଥା ଭାବିବାକୁ ଲାଗିଲା । ଏଣେତେଣେ ଚାହିଁବା ପରେ ସେ ଦେବାପାଦକୁ ସେହିପରି ଧ୍ୟାନସ୍ଥ ଦେଖି କହିଲା—

ଦେବା, ମୁଁ ଘରକୁ ଯାଉଛି, ଆଉ କେବେ ସାଧନା କରିବା, ବର୍ତ୍ତମାନ ନିଦ ଲାଗୁଛି ।

ଦେବାପାଦ ଆଖି ମେଲାଇଲା । ଯା । ମୁଁ ମଧ୍ୟ ଯିବି ।

ହରିହର ଚାଲିଯିବାପରେ ଦେବାପାଦ ବଟବୃକ୍ଷର ଆଡ଼କୁ ଚାଲିଲା । ଆସନରେ ବସିବସି ଗୋଡ଼ ଝିମ୍ ଝିମ୍ ମାରୁଥାଏ ।

ଆଗ୍ରମଚୌକିରେ ସ୍ନେହ ଆଲଜଆ ହୋଇ ପଡ଼ିଥିଲେ । ଦେବୀପାଦର ପାଦ ଶବ୍ଦ ଶୁଣି ତାଙ୍କର ତନ୍ଦ୍ରା ଭାଙ୍ଗିଗଲା ।

ଦେବୀ ଭାଇ, ଇଏ କି ବେଶ ।

ତୁମେ ବୁଝିପାରିବନି । ମୁଁ ଘରକୁ ଯାଉଛି ବାପା ସନ୍ଧ୍ୟାବେଳେ ଜପାମାଳୀ ଓ ମଠା ଖୋଜିବେ ।

କଣ କରୁଥିଲ ?

ଜପ ।

ସ୍ନେହ କଣ କହିବାକୁ ଯାଉଥିଲେ । କିନ୍ତୁ ତାଙ୍କ ଭାବନା ବାକ୍ୟରେ ରୂପାୟିତ ହେବା ପୂର୍ବରୁ ଦେବୀପାଦ ସୀତାଫଳ ବଣ ଭିତରେ ଅଦୃଶ୍ୟ ହୋଇ ଯାଇଥିଲା ।

ସ୍ନେହଙ୍କର ଯେତେବେଳେ ନିଦଭାଙ୍ଗେ ସେତେବେଳକୁ ଅପରାହ୍ଣ ସନ୍ଧ୍ୟାର ଆସନ୍ନ ଅନ୍ଧକାରରେ ହଜୁଥିଲା । ବହୁତ ଡେରି ହୋଇଗଲା, ଘରେ ବୋଉ କେତେ ବ୍ୟସ୍ତ ହେଉନଥିବେ ଭାବି ସ୍ନେହ ଧଡ଼ପଡ଼ ହୋଇ ଉଠି ବସିଲେ । ସେଦିନ ପରଠାରୁ ଆଜି ମଧ୍ୟ ଦେବୀପାଦ ଆସି ନଥିଲା ।

ସୁକେଶୀଙ୍କ ପଢ଼ାଘର ଟେବୁଲ ପାଖରେ ଦୁଇଟି ଚୌକିରେ ମୁହାଁମୁହିଁ ହୋଇ ବସିଥାଆନ୍ତି ସୁକେଶୀ ଓ ଶିବନାଥ । ସୁକେଶୀ ଉପନ୍ୟାସ ପଢୁଥାନ୍ତି, ସୁବିଧା ହେବ ବୋଲି ଟୁଲ୍ ଉପରେ ଗୋଡ଼ ଥାଏ, ଦୁହେଁ ଦୁହିଁଙ୍କ କାର୍ଯ୍ୟରେ ତନ୍ମୟ ଥାନ୍ତି । ହଠାତ୍ ସୁକେଶୀ ପଚାରିଲେ—ଶିବନାଥବାବୁ, ପାରୁଛନ୍ତି ନା, ସାହାଯ୍ୟ ଆବଶ୍ୟକ ।

ହେଉଛି ।

ବହିଟା ବ ଭାରି ବଢ଼ିଆ । ବହିରୁ ଆଖି କାଢ଼ିବାକୁ ଇଚ୍ଛା ହେଉନି ।

ଶିବନାଥ ନୀରବରେ ଗଣିତ ସହିତ ଲାଗିଥାଏ ।

ଗଣିତ ପରେ ଭୂଗୋଳ ପ୍ରଶ୍ନୋତ୍ତର କରିଦେବେ ।

ହଁ ।

କିଛିସମୟ ପର୍ଯ୍ୟନ୍ତ ଦୁହେଁ ନିଜ ନିଜ କାର୍ଯ୍ୟରେ ପୁଣି ବ୍ୟସ୍ତ ରହିଲେ । କହୁଣୀ ଝାଳରେ ଖାତା ଖରାପ ହୋଇଯିବ ଭାବି ଶିବନାଥ କହୁଣୀ ତଳେ ରୁମାଲ ଦେଇଥାଏ । ବେଳେ ବେଳେ ଶତ ଚେଷ୍ଟା ସତ୍ତ୍ୱେ ମୁହଁରୁ ଝାଳ ଟୋପାଏ ଦି'ଟୋପା ଖାତାରେ ପଡ଼ିଗଲେ ଶୁଖିଲା କାଗଜରେ ସଙ୍ଗେ ସଙ୍ଗେ ତାହା ଚପାଇ ଦେଇ ପୁଣି କାମରେ ବ୍ୟସ୍ତ ହୋଇଯାଉଥାଏ । ସୁକେଶୀ ତା ଆଡ଼କୁ ଚାହିଁ କଣ ଭାବି ଯାଉଥାନ୍ତି । ଶେଷରେ ସେ ଶେଯ ଉପରୁ ବିଞ୍ଚଣା

ଉଠାଇ ଉଚ୍ଚ କଣ୍ଠରେ କହିଲେ—କେତେ ଗୁଳୁଗୁଳ କରୁଛି ! ବୋଧେ ବର୍ଷା ହେବ । ବଡ଼ ଶୋଷ ।

ଶିବନାଥ ଚାହିଁଲା ।

ସୁରେଇ ଖଟତଳେ ଅଛି । ଅନୁଗ୍ରହକରି, କିଛି ମନେ କରିବେନି ।

ଶିବନାଥ ପାଣି ଦେଲା ।

ଧନ୍ୟବାଦ । ସୁକେଶୀ ଗ୍ଲାସରୁ ଅଧେ ପାଣି ପିଇ ବାକି ଅଧକ ଟେବୁଲ ଉପରେ ରଖି ପଢ଼ାରେ ମନଦେଲେ ।

ରବିବାର । ସୁକେଶୀଙ୍କ ସ୍ୱତନ୍ତ୍ର ନିମନ୍ତ୍ରଣ ପାଇ ଶିବ ଆସି-ଥିଲା । ଉଆସରେ ସମସ୍ତେ ଶୋଇ ପଡ଼ିଥିଲେ । ଖିଁଖିଣ ଗୁଳୁଗୁଳି କରୁଥିଲା । ସୁକେଶୀ ପତଳା ବ୍ଲାଉଜଟିଏ ପିନ୍ଧିଥିଲେ । ଗରମ କରୁଥିବା ଯୋଗୁ ଗୋଟିଏ କାନ୍ଧରେ ଲୁଗା ନ ଥିଲା । ତଥାପି ଗରମ ଯୋଗୁ ଗୋରା ମୁହଁରୁ ଝାଳ ଟପଟପ ପଡ଼ୁଥିଲା । ସୁକେଶୀ ବାରମ୍ବାର ମୁହଁରୁ, ବେକରୁ, ହାତରୁ ଲୁଗାକାନିରେ ଝାଳ ପୋଛୁ ଥିଲେ । ଶିବନାଥ ଶରୀରରୁ ମଧ୍ୟ ପ୍ରଚୁର ଝାଳ ବହୁଥିଲା । କିନ୍ତୁ ଝାଳ ବୋହିବା ବା ଗରମକୁ ସେ ବିଶେଷ ସଚେତନ ପରି ମନେହେଉ ନଥିଲା । ମଧ୍ୟେ ମଧ୍ୟେ ପବନ ବହିଆସି ଦୁହିଁଙ୍କୁ ଚନ୍ଦନ ପ୍ରଲେପ ବୋଳି ଦେଉଥିଲା । ସୁକେଶୀ ଆନନ୍ଦକୁ ଅଭିବ୍ୟକ୍ତ କରି ଦେଉ-ଥିଲେ, ଶିବନାଥଠି ତାହା ଆନ୍ତରିକ ହୋଇ ରହିଯାଉଥିଲା । ଦୁହେଁ କାର୍ଯ୍ୟରେ ନିବିଷ୍ଟ ଚିତ୍ତ ।

ହଠାତ୍ ସୁକେଶୀ ପୁଣି ମୁହଁ ଟେକି ଶିବନାଥକୁ ଚାହିଁଲେ । ଯେପରି କୌଣସି କଥା ପାଇଁ ସେ ସାହସ ସଞ୍ଚୟ କରୁଥିଲେ । ଏଥରକ ଶିବନାଥ ସୁକେଶୀ ତା ଆଡ଼କୁ ଚାହୁଁଛନ୍ତି ବୋଲି ଜାଣିଦେଲା । ସୁକେଶୀ ପୁଣି ପଢ଼ାରେ ମନ ଦେଲେ । ଶିବନାଥର

କିନ୍ତୁ ଧ୍ୟାନ ଭଙ୍ଗି ଯାଇଥାଏ । ଜଳୁଥିବା ଦୀପରୁ ଖାଲି ଦୀପକୁ ଯେପରି ନିଆଁ ଯାଏ ସେହିପରି କୌଣସି କନଷ୍ଟ ସୁକେଶୀଙ୍କ ପାଖରୁ ତା ପାଖକୁ ଚାଲିଆସିଥିଲା । ନାମକୁ ମାତ୍ର ସେ ଗଣିତ ଖାତାକୁ ଚାହୁଁଥାଏ ।

କିଛି ସମୟ ପରେ ସୁକେଶୀ ପଚାରିଲେ—

ଆପଣଙ୍କ ଅଙ୍କକଷା କଣ ଆହୁରି ସରିନି ?

ସବୁ ସରିଗଲାଣି, ଆଉ ଗୋଟେ ବାକି ଅଛି ।

ସେଇଟା ଥାଉ, ଚାଲନ୍ତୁ ଗପ କରିବା । ଆପଣ ମୋ ଫଟୋ ଗୁଡ଼ିକ ଦେଖିବେ ପରା ! ସେଦିନ ଅଧା ରହିଯାଇଥିଲା ।

ସୁକେଶୀ ଆଲମାରି ଭିତରୁ ଫଟୋବହିଟି ବାହାର କଲେ ।

ବାପାଙ୍କ ସଙ୍ଗେ ମୁଁ ଯେତେ ଜାଗା ଯାଇଛି ସବୁଠି କିଛି ନା କିଛି ଫଟୋ ଉଠାଇଛି । ଅବଶ୍ୟ ନୂଆ ଶିଖାଳି ହେତୁ ମୁଁ ଉଠାଇଥିବା ଫଟୋଗୁଡ଼ିକ ଖରାପ ଉଠିଛି । ବାପା କିନ୍ତୁ ଭଲ ଫଟୋ ଉଠାନ୍ତି ।

ଶିବନାଥ ଆଲବମ୍ ଆଗରୁ ଦେଖିଥିଲେ ମଧ୍ୟ ପୁଣି ମୂଳରୁ ଓଲଟାଇଲା । ପ୍ରଥମେ ପ୍ରଥମେ ସୁକେଶୀଙ୍କ ଫଟୋ ଥାଏ । ତାପରେ ଜମିଦାର ସାହେବଙ୍କ ପରିବାର, ତାପରେ ବିଭିନ୍ନ ସ୍ଥାନମାନଙ୍କର ଦୃଶ୍ୟାବଳୀ । ଗୋଟିଏ ଗ୍ରୁପ୍‌ଫଟୋଠି ଶିବନାଥ ରହିଗଲା । ଜମିଦାର ସାହେବ ବସିଥାନ୍ତି । ତାଙ୍କ ପାର୍ଶ୍ୱକୁ ଅତି ସୁନ୍ଦର ସ୍ତ୍ରୀଟିଏ, ଗୋଡ଼ତଳେ ତିନି ଚାରି ବର୍ଷର ଝିଅଟିଏ । ଶିବନାଥ ଗ୍ରୁପ୍-ଫଟୋକୁ ବେଶି ସମୟ ଚାହିଁବା ଦେଖି ସୁକେଶୀ ପଚାରିଲେ—ମୁଁ ପିଲାଦିନେ ମଧ୍ୟ ଭାରି ସୁନ୍ଦର ଥିଲି ।

ଶିବନାଥ ସେ ଝିଅଟି ସୁକେଶୀ ଜାଣିପାରି ଆଶ୍ଚର୍ଯ୍ୟ ହେଲା । ଏତେ ଅସୁନ୍ଦରରୁ ବଡ଼ ହେଲେ ଜଣେ ଏତେ ସୁନ୍ଦର ହୋଇପାରେ

ବୋଲି ତାର ଧାରଣା ନ ଥିଲା । କିନ୍ତୁ ପାଟିରୁ ତାର ବାହାରିଲା—ହଁ, ଘର ସୁନ୍ଦର ହୋଇଛି ।

ଶିବନାଥଙ୍କୁ ଆଲବମ୍ ଦେଇ ସୁକେଶୀ ତା ପଛଆଡ଼େ ଠିଆ ହୋଇଥିଲେ । ଆଲବମ୍ ଅଧାଯାଏଁ ଯାଇଥିବ ସୁକେଶୀ ଆଲବମ୍‌ଟିକୁ ବନ୍ଦ କରିଦେଲେ ।

ଶିବନାଥ ବାବୁ, ଚାଲନ୍ତୁ । ବଗିଚା ଆଡ଼େ ଯିବା । ଏଠି ବଡ଼ ଗରମ କରୁଛି ।

ଚାଲନ୍ତୁ ।

ଅପରାହ୍ଣ ମରି ମରି ଯାଉଥିବାବେଳେ ବିକସିତ, ଉଲ୍ଲସିତ, ତୃପ୍ତ, ମୁକ୍ତ ହୋଇ ଶିବନାଥ ଉଆସରୁ ଫେରେ । ବଗିଚାରେ ସୁକେଶୀ ତାଙ୍କୁ ଭଲପାଆନ୍ତି କହି ଆତ୍ମନିବେଦନ କରିଥିଲେ । ତା'ପରେ ଯାହା ଘଟିଥିଲା ସେ ଘଟଣାକୁ ଶିବନାଥ ମନେପକାଇବାକୁ ଇଚ୍ଛୁକ ନଥିଲା । ମନେ ପକାଇଲେ, ବାରମ୍ବାର ଭାବିଲେ କାଳେ ମାଧୁର୍ଯ୍ୟ କମିଯିବ !

ସୁକେଶୀଙ୍କ ପଛେ ପଛେ ସେ ବଗିଚାକୁ ଚାଲିଲା । ଦୁହେଁ ଭଲ ଲୁଚିଥିବା ଆମ୍ବଗଛ ତଳେ ବସିଲେ । ଉଆସ ଅଦୃଶ୍ୟ ଥିଲା । ଗଛ ଆଗରେ ଅନ୍ୟାନ୍ୟ ଗଛ ଆଢୁଆଳକରି ରହିଯାଇଥିଲେ । ଦୁହେଁ ବସିଯିବା ପରେ କିଛି ସମୟ ଯାଏଁ କେହି କାହାରିକୁ ଚାହିଁ ପାରିଲେ ନାହିଁ । ଦୁହିଙ୍କ ହୃଦୟ ଜୋରରେ ସ୍ପନ୍ଦିତ ହେଉଥାଏ ।

ଘରେ କେଡ଼େ ଗରମ କରୁଥିଲା, ଏଠି କି ସୁନ୍ଦର ପବନ ବହୁଛି ।

ହଁ, ଭାରି ଭଲ ଲାଗୁଛି, ସବୁଦିନେ ଏଇଠିକି ଆସି ପଢ଼ିବାକୁ ମନ ହେଉଛି । ଶିବନାଥ କଣ କହୁଥିଲା, ଜାଣିପାରୁ ନଥିଲା, କିନ୍ତୁ କହି ଯାଉଥିଲା ।

ଏଠି ଘାସ ନାହିଁ, ଚାଞ୍ଚି ହୋଇଯାଇଛି, ଧୋତି ମଇଳା ହୋଇଯିବ, ସେଇଠିକୁ ଚାଲନ୍ତୁ । ଆମ୍ବଗଛଠୁ ଅଳ୍ପଦୂରରେ ଆଉ ଏକ ଗହଳିଆ ଜାଗାକୁ ଲକ୍ଷ୍ୟ କରି ସୁକେଶୀ କହିଲେ । ଶିବନାଥ

ନିଜ ବସିଥିବା ଜାଗାର ଘରଆଡ଼କୁ ଚାହିଁ କହିଲା—ହଉ । ସୁକେଶୀ ମଧ୍ୟ ତା ପାଖରେ ଆସି ବସିଲେ ।

ବାକି କଥା ସେ ଭାବିବାକୁ ଇଚ୍ଛା କରୁ ନ ଥିଲା । ତାର ସମ୍ପୂର୍ଣ୍ଣ ନିଜସ୍ୱରେ ମନକୁ ମଧ୍ୟ ଭାଗଦେବାକୁ ସେ ପ୍ରସ୍ତୁତ ନ ଥିଲା । ବଗିଚାରୁ ଫେରିବାବେଳେ ସୁକେଶୀ କହିଥିଲେ—ଶିବନାଥ ବାବୁ, ଆଜିଦିନ କଥା ଭୁଲିଯିବେନି ।

ମୁଁ ତୁମକୁ ଭଲପାଏ ସୁକେଶୀ ! ଆଜି ନୁହେଁ ବହୁତଦିନ ଆଗରୁ । ତୁମକୁ ମୁଁ ବିବାହ କରିବି ।

ଆଚ୍ଛା ! ହଉ ସେ ତ ପରକଥା । ଆପଣ ଥାନ୍ତୁ, ମୁଁ ଆଗ ଯାଉଛି, ଆପଣ କିଛିସମୟ ପରେ ଆସିବେ । ବୁଝିଲେ ?

ଶିବନାଥ ହର୍ଷୋତ୍ଫୁଲ୍ଲ ହୋଇ ଘରେ ପହଞ୍ଚିଲା । ଘରେ ସେ ଗୋଡ଼ ନଦେଉଣୁ ପାଣୁଆ ଆସି କହିଲା—ବାବୁ, ବାବୁ, ବଡ଼-ବାବୁଙ୍କର ପୁଣି ଦେହ ଖରାପ ହେଲାଣି ।

ଶିବନାଥ ଷଡ଼ଙ୍ଗୀଙ୍କ ଶୋଇବାଘରକୁ ଦଉଡ଼ିଗଲା । ଷଡ଼ଙ୍ଗୀଙ୍କୁ ସେତେବେଳେ ପୁଣି ସେଦିନ ପରି ପ୍ରବଳ ଜର ହୋଇଥାଏ । ନିସ୍ତେଜ ଆଖି, ଫୁଲାପରି ତ ମୁଖ । ସ୍ନେହ ମୁଣ୍ଡପାଖରେ ବସି ପାଣିପଟି ଦେଉଥାନ୍ତି ।

ସ୍ନେହ, ବାପାଙ୍କର କଣ ହେଲା ? ଶିବନାଥ କଥା କିଛି ସ୍ନେହ ଶୁଣିପାରିଲେନି । ମୁହଁ ତାଙ୍କର ଶୁଖିଯାଇଥାଏ, ଭୋକ ମରିଯାଇଛି ବହୁତବେଳୁ, ଘରେ ବୋଉ ଓ ସାନଭାଇ ଖୋଜୁଥିବେ । ବାପା ଭଲ ହୋଇପାରିଲେ କି ନାହିଁ କେଜାଣି ? ବସ୍ତୁଦସଙ୍କୁ ମାଗିବ । ନା, ବୋଉ ପିନା କେବେ କେବେ ମାଗିଛି ସେ ତ କେବେ ବନ୍ଧୁଦରଙ୍କୁ ମାଗିନି । ଦେବୀଭାଇଙ୍କୁ··· । ସ୍ନେହ ପଟି ବଦଳାଇଲେ । ସକାଳୁ ଏଯାଏଁ ଘରେ ସମସ୍ତେ ଉପାସ ଥିବେ ଭାବି ସ୍ନେହଙ୍କ

ମନ ଉଷ୍ଣ ହୋଇଆସୁଥିଲା । ବସୁନ୍ଧରା ପାଖରେ ଠିଆହୋଇ ଜର ଉତ୍ତାପ ଦେଖୁଥାନ୍ତି । ହଠାତ୍ ତାଙ୍କ ଦୃଷ୍ଟି ସ୍ନେହଙ୍କ ମୁହଁକୁ ଗ୍ଲଲଗଲା । ସ୍ନେହ, ତୋ ଦେହ କଣ ହଉଛି ତ ! ସ୍ନେହ ପ୍ରକୃତିସ୍ଥ ହେଲେ । ନା ଦେଖ ଶଙ୍କିତ ହୋଇ ବସିଥାଏ । ଶିବ ନଜକୁ ଦୋଷୀ ମନେକରି ମୁହଁକୁ ତଳକୁ ପୋତି ପଗ୍ଚରିଲା ।

ବୋଉ, ବାପାଙ୍କ ଦେହ କେତେବେଳୁ ଖରାପ ହେଲାଣି ?

ତୁ ଆଜ ପୁଣି କୁଆଡ଼େ ଯାଇଥିଲୁ ?

ମୁଁ କଣ ଜାଣିଥିଲ ବାପାଙ୍କୁ ପୁଣି ଜର ହେବ ବୋଲି ।

ଜମି ଦେଖିବାପାଇଁ ହନୁଆଡ଼ ଆଡ଼େ ଗ୍ଲଲଗଲେ, ସେଠୁ ଫେରୁ ଫେରୁ ଦନ ଗ୍ଚରିଟା । ଗାଁଠି ପହଞ୍ଚିବାବେଳକୁ ଜର ଆସିସାରିଥିଲା, ପାହାଚ ଚଢ଼ିବାବେଳେ ଚଢ଼ି ନପାରି ପଡ଼ିଗଲେ । ପାଣୁଆ ଟେକ ଟେକ ଆଣିଲା । କିଛି ସମୟ ଯାଏଁ ଖାଲି ରମା, ଶିବନାଥ, ହେଉଥିଲେ ।

ଭାଇନାଙ୍କ ପାଖକୁ ଚିଠି ଲେଖାହୋଇଛି ?

ଟେଲିଗ୍ରାମ ପଠାହୋଇଛି ।

କିଏ ଶିବ । ଷଡ଼ଙ୍ଗୀଙ୍କ ମୁମୂର୍ଷୁ ପାଟିରୁ ବାହାରିଲା ।

ହଁ, ମୁଁ । ଶିବନାଥ ଷଡ଼ଙ୍ଗୀଙ୍କୁ ଲାଗି ଠିଆହେଲା ।

କୁଆଡ଼େ ଯାଇଥିଲୁ ?

ଉଆସକୁ ।

ହୁଁ ।

ବୋଉ, ଡାକ୍ତର ଆସିଥିଲେ ? ଶିବନାଥ ବସୁନ୍ଧରାଙ୍କ ଆଡ଼କୁ ଗ୍ଚହିଁ ପଗ୍ଚରିଲା ।

ହଁ, ଔଷଧ ଲେଖି ଦେଇଗଲେ । ହାପୁ ଔଷଧ ଆଣିବାପାଇଁ ହ୍ମାଣପୁର ଯାଇଛି ।

ଦେବୀ, ଦେବୀକୁ ଡାକ । ଷଡ଼ଙ୍ଗୀ ହଠାତ୍ ବ୍ୟସ୍ତବ୍ୟସ୍ତ ହୋଇ କହିଲେ ।

ମୁଁ ତରି ଏଇଠି ବସିଛି ବାପା ।

କେଉଁଠି, କେଉଁଠି, ମୋତେ ଦିଶୁନି !

ଦେବୀ ଷଡ଼ଙ୍ଗୀ ଦେଖିପାରିବା ଭଳି ଜାଗାରେ ଠିଆହୋଇ ଷଡ଼ଙ୍ଗୀଙ୍କ ହାତ ଧରିଲା । ଷଡ଼ଙ୍ଗୀ ତା ମୁହଁକୁ କଟ କଟ କରି ଚାହିଁରହିଲେ ।

ଆଜି ପଢ଼ିଛୁ ?

କଣ ?

ଯାହାସବୁ ତୁ ପଢ଼ୁ ।

ହଁ ।

ପିତୃଅର୍ଜିତ ପାପ କଣ ପୁଅ କର୍ମରେ ପ୍ରତିଫଳିତ ହୁଏ ?

ଶିବ, ସ୍ନେହ, ଦେବୀ, ବସୁନ୍ଧରା ସମସ୍ତେ ବିସ୍ତାରିତ ନେତ୍ରରେ ଚାହିଁରହିଲେ । କଣ ଷଡ଼ଙ୍ଗୀ ପଚାରୁଛନ୍ତି ?

ବାପା !

ଷଡ଼ଙ୍ଗୀ ସେହିପରି ଚାହିଁରହିବାରୁ ଦେବୀ କହିଲା—ହଁ, ଅନେକଙ୍କର ତ ସେଇଆ ମତ ।

ଅନେକଙ୍କର ! ସମସ୍ତଙ୍କର ତ ନୁହଁ ? ତା'ହେଲେ ମିଛକଥା ସେ ଅନେକଙ୍କ କଥାକୁ ସତ ବୋଲି ଆମେ କାହିଁକି ମାନିବା ? ଷଡ଼ଙ୍ଗୀ କଡ଼ ବଦଳାଇ ପୁଣି ଚିତ୍ ହୋଇ ଶୋଇଲେ ।

ମୋତେ ତ ବୁଝୁନୁ । ଆବେଗରେ ପଢ଼, ଉତ୍ସାହରେ ପଢ଼ ଯାହା ଇଚ୍ଛା ହେଉଛି ତା କରି ଚାଲିଯାଉଛୁ । ବି. ଏ. ଟା ପାସ କରିଦେଇଥିଲେ କଣ ଖରାପ ହୋଇଥାନ୍ତା ? ଅବିଦ୍ୟା ଗୁଡ଼ାକ ପଢ଼ା ହେଉଛି ସବୁ ପଢ଼ା ଛାଡ଼ି ଦେଲୁ, ଟିକିଏ ଭବିଷ୍ୟତ

ସୁଖସ୍ୱାଛନ୍ଦ୍ୟ ବିଷୟରେ ଭାବିଲୁନି ! ସବୁବେଳେ କଣ ମୁଁ ବଞ୍ଚିଥିବି, ତୁ ମୋ ଉପରେ ନିର୍ଭର କରି ଜ୍ଞାନଚର୍ଚ୍ଚା କରୁଥିବୁ, ବେଦାନ୍ତ ପଢ଼ୁଥିବୁ । ତୁ ଭୋଗିବୁନି ତ ଆଉ କିଏ ଭୋଗିବ ?

ଷଡ଼ଙ୍ଗୀ ଏତିକି କହିବା ପରେ ଚୁପ ହୋଇଗଲେ । ଦେବୀ ମୁହଁ ତଳକୁ ପୋତି ଠିଆହୋଇଥାଏ ।

ଯା, ଯା, ମୋ ଆଗରୁ ଚାଲିଯା, ଯିଏ ଯା ଭାଗ୍ୟ ଭୋଗ କରିବ, ମୁଁ କଣ କରିବି ।

ଦେବୀପାଦ ଘରଭିତରୁ ବାହାରି ଆସିଲା ।

ଚାଲିଗଲା ନା, ଏତେ ଭାବପ୍ରବଣ ଯେ ଶେଗୀପିତାର ସାମାନ୍ୟ ଭର୍ତ୍ସନାକୁ ଜୀର୍ଣ୍ଣ କରିବାପାଇଁ ମଧ୍ୟ ଧୈର୍ଯ୍ୟ ନାହିଁ, ସହିଷ୍ଣୁତା ନାହିଁ । କୁଆଡ଼େ ବେଦାନ୍ତ ଉପନିଷଦ ପଢ଼ୁଚି, ନିଜକୁ ବୁଦ୍ଧିବାନ୍ ବୋଲି ଭାବୁଚି !

ଦୁଃଖର ଓ ଅପମାନର ହୃଦୟପୁରରେ ଦେବାପାଦ ଛାତ ଉପରକୁ ଚାଲିଗଲା। ଥଣ୍ଡା ପବନ ବହୁଥାଏ। ଛାତ ଉପରେ କେହି ନ ଥାନ୍ତି। ଚକ୍ରବାଳ ଚାରିପାଖ ଅନ୍ଧକାର ହୋଇ ଆସିଲାଣି। ଗଛଗୁଡ଼ିକରେ ବାଦୁଡ଼ି କଳି କରୁଥାନ୍ତି। ଆକାଶରେ ଦୁଇ ତିନୋଟି ତାରା, ଗୋଟିଏ ପରିଷ୍କାର, ଶୁଭ୍ର। ଅନ୍ୟ ଦୁଇଟି କଷ୍ଟରେ ଅସ୍ପଷ୍ଟ, ନିଷ୍ପ୍ରଭ। ବାଡକୁ ଆଜି ସେ ଗାଁଦାଣ୍ଡକୁ ଚାହିଁଲା। ଦାଣ୍ଡ ପ୍ରାୟ ଲୋକଶୂନ୍ୟ। ସଂସାରରେ କେଉଁଥିରେ ପ୍ରତିଷ୍ଠା ଅଛି ଯେ? ସବୁ ଶୂନ୍ୟ। ବାପା ବୋଲି ଯାହାକୁ ସେ ଆଜିଯାଏ ଡାକି ଆସିଥିଲା ସେ ଆଜି କି କାଲି ଚାଲିଯିବେ। ଗାଁର ଅନ୍ୟାନ୍ୟ ମୃତବ୍ୟକ୍ତିମାନଙ୍କ ଶରୀର ପୋଡ଼ା ହେବାପରି ବାପାଙ୍କ ଶରୀର ମଧ୍ୟ ପୋଡ଼ାହେବ। ସ୍କୁଲକୁ ଯିବାବାଟରେ ରାସ୍ତାକୁ ଲାଗି ଶ୍ମଶାନ, ପିଲାଦିନେ ସ୍କୁଲରୁ ଫେରିବାବେଳେ ଦିନେ ଦିନେ ମଡ଼ା ପୋଡ଼ାହେଉଥାଏ, ମଡ଼ା ଚିତାଉପରକୁ ଯିବାଠୁ ହାଡ଼ ଶୀତଳ ହେବାଯାଏଁ ସକଳ ଅବସ୍ଥାକୁ ସେ ନିରୀକ୍ଷଣ କରିଛି। ରମା ନ ଆସିଲେ ତାକୁ ବାପାଙ୍କ ମୁହଁରେ ନିଆଁ ଦେବାକୁ ହେବ। ବାପା! ଯାହାଙ୍କ ମୁହଁ ସନ୍ତାନର ସବୁବେଳେ ପ୍ରଶଂସା, ଉଚ୍ଛୃଙ୍ଖଳ ପ୍ରଶଂସା କରେ, ଯେଉଁ ମୁହଁ ବାଣୀରେ ସନ୍ତାନର ଶୁଭ କାମନା କରେ, ସନ୍ତାନ ଦର୍ଶନରେ ଯାହା ପଦ୍ମ ପରି ପ୍ରଫୁଲ୍ଲ ହୋଇଉଠେ, ସେଇ

ବାପ ମୁହଁରେ ନଆଁ ଦବାକୁ ହେବ । ସ୍ତନ୍ୟଦାୟିନୀ ମା ମୁହଁରେ, ବରଦହସ୍ତ ପିତା ମୁହଁରେ, ସନ୍ତାନର ଦାୟିତ୍ୱ ନଆଁ ଦେବା ।

ଆଜ ସବୁ ଅଛି । ବାପା ଅଛନ୍ତି, ବାପାଙ୍କର ବୁଦ୍ଧି, ଗୌରବ, ପ୍ରତିପତ୍ତି ସବୁ ଅଛି, କାଲିକ କିଛି ରହିବନି । ସଂସାର । ମର୍ତ୍ତ୍ୟ । ନାଶବାନ । ରାମଚନ୍ଦ୍ରଙ୍କ ପରି ରଜା ମରିଗଲେ, ସୀତାଙ୍କ ପରି ସାଧ୍ୱୀ ମଧ୍ୟ ମାଟିରେ ମିଶିଗଲେ । ଶ୍ମଶାନ ଯଦି ଯାତ୍ରାନ୍ତ, କାହିଁକି ଏତେ ଚେଷ୍ଟା, ଚେଷ୍ଟାରୁ ତ ଦ୍ୱନ୍ଦ୍ୱ, କାହିଁକି ବିବାହ ଘରସଂସାର, ଆସକ୍ତି, ସେଇଥିରୁ ପୁଣି ହତାଶା, ଦୁଃଖ, ଜଞ୍ଜାଳ । ସବୁ ଆକାଶର ଇନ୍ଦ୍ରଧନୁ । ବିଚିତ୍ର, ସୁନ୍ଦର, ଅଥଚ କେତେ କ୍ଷଣସ୍ଥାୟୀ !

ପଛରୁ ମୃଦୁ କାହାର ପଦଶବ୍ଦ ଶୁଣି ଦେବାର ଚିନ୍ତାଧାରା ଛିଡ଼ିଗଲା । ସେ ବୁଲିପଡ଼ି ଦେଖେ—ଅନ୍ଧାରରେ କେହି, ଛାଏଲି ଚିହ୍ନ ।

କିଏ ?

ମୁଁ ।

ସ୍ନେହ ?

ସ୍ନେହ ପାଖକୁ ଆସିସାରିଥିଲେ । କଣ ହେଲା ସ୍ନେହ ?

କିଛି ନୁହଁ, ମଉସା ଶୋଇ ପଡ଼ିଛନ୍ତି, ମାଉସୀ ରୋଷଘରକୁ ଯାଇଛନ୍ତି ।

ବାପା ଯଦି ଶୋଇପଡ଼ିଲେଣି ତୁମେ ବୁଲିପାଇନ କାହିଁକି ? ଘରେ ମାଉସୀ ଖୋଜୁଥିବେ ।

ସ୍ନେହ କିଛି ଉତ୍ତର ଦେଲେନି । ଅନ୍ଧାରରେ ତାଙ୍କ ମୁହଁ ଦିଶୁ ନ ଥାଏ । ଛାତ ଉପରକୁ ଆସିବାଠୁ ତାଙ୍କ ମୁହଁରେ କ୍ଷଣ-କ୍ଷଣକେ ଭାବଭଙ୍ଗୀ ବଦଳୁଥାନ୍ତି । ବାଡ଼ରେ ହାତଦେଇ ଦେବା ତାଙ୍କୁ ଚାହିଁଲା । କିଛିସମୟ ନୀରବତାରେ କଟିଗଲା ।

ସ୍ନେହ, ସ୍ନେହ ! ଚନ୍ଦ୍ର ଡାକ ଆସିଲା । ବସୁନ୍ଧରା ଡାକୁଥିଲେ । ରାତି କେତେ ହେଲାଣି ଘରକୁ ଫେରୁନ କି ?

ଦେବୀପାଦ ଚୁଲି ପଡ଼ିଲା । ସ୍ନେହ ସେଠି ଠିଆହୋଇ କାହିଁକି ଉତ୍ତର ଦେଉନଥିଲେ ଭାବି ଦେବୀ ରାଗରେ ତାଙ୍କୁ କଣ କହିବାକୁ ଯାଉଥିଲା । କିନ୍ତୁ ଚୁଲିପଡ଼ି ସେ କାହାକୁ ହେଲେ ଛାତ ଉପରେ ଦେଖିଲାନି । ସେ ଆଶ୍ଚର୍ଯ୍ୟ ହୋଇଗଲା । ଅଥଚ ସବୁ ସମୟଟକ ସ୍ନେହ, ତାର ପାଖରେ ଠିଆହୋଇଥିବା ପରି ତାକୁ ଲାଗିଥିଲା । ଆଶ୍ଚର୍ଯ୍ୟ !

ବୋଉ, ସ୍ନେହ ତ ନାହିଁ । ଉପରୁ ସେ ଜବାବ ଦେଲା ।

କଣ ସେ ଛାତ ଉପରକୁ ଯାଇଥିଲା କି ?

ଦେବୀ ଅପ୍ରସ୍ତୁତ ହୋଇଗଲା । ନିଜକୁ ସମ୍ଭାଳି ନେଇ ସେ ଉତ୍ତର ଦେଲା, ମୁଁ ଛାତ ଉପରୁ ଠିଆହୋଇ ବାପାଙ୍କ ଘରଆଡ଼କୁ ଚାହିଁ ଦେଖିଲି, ନାହିଁ ।

ଉତ୍ତର ଶୁଣି ବସୁନ୍ଧରାଙ୍କ ପ୍ରତିକ୍ରିୟା କଣ ହେଲା ଦେବୀ ଜାଣି ପାରିଲାନି, କାରଣ ତା ଶବ୍ଦରେ ରୂପାୟିତ ହୋଇ ନ ଥିଲା । ଦେବୀ ବାଡ଼ରୁ ହାତଗୁଡ଼ ପୁଣି ଛାତ ଉପରେ ଏପଟୁ ସେପଟ ହେବାକୁ ଲାଗିଲା । ବୁଲୁ ବୁଲୁ ସେ କିଛିବାଟ ଯାଇଛି ଅନ୍ଧାରରେ କେହି ଜଣେ ତା ଆଡ଼କୁ ଆସୁଥିବା ଦେଖି ଚମକି ପଡ଼ିଲା ।

କିଏ ?

ଛାୟାମୂର୍ତ୍ତି ଚୁପ୍ ରହିଲା ।

କିଏ ?

ମୁଁ ସ୍ନେହ ।

ସ୍ନେହ ! ! ତୁମେ ଘର ଚାଲିଯାଇଥିଲ ।

ମୁଁ ଚାଲି ଯାଉଥିଲି । ସିଡ଼ୀରେ ହୋଇଛି ମାଉସୀଙ୍କ ପାଟି ଶୁଣି ରହିଗଲେ ।

ଦୁହେଁ ଅନ୍ଧାରରେ ପରସ୍ପରକୁ ଦେଖିବାକୁ ଚେଷ୍ଟା କରୁଥାଆନ୍ତି । କିନ୍ତୁ ଦିଶୁ ନ ଥାଏ ।

କଣ ? ଦେବୀପାଦ ପଚାରିଲା ।

ସାନଭାଇ ସକାଳେ ଆଳ ଧରିଥିଲା... । ସ୍ନେହ ସେତିକି କହି ଚୁପ ହୋଇଗଲେ । ସ୍ନେହଠୁ ବାକୀତକ ଶୁଣିବ ବୋଲି ଦେବୀପାଦ ପ୍ରତୀକ୍ଷା କରୁଥାଏ । କିନ୍ତୁ ଦେବୀପାଦର ଆଶ୍ଚର୍ଯ୍ୟର ସୀମା ରହିଲାନି ଯେତେବେଳେ ସ୍ନେହ ତାକୁ ଆଉ କିଛି କହିବା ପରିବର୍ତ୍ତେ ଲୁଗା କାନିକୁ ମୁହଁ ଭିତରେ ଦେଇ ଜୋରରେ ବୁଲିପଡ଼ି ଚାଲିଗଲେ ।

ତଳୁ ଶୁଭୁଥିଲା, ବସୁନ୍ଧରା ପଚାରୁଥିଲେ—କିଲୋ ତୁ କେଉଁଠି ଥିଲୁ ଏତେବେଳଯାଏଁ ? ସ୍ନେହ କିଛି ଉତ୍ତର ନ ଦେଇ ପାଣି ଡବ ଡବ ଆଖିରେ ଦାଣ୍ଡକୁ ଚାଲିଆସିଲେ ।

ଚେନ୍ନଦଙ୍କ ଗୃହରେ ଆଗରୁ ଦାରିଦ୍ର୍ୟ ଯେ କେବେ ସ୍ୱରୂପ ଦେଖାଇ ନ ଥିଲେ ତା ନୁହେଁ । ଷଡ଼ଙ୍ଗୀ ଓ ଦୁଇ ଋତ୍ୱିଜଙ୍କୁ ଗ୍ରୁଡ଼-ଦେଲେ ସାରା ଶାସନଟାରେ ସମସ୍ତେ ଦରିଦ୍ର ଥିଲେ । ସମସ୍ତେ ମାଗିଯାଚି ଖାଉଥିଲେ । ପାଢ଼ୀଙ୍କ ଘରେ ଏପରି ଦୁର୍ଦ୍ଦିନ ସାତ ଆଠ ଦିନରେ ଥରେ ପଡ଼ୁଥିଲା । ସେତେବେଳେ ପାଢ଼ୀ କିଛି ବ୍ୟବସ୍ଥା କରିଦେଉଥିଲେ ବା ଯଶୋଦା କୌଣସି ଅବସ୍ଥାସମ୍ପନ୍ନ ଗୃହରୁ ମାଗିଆଣି ଚଳାଇ ଦେଉଥିଲେ । କିନ୍ତୁ ବିଭବଶାଳୀ ବ୍ୟକ୍ତିଙ୍କ ସଂଖ୍ୟା କମ ଥିଲା, ଆଉ ଦୁର୍ଭାଗ୍ୟକୁ ଏ ସପ୍ତାହରେ ଯଶୋଦା ତିନିଚାରିଥର ମାଗିସାରିଥିଲେ । ସକାଳେ ଯଶୋଦା କଥାଚ୍ଛଳରେ ଚେନ୍ନଦଙ୍କୁ ଦେବଠୁ କିଛି ମାଗିବା ପାଇଁ ପ୍ରକାରାନ୍ତରେ କହୁଥିଲେ । ଚେନ୍ନଦ ଅପମାନିତ ହୋଇ କ୍ରୋଧରେ ଯଶୋଦାଙ୍କ ଆଡ଼କୁ ଋଷିବା ଦ୍ୱାରା ପ୍ରଶ୍ନ ସମାଧିତ ହୋଇଯାଇଥିଲା ।

ମା, ସତ୍ରୁହୁ କାର୍ତ୍ତିକ, ବ୍ରାହ୍ମଣମାନେ ସବୁବେଳେ ଦରିଦ୍ର । ଦାରିଦ୍ର୍ୟ ବ୍ରାହ୍ମଣର ଭୂଷଣ । ବ୍ରାହ୍ମଣ ଧନୀ ହେଲେ ପୂର୍ବଜନ୍ମକୃତ ପାପ ଭୋଗ ଦେଉଛି ବୋଲି ବୁଝିବାକୁ ହେବ । ପ୍ରତ୍ୟେକ ଟଙ୍କାରେ କେତେ ଲୋକଙ୍କର କଷ୍ଟ ରକ୍ତ, ଅଶ୍ରୁକ୍ତ, ଅପୂର୍ଣ୍ଣ ତୃଷ୍ଣା ମିଶି ରହିଥିବ । ନିଜେ ଧନୀ ହୋଇ ଅନ୍ୟମାନଙ୍କୁ ଯାତନା ଦେବା ଅପେକ୍ଷା ନିଜେ ଗରିବ ହୋଇ ଅନ୍ୟମାନଙ୍କଠୁ ମାଗିଖାଇବା ଭଲ ।

ଯଶୋଦାଙ୍କ କଥା ଶୁଣି ସ୍ନେହ ଆଉ କିଛି କହିଲେନି ।

ବଗିଚ୍ଛରେ ଦେବୀଙ୍କୁ ଅପେକ୍ଷା କରି କରି ସାରାଦିନ ଗଲା । ଷଡ଼ଙ୍ଗୀଙ୍କ ବାରଣ୍ଡାରୁ ଓହ୍ଲାଇ ଦାଣ୍ଡରେ ଗୋଡ ଦେଉଥିବା ବେଳେ ଷଡ଼ଙ୍ଗୀ ଘରକୁ ଫେରୁଥିଲେ, ଧୂଳିଧୂସରିତ, କ୍ଲାନ୍ତ । ହଠାତ୍ ପଡ଼ିଯିବା ଶବ୍ଦ ଶୁଣି ସ୍ନେହ ବୁଲିପଡ଼ିଲେ—ଷଡ଼ଙ୍ଗୀ ପାହାଚ ଉଠୁ ଉଠୁ ପଡ଼ିଯାଇଛନ୍ତି । ପାଣୁଆ ଘରଭିତରୁ ଦଉଡ଼ିଛି । ତାପରେ ଷଡ଼ଙ୍ଗୀଙ୍କ ସେବାଶୁଶ୍ରୂଷାରେ ବ୍ୟସ୍ତ ରହି ଘରେ କେତେଜଣ ଲୋକ ତାଙ୍କୁ ଅପେକ୍ଷା କରି ବସିଥିବେ, ସେ କଥା ସ୍ନେହ ଭୁଲି ଯାଇଥିଲେ । ପାଣିପଟି ବଦଳାଉଥିବାବେଳେ ହଠାତ୍ ମନେ ପଡ଼ିଥିଲା । ସେତେବେଳକୁ ଦେବୀପାଦ ଘରୁ ଗୁଡି ଉପରକୁ ଯିବା ସେ ଲକ୍ଷ୍ୟ କରିଥିଲେ । କିଛିସମୟ ଚାଲିଗଲା । ଚାରିଆଡ଼େ ଅନ୍ଧକାର ମାଡ଼ିଯିବା ପରେ ଷଡ଼ଙ୍ଗୀ ଶୋଇପଡ଼ିବା ଦେଖି ସ୍ନେହ ଗୁଡି ଉପରକୁ ଗଲେ । ଯିବା ବେଳେ ସେ ଜାଣୁଥିଲେ ପରିଷ୍କାର କରି ନ କହିଲେ ଦେବୀ ବୁଝିବାକୁ ଚେଷ୍ଟା କରିବେନି । କିନ୍ତୁ କହିବେ ସେ କିପରି ! ହେଲା ମଧ୍ୟ ସେଇଆ, ଯେତେ ଚେଷ୍ଟା କଲେ ମଧ୍ୟ ଯାହା କହିବାକୁ ସେ ଆସିଥିଲେ ତାକୁ କହିପାରିଲେନି । କିଛି କହିବା ପରେ ତାଙ୍କର ଆତ୍ମାଭିମାନ ବିଦ୍ରୋହ କରିଉଠିଲା । ଅବମାନନାଜନକ ପରିସ୍ଥିତିର ହଠାତ୍ ସମ୍ମୁଖୀନ ହୋଇ ସେ କାନ୍ଦି ପକାଇଲେ । ଶୋକକୁ ପ୍ରକାଶ ନ କରିବା ପାଇଁ ସେ ଯେତେବେଳେ ଷଡ଼ଙ୍ଗୀଙ୍କ ଦାଣ୍ଡପିଣ୍ଡାରେ ପହଞ୍ଚିନ୍ତି ସେତେବେଳକୁ ଚକ୍ଷୁରୁ ଅଶ୍ରୁ ଅବିରତ ବହି ଚାଲିଥିଲା । ଲୁହ ପୋଛି ପୋଛି ସେ ତଳକୁ ଓହ୍ଲାଉଛନ୍ତି ପୀତାମ୍ବରର ସ୍ତ୍ରୀ ସାରସୀ ଲଣ୍ଠନଟିଏ ଧରି ଗାଁଦାଣ୍ଡରେ ଚାଲିଯାଉଥିଲେ, ସ୍ନେହଙ୍କୁ ଦେଖି ପକାଇଲେ ।

ସ୍ନେହ କି ?

ହଁ ।

ମୋ କିଶୋର ମରିଯିବ ।

କଣ ହେଲା ମାଉସୀ ?

ତାକୁ ଆଜି ଚଣ୍ଡାସାହିରେ ବାନ୍ଧିକି ବାଡ଼େଇ ପକେଇଛନ୍ତି ।

ସାରସୀଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିଗଲା, ସେ ଭୋ ଭୋ ହୋଇ କାନ୍ଦ ପକାଇଲେ ।

କାନ୍ଦନା ମାଉସୀ, କଣ ହେଲା କୁହ । ସ୍ନେହ ସାରସୀଙ୍କ ଆଖିରୁ ଲୁହ ପୋଛିଦେଲେ ।

କାନ୍ଦୁ କାନ୍ଦୁ ସାରସୀ କହିଯାଉଥାନ୍ତି, ମୋ ପୁଅ କଣ କଲା ଯେ ଶତ୍ରୁଗୁଡ଼ାକ ମୋ ପୁଅ ଦେହରେ ହାତ ଲଗାଇବେ ? ସମସ୍ତେ କଣ ଜାଣନ୍ତିନି ମୋ ପୁଅ ଉନ୍ମାଦ, ଜନ୍ମରୁ ଉନ୍ମାଦ । ତାର ବାପ କଲିକତାରେ ସବୁବେଳେ ରହୁଛି ବୋଲି ଯିଏ ଯାହା ତାକୁ କରିବାକୁ କହିଦେଉଛନ୍ତି, କରିସାରିଲା ପରେ ମାଡ଼ । ପାଗଳା ବୋଲି କଣ ତାର ହାଡ଼ମାଂସର ଶରୀର ନାହିଁ, ସ୍ନେହ, ଘୃଣାକୁ ସେ ବୁଝିପାରୁନି ? ତା ଦେହ କଣ ପଥରରେ ଗଢ଼ା ? ହେ ଗୋପୀନାଥ, ଜଣେ ମା ଆଜି କାନ୍ଦୁଛି । ଯଦି ତୁମେ ସତ...

ସ୍ନେହ ସାରସୀଙ୍କ କାନ୍ଧରେ ହାତ ଦେଲେ । ଥାଉ ମାଉସୀ ଅଭିଶାପ ଦେବା ଭଲ ନୁହେଁ । ଯାହା ହୋଇଗଲାଣି, ହୋଇଗଲାଣି । ନିଜ ନିଜର କର୍ମଫଳ ସମସ୍ତେ ଭୋଗ କରିବେ । ଆମେ ଭଗି ବା ଅଭିଶାପ ଦେଇ ଅକାରଣେ କାହିଁକି ପାପର ଭାଗୀ ହେବା ? ଚାଲ, ମୁଁ ଟିକିଏ କିଶୋରକୁ ଦେଖିଆସେ ।

ଭାଗ୍ୟବଶ ହୋଇଥା ମା, ତୋ ଦୟା ସମସ୍ତଙ୍କର ନାହିଁ ।

ଦୁହେଁ ପୀତାମ୍ବର ଘରେ ପହଞ୍ଚିଲେ । ଆଗେ ଆଗେ ସାରସୀ, ପଛରେ ସ୍ନେହ ।

କିଶୋର ପଟି ଟିଏ ଉପରେ ଶୋଇଥିଲା । ପାଦ ଶବ୍ଦରେ ସେ ଆଖି ଫିଟାଇଲା । ବେଦନା ଯୋଗୁଁ ମୁହଁ ଝାଉଁଳି ପଡ଼ୁଥାଏ ସ୍ନେହ 'କିଶୋର ଭାଇ, କଣ ହେଲା' କହି ପଟିରେ ବସିଲେ କିଶୋର 'ସ୍ନେହ' କହି ହସିବାକୁ ଚେଷ୍ଟା କଲା ।

ଉଃ !

ସ୍ନେହ କିଶୋର ଦେହରୁ ହାତ ଉଠାଇ ନେଲେ ।

କଣ ସବୁ ଜାଗା ଦରଜ ହୋଇଛି ?

ଦେହସାରା ପରା କୁଅ ଦଉଡ଼ିରେ ଭିଡ଼ିଦେଇ ବାଡ଼େଇ-ଥିଲେ । ସାଉସୀ କହିଲେ ।

କଣ ହେଲା କିଶୋର ଭାଇ ?

ପାଗଳାଗୁଡ଼ାକ ବାଡ଼େଇ ପକାଇଲେ ।

କେଉଁ ପାଗଳାଗୁଡ଼ାକ ?

ଶ୍ରୀମନ୍ତ, ସହଦେବ, ନକୁଳ, କପିଳେନ୍ଦ୍ର······ସମସ୍ତେ । ନିଜ କଥାରେ କିଶୋର ହସିଦେଲା । ପାଗଳାଙ୍କର କଣ ସଂଖ୍ୟା ଅଛି ? ଅଧିକାଂଶ ପାଗଳ, ଭଲ ଲୋକ ସିନା କମ ।

ତୁମେ କଣ ଦୋଷ କଲ ଯେ ସେମାନେ ତୁମକୁ ବାଡ଼େଇଲେ ?

ଦଣ୍ଡିଆର ନଡ଼ିଆ ଖାଇବାକୁ ଇଚ୍ଛା ହେଲା । ମୁଁ ପୋଖରୀରୁ ଗାଧୋଇ ପାଧୋଇ ଫେରୁଥିଲି, ମୋତେ ସେ କହିଲା—

ଗୋସେଇଁ, ନଡ଼ିଆଟେ ଆଜ ଖୋଇବନି ?

ମୁଁ କହିଲି, ଖା । ସେଠୁ ମୁଁ ଗଛକୁ ଲକ୍ଷ୍ୟ କଲି । ପଥରଟା ନଡ଼ିଆରେ ନ ବାଜି ଗଛଗଣ୍ଡିରେ ବାଜି ଚଳିକି ଆସି ଦଣ୍ଡିଆ ପୁଅ ଦେହରେ ବାଜିଲା ।

ସେଠୁ···

ସେଠିକି ଆଉଁସନା ସ୍ନେହ, ବୋଉ ଲୁଣପୁଡ଼ା ଆଣିବୁଟି ! ସେଠୁ ମୋତେ ବାଡ଼େଇଲେ । ଯାହା ହାତରେ ଯାହା ପଡ଼ିଲା···

ଓଃ ! ସ୍ନେହ କାନ୍ଦ ପକାଇଲେ । ସାରସୀ କାନ୍ଦ କାନ୍ଦ ଦାଣ୍ଡପିଣ୍ଡାକୁ ଚାଲିଗଲେ । ପିଣ୍ଡାରୁ ବାହୁନା ଶୁଭିଲା ।

ସ୍ନେହ ଲୁଣପୁଡ଼ା ଆଣି ସେକିବାକୁ ଲାଗିଲେ । ଏହି ସମୟରେ ପଛରେ ତାଙ୍କର କଏ ଠିଆହେବାପରି ଲାଗିବାରୁ ସେ ଚାହିଁଦେଲେ—ଦେବୀପାଦ ଠିଆହୋଇଥିଲା ।

ଅମୃତାଞ୍ଜନ ନଅ, ଆଗ ବୋଳି ପରେ ସେକ ଦେବ ।

ହଉ । ସ୍ନେହ ଶିଶିକୁ ନେଲେ । ଶୁଣ, ଶୁଣ ।

ଦେବୀପାଦ ଯାଉଥିବା ବେଳେ ଅଟକି ଗଲା ।

ମଉସାଙ୍କ ଦେହ କିପରି ଅଛି ?

ସେହିପରି ।

ତୁମେ କିଶୋରକୁ ମାଡ଼ ଦିଆଇଛ ବୋଲି କିପରି ଜାଣିଲ ?

ଗଛ ଉପରୁ ଦାଣ୍ଡକୁ ଚାହିଁଥିଲି, ତୁମେ ଓ କିଶୋରବୋଉ କଥାବାର୍ତ୍ତା ହେଉଥିଲ ।

ହଁ ।

ତୁମେ ଗଛ ଉପରେ କଣ କରିବାକୁ ଯାଉଥିଲ, ନ କରି ଚାଲି ଆସିଲ ?

କିଛି ନୁହଁ ।

ଦେବୀପାଦ ଚାଲିଗଲା ।

ଜୀବନରେ ଅର୍ଥର ମହତ୍ତ୍ୱ ଅନୁଭୂତିଦ୍ୱାରା ହିଁ ବୁଝିହୁଏ । ଯଥାର୍ଥବାଦୀ ହେଲେ ତ ଭଲ କଥା, ଆଦର୍ଶବାଦୀ ମଧ୍ୟ, କେବଳ ପଦେ, ଆଦର୍ଶ ବିନିମୟରେ ଅର୍ଥ ଖୋଜେ । ଷଡ଼ଙ୍ଗୀ କିନ୍ତୁ ମୂଳରୁ ଯଥାଥବାଦୀ ଥିଲେ । ନିଜର ଆର୍ଥିକସ୍ଥିତି ସେ କାହାରିକୁ କହୁ ନଥିଲେ । ସମସ୍ତେ ଜାଣିଥିଲେ ସେ ଐଶ୍ୱର୍ଯ୍ୟଶାଳୀ; କିନ୍ତୁ ଐଶ୍ୱର୍ଯ୍ୟର ପରିମାଣ କାହାରିକୁ ଜଣା ନଥିଲା । ବସୁନ୍ଧରା ମଧ୍ୟ ନୁହନ୍ତି । ଅନୁମାନ କରିବାଛଡ଼ା, ପ୍ରକୃତ ତଥ୍ୟ ସମ୍ବନ୍ଧରେ ରମାକାନ୍ତ ମଧ୍ୟ ଅନଭିଜ୍ଞ ଥିଲା । ସେଥିପାଇଁ ରମାର ଦୁଃଖ, ସେଥିପାଇଁ ପିତୃଐଶ୍ୱର୍ଯ୍ୟ ନେଇ ବାରମ୍ବାର ତାର ଅନୁମାନ । କେତେ ହେବ ସମ୍ପତ୍ତି, ଲକ୍ଷେ, ଦୁଇଲକ୍ଷ, ତିନିଲକ୍ଷ···ନାଃ, ତାଠୁ ବେଶି ହୋଇ ପାରେନା । କିନ୍ତୁ ତିନିଲକ୍ଷ କଣ ଜୀବନରେ ଢେର୍ ? ଏକା ରୋଲ୍‌ସ ରୟେସ୍ ଗାଡ଼ି ତ ଲକ୍ଷେ ଟଙ୍କା ପଡ଼ିଯିବ । ଭଲ କୋଠାଟେ କଲେ ଦୁଇଲକ୍ଷଠୁ କଣ କମ୍ ଖର୍ଚ୍ଚ ହେବ ? କିନ୍ତୁ କୋଠା ଓ ଗାଡ଼ି ଜୀବନରେ ତ ସବୁ ନୁହଁ । ନିତ୍ୟ ନୂତନ ଷୋଡ଼ଶୀଙ୍କ ଶରୀର, ପ୍ରଧାନମନ୍ତ୍ରୀତ୍ୱ, ବିଶ୍ୱ ପ୍ରସିଦ୍ଧି ଏ ସବୁ ପାଇଁ ଅର୍ଥ କୁଆଡ଼ୁ ଆସିବ ? ନା, ବୈଧ ଅବୈଧ ସବୁ ଉପାୟରେ ସେ ଟଙ୍କା ରୋଜଗାର କରିବ, ଲକ୍ଷ ନୁହଁ କୋଟି ସଂଖ୍ୟାରେ । ବାପାଙ୍କର ବୟସ ହୋଇଆସିଲାଣି । ସେ ଗଲାପିଛା ପରେ ବସୁନ୍ଧରାଙ୍କ ପାଇଁ ପାଞ୍ଚ ଛଅ ଏକର ଜମି ଓ ଘରଟିକ ଛାଡ଼ି-ଦେଇ ଆଉ ସବୁ ନେଇ ସେ ବମ୍ବେ କିମ୍ବା କଲିକତା ଯାଇ

ଓକିଲାତି କରିବ । ଭାଇଭାଇ ହେବାର ସମ୍ଭାବନା ନାହିଁ । ଦେବୀପାଦ ଜପ୍ରାଦ ପାଇଲେ ସନ୍ନ୍ୟାସୀ ହୋଇଯିବ, ବାକି ଶିବନାଥ । ସରଳ, ହୃଦୟବାନ୍, କର୍ମିଷ୍ଠ ସେ । ତାକୁ ସାଥିରେ ନଆଯାଇ ପାରେ ।

ଅପରାହ୍ଣର ସୀମାନ୍ତ, କେହି ରୋଗୀ ନଥିଲେ, ଦୋକାନରେ ରମାକାନ୍ତ ଚିନ୍ତିତ ଥିଲା । ନମିତଜଡ଼ି ଛକକୁ ଲାଗି ଔଷଧ ଦୋକାନ । ଦୁଇମହଲା କୋଠା । ଚିନ୍ତାଗ୍ରସ୍ତ ଯୋଗୁ ଜଣେ ମହିଳା ଯେ ତା ପଛଆଡ଼େ ଆସି କେତେବେଳୁ ଠିଆହେଲେଣି ତା ସେ ଜାଣିନି ।

ମୁଁ ଭିତରକୁ ଆସିପାରେ କି ?

ଆସନ୍ତୁ, ସ୍ୱଭାବବଶତଃ କହିଦେଇ ରମାକାନ୍ତ ଚାହିଁଦେଲା ।

ରଜନୀ !

ଆପଣ ଚିନ୍ତାକଲାବେଳେ ସବୁ କଥା ଭୁଲିଯାନ୍ତି ବୋଧେ । ମୁଁ ତ ଅନେକବେଳୁ ଆସିଲିଣି । ଯଦି ମୁଁ ଔଷଧଶିଶି ତିନି ଚାରୋଟି ଧରି ଚାଲି ଯାଇଥାନ୍ତି ?

ଦୋକାନସାରା ଯେତେବେଳେ ତୁମର, ଦୁଇ ତିନୋଟି ଶିଶି ନେଇଥିଲେ ବଡ଼ କଥା କଣ ଆଉ ହୋଇଥାନ୍ତା !

ହଉ, ବହୁତ ବଢ଼େଇଚଢ଼େଇ ଆପଣ କହିପାରନ୍ତି । ଆଜି ସନ୍ଧ୍ୟାରେ କାର୍ଯ୍ୟବ୍ୟସ୍ତ ନା ଖାଲି ଅଛନ୍ତି ?

କାହିଁକି ?

ଏମିତରି, ବୁଲି ଯାଇଥାନ୍ତେ । ସିନେମା…

ନା ଆଜି ନୁହେଁ । ମୋର କାମ ଅଛି । କାଲି ।

ସବୁବେଳେ ତ କାମ, ଅଚ୍ଛା ନମସ୍କାର ।

ନମସ୍କାର… ।

ରମାକାନ୍ତ ପୁଣି ଚିନ୍ତାଶିଅ ଭିତରେ ଗୁଡ଼େଇ ହୋଇଗଲା । ରଜନୀ, ଧନୀ ବ୍ୟବସାୟୀ ହିରୋର ଅଲ୍ଲଳ ଦୁଲାଳୀ, କଲେଜରେ

ପଡ଼ୁଥିବାବେଳୁ ବନ୍ଧୁତା । ରମାକାନ୍ତ ଜାଣେ ରଜନୀ ତାଙ୍କୁ ଭଲପାଆନ୍ତି । ତାଙ୍କୁ ବିବାହ କରିବାକୁ ଚାହାନ୍ତି । କିନ୍ତୁ ମଣିଷ କେବଳ ଭୋଗପାଇଁ ତ ବିବାହ କରିବନି, ଭୋଗ ଇଚ୍ଛା ପୂରଣ କରାଯାଇପାରେ ଜୀବନର ଉଦ୍ଦେଶ୍ୟ ଦୃଷ୍ଟିରୁ ରଜନୀ କେତେ ସହାୟିକା ହୋଇ-ପାରିବେକି ନାହିଁ, ଦେଖିବା କଥା । ପିତା ଧନୀ ବ୍ୟବସାୟୀ, କିନ୍ତୁ ରଜନୀ ଆଠ ପୁଅରେ ଏକମାତ୍ର ଝିଅ ଯେ ।

ରମାକାନ୍ତର ଦୃଷ୍ଟି ବହି ଉପରକୁ ଗଲା । ରଜନୀ ଚାରିରୁ ଉହ୍ଲାଇପଡ଼ି ତା ଆଡ଼କୁ ଚାଲିଆସୁଥିଲେ ।

ପୁଣି··· ?

ଯାହା କହିବାକୁ ଆସିଥିଲି ଭୁଲି ଯାଇଥିଲି । କାଲି ସନ୍ଧ୍ୟାରେ ଆମଘରକୁ ଯିବେ ।

ରମାକାନ୍ତ ତଥାପି ଚୁପରହି ରଜନୀ ମୁହଁକୁ ଚାହିଁ ରହିବାରୁ ରଜନୀ ଅର୍ଥକଲେ—କାଲି ଆମଘରେ ଟି’ ଭୋଜି । ମୋର ଜଣେ ଭାଇ ଆଇ. ଏ. ଏସ୍. ଟ୍ରେନିଂରୁ ଫେରିଛନ୍ତି, ସେଇଥିପାଇଁ··· ।

କିନ୍ତୁ କାଲି ପରା ସିନେମା ?

ଆପଣଙ୍କୁ ଦେଖିଲେଇ ମୋର ସବୁ ଗୋଳମାଳ ହୋଇଯାଏ । କାଲି ଭାଇଙ୍କ ପାଇଁ ଟି’ ଭୋଜି, ଅଥଚ ମୁଁ ଆପଣଙ୍କୁ ସିନେମା ପାଇଁ ଡାକୁଛି ।

ଆଚ୍ଛା ଯିବି ।

ମୁଁ, ଯଦି ବିଶେଷ ଅସୁବିଧା ନହୁଏ ମଟରକାର ଧରି ଆସିବି । କିନ୍ତୁ ନଆସିଲେବି ଆପଣ ଯିବେ ।

ରଜନୀ ଚାଲିଗଲେ । ରମାକାନ୍ତ ରଜନୀଙ୍କୁ ଭଲପାଏନି, କିନ୍ତୁ ତ ପରିମାଣରେ ମଧ୍ୟ ନୁହେଁ । ସବୁ ଝିଅଙ୍କ ସହ ସେ ଯେପରି ଭଦ୍ର ବ୍ୟବହାର କରେ, ରଜନୀଙ୍କ ସହିତ ସେହିପରି କରିଆସିଛି ।

ରମାକାନ୍ତ ଜାଣେ ତା ବ୍ୟବହାର ଉତ୍ତମ ଭଦ୍ରଭାବେ ଗ୍ରହଣ କରିଛନ୍ତି । ତା ପାଇଁ ସେ ଜୀବନ ଦେଇ ଦେଇ ପାରନ୍ତି, ବହୁବାର ତାଙ୍କର ସାହାଯ୍ୟରେ ସେ ପୁଷ୍ଟ । ଶୁଦ୍ଧ ହୃଦୟରୁ ସେ ତାକୁ ଭଲ ପାଆନ୍ତି ।

ରଜନୀ ଓ ରମାକାନ୍ତ ଘର ଭିତରକୁ ପଶିବାବେଳକୁ ସବୁ ନିମନ୍ତ୍ରିତ ବ୍ୟକ୍ତି ଆସିସାରିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସହ ରମାକାନ୍ତ ପରିଚିତ ଥିଲା । ଘରେ ସତରଞ୍ଜି, ସତରଞ୍ଜିର ଠିକ୍ ମଝିକୁ ତାସ୍‌ଖେଳରେ ନିମଜ୍ଜିତ ଦଳେ ଯୁବକ । ରମାକାନ୍ତକୁ ଘର ଭିତରେ ଛାଡ଼ିଦେଇ ରଜନୀ ଅନ୍ୟ କାମରେ ଚାଲିଗଲେ । ରମାକାନ୍ତ ତାସ୍ ଖେଳରେ ସ୍ଥାନ ପାଇବାର ସମ୍ଭାବନା ନଦେଖି ଘରର ଗୋଟିଏ କୋଣକୁ ଓହରିଲା, ଡାକ୍ତରମାନେ ବସିଥିବା ଜାଗାକୁ ଘୁଞ୍ଚିଗଲା । ତାସ୍ ଖେଳ ଆଡ଼କୁ ଲକ୍ଷ୍ୟ ଥାଏ, ପଛରେ କେତେଜଣ ବସି ଆଲୋଚନା କରୁଥାଆନ୍ତି । କିଛିସମୟ ପରେ କେହି ଜଣେ ଆସିବା ପରେ ଆଲୋଚନା ସରଗରମ ହୋଇ ଉଠିଲା । ସ୍ୱର ଉଚ୍ଚ ହୋଇଯିବାରୁ ରମାକାନ୍ତ ଦୁଇଜଣଙ୍କ କଥାବାର୍ତ୍ତା ଶୁଣି ପାରିଲା—

......ଆପଣ ତାହେଲେ ଗୋଟିଏ ପ୍ରାଇଭେଟ୍ ହାଇସ୍କୁଲର ସହକାରୀ ପ୍ରଧାନ ଶିକ୍ଷକ...... ।

ଅଜିତର କଣ୍ଠସ୍ୱର । ରମାକାନ୍ତ ବୁଲିପଡ଼ିଲା । ଅଜିତ ଅନ୍ୟଜଣେ ଭଦ୍ରବ୍ୟକ୍ତିଙ୍କୁ ପଚାରୁଥିଲା—ସେ ହାଇସ୍କୁଲ୍ ନାଁ କଣ କହିଲେ, ବିଶ୍ୱନାଥ...

ରମାକାନ୍ତ ବୁଲିପଡ଼ିବାରୁ ଅଜିତର କଥା ବନ୍ଦ ହୋଇଗଲା ।

ନମସ୍କାର ବନ୍ଧୁ, ପଛଆଡ଼ୁ ଚିହ୍ନି ପାରିଲିନି ।

ନମସ୍କାର, ତୁ କେତେବେଳୁ...... ?

ଅନେକବେଳୁ, ତୋ ଆଡକୁ ଚାହିଁଛି, କିନ୍ତୁ ତୁ ବୋଲି ଜାଣିପାରି ନ ଥିଲି । ଏ ହେଉଛନ୍ତି ଯଶୋଜ କୁମାର ପଟ୍ଟନାୟକ, ଏ ମୋର ବନ୍ଧୁ ରମାକାନ୍ତ, ଡାକ୍ତର ।

ଶିକ୍ଷକ ହେବା କଣ ଦୋଷ ? ଯଶୋଜବାବୁ ରମାକାନ୍ତର ଉପସ୍ଥିତିକୁ ସମ୍ପୂର୍ଣ୍ଣ ଉପେକ୍ଷା କରି ପଚାରିଲେ, ସେ ଯେପରି ପୂର୍ବ କଥାବାର୍ତ୍ତାର, ଆଲୋଚନାର କୌଣସି ପରିଣତିକୁ ଚାହୁଁଥିଲେ । କଥା ମଝିରେ ରହିଯିବା ତାଙ୍କୁ ଭଲ ଲାଗୁ ନଥିଲା । ତାଙ୍କର ବ୍ୟସ୍ତତାକୁ ଅଜୟ ବୁଝିପାରି ପଚାରିଲା—

କେତେଟଙ୍କା ପାଉଛନ୍ତି ?

ନବେ ।

କମାରୁ ନବେ ! ଅଣ୍ଡେ ପାଉଛୁ ? ତେବେ ସମ୍ମାନ··· ।

ଅଣ୍ଡେ ବା ପ୍ରଶ୍ନ କଣ ଉଠୁଛି ? ପାଉଛୁ, ସେଇ ବଡ଼ ଭାଗ୍ୟର କଥା । ଆଉ ସମ୍ମାନ—ତୁ ଜାଣୁ, ଶିକ୍ଷକ ମୁଁ ହୋଇଛୁ ବୋଲି ବିବାହ କରିପାରୁନ । କନ୍ୟାପିତାମାନେ ଆସୁଛନ୍ତି, ଯେତେବେଳେ ଶୁଣୁଛନ୍ତି ମୋର ଆଉ ଆଇ. ଏ. ଏସ୍., ଓ. ଏ. ଏସ୍. ପରୀକ୍ଷା ପାଇଁ ବୟସ ନାହିଁ, ସେତେବେଳେ 'ଚିଠି ଲେଖିବୁ, ଜାତକ ମିଳିଲେ ଲେଖି ପଠାଇବୁ, ଝିଅ ମା ତ ରାଜି ନୁହଁ ଝିଅର ବଡ଼ଘର ଏବେ ହେଉ ବୋଲି, ଦେଖିବା' କହି ଫେରିଯାଉଛନ୍ତି । ତେବେ ସେମାନଙ୍କର କଣ ଦୋଷ, ମୋର କେବେ ଝିଅ ହେଲେ ମୁଁ କଣ ଆଇ. ଏ. ଏସ୍. ବର ଖୋଜିବିନ ?

ଆପଣ ଟ୍ୟୁସନ କରୁନାହାନ୍ତି, ବହି ଲେଖି ନାହାନ୍ତି, ନୋଟ୍ ବହି ?

ଆଇ. ଏ. ବି. ଏ., ମାଟ୍ରିକ ସବୁଥିରେ ଫାଷ୍ଟ ହୋଇ ଶିକ୍ଷକତାକୁ ତ ଗାଦିଗା କରିନେଲୁ, ସେଥିରେ ଯଦି ପେଟ

ନପୋଷିବ, ବହିଲେଖିବୁ, ଟ୍ୟୁସନ୍ କରିବୁ ତେବେ କ୍ଲାସରେ ଯାଇ ପଢ଼ାଇବୁ କଅଣ, ପଢ଼ିବୁ କଅଣ, କେତେବେଳେବା ପଢ଼ିବୁ ?

ମୋର କଣ ମତ ଜାଣନ୍ତି, ଆପଣଙ୍କ ଦାରିଦ୍ର୍ୟମୂଳରେ ଏଇ ଭିକୁକତା ରହିଛି । ନ୍ୟାୟ ଅନ୍ୟାୟ ବିଚାର ମଣିଷକୁ କାପୁରୁଷ କରିଦବା ସଙ୍ଗେ ସଙ୍ଗେ ଦରିଦ୍ର ମଧ୍ୟ କରିଦଏ । ସେଥିପାଇଁ ଧର୍ମ ଦୃଷ୍ଟିରୁ ବୈଶ୍ୟ ଅର୍ଥାତ୍ ଧନୀକ ସମ୍ପ୍ରଦାୟ ଜାତିବିଭାଗରେ ତୃତୀୟ । ଚତୁର୍ବର୍ଣ୍ଣ ଏକ ଧର୍ମ ଶାସନ । ଅର୍ଥାତ୍ ବୈଶ୍ୟମାନଙ୍କ ପାଇଁ ଧର୍ମର ମହତ୍ତ୍ୱ ପ୍ରଥମ ନୁହେଁ, ଦ୍ୱିତୀୟ ନୁହେଁ, ତୃତୀୟ । ଯେଉଁମାନେ ସଂସାରରେ ବିଭବଶାଳୀ ସେମାନେ ନୈତିକ ବିଚାର, ଧର୍ମ ପାଇଁ ଦିନରେ ଘଣ୍ଟାଏ, ଅଧଘଣ୍ଟାଏ ସମୟ ଦେଇଥାଆନ୍ତି, ଆଉ ସବୁବେଳେ 'ଉଦ୍ଦେଶ୍ୟ ଯଦି ଭଲ, ତାହେଲେ ଯେ କୌଣସି ଉପାୟ ନ୍ୟାୟସଙ୍ଗତ' ନୀତିକୁ ନିଜସ୍ୱ କରିଥାନ୍ତି । ଅଜିତ କଥା ବନ୍ଦକଲା ।

ଏହି ସମୟରେ ଜଣେ ଭଦ୍ରବ୍ୟକ୍ତି ପଶିଆସିଲେ, ଓଡ଼ିଶାର ଜଣେ ପ୍ରସିଦ୍ଧ ଔପନ୍ୟାସିକ ।

କଣ ରବି ବାବୁ ! ଆପଣ ତ ଲେଖାଲେଖିକୁ ନିଜର ଜୀବିକା କରିନେଇଛନ୍ତି, ଦେଶର ସମସ୍ୟାମାନଙ୍କ ଉପରେ ଭାବୁଥିବେ, ଆପଣଙ୍କ ଆୟ କପରି ? ଇଂଲଣ୍ଡ, ଫ୍ରାନ୍ସ ପ୍ରଭୃତିରେ ବଡ଼ ବଡ଼ ଲେଖକମାନେ ତ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି ।

ଇଂଲଣ୍ଡ ଆଉ ଓଡ଼ିଶା ! ଓଡ଼ିଶାର ଲୋକେ ଓଡ଼ିଆ ବହି କିଣିବାକୁ ଅର୍ଥଶ୍ରାଦ୍ଧ ମନେ କରନ୍ତି । ଯେତେ ଭଲ ବହିଟେ ହେଲେ ମଧ୍ୟ ତାକୁ କିଣି ପଢ଼ିବା ସେମାନଙ୍କର ସ୍ୱଭାବରେ ନାହିଁ । ହଁ, ମଗାମଗି କରି ପଢ଼ିଦେଇ ପାରନ୍ତି । ଅଥଚ ଇଂରାଜୀ ବହି ଓଡ଼ିଆ ବହି ତୁଳନାରେ ବହୁତ ନିକୃଷ୍ଟ ହୋଇଥିଲେ ମଧ୍ୟ ତାକୁ

କଣି ପଢ଼ିବା ଓ ସେଥିପାଇଁ ଗର୍ବ ଅନୁଭବ କରିବା ସେମାନଙ୍କପାଇଁ ଫେସନ୍ । ଯେ କୌଣସି ଦେଶର ସଂସ୍କୃତି ସେ ଦେଶର ଲେଖକ ପାଠକ ଓ ପ୍ରକାଶକ ଏ ତିନିଙ୍କୁ ନେଇ ପରିଗଠିତ । ତିନୋଟିରୁ ଗୋଟିକର ଦୁର୍ବଳତା ଓ ପ୍ରକୃତି ଅନ୍ୟ ଦୁଇଟି ଉପରେ ପ୍ରଭାବ ପକାଏ । ଯଦି ପାଠକ ବହି ନ କିଣିଲେ ତାହେଲେ ଲେଖକ ଓ ପ୍ରକାଶକ ଉଭୟେ ମରିଯିବେ । ଅନ୍ୟ ଦୃଷ୍ଟିରୁ ଦେଖିଲେ ପାଠକ ଯେଉଁ ପ୍ରକାର ବହି କିଣିବାକୁ ଭଲପାଉଛି ସେହିପରି ବହି ପ୍ରକାଶକ ଛାପିବାକୁ ଇଚ୍ଛା କରିବ, ଲେଖକ ଲେଖିବାକୁ ଇଚ୍ଛା କରିବ । ଏହିପରି ଭାବେ ପାଠକ, ଲେଖକ ଓ ପ୍ରକାଶକ ସମ୍ବନ୍ଧାନ୍ୱିତ; ପାଶ୍ଚାତ୍ୟରେ, କେବଳ ପାଶ୍ଚାତ୍ୟ କାହିଁକି ଆଜିକାଲି ବଙ୍ଗଳାରେ, ଉତ୍ତର-ଭାରତରେ ଘରେ ଘରେ ବ୍ୟକ୍ତିଗତ ଲାଇବ୍ରେରୀ ଦେଖିବାକୁ ମିଳେ । ବହି କିଣିବା ସେଠି ଆଭିଜାତ୍ୟର ଲକ୍ଷଣ । ପଢ଼ ନ ପଢ଼, ପ୍ରତି ମାସରେ ଘର ଲାଇବ୍ରେରୀ ପାଇଁ ନୂତନ ପ୍ରକାଶିତ ବହି କିଣିବା ସେଠାର ଲୋକେ ନିଜର ସାମାଜିକ କର୍ତ୍ତବ୍ୟ ମନେକରନ୍ତି । କିନ୍ତୁ ଓଡ଼ିଶାରେ ହଜାରେ ବହି ସରିବା ମୁସ୍କିଲ୍; ଲେଖକ ଧର୍ମ ହେବ କଣ ବଞ୍ଚି ରହିବା ବେଳେ ବେଳେ କଷ୍ଟକର ହୋଇଯାଏ ।

ଆପଣ ଡିଟେକ୍ଟିଭ୍ ଲେଖୁ ନାହାନ୍ତି । ବହି ବହୁତ ବିକ୍ରୀ ହୁଅନ୍ତା । ରମାକାନ୍ତ କହିଲା ।

ସାଧୁ ! ସାଧୁ !! ମୁଁ ତ ସେଇଆ କହୁଥିଲି । ଯେଉଁପରି ସବୁ କ୍ଷେତ୍ରରେ ନ୍ୟାୟପରାୟଣ ଲୋକମାନେ ନ୍ୟାୟକୁ ଛାଡ଼ିବାମାତ୍ରେ ଧନୀ, ସେହିପରି ସାହିତ୍ୟ କ୍ଷେତ୍ରରେ, ସେହିପରି ସବୁ କ୍ଷେତ୍ରରେ । ଆପଣ ଡିଟେକଟିଭ୍ ଲେଖନ୍ତୁ, ଦୁଇଟଙ୍କିଆ ବହି ଦୁଇ ମାସରେ ସରିଯିବ । ଲକ୍ଷଣ ଟଙ୍କା ଲେଖକର······।

ସାହିତ୍ୟିକ ଡିଟେକ୍‌ଟିଭ୍ ନା ଶୁଣି ଇତସ୍ତତଃ ହେଲେ ।

ଆପଣ ବୋଧେ ଉକ୍ତଧରଣର ସାହିତ୍ୟରୁ କପର ଡିଟେକ୍‌ଟିଭ୍ ଓ ଉକ୍ତ ଉପନ୍ୟାସକୁ ଆସିବେ ସେସ୍ଥା ଭାବୁଛନ୍ତି । ଲକ୍ଷ୍ମୀ ସମସ୍ତଙ୍କ ପାଖକୁ ଆସିପାରନ୍ତି, କିନ୍ତୁ ସରସ୍ୱତୀ, ଖିନ୍ନମାନଙ୍କ ପାଖକୁ କଦାପି ନୁହେଁ । ଇତିହାସ ପୁରାଣ ବେଦବେଦାନ୍ତ ସକଳ ଶାସ୍ତ୍ର ଏହି ନିଗୂଢ଼ ତତ୍ତ୍ୱକୁ ପ୍ରତିପାଦନ କରିବାକୁ ଚେଷ୍ଟାକରିଛନ୍ତି । ପୁରାଣର ଯେ କୌଣସି ଆଖ୍ୟାୟିକା ଏହି ନିଗୂଢ଼ ତତ୍ତ୍ୱକୁ ବିଶ୍ଳେଷଣ କରିଛି । ହିରଣ୍ୟାକ୍ଷ, ହିରଣ୍ୟକଶିପୁ, ରାବଣ, ଦୁର୍ଯ୍ୟୋଧନ ସମସ୍ତେ ଜଗତରେ ଐଶ୍ୱର୍ଯ୍ୟଶାଳୀ ଥିଲେ । ରାବଣର ଲଙ୍କାକୁ ସ୍ୱର୍ଣ୍ଣପୁରୀ କୁହାଯାଉଥିଲା । ସେମାନେ ସମସ୍ତେ ରାକ୍ଷସ ଥିଲେ । ନ୍ୟାୟ ଅନ୍ୟାୟ ଅନ୍ତର୍ଦ୍ୱନ୍ଦ୍ୱ ସେମାନଙ୍କ ପାଇଁ ତୁଚ୍ଛ ଥିଲା । ଧନ ଅର୍ଜିବା ସାମାନ୍ୟ କଥା ନୁହେଁ । ସେ ପଥରେ ସମସ୍ତେ ଯାଇପାରନ୍ତି ନାହିଁ । ସେ ପଥରେ ଯିବା ଖଣ୍ଡାଧାରରେ ଚାଲିବା ।

କିନ୍ତୁ ଅଙ୍କଲ, ସେହି ଧନକୁବେରମାନଙ୍କର ଶେଷରେ ପତନ କାହିଁକି ହେଲା ? ସେମାନଙ୍କର ପତନ ତୋ ମତବାଦର ଅନ୍ତର୍ନିହିତ ଅସଙ୍ଗତିକୁ ପ୍ରମାଣ କରୁ ନାହିଁକି ?

ପ୍ରଶ୍ନ ଉତ୍ତରଦେଇ ରମାକାନ୍ତ ଶଙ୍କିତ ହୋଇ ଉଠିଲା, କାଳେ ତା ପ୍ରଶ୍ନ ଅମୋଘ ହୋଇ ରହିଯିବ, ଅଙ୍କଲ ଉତ୍ତର ଦେଇ ପାରିବେନି । ସବୁ ଧନୀ କଣ ସର୍ବଦା ଶେଷଜୀବନରେ ଅବନତ ହେବେ ! ସେଇଆ ତାର ଚିନ୍ତା ଥିଲା । ସବୁ ପାପପାଇଁ କଣ ଲୋକକୁ ଦଣ୍ଡିତ ହେବାକୁ ପଡ଼ିବ ?

ହିରଣ୍ୟକଶିପୁ, ରାବଣ, ଦୁର୍ଯ୍ୟୋଧନ ଏମାନଙ୍କର ପତନ ସେମାନଙ୍କର ଦର୍ଶନଯୋଗୁ ନୁହେଁ, ନିଜ ଦର୍ଶନ ପ୍ରତି ଶେଷରେ ସନ୍ଦେହ ଯୋଗୁ । ଅବିଚଳିତ ଶ୍ରଦ୍ଧା କମିଯିବାରୁ । ସେମାନେ ଯେଉଁ

ମାଡକୁ ଅନୁସରଣ କରୁଥିଲେ ଯଦ୍ଵ ସେହି ମାଡକୁ ବ୍ୟବସ୍ଥିତ ଭାବରେ ସବୁବେଳେ ଅନୁସରଣ କରିଥାନ୍ତେ ତାହେଲେ ସେମାନଙ୍କର ପତନ ଆଦୌ ହୋଇନଥାନ୍ତା । ରାବଣ ସୀତାଙ୍କୁ ଆଣି ସୀତା ରାଜି ନ ହେବାରୁ ତାଙ୍କର ଶରୀର ସ୍ପର୍ଶ ନ କରିବା କଣ ତାର ପୂର୍ବଦର୍ଶନ ଉପଯୁକ୍ତ ? ବହୁ ସ୍ତ୍ରୀଙ୍କୁ ଆଗରୁ ସେ ବଳାତ୍କାର କରିଛି, ତାର କଳ୍ପ ହୋଇନ, କିନ୍ତୁ ସୀତାଙ୍କଠି ତାର ସଂଶୟ ଆସିଗଲା । ହିରଣ୍ୟକଶିପୁ ପ୍ରହଲ୍ଲାଦକୁ ପିଲାଦିନୁ ନ ମାରିବା ତାର ଭୁଲ । ପ୍ରଥମ ଜୀବନରେ ସେ ଯେତେ ଶିଶୁବଧ କରିଛି ତାର କଣ ସଂଖ୍ୟା ଅଛି ? କିନ୍ତୁ ନିଜେ ନ ମାରି ସେ ପ୍ରହଲ୍ଲାଦକୁ ଅନ୍ୟମାନଙ୍କ ହାତରେ ଦେଇଦେଇଛି ମାରିବା ପାଇଁ । ଆସକ୍ତି । ଶେଷରେ ସେ ନ ମାରି ପ୍ରହଲ୍ଲାଦ ସହ, ଈଶ୍ଵର କେଉଁଠି କେଉଁଠି ଅଛନ୍ତି ସେ ବିଷୟରେ ଆଲୋଚନା କରିଛି । ଧର୍ମାବଲମ୍ବୀମାନଙ୍କର ପତନ ସେମାନଙ୍କର ଆନ୍ତରିକ ଦ୍ଵନ୍ଦ୍ଵ ଯୋଗୁ । ଦୁଇଟି ମାଡର ଅନୁସରଣ ସବୁବେଳେ ବିପଜ୍ଜନକ ।

ରମାକାନ୍ତ ପୁଣି କଣ କହିବାକୁ ଯାଉଥିବା ବେଳେ ରଜନୀ ଘର ଭିତରକୁ ପଶି ଆସିଲେ ।

ରମାକାନ୍ତବାବୁ, ଶୁଣିଗଲେ ।

ଦୁହେଁ ତଳକୁ ଗଲେ । ତଳ ବାରଣ୍ଡାର ଗୋଟାଏ କଣକୁ ଡାକିନେଇ ରଜନୀ କହିଲେ—ଆପଣଙ୍କର ଏକ୍ସପ୍ରେସ୍ ଟେଲିଗ୍ରାମ ଆସିଛି, ନିଅନ୍ତୁ ।

ରମାକାନ୍ତ ରଜନୀଙ୍କ ହାତରୁ ଟେଲିଗ୍ରାମ୍ ନେଲେ । ଗାଁରୁ ଆସିଥିଲା ।

ଏଠିକି କିଏ ଆଣିଲା ?

ଆପଣଙ୍କ ପ୍ରତୀକ୍ଷା । ବାହାରେ ବର୍ତ୍ତମାନ ସୁଦ୍ଧା ସେ ଅପେକ୍ଷା କରୁଥିବ । ରଜନୀଙ୍କ କଥା ଆଡ଼କୁ ରମାକାନ୍ତର କାନ ନ ଥିଲା । ସେ ଟେଲିଗ୍ରାମ୍ ପଢ଼ୁଥିଲା—ସେଥିରେ ବାପାଙ୍କର ସାଙ୍ଘାତିକ ଅବସ୍ଥା ଓ ରମାକାନ୍ତ କଟକରୁ ଗାଁକୁ ଟେଲିଗ୍ରାମ ପାଇବାମାତ୍ରେ ଆସିବାକୁ ବସୁନ୍ଧରା ଲେଖିଥିଲେ ।

ରମାକାନ୍ତ ସକାଳ ଆଠଟା ବେଳକୁ ଘରେ ପହଞ୍ଚିଗଲା । ଘରେ ପହଞ୍ଚି ସେ ସିଧା ବାପାଙ୍କ ପାଖକୁ ଗଲା । ସାତ ଆଠ ମାସ ପରେ ଷଡ଼ଙ୍ଗୀ ରମାକାନ୍ତକୁ ଦେଖୁଥିଲେ । କିନ୍ତୁ ମୃତ୍ୟୁ-ଅପେକ୍ଷା ବ୍ୟକ୍ତିର ଉଲ୍ଲାସ କାହିଁ ? ରମାକାନ୍ତ ପାଦ ଛୁଇଁ ନମସ୍କାର କରିବାରୁ ଅସ୍ପଷ୍ଟ ସ୍ୱରରେ ସେ କଣ କହିଲେ ଯାହା ରମାକାନ୍ତ ବା ପାଖରେ ଥିବା ଅନ୍ୟାନ୍ୟ କେହି ଶୁଣି ପାରିଲେନି । ରମାକାନ୍ତ ନାଡ଼ୀ ଦେଖିଲା ।

ବୋଉ, ବାପାଙ୍କର ଜର ଓହ୍ଲାଉନି ?

ନା ।

ଝାଡ଼ା ?

ଦୁଇ ତିନି ଦିନ ଆଦୌ ହେଉନି, ତା'ପରେ ହଠାତ୍ ଖୁବ୍ ପତଳା ହେଉଛି ।

ରମାକାନ୍ତ ଷଡ଼ଙ୍ଗୀଙ୍କର ପେଟ ଚିପିଲା । ବାପା, ଦରଜ ଲାଗୁଛି ।

ହଁ ।

ହୁଁ ।

କଣ ? ବସୁନ୍ଧରା ପଚାରିଲେ ।

ଟାଇଫଏଡ୍ ।

ବାରଣ୍ଡାରେ ଦାନ୍ତକାଠି ଡାଳ ଥୁଆ ହୋଇଥିଲା । ବସୁନ୍ଧରା ପୁଅ ପାଇଁ ବାହାର ଚୂଲରେ ଚା କରିବାରେ ଲାଗିପଡ଼ିଥାନ୍ତି । ରମାକାନ୍ତ ଦାନ୍ତ ଘଷୁ ଘଷୁ କହିଲା—ବୋଉ, ବାପା ଆଉ ବେଶି-ଦିନ ରହିବେନି ।

ତୋତେ ଜଣା ପଡୁଛି ?

ହଁ ।

ବସୁନ୍ଧରା କିଛି କହିଲେନି ।

ବୋଉ ! ଟଙ୍କା, ହିସାବପତ୍ର, ମହାଜନଖାତା କାହାକୁ କେତେ ଧାର ଦେଇଛନ୍ତି, ସେସବୁ ତୁ ବାପାଙ୍କଠୁ ବୁଝି ନେଇଛୁ ?

କାହିଁକି ? ବସୁନ୍ଧରାଙ୍କ ଦୁଇ ଭ୍ରୂ ମଝି ଶର ପରି ତୀକ୍ଷ୍ଣ ହୋଇ ଉଠିଲା ।

କଣ କାହିଁକି ? ବାପାଙ୍କ ଦେହ ଖରାପ ହେଲେ, ମହାଜନୀ ନେଇ କଣ କେସ୍ ହୋଇଛି, ହବାକୁ ଅଛି ସେସବୁ ମୋତେ ବୁଝିବାକୁ ହବ ତ ? ଏବଠୁ ବାପାଙ୍କଠୁ ବୁଝି ନ ରଖିଲେ ସେତେବେଳକୁ ମୁଁ ହଇରାଣ ହେବ, ତୋର କଣ ଯିବ ?

ହୁଁ ।

ବାପାଙ୍କ ଅବସ୍ଥା ସାଙ୍ଘାତିକ ହବାରୁ ମୋ ପାଖକୁ ଟେଲିଗ୍ରାମ ଗଲା । ଆଗରୁ ଚିଠି ଦେଇଥିଲେ ମୁଁ ନିଜେ ଆସି ଚିକିତ୍ସା କରିଥାନ୍ତି କି କଟକକୁ ନେଇ ଯାଇଥାନ୍ତି । ବାପା ମଧ୍ୟ ମୋତେ ସେତେବେଳେ ସବୁ ହିସାବପତ୍ର ବୁଝେଇ ଦେଇ ପାରିଥାନ୍ତେ ! ଅଥଚ ତୁ ଏତେବେଳକୁ ଟେଲିଗ୍ରାମ ଦେଇଛୁ ! ତୋର ବୁଦ୍ଧି ସବୁବେଳେ ସେଇମିତି ।

ହଉ ସେ ତ ପର କଥା, ଭଗବାନ କଲେ ତୋ ବାପା ଭଲ ହୋଇଯିବେ । ତୁ ବ୍ୟସ୍ତ ହେବା ଦରକାର ପଡ଼ିବନି ।

ମୁଁ କଣ କହୁଛି ବାପା ଭଲ ନ ହୁଅନ୍ତୁ ? କିନ୍ତୁ ମୁଁ ଯାହା ଦେଖିଲି କଣ ସବୁ ଭୁଲ ? ମୁଁ ଆଜି ଡାକ୍ତର ନୁହଁ ?

ବସୁନ୍ଧରା ଅଶ୍ରୁ ଲୁଚାଇବାକୁ ଯାଇ ଅନ୍ୟଆଡ଼କୁ ମୁହଁ ଫେରାଇ ନେଲେ । ବସୁନ୍ଧରାଙ୍କ କାନ୍ଦ ଦେଖି ରମାକାନ୍ତ କହିଲା—ଏଥରକ ସ୍ୱର ଆବେଗ ପୂର୍ଣ୍ଣ—

ବାପା କଣ ଭଲ ହୋଇଗଲେ ମୁଁ ମହାଜନରେ ମୁଣ୍ଡ ଖର୍ଚ୍ଚ କରିବ ? ନା ବାପା ଭଲ ହୋଇଯିବେ ବୋଲି ମୁଁ ଚାହୁଁନ ? ବାପାଙ୍କ ଦେହ ଖରାପ ହେଲା, ଆଜି ଏତେ ଖରାପ ହେଲା ଯେ ମୋତେ ଟାଁକୁ ଆସିବାକୁ ପଡ଼ିଲା । ସେଇଥିରୁ ମୁଁ ଆଶଙ୍କିତ ହୋଇ ବାପାଙ୍କର କେତେବେଳେ କଣ ହେଲେ ସେଥିପାଇଁ ଆଗରୁ ପ୍ରସ୍ତୁତ ରହିବା ଉଚିତ ହେବ ଭାବି ସେ କଥା କହିଥିଲି । ନହେଲେ ଡାକ୍ତରମାନେ କଣ ଯେତେବେଳେ ଯାହା କହିଦଅନ୍ତି ସବୁ ସତ ହୁଏ । ତୁ ଯଦି ବିରକ୍ତ ହେଉଛୁ, ତାହେଲେ ମୁଁ କଟକ ଚାଲି-ଯାଉଛି ।

ଦେବୀପ୍ରସାଦ ଓ ଶିବନାଥ ପଡ଼ାଘରେ । ବୋଉ ଓ ଭାଇନାଙ୍କ ମଧ୍ୟରେ ଚାଲିଥିବା ଝଗଡ଼ା ସେମାନଙ୍କ କାନଯାଏଁ ପହଞ୍ଚି ଯାଉଥାଏ । ଷଡ଼ଙ୍ଗୀ ମଧ୍ୟ ଶୋଇ ଶୋଇ ଶୁଣୁଥାନ୍ତି । କିନ୍ତୁ ତାଙ୍କୁ କୌଣସି କଥା ପରିଷ୍କାର ଶୁଭୁ ନ ଥାଏ ।

ହଠାତ୍ ରମାକାନ୍ତ ନିତ୍ୟକର୍ମ ସାରି ବ୍ରିଫକେସ ଧରି କଟକ ଚାଲିଯିବ ବୋଲି ବାହାରିଲା । ବସୁନ୍ଧରା ବାଟଓଗାଳି ଠିଆହେଲେ ।

ଆସିଛୁ ଯେତେବେଳେ ସେତେବେଳେ ଦୁଇଦିନ ରହିଯା, ବାପାଙ୍କ ଦେହ ଭଲ ହୋଇଯାଉ ଯିବୁ । ଏପରି ଚାଲିଗଲେ ଲୋକେ କଣ କହିବେ ? ପୁଣି ବାପାଙ୍କର ଚାଲି ଅଇଲାବେଳ...ତାଙ୍କ ଆଖି ଛଳ ଛଳ ହୋଇଉଠିଲା ।

ଦେଵୀପ୍ରସାଦ ଓ ଶିବନାଥ ବାରଣ୍ଡାରେ ଆସି ଠିଆହେଲେ ।

ମୁଁ କଣ ଯିବାପାଇଁ ଆସିଥିଲି ? କିନ୍ତୁ ତୋ ମୁହଁରୁ ଯେପରି ରୁକ୍ଷ କଥାସବୁ ବାହାରୁଛି ସେଥିରେ କିଏ ରହିପାରିବ ?

ହଉ, ମୁଁ ଆଉ କିଛି କହିବିନି । ତୁ ଆ । ତୁ ଚାଲିଗଲେ ଲୋକେ କଣ କହିବେ ?

ରମାକାନ୍ତ ଫେରି ବିଛଣାପତ୍ରକୁ ଖଟ ଉପରେ କଚାଡ଼ିଦେଇ ବସିପଡ଼ିଲା । ସେହି ସମୟରେ ସ୍ନେହ ଦାଣ୍ଡଦୁଆର ଫିଟାଇ ପଶି ଆସିଲେ । ଅନେକ ରାତିଯାଏଁ କିଶୋର ପାଖରେ ବସି ସେ ତାର ସେବାଶୁଶ୍ରୂଷା କରିଥିଲେ । ବିଳମ୍ବରେ ଶୋଇ ମଧ୍ୟ ସୂର୍ଯ୍ୟୋଦୟ ପୂର୍ବରୁ ତାଙ୍କର ନିଦ ଭାଙ୍ଗିଗଲା । ଉଠିବା ମାତ୍ରକେ ତାଙ୍କର ପ୍ରଥମ ଚିନ୍ତା ହୋଇଥିଲା ଷଡ଼ଙ୍ଗୀଙ୍କ ସ୍ୱାସ୍ଥ୍ୟ । ଅମୃତାଞ୍ଜନ ଶିଶି ଫେରାଇ-ବାର ବାହାନା ମଧ୍ୟ ମିଳିଗଲା । ରମାକାନ୍ତ ଆସିବା କଥା ତାଙ୍କୁ ଜଣା ନ ଥିଲା । ସେ ପଢ଼ାଘରକୁ ପଶି ଆସି ଦେବୀପ୍ରସାଦଙ୍କୁ ଅମୃତାଞ୍ଜନ ଶିଶି ଦେଇ ଷଡ଼ଙ୍ଗୀଙ୍କ ପାଖକୁ ଯିବେ ବୋଲି ବାହାରିଛନ୍ତି, ବୁଲି ପଡ଼ି ଦେଖନ୍ତି ଦୁଆର ବନ୍ଧପାଖେ ରମାକାନ୍ତ ଠିଆ ହୋଇଛି ।

ରମାଭାଇ ! ନମସ୍କାର !

ତୁ ତ ପ୍ରତିମାସରେ ବଦଳୁଥିବାପରି ଜଣାପଡ଼ୁଛୁ ସ୍ନେହ । ବର୍ଷେ ତଳେ ଦେଖିଥିଲି ବୋଧେ ଆଜି ଦେଖୁଛି, ବହୁତ ପରିବର୍ତ୍ତନ ଲକ୍ଷ୍ୟ କରୁଛି ।

କଣ ଦେଖୁଛ ?

ବସୁନ୍ଧରାଙ୍କୁ ସେଇଆଡ଼କୁ ଆସୁଥିବା ଦେଖି ରମାକାନ୍ତ କହିଲା—ବୋଉ, ଆମ ସାହିରେ ସ୍ନେହ ଭଳି ସୁନ୍ଦର ଝିଅ ଆଉ କିଏ ଅଛି ?

ବସୁନ୍ଧରା ଯାଉଥିବାବେଳେ ରହିଗଲେ । ସ୍ନେହଙ୍କୁ ମୁହଁ ଟେକି ସେ ଚାହିଁଲେ—ଏତେ ସକାଳୁ କୁଆଡ଼େ ମା ?

ମଉସାଙ୍କୁ ଦେଖିବାକୁ ଚାଲି ଆସିଥିଲି ।

ବସୁନ୍ଧରା ଚାଲିଗଲେ । ରମାକାନ୍ତ ଘର ଭିତରକୁ ପଶିଆସି ସ୍ନେହ ପିଠି ଥାପୁଡ଼େଇଲା । ସତରେ, ସ୍ନେହ ଭଳି ସୁନ୍ଦର ଝିଅ ମୁଁ ଆଉ କୌଣସିଠି ଦେଖିନି ।

ସ୍ନେହ, ବୋଉ କାମରେ ବ୍ୟସ୍ତ, ଚାଲ୍ ବାପାଙ୍କ ପଟି ବଦଳାଇଦେବ । ଯାଅ ।

ଦେବୀପାଦଙ୍କ ଆଦେଶ ଦେବାଭଳି ସ୍ୱର ସ୍ନେହ ଜୀବନରେ ପ୍ରଥମବାର ଶୁଣି ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ସେ ଆଦେଶକୁ ଅବଜ୍ଞା କରିବାକୁ ତାଙ୍କର ଶକ୍ତି ନ ଥିଲା । ସେହିପରି ଆଦେଶ ପାଇବାକୁ ଯେ ତାଙ୍କର ଆତ୍ମା, ମନ, ଶରୀର ବହୁଦିନୁ ଅପେକ୍ଷା କରିଥିଲା ।

ଯାଉଛି ।

ସ୍ନେହ ରମାକାନ୍ତକୁ ଆଡ଼େଇଦେଇ ଷଡ଼ଙ୍ଗୀଙ୍କ ଶୋଇବାଘରକୁ ଚାଲିଗଲେ ।

ସ୍ନେହ ତୋ କଥାକୁ ଖୁବ୍ ମାନେ । ପିଲାଦିନୁ ମୁଁ ଦେଖିଆସୁଛି । ରମାକାନ୍ତ ବିଦ୍ରୂପ କରି କହିଲା ।

ହଁ । ଦେବୀପାଦ ଗମ୍ଭୀର ।

ଶିବର ବୟସ ଯେତିକି ହେବ, ସ୍ନେହକୁ ସେତିକି ହବନି କି ?

ବୋଧେ ।

ଦେବୀପାଦର ଗାମ୍ଭୀର୍ଯ୍ୟ ଦେଖି ରମାକାନ୍ତ ଭିତରେ ଭିତରେ ଖୁବ୍ ରାଗିଗଲା । ଦେବୀପାଦକୁ ଚିଡ଼େଇବା ପାଇଁ ତାଚ୍ଛଲ୍ୟରେ କହିଲା—

ଆଉ ତୋର ସାଧନା କେତେଦୂର ଗଲା ? ଚଣ୍ଡୀ ଚାମୁଣ୍ଡା କାହାକୁ ଜଣକୁ ହେଲେ ହାତ କର । କିଛି ନ ହେଲାବେଳକୁ

କଟେଣ୍ଟ ପାଖରେ ବସି କର୍ଣ୍ଣପିଶାଚୀ ବିଦ୍ୟା ତ ଅଭ୍ୟାସ କରିପାରିବୁ । ଖାଲି ଅଳସୁଆ ହୋଇ ଘରେ ବସି ଅନ୍ନଧ୍ୱଂସ କଲେ କଣ ହବ ? ପରର ଗଳଗ୍ରହ ହୋଇ କେତେଦିନ ରହିବୁ ?

କିଏ ଅନ୍ନଧ୍ୱଂସ କରୁଛି ?

ତୁ ।

ମୁଁ ଗଳଗ୍ରହ ?

ବାବାଜିଫାବାଜିଗୁଡ଼ାକ ପରାନ୍ନଭୋଗୀ, ସମାଜର ଗଳଗ୍ରହ ନୁହଁ ତ ଆଉ କଣ ?

ଆଉ ଡାକ୍ତରଗୁଡ଼ାକ ସମାଜର ଏକାନ୍ତ ଉପକାରୀ ?

ନିଶ୍ଚୟ !

ମଣିଷର ଶାରୀରିକ ଦୁର୍ବଳତା ଉପରେ ସେମାନଙ୍କର ଜୀବିକା ନିର୍ଭର କରୁଛି । ଆଜି ମଣିଷ ସମସ୍ତେ ସ୍ୱାସ୍ଥ୍ୟବାନ୍ ହୋଇଗଲେ ତୁମମାନଙ୍କର ଅସ୍ତିତ୍ୱ କେଉଁଠି ରହିବ ? ଅବଶ୍ୟ ମୁଁ ଜାଣେ ତୁମର ଔଷଧ ଏପରି ତିଆରି ଯେ ଥରେ ତାକୁ ଖାଇଲେ ମୃତ୍ୟୁପର୍ଯ୍ୟନ୍ତ ଔଷଧିଇ ଖାଇବାକୁ ହେଉଥିବ । ତୁମ କବଳରେ କେହି ଥରେ ପଡ଼ିଲେ ସେ ଆଉ ମୁକୁଳି ଯାଇପାରିବନି ।

ତୁ କଣ ଆଜିକାଲି ହୋମିଓପାଥି ପଢ଼ୁଛୁ କି ?

କାହିଁକି ?

କଥାଗୁଡ଼ାକ କୌଣସି ହୋମିଓପାଥି ଦର୍ଶନ ବହିରୁ ଉଦ୍ଧୃତ ପରି ଜଣାପଡ଼ୁଛି ।

ମୁଁ ତୁମପରି କେବେହେଲେ ଦୋଷବନ୍ତ ନ ଥିଲି ।

ନ ଘୋଡିବାର ଉପକାରିତା ତୁ ଅନେକ ନଭୋଗୁଛୁ ।

ଦେବୀପାଦ ଚୁପ ରହିଲା । କିଛି ସମୟପରେ ପୁଣି ରମାକାନ୍ତର ପାଟି ଫିଟିଲା—

ଯାଃ, ଆମେ ସମସ୍ତେ ଭାବିଥିଲୁ ତୁ ଭାରି ବିଚକ୍ଷଣ ବୋଲି । ଆଇ. ଏ. ଏସ୍., ଓ. ଏ. ଏସ୍ ହେଲେ ହୋଇଥାନ୍ତୁ । ଖାଲି ବୃଥା ଆଦର୍ଶବାଦରେ ମାତି ନଷ୍ଟ ହୋଇଗଲୁ ।

ଶିବନାଥ ଦୁଇଭାଇଙ୍କ କଳହ ସେ ଯାଏଁ ମନୋଯୋଗ ଦେଇ ଶୁଣୁଥିଲା । ରମାକାନ୍ତକୁ ସେ ଭଲ ପାଉ ନ ଥିଲା । ସେପରି ସେ ରମାକାନ୍ତ ପ୍ରତି ତାର ହୃଦୟରେ ଘୃଣା ବା ବିଦ୍ୱେଷ ଥିଲା ତା ନୁହେଁ । ରମାଭାଇଙ୍କ କଥାରେ ଅନେକ ସମୟରେ ନିରାଟ ସତ୍ୟତା ଥିବା ସେ ଉପଲବ୍ଧି କରୁଥିଲା । ଦେବୀପାଦର ଅଟଳ ଆଦର୍ଶବାଦ ତାକୁ ବେଳେ ବେଳେ ଦୀର୍ଘଶ୍ୱାସ କରି ପକାଉଥିଲା । ତା ମତରେ ଦେବୀପାଦ ପଢ଼ାପଢ଼ି ଛାଡ଼ି ଭଲ କରିନି । ସଂସାର ଛାଡ଼ି ସନ୍ନ୍ୟାସୀ ହେବା ଅନୁଚିତ ନ ହେଲେ ମଧ୍ୟ ଦେବୀପାଦ ପାଇଁ ତାହା ଉପଯୁକ୍ତ ନୁହଁ । ଦେବୀପାଦର ହୃଦୟ ଓ ପ୍ରକୃତିକୁ ସେ ଚିହ୍ନିଥିଲା । ଦେବୀପାଦ କଷ୍ଟ ସହି ପାରେନି । ସନ୍ନ୍ୟାସୀର କଷ୍ଟ, ଯାତନା ସେ କଣ ଜାଣିବ ? ଘରର ସୁଖସ୍ୱାଚ୍ଛନ୍ଦ୍ୟ ଉପରେ ତାର କଳ୍ପନା-ସୌଧ ପ୍ରତିଷ୍ଠିତ ହୋଇଥିଲା । ତା ବୋଲି ରମାଭାଇନାଙ୍କ ଦର୍ଶନ ଯେ ଠିକ୍ ତା ନୁହେଁ । ଦୁହେଁ ଅନ୍ଧକାରରେ ପଡ଼ିଥିଲେ । ଦେବୀପାଦ କେବଳ ଅନ୍ଧକାରରେ କିନ୍ତୁ ଗ୍ରାଣ୍ଡ-ଟ୍ରଙ୍କରୋଡ୍‌ରେ ଚାଲୁଥିଲାବେଳେ ରମାଭାଇନା ଅନ୍ଧକାରରେ ଚାଲୁଥିଲେ । ତାଙ୍କର ରାସ୍ତା ଅଚଳପୁରୀ ଚିହ୍ନରଠି ଶେଷ ହୋଇଥିଲା । ସଂସାରରେ ରହି ଧର୍ମସଙ୍ଗତ କାମ କରି ସୁଖ ପାଇବା ଶିବନାଥ ଅନୁଚିତ ମନେ କରୁନଥିଲା । ରମାକାନ୍ତର ଯୁକ୍ତିରେ ତାର ମନ ମାନୁ ନଥିବାବେଳେ ହଠାତ୍ 'କଣ ଶିବ' ଡାକରେ ସେ ଚମକି ପଡ଼ିଲା । ରମାକାନ୍ତ ତାକୁ ଉଦ୍ଦେଶ୍ୟ କରି କହୁଥିଲା—

କଣ ହେଲୁ ତୁ ଭେଜାଣି ? ତୁ ଯଦି ହାକିମା ହେବୁ, ବାପାଙ୍କ ମୁହଁଖ ରଖ । କଣ ଏବର୍ଷ ପାସ୍ କରୁଛୁ ନା ଫେଲ୍ ହେଉଛୁ ?

ଶିବନାଥ କିଛି ନ କହି ମୌନ ରହିବା ଉଚିତ ମନେ କଲା ।

ତୁ କଣ ପଢ଼ିଛୁ, ଆଜ ରାତିରେ ମୁଁ ଦେଖିବି । ପ୍ରସ୍ତୁତ ହୋଇଥିବୁ ।

ରାତିରେ ରମାକାନ୍ତ ଶିବନାଥକୁ ପ୍ରଶ୍ନବାଣରେ ଜର୍ଜରିତ କରୁଥିବାବେଳେ ଷଡ଼ଙ୍ଗୀ-ଶୋଇଥିବାଘରୁ ସ୍ନେହ ବାହାରି କସ୍ତୁରୀଙ୍କ ପାଖରେ ପହଞ୍ଚିଲେ—

ମଉସା ତୁମକୁ ଡାକୁଛନ୍ତି ।

କସ୍ତୁରୀ ତରକାରୀ ପାଇଁ ପରିବା କାଟୁଥିଲେ । ଷଡ଼ଙ୍ଗୀ ଡାକୁଛନ୍ତି ଶୁଣି ପରିବା ଧୋଇଥିବା ପାଣିରେ ହାତ ଧୋଇଦେଇ ତରବର ହୋଇ ଷଡ଼ଙ୍ଗୀ-ଶୋଇଥିବା ବଖରାକୁ ଗଲେ । ସ୍ନେହ ପରିବା କାଟି ବସିଲେ । ଷଡ଼ଙ୍ଗୀ କସ୍ତୁରୀଙ୍କୁ ଦେଖି ଆଖିଠାରରେ ଓ ଅଙ୍ଗୁଳି ସଙ୍କେତଦ୍ୱାରା ଦୁଆର ବନ୍ଦ କରିଦେବାକୁ କହିଲେ । କସ୍ତୁରୀ ଦୁଆର ବନ୍ଦ କରି ସ୍ତବ୍ଧ ହୃଦୟରେ ଷଡ଼ଙ୍ଗୀଙ୍କ ପାଦତଳେ ବସି ପଚାରିଲେ—କଣ ହେଲା, ଦେହ ବେଶି ଖରାପ ଲାଗୁଛି ?

ଷଡ଼ଙ୍ଗୀ ପ୍ରଶ୍ନ ଶୁଣିଲେ କି ନାହିଁ ଜଣା ପଡ଼ିଲାନି, କିନ୍ତୁ ସହସା ସ୍ତ୍ରୀଙ୍କ ଆଡ଼କୁ କଟମଟ୍ ଦୃଷ୍ଟି କରିଲେ—ଦେଖ କଣ କରୁଛି ?

ତୁମେ ସବୁବେଳେ 'ଦେଖ, ଦେଖ' କାହିଁକି ହେଉଛ ? କଣ ତୁମର ଗୁରୁ କହିଗଲେ ସେହି କଥାକୁ ଧରି ବସିଛ, ଯେମିତି ଜ୍ୟୋତିଷ ଭୁଲ ହୁଏନା । ଟିକଏ ଆଖି ପଡ଼ିଗଲେ ଖାଲି ବକବକେଇ ଉଠୁଛ—ଦେଖ, ଦେଖ ।

ମୁଁ ଆଉ ବଞ୍ଚିବନି ବସୁନ୍ଧରା, ଏଇଥରକ ମରିଯିବି ।

ବସୁନ୍ଧରା ସ୍ୱାମୀଙ୍କ ପାଟିରେ ହାତ ଦେଇ କଥା ଅଧୁରା ରଖିଦେଲେ । ତୁମକୁ ମୋ ରାଣ, ସେ ଅଶୁଭ କଥା ଆଉ ଯେପରି ପାଟିରୁ ନ ବାହାରେ ।

ମୁଁ ନିଜେ କଣ ଚାହୁଁଛି ମୁଁ ମରେ ବୋଲି, କିନ୍ତୁ ମୁଁ ଜାଣିପାରିଲଣି···ମୁଁ ଜାଣିପାରିଲଣି । ଶେଷୋକ୍ତି ପଦ ଷଡ଼ଙ୍ଗୀ ଖୁବ୍ ଧୀରେ ଧୀରେ କହି ବନ୍ଦ-ଦୁଆର ଆଡ଼କୁ କଟମଟ୍ ହୋଇ ଚାହିଁଲେ । ଲଣ୍ଠନଟା ବସୁନ୍ଧରାଙ୍କ ପଛପଟ ଟୁଲ୍ ଉପରେ ଥୁଆ ହୋଇଥିବାରୁ ତାଙ୍କର ବସିବା ଛାଇଟା ଦୁଆର ପାଖକୁ ଥିବା ବଡ଼ ଦର୍ପଣ ଉପରେ ପଡ଼ୁଥିଲା । ସ୍ୱାମୀଙ୍କର ଉଦ୍‌ବସ୍ଥାଣିତ ଦୃଷ୍ଟିକୁ ଅନୁସରଣ କରି ବସୁନ୍ଧରାଙ୍କ ଦୃଷ୍ଟି ଯେତେବେଳେ ଦର୍ପଣରେ ପ୍ରତିଫଳିତ ହେଉଥିବା ନିଜର ଛାଇ ଉପରେ ପଡ଼ିଲା ସେତେବେଳେ କ୍ଷଣକପାଇଁ ତାଙ୍କର ସମସ୍ତ ରକ୍ତ ଜମାଟ ବାନ୍ଧିଗଲା । ତାଙ୍କୁ ମଧ୍ୟ ଯେପରି ଜଣାପଡ଼ିଲା ଦର୍ପଣ ଭିତରେ ବସିଥିବା ସ୍ତ୍ରୀ ମୂର୍ତ୍ତିଟିର ସ୍ୱତନ୍ତ୍ର ଅସ୍ତିତ୍ୱ ଅଛି । ଘର ଭିତରେ ଦୁଇଜଣ ନୁହେଁ ତିନିଜଣ ଅଛନ୍ତି । ତୃତୀୟ ଜଣକ ସେମାନଙ୍କ କଥାବାର୍ତ୍ତାକୁ ଅନେକବେଳୁ ଶୁଣୁଛି । କ୍ଷଣକ ଭିତରେ ନିଜକୁ ସମ୍ଭାଳି ନେଇ ସେ ସ୍ୱାମୀଙ୍କ ହାତକୁ ଜାବୋଡ଼ି ଧରି କହିଲେ— ତୁମେ ଯେପରି ହେଉଛ ନା, ଭଲ ଲୋକ ମଧ୍ୟ ଡରିଯିବ ।

ଷଡ଼ଙ୍ଗୀ ସେହିପରି ଦର୍ପଣକୁ ନିର୍ନିମେଷରେ ଚାହିଁଥାନ୍ତି ।

କଣ ଦେଖୁଛ, ମୋ ଛାଇଟା ତ ପଡ଼ୁଛି ।

ଦେଖ ଦେଖ ଦେବୀ କଣ କରୁଛି ! ଆମ ଦେବୀ କଣ କରୁଛି !!

ଷଡ଼ଙ୍ଗୀଙ୍କ କଥା ଶେଷ ହେଉ ହେଉ ଘରକୁ ଯେଉଁଟା ବୋବାଇଲା—ମିଆଁ—ଉଁ—ସତେ ଯେପରି ବଗଡ଼ଟିଏର ବେଣ୍ଟିକୁ ଧୀରେ ଧୀରେ କିଏ ମୋଡ଼ିଦେଉଛି ।

ବସୁନ୍ଧରା ! ଦେଖ ପାଗଳ ହୋଇଯାଇଛି, ମାରି ଦେଉଛି, ଜଣକୁ କାହାକୁ ମାରି ଦେଉଛି । ମଣିଷ ମାରିଦେଉଛି । ଧର ତାକୁ, ମନା କର ତାକୁ ।

ବସୁନ୍ଧରା ତରବରରେ ଖଟ ଉପରୁ ଉଠି ପଡ଼ିଲେ । ଷଡ଼ଙ୍ଗୀ ଉଦ୍ୟକ୍ତ ହୋଇ ଉଠିବାକୁ ଚେଷ୍ଟା କରୁଥିଲେ ।

କିଛି ସମୟ ପରେ ତାଙ୍କର ଜୋରରେ ନିଃଶ୍ୱାସପ୍ରଶ୍ୱାସ ଯିବାକୁ ଲାଗିଲା । ଯେପରି ଷାଠିଏ ବର୍ଷର ବୁଢ଼ା ଦଉଡ଼ି ଦଉଡ଼ି ସେ ହାଲିଆ ହୋଇ ପଡ଼ିଛନ୍ତି, ଆଉ ଦମ ନାହିଁ, ଛାତି ଫାଟି ଯାଉଛି । ସ୍ୱାମୀଙ୍କର ଊର୍ଦ୍ଧ୍ୱଶ୍ୱାସ ଯିବା ଦେଖି ବସୁନ୍ଧରା ପିଲାମାନଙ୍କୁ ଡାକିବା ପାଇଁ ଶେଯରୁ ଉଠି ପଡ଼ିବା ବେଳେ କାହାର ହାତ ଧୃଢ଼ଭାବେ ତାଙ୍କର ହାତକୁ ଧରି ଅଟକାଇ ଦେଲା । ସେ ଛନିଆ ହୋଇଗଲେ ।

ଶୁଣ, ଶୁଣ, ବସୁନ୍ଧରା, ସାଧୁ କହିଥିଲେ ଦେଖା ନରହନ୍ତା ହେବ । ନରହନ୍ତା ! ଦେଖାକୁ କହିବନି, ସେ ମନକଷ୍ଟ କରିବ । ପାଗଳଟା, ହୃଦୟ କିନ୍ତୁ ଭାରି ସ୍ୱଚ୍ଛ ।

ବହୁକଷ୍ଟରେ ଷଡ଼ଙ୍ଗୀ ଏଇକଥାପଦକେତେକ ବସୁନ୍ଧରା ବୁଝିବା ଭଳି କହିଲେ । କହିସାରି ସେ ଆହୁରି କ୍ଲାନ୍ତ ହୋଇଗଲେ । ଊର୍ଦ୍ଧ୍ୱଶ୍ୱାସ ବଢ଼ିଗଲା ।

ମୁଁ ଆସୁଛି ।

ବସୁନ୍ଧରା ଦୁଆର ମେଲାଇ ବାରଣ୍ଡାରେ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲେ । ତା'ପରେ ପିଲାମାନେ ଥିବା କଖରା ଆଡ଼କୁ ଦଉଡ଼ିଲା ପରି ଯାଇ କହିଲେ—

ରମା, ଶିବ, ଦେବୀ...ବାପାଙ୍କର କଣ ହୋଇଯାଉଛି !

ସେତେବେଳେ ରମାକାନ୍ତ ଶିବନାଥଙ୍କୁ ପ୍ରଶ୍ନ ପଚାରୁଥିଲେ । ଦେବୀପ୍ରସାଦ ଶୋଇ ଶୋଇ କଣ ପଢ଼ୁଥାଏ । ବସୁନ୍ଧରାଙ୍କ କଥା ଶୁଣି ତିନହେଁ ଉଠି ଠିଆହୋଇ ପଡ଼ିଲେ ।

କଣ, ବାପାଙ୍କର କଣ ହେଲା ? ଦେବୀପ୍ରସାଦ ଓ ଶିବନାଥଙ୍କ ପାଟିରୁ ଏକାବେଳକେ ବାହାରିଲା ।

କଣ, ଊର୍ଦ୍ଧ୍ୱଶ୍ୱାସ ଆରମ୍ଭ ହୋଇଗଲା କି ? ରମାକାନ୍ତ ପଚାରିଲେ । ବସୁନ୍ଧରା ମୁଣ୍ଡ ହଲେଇଲେ ।

ଚାଲ, ଚାଲ ସମସ୍ତେ । ଶିବନାଥ, ତୁ ଗଲୁ ବାଞ୍ଛା ତିଆରିଙ୍କୁ ଡାକି ଆଣିବୁ । ଦାନ ନେବେ ।

ଷଡ଼ଙ୍ଗୀଙ୍କ ବଖରା ପାଖ ହେବାମାତ୍ରକେ ବସୁନ୍ଧରା ଚିତ୍କାର କରି ଉଠିଲେ ।

କଣ ହେଲା ବୋଉ ?

ଦୁଆର କିଏ ମେଲା କଲା, ଗଲାବେଳେ ମୁଁ ତ ବନ୍ଦ କରି ଯାଇଥିଲି ।

ଷଡ଼ଙ୍ଗୀଙ୍କର ବଖରା ଖୋଲା ଥିଲା । ସେ ଧୀରେ ଧୀରେ ନିଃଶ୍ୱାସ ନେଉଥିଲେ । ଶରୀରରେ ବେଶି ଯନ୍ତ୍ରଣା ଥିବାପରି ମନେ ହେଉ ନ ଥିଲା ।

ବାପା ଶୋଇପଡ଼ିଛନ୍ତି, କିଛି ଗୋଳମାଳ କର ନାହିଁ, ବିପଦ କଟିଗଲା ।

ଦେବୀପ୍ରସାଦ ଚଦରଟା ଷଡ଼ଙ୍ଗୀଙ୍କ ଉପରେ ଭଲକରି ଘୋଡ଼ାଇ ଦେଉ ଦେଉ କହିଲେ ।

ସମସ୍ତେ ବଖରାରୁ ବାହାରି ଆସିଲା ପରେ ବସୁନ୍ଧରା ଦୁଆର ଆଉଜେଇ ଆଣିଲେ ।

ବୋଉ, ତୁମେ କେତେବେଳୁ ଗଲେଣି ? ଦେବୀପାଦ ପଚାରିଲା ।

ପରିବା ତ କାଟୁଥିଲା, କାଟିସାରି ଚାଲିଗଲା ବୋଧେ ।

ତିନିହେଁ ବାରଣ୍ଡାରେ ଫେରୁଛନ୍ତି, ଅଧାବାଟ ହୋଇଥିବେ, ଷଡ଼ଙ୍ଗୀଙ୍କ ଘରେ ଦୁରକନା ପଡ଼ିବା ଶବ୍ଦ ଶୁଣି ବସୁନ୍ଧରା ପାଗଳୀଙ୍କ ଭଳିଆ 'ସବୁ ସରିଗଲା ମୋର' କହି ଦଉଡ଼ିଗଲେ । ରମାକାନ୍ତ ଓ ଦେବୀପାଦ ପଛେ ପଛେ ଦଉଡ଼ିଲେ । ବସୁନ୍ଧରାଙ୍କ ଛଡା ଷଡ଼ଙ୍ଗୀଙ୍କ ବଖରାରେ 'ଦୁର କନା' ପଡ଼ିବା ଶବ୍ଦକୁ ସେ ଦୁହେଁ ଶୁଣିପାରି ନ ଥିଲେ ।

ଷଡ଼ଙ୍ଗୀ ଖଟ ଉପରୁ ପଡ଼ିଯାଇଥିଲେ, ଖଟଖୁରାରେ ମୁଣ୍ଡ ବାଜି ଫାଟିଯାଇଥିଲା । ବସୁନ୍ଧରା ତଳେ ବସିପଡ଼ି ଷଡ଼ଙ୍ଗୀଙ୍କ ମୁଣ୍ଡକୁ କୋଳକୁ ଟେକିନେଲେ । ଷଡ଼ଙ୍ଗୀ କାହାକୁ ଖୋଜିବା ପରି ମନେ ହେଲା । ବସୁନ୍ଧରା କାନ ପାଖରେ ତୁଣ୍ଡକୁ ଲଗାଇ ପଚାରିଲେ—

ହେରା ?

ସେ ପଦକ ଶୁଣିବାମାତ୍ରକେ ଷଡ଼ଙ୍ଗୀଙ୍କ ମୁଖମଣ୍ଡଳ ଯେପରି ଗଭୀର ଯନ୍ତ୍ରଣାରେ ହାହାକାର କରିଉଠିଲା ।

କଣ, କଣ, କହୁଛ ?

ସା···ରି···ଇ

ବସୁନ୍ଧରା ହଲାଇ ଦେଖନ୍ତି ଶରୀରରେ ଆଉ ପ୍ରାଣ ନାହିଁ ।

ତୁମ ବାପା ମରିଗଲେ ?

ହଁ ।

ସେଥିପାଇଁ ଏତେଦିନ ହେଲା ଦେଖା ନ ଥିଲ ?

ଶିବନାଥ ଚୁପ୍ ରହିଲା ।

ତୁମ ବାପା ମଲେ ସେଥିପାଇଁ ମୁଁ ଦୁଃଖିତ, କିନ୍ତୁ ତୁମେ ଏତେଦିନ ଧରି ମୋ ପାଖକୁ ଆସିଲନି ସେଥିପାଇଁ ମୁଁ ଆହୁରି ଦୁଃଖିତ । ମୋତେ 'ବାପା ମରିଗଲେ, କେତେଦିନ ଯାଏଁ ମୁଁ ଆସିପାରିବିନି' କହିଦେଇ ଯାଇଥିଲେ ମୋର ଅସୁବିଧା ହୋଇ ନ ଥାନ୍ତା । ଏପରି ହଠାତ୍ ନ ଆସିବାଦ୍ୱାରା ମୋର ପଢ଼ାପଢ଼ି ନଷ୍ଟ ହେଲା ।

ମୁଁ ଆସିବାକୁ ଚେଷ୍ଟା କରିଥିଲି; କିନ୍ତୁ ତେରଦିନଯାଏଁ ଛୁତୁଆଁ, ପିଣ୍ଡ, ଶ୍ରାଦ୍ଧ ଇତ୍ୟାଦି । ସେଇଥିପାଇଁ ଆସି ପାରିଲିନି ।

ଆଚ୍ଛା, ଛାଡ଼ନ୍ତୁ ସେ କଥା । ଆଜି କଣ ପଢ଼ିବା ?

ଯାହା କହିବ ।

ଯାହା କହିବି ?

ଶିବନାଥ ସୁକେଶୀକୁ ଚାହିଁଲା ।

ବଗିଚାଆଡ଼େ ଯିବା ?

ପ୍ରଶ୍ନ ଶୁଣି ଅଳକ୍ଷରେ ଶିବନାଥ ଈଷତ ଥରିଗଲା ।

ଥାଉ, ଏଇଠି ପଢ଼ିବା, ଆପଣଙ୍କ ମନ ଭଲ ନାହିଁ ।

ଇଂରେଜ କବିତା କହନ୍ତୁ ସୁକେଶୀ ଶିବନାଥ ଆଡ଼କୁ ଠେଲିଦେଇ କହିଲେ—ବୁଝାଇଦିଅନ୍ତୁ ।

କୋଉ କବିତାଟା ?

ଶେଷଆଡ଼ୁ ଆରମ୍ଭ କରନ୍ତୁ । ରବୀନ୍ଦ୍ରନାଥଙ୍କର 'କାଗଜ ଡଙ୍ଗା' କବିତା ।

ଶିବନାଥ କବିତାଟିକୁ ମନେ ମନେ କିଛି ସମୟ ପଢ଼ି ସୁକେଶୀଙ୍କ ଆଡ଼କୁ ଚାହିଁ ବୁଝାଇବାକୁ ଯାଉଥିବାବେଳେ ସୁକେଶୀ ତା' ଆଡକୁ ଏକଲୟରେ ଚାହିଁଥିବା ଦେଖି, ପଚାରିଲା—କଣ ଦେଖୁଛ ?

ତୁମ ବଡ଼ଭାଇଙ୍କୁ ମୁଁ ଆଗରୁ କେବେ ଦେଖି ନ ଥିଲି ।

କେବେ ଦେଖିଲ ?

ଘରକୁ ଆସିଥିଲେ ।

କାହିଁକି ?

ବାପା ଡକାଇ ପଠାଇଥିଲେ । ମୁଁ ଏବର୍ଷପରେ କଟକ ଯିବିନା, ସେଇଠି ରହି ପଢ଼ିବି, କେହି ଚହ୍ଲାପରିଚୟ ନାହାନ୍ତି ତ, ହଷ୍ଟେଲରେ ରହିବି । ସେ ମୋ ମୁରବି ହେବେ । ରାଜି ହୋଇଛନ୍ତି ।

କିଛିସମୟ କଟିଗଲା ।

ଆଚ୍ଛା ! ଭଲ ହେବ ।

ଭାଇଙ୍କ ଚେହେରା ଆପଣଙ୍କ ଚେହେରାଠୁ ଭିନ୍ନ ।

ସେ ବୋଧେ ଆମ ଭିତରେ ସମସ୍ତଙ୍କଠୁ ସୁନ୍ଦର, ତାଙ୍କ ପରେ ଦେଖ, ମୋ କଥା ଛାଡ଼ନ୍ତୁ ।

ହୁଁ ।

କିନ୍ତୁ ସେ ଅଳ୍ପ ଗ୍ରେଟା, ଶିବନାଥ ଉତ୍ସାହ ସହିତ କହିଲା ।

ଗ୍ରେଟା ! ସୁକେଶୀ ସମ୍ପୂର୍ଣ୍ଣ ବିସ୍ମିତ ହୋଇପଡ଼ିଲେ ।

ହଁ, ହଁ, ତେବେ ଜଣାପଡ଼େନ, ପିଲାଦିନେ ଗଛଡାଳରୁ ଡାଳକୁ ଜଢ଼ବାଢ଼ରେ ଡେଇଁପଡ଼ୁଥିଲେ, ଗୋଡ଼ ଭାଙ୍ଗିଗଲା । ବଣାଖାପାଟଣା ଯାଇ ଭଲ ହୋଇଆସିଲେ । ପିଲାଦିନେ ଘାର ଧେଡ଼ିଙ୍ଗା ବି ଥିଲେ, ସେତେବେଳେ ଘାର ଅସୁନ୍ଦର ଦିଶୁଥିଲେ ।

କୁଆଡ଼ୁ କଥା ଆରମ୍ଭ ହୋଇ କୁଆଡ଼େ ଯିବାକୁ ବସିଲାଣି । ଇଂରାଜ କବିତା ଆରମ୍ଭ କରନ୍ତୁ ।

ଶିବନାଥ ଅଶ୍ୱସ୍ତି ଅନୁଭବ କଲା, ସୁକେଶୀ ହଠାତ୍ ରମାଠୁ ଇଂରେଜ କବିତାକୁ ଡେଇଁବାରୁ ତାକୁ ଖରାପ ଲାଗିଲା । ସବୁକଥା ଚକ କହିବାକୁ ଇଚ୍ଛାଥିବ, ଅଥଚ ଅଧାରେ କେହି ବନ୍ଦ କରିଦେଲେ ଯେପରି ଲାଗେ ।

ଭାଇ କଟକ ଚାଲିଗଲେଣି ?

ହଁ, କାଲି ଗଲେ । ଶିବନାଥ ବିତୃଷ୍ଣା ସହିତ ଉତ୍ତରଦେଲା ।

ମୃତ୍ୟୁ ସେ ଆଗରୁ କେବେ ଦେଖି ନ ଥିଲା, ମଣିଷ ମୃତ୍ୟୁ, ପୁଣି ପିତାପରି ଆତ୍ମୀୟର ମୃତ୍ୟୁ । ଦେବାଶୀଷ କଳ୍ପନା କରୁଥିଲା—ପିତା ତାର ବଞ୍ଚିବା ପାଇଁ ମୃତ୍ୟୁ ସହ ଯେପରି ସଂଘର୍ଷ କରୁଛନ୍ତି । ଘରସଂସାର, ଧନ ସମ୍ପତ୍ତି, ପ୍ରିୟ ଅପ୍ରିୟ ସବୁର ମାୟା ମଧ୍ୟରୁ ସେ ଚାଲିଯିବାକୁ ଯେପରି ନାରାଜ । କିନ୍ତୁ ତାଙ୍କୁ ଯିବାକୁ ଯେପରି କେହି ଜଣେ ବାଧ୍ୟକରୁଛି, ସେ ଶତ୍ରୁର ବଳବତ୍ତର ଶକ୍ତି ବିଷୟରେ ସଚେତନ, ତଥାପି ଉଦ୍ୟମ ଛାଡ଼ି ପାରୁନାହାନ୍ତି । ବଞ୍ଚିବାପାଇଁ କେତେ ବଡ଼ ଇଚ୍ଛା, ଅଥଚ ବଞ୍ଚିପାରିବା ପାଇଁ କେତେ କମ ସାମର୍ଥ୍ୟ ! ମଣିଷ ସଂଘର୍ଷ କରୁ କରୁ ହଠାତ୍ ତାର ମନେ ହେଉଛି, ସେ ଜିତିଯିବ । ପୁରୁଷାର୍ଥ ଜିନ୍ଦାବାଦ୍ ! କେତେ ବଡ଼ କର୍ମୀ ସେ! କି ଅସୀମ ଧୈର୍ଯ୍ୟ ତାଙ୍କର !! ଫୁଲମାଳ, ତାଳଧ୍ୱନି ଭିତରେ ବିଜୟୀ ପଦକ୍ଷେପ ପକାଇ ପକାନ୍ତି ବିଜେତା ଆକସ୍ମିକ କିନ୍ତୁ ସଠିକଭାବେ ଜାଣିପାରୁଛି—ସେ ଜିଣିନ, ସେ ହାରିଗଲା । ମୃତ୍ୟୁ ତାକୁ ଅବୋଧ ଭାବ କଷ୍ଟସମସ୍ତ ଖେଳନାଗଲା ଯାହା । ବର୍ତ୍ତମାନ ସେ ମରିଯିବ । ଆକସ୍ମିକ ମୋହଭଙ୍ଗରେ ତାର ମନ ଓ ଶରୀର ଅପର୍ଯ୍ୟନ୍ତ ହୋଇଯାଇଛନ୍ତି । ଏକ ଦୀର୍ଘ ନିଃଶ୍ୱାସ, ଆଉ ଗୋଟିଏ, ଆଉ ଗୋଟିଏ ତାପରେ···ଆତ୍ମସମର୍ପଣ । କୌଣସି ସର୍ତ୍ତ ନ ରଖି ସମ୍ପୂର୍ଣ୍ଣ ଆତ୍ମସମର୍ପଣ ।

ଗଣ୍ଡଗୀଙ୍କ ବଗିଚା ଶେଷ ହେବା ପରେ ବଗିଚାଠୁ ସୋଲସ-ପର୍ବତ ଯାଏଁ ବିସ୍ତୃତ ତାଙ୍କର ଜମି । ଦେବୀପାଦ ବଗିଚା ଗେଟ୍ ପାଖରେ ଠିଆହୋଇ ସୋଲସ ଆଡ଼କୁ ଚାହିଁଥିଲେ । ମନରେ ବିକ୍ଷିପ୍ତ ଭାବନା । ଚିନ୍ତା ଖଣ୍ଡ୍ ଖଣ୍ଡ୍ ହେବାରୁ ସେ କେତକୀବାଡ଼ି ଆଡ଼କୁ ଚାହିଁଲେ, କୋଡ଼ିଏ ଏକୋଇଶି ବର୍ଷର ଯୁବକଟିଏ କାଠ ସଂଗ୍ରହ କରୁଥିଲା । ହରିଜନସାହିର ବୋଧେ । କାଠ ଗୋଟାଇ ଗୋଟାଇ ଆଉ ଯାହା ପାଉଥିଲା ତା ମଧ୍ୟ ବୋହିରେ ପୁରାଇ ଦେଉଥିଲା । ଦେବୀପାଦ ଯୁବକଟିର ସାହସ ଦେଖି ଆଶ୍ଚର୍ଯ୍ୟ ହେଲେ । ଯୁବକଟି ତାଙ୍କୁ ଦେଖୁଛି, ଅଥଚ ଲୁଚି ଯିବା ପରିବର୍ତ୍ତେ ବେଶ ସଶଙ୍କରେ ତାର ଘରପାଖେ ତାଙ୍କର ସମ୍ପତ୍ତି ଲୁଟ୍‌କରୁଛି । ଗାଁରେ ସମସ୍ତେ ଜାଣନ୍ତି ସେ ଧୀର, ମିତଭାଷୀ ଓ ସାଂସାରିକ କଥାରେ ବେଶି ଭାଗ ନିଏନ । ଧର୍ମ ଚର୍ଚ୍ଚା କରେ । ଗାଁ ମଣ୍ଡପଠି ବସି ବେଳେ ବେଳେ ଗୀତା ପଢ଼େ ଓ ଲୋକଙ୍କୁ ମଧ୍ୟ ଇଚ୍ଛାହେଲେ ବୁଝାଇଦିଏ । ତା ବୋଲି ତା ସାଧୁତାର ସୁଯୋଗ ନେଇ ଯୁବକଟି ଦିନ ଦିପହରେ ଚୋରିକରିବ ! ଦେବୀପାଦର ହଠାତ୍ ଇଚ୍ଛାହେଲା ଯୁବକର କାର୍ଯ୍ୟରେ ପ୍ରତିବାଦ କରିବାକୁ । ପୁଣି ପର ମୁହୂର୍ତ୍ତରେ ଭାବିଲେ—କିଏ କରୁଛି, ନେଉ । କିଏ ବା ନେଇଯାଉଛି । ଗରିବ ହୋଇଥିବ, ନେଇ ନେଇ କେତେ ନବ ? ଦେବୀପାଦ ସୋଲସ ଆଡ଼କୁ ମୁହଁ ଫେରାଇଲେ । ପୁଣି ସେଇ ଭାବନା ।

ମଣିଷ ସବୁ ଛାଡ଼ିଛୁଡ଼ି ଦେଇ ମରିଯିବ, ତଥାପି ସଂସାରରେ ସମ୍ପତ୍ତି ଅର୍ଜିବାକୁ କେତେ ଇଚ୍ଛା । ତାପାଇଁ ମଣିଷ ଚୋରି ମଧ୍ୟ କରିବାକୁ ପ୍ରସ୍ତୁତ । ରମାକାନ୍ତ ଏତେ ପାଠ ପଢ଼ିଛି, ତାକୁ ଏତେ ଉପଦେଶ ଦିଏ; ତଥାପି ନ ସଙ୍କୀର୍ଣ୍ଣ ତାର ହୃଦୟ । ମହାଜନୀ କାରବାର ନେଇ ଲୋକଙ୍କ ସଙ୍ଗେ ବାଦ ମାରିବାର ଦେଖିଛନ ଘରେ ଘରେ

କଳି କଲେ । ବୋଉଙ୍କ ବାକ୍ସ ଦେଖିବାକୁ ଜବରଦସ୍ତ କଲେ । ବାକ୍ସ ଛୁଁ ଛୁଁ ବୋଉଙ୍କର ମଧ୍ୟ କି ରାଗ ! ଏକା ଜିଦ୍—ତୁ ତୋ ଠିକାଦାରୀ ବ୍ୟବସାୟରେ ମନ ଦେ । ମୁଁ ଗାଁରେ ରହିଛି ଦେବୀପାଦର ସାହାଯ୍ୟରେ ସବୁ ବୁଝାବୁଝି କରିବି । ଦେବୀପାଦ ତ ପୁଣି କଣ କରିବ ?

ମୁଁ ଏ ବାକ୍ସ ଦେଖିବି ।

ସେଥିରେ ମୋର ସ୍ତ୍ରୀଧନ ସମ୍ପତ୍ତି ଅଛି । ବୋହୂମାନେ ଆସିଲେ ମୁଁ ବାଣ୍ଟିଦେବି । ତୁ କିଏ ସେ ହାତ ଦେବାକୁ ।

ତୁ ଉଗ୍ରଚଣ୍ଡୀ ।

ତୁ କୁଳାଙ୍ଗାର ।

ସମ୍ପତ୍ତି ।

ସ୍ୱାର୍ଥ ।

ସଂଘର୍ଷ ।

ଚିରନ୍ତନ ସତ୍ୟ ।

ମନ ଭିତରେ ପୁଞ୍ଜିଭୂତ ହୋଇ ଆସୁଥିବା ଘୃଣାକୁ ଦୁହେଁ ବ୍ୟକ୍ତ କରିଦେବା ପରେ ଦୁହିଁଙ୍କ ହୃଦୟ ହାଲୁକା ଲାଗିଥିବ । ରମାକାନ୍ତ କଟକ ଚାଲିଗଲା ସେହିଦିନ । ବସୁନ୍ଧରା କର୍ତ୍ତ୍ରୀ ହେଲେ କେବଳ ଷଡ଼ଙ୍ଗୀଙ୍କ ସମ୍ପତ୍ତିର । କଣ ସେ ସମ୍ପତ୍ତି କରିବେ ବସୁନ୍ଧରା ? ତାର ଉପରେ ଯାହା ସବୁ ପରିଶ୍ରମ ଓ ଦାୟିତ୍ୱ ପଡ଼ୁଛି । ବସୁନ୍ଧରା ଖାଲି ଘରେ ବସି ବସି ଅର୍ଡ଼ର ଦେଉଛନ୍ତି ।

କଣ କରୁଛୁ, ହଇଲୋ ଛତରଖାଇ, କେଉଁ ଗାଁର ଝିଅ ତୁ ?

କଠୋର ଭର୍ତ୍ସନା ଓ ତୀବ୍ର ନାରୀକଣ୍ଠରେ ଦେବୀପାଦ ଚମକି ପଡ଼ିଲା । ବସୁନ୍ଧରା ବଗିଚାରେ ଅନଧିକାର ପ୍ରବେଶ କରିଥିବା ଯୁବତୀଟି ଆଡ଼କୁ ଝପଟି ଆସୁଥିଲେ । ଆସୁ ଆସୁ ବାଟରେ

ପଡ଼ିଥିବା ବଜଅର ଡ଼ାଙ୍ଗ ଗୋଟେ ହାତରେ । ଦେବୀପାଦ ଯୁବତୀଟିର ପଞ୍ଚିଉତିକୁ ବୁଝିନେଲା । ଯୁବତୀଟି ଉପୁରେ କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ଗୋଟିଏ ସ୍ଥାନରେ ନିଶ୍ଚଳହୋଇ ଠିଆ ହୋଇ-ଯାଇଥିଲା । ବସୁନ୍ଧରା ଜଲ୍ଦି ଜଲ୍ଦି ତା ନିକଟ ହୋଇ ଆସୁଥିଲେ । ଦେବୀପାଦ ଦଉଡ଼ଯାଇ ଯୁବତୀଟିର କାନ୍ଧ ହଲାଇ-ଦେଲା ।

ଠିଆହୋଇଛୁ କାହିଁକି, ମାଡ଼ ଖାଇବାକୁ ଇଚ୍ଛା ! ଚୈଷ୍ଟା ତ କରୁଥିଲୁ, ଆଉ ଡରୁଛୁ କାହିଁକି, ଦଉଡ଼୍ ।

ଯୁବତୀଟି ସତେ ଯେପରି ଏହି ପଦକ ପରାମର୍ଶ ଅପେକ୍ଷାରେ ଥିଲା । ଶୁଣିବାମାତ୍ରକେ ଦଉଡ଼ିବାକୁ ଆରମ୍ଭ କଲା ।

ବସୁନ୍ଧରା ଦେବୀପାଦର ନିକଟ ହୋଇଯାଇ ମହାକ୍ରୋଧରେ ପଚ୍ଚରିଲେ—

ସେ କିଏ ସେ ?

ହରିଜନସାହିର ବୋଧେ ।

ଏଠି କଣ କରୁଥିଲା ?

କାଠପାଠ ଗୋଟାଉଥିଲା ।

ତୁ ?

ଠିଆ ହୋଇଥିଲି ।

ତୋତେ କହି କି ସେ ଭିତରକୁ ଆସିଥିଲା ?

ନା ।

ତାହେଲେ ସେ ଚେଷ୍ଟା କରିବାବେଳେ ତୁ ଚୁପ୍‌ଚାପ୍ ଠିଆ ହୋଇଥିଲୁ କାହିଁକି ?

......

ମୁଁ ଆସୁଥିବାବେଳେ ତୁ ତାକୁ ଘଉଡ଼ାଇ ଦେଲୁ କାହିଁକି ?

ଦେବୀପାଦ ତଥାପି ନିରୁତ୍ତର ।

ତୋ ବୈରାଗ୍ୟ କଥା ମୁଁ ବୁଝୁଛି । ସମସ୍ତଙ୍କ ଆଖିରେ ତୁ ଧୂଳି ପକାଇଦେଇପାରୁ, ମୋ ଆଖିରେ ନୁହେଁ । ତୋତେ ଜନ୍ମ କଲଦିନୁ ପରା ମୁଁ ତୋତେ ଦେଖିଆସୁଛି । ସବୁବେଳେ ଗମ୍ଭୀର ହୋଇ ନାକଫୁଲାଇ ବୁଲିଲେ କେହି ବୈରାଗୀ ହୋଇଯାଏନି ! ନିଜ ସମ୍ପତ୍ତି ଉପରେ ତୁ ଅନାସକ୍ତି ଦେଖାଇଲେ ଜାଣନ୍ତେ । ପିତୃ-ଅର୍ଜିତ ସମ୍ପତ୍ତି ଉପରେ ଏତେ ମାଡ଼ କାହିଁକି ? ନିଜେ ତ ପଇସା-ଟିଏ ରୋଜଗାର କରିବାକୁ କ୍ଷମତା ନାହିଁ······।

ଦେବୀପାଦ ଆଉ ଶୁଣିବାକୁ ଅପେକ୍ଷା କଲାନି । ତାର ବ୍ୟକ୍ତିତ୍ୱ ପ୍ରତି ପରିହାସ କରାଯାଇଥିଲା । ସେ ବଗିଚା ଗେଟ୍ ଫିଟାଇ ଜମିରେ ଜମିରେ ଧୀରେ ଧୀରେ ବୁଲିବାକୁ ଆରମ୍ଭକଲା ।

ଅଶାନ୍ତ ତାର ମନ, ଉଦ୍ଦେଶ୍ୟହୀନ ତାର ଯାତ୍ରା ।

ସ୍ତବ୍ଧ ଶିବନାଥ, ସେଇଠି ସ୍ତବ୍ଧ ।

ସବୁଦିନଭଳି ଶିବନାଥ, ନିଃସଙ୍କୋଚରେ ସୁକେଶୀଙ୍କ ପଢ଼ାଘରକୁ ପଶିଯାଉଥିବା ବେଳେ ଆଜି ହଠାତ୍ ତାର ସ୍ୱଚ୍ଛନ୍ଦତା ବ୍ୟାହତ ହେଲା । ଦୁଆରବନ୍ଧଠି ପିଢ଼ାଟାଏ ପକାଇ ସୁକେଶୀଙ୍କ ବୋଉ ପ୍ରତ୍ୟୟମୂଳକ ସ୍ୱରରେ ତାଙ୍କୁ ଯିବାକୁ ବାରଣ କରିଦେଲେ । ଶିବନାଥ ଯେପରି ଅନୁଭବ କଲା ଏତେଦିନ ହେଲା ଏ ଘରକୁ ଆସି ମଧ୍ୟ ଆଜି ଘରକୁ ଅନାହୂତଭଳିରେ ପଶିଆସିବା ତା ପକ୍ଷରେ ଗର୍ହିତ ହୋଇଛି । ଦୁଆର ଅଧା ଆଉଜା ହୋଇଥିଲା । ସୁକେଶୀ, ବୋଉ ଶିବନାଥଙ୍କୁ ବାରଣ କରୁଥିବା ଶୁଣିପାରି କହି ଉଠିଲେ—

ଛାଡ଼ନ୍ତୁ ଶିବବାବୁ, ମୋ କାମ ସରିଗଲା ।

କିଛିକ୍ଷଣ ପରେ ଧୂପଛାଇଆ ଶାଢ଼ୀଟିଏ ପିନ୍ଧି ସୁକେଶୀ ବାହାରି ପଡ଼ିଲେ । କୁଞ୍ଚିତ କେଶ ତାଙ୍କର ଦୁଇଟି ବେଣୀରେ ଶୃଙ୍ଖଳିତ ହୋଇ ବାହୁଉପରେ ଲମ୍ବିଯାଇଥିଲେ, ମୁହଁରେ ପାଉଡ଼ର, ଦେହରୁ ଦାମିକା ଅତରର ଭୁର୍ ଭୁର୍ ବାସ୍ନା ।

କିପରି ଦିଶୁଛି ? ସୁକେଶୀ ଶିବନାଥ ଆଡ଼କୁ ଚାହିଁ ପଚାରିଲେ, ଶିବନାଥ କିଛି କହିବାପୂର୍ବରୁ ପ୍ରଶ୍ନର ଅଳ୍ପ ପରିବର୍ତ୍ତନ କରି ସୁକେଶୀ ପ୍ରଶ୍ନର ପୁନରାବୃତ୍ତି କଲେ—କିପରି ଦିଶୁଛି ବୋଉ ?

ଶିବନାଥର କଥା ପାଟି ଭିତରେ ରହିଗଲା ।

ସୁକେଶୀଙ୍କ ବୋଉ କହିଲେ—ମୁଁ ପିନ୍ଧି ଆସେ । ତୁ ଯାଇ ଦେଖ, କାପ୍‌ଟା ଆସିଲାଣି କି ନାହିଁ ।

ବୋଉ, ଶିବବାବୁ ଆମ୍ଭମାନଙ୍କରେ ଯିବେ ।

ସୁକେଶୀଙ୍କ ବୋଉ କିଛି ନକହି ନିଜ ଶୋଇବାଘରକୁ ଚାଲିଗଲେ । ସୁକେଶୀ ଶିବନାଥଙ୍କୁ କହିଲେ—

ଆପଣ ଘରଭିତରେ ବସନ୍ତୁ । ଆଜି ପଢ଼ାପଢ଼ି ନାହିଁ । ଆଜି ଗୋଟେ ଜାଗାକୁ ବୁଲିଯିବା ।

ଶିବନାଥର ମୁହଁରେ ପ୍ରଶ୍ନବାଚକ ଫୁଟିଉଠିଲା । କିନ୍ତୁ କିଛି ନ କହି ହସିହସି ସୁକେଶୀ ଦାଣ୍ଡଘର ଆଡ଼େ ଚାଲିଗଲେ । କିଛି-କ୍ଷଣପରେ, ସୁକେଶୀ ଫେରି ଆସି କହିଲେ—ବୋଉ, ଡ୍ରାଇଭର କାପ୍‌କୁ ଆଣିସାରିଲାଣି । ତୁ ଜଲ୍‌ଦି ପିନ୍ଧ୍ । ବାରଟା ବାଜିବା ଉପରେ ।

ପୂଜାରୀକୁ କହ, ସେ ଜଳଖିଆ, ସତରଞ୍ଜି, ଆଉ ଯାହା ଦରକାର ସବୁ କାପରେ ରଖୁ ।

ଆଚ୍ଛା । ସୁକେଶୀ ପୂଜାରୀକୁ ବୋଉ କହିବା ଅନୁଯାୟୀ ନିର୍ଦ୍ଦେଶ ଦେଇ ଫେରିଆସିଲେ ।

କୁଆଡ଼େ ଯିବା ସୁକେଶୀ ? ଶିବନାଥ କୌତୁହଳକୁ ସମ୍ବରଣ କରି ନ ପାରି ପଚାରିଲା । ସିଦ୍ଧାବଳୀଙ୍କ ପାଖକୁ, ସିଦ୍ଧାବଳୀ ଠାକୁରାଣୀ । ଭଞ୍ଜପଡ଼ା ଦଳବେହେରାଙ୍କର ଇଷ୍ଟଦେବୀ, ସୋଳଗି ପାହାଡ଼ର ଅଧିଷ୍ଠାତ୍ରୀ । ସେଠି ଗାଧୋଇବା, ରନ୍ଧିବା ଅଛି । ଦର୍ଶନ ଦେଖିବା, ଖାଇବା ସବୁ ହେବ । ଆପଣ ବୋଧେ ଆଗରୁ ଯାଇଛନ୍ତି, ବୋଉ ମଧ୍ୟ ଯାଇଛି । ମୁଁ କିନ୍ତୁ ଅନେକଥର ଯିବି ଯିବି ବୋଲି ହୋଇ ଯାଇପାରିନି । ସୁକେଶୀଙ୍କ କଥାରେ ଉଚ୍ଚ ଉଲ୍ଲାସର ଝଡ଼ ।

ମୁଁ ତ ଥରେ ଦେଖିଛି ।

କିନ୍ତୁ ତାଙ୍କୁ ଯେତେଥର ଦେଖିଲେ ବି ତୃପ୍ତି ନଆସିବା ଉଚିତ । ଭଗବାନ ଓ ଭକ୍ତର ସମ୍ପର୍କରେ ପରିତୃପ୍ତିର ସ୍ଥାନ କେଉଁଠି ?

ସେପରି ଆରାଧ୍ୟା ଯାହାଙ୍କୁ ଦେଖିଲେ ବାରମ୍ବାର ଦେଖିବାକୁ ଇଚ୍ଛା ହେବ; ମୋ ଦୃଷ୍ଟି ଆଗକୁ ଆସି ସାରିଛନ୍ତି—

ଶିବନାଥ ଏତିକି କହି ଦେଇ ଲାଜ ପଡ଼ିଗଲା ।

ତା ହେଲେ ?

ସେଠିକି ମୁଁ ଯିବାର ପ୍ରଶ୍ନ ଉଠୁନି ।

କାହିଁକି ?

ମୁଁ ସବୁବେଳେ ତାଙ୍କ ପାଖେ ଅଛି, ଦୂରରେ ଥିଲେ ଯିବା ଯିବାପ୍ରଶ୍ନ ଉଠନ୍ତା, ମୁଁ ସବୁବେଳେ ତାଙ୍କ ପାଖରେ ।

ସୁକେଶୀ ଦୁଷ୍ଟାମି ହସରେ ଶିବନାଥ ଆଡ଼କୁ ଚାହିଁଲେ । ଶିବନାଥର ସ୍ୱର ଗମ୍ଭୀର ହୋଇଗଲା—ସୁକେଶୀ !

ଉଁ ।

ସବୁବେଳେ ତାଙ୍କୁ ନଜର କରି ରଖିବେ ବୋଲି ବିଶ୍ୱାସ ହେଉନି । ଡର ଲାଗୁଛି । ଦେବାଦେବୀଙ୍କ ସ୍ମୃତିମାନ୍ତ ମର୍ତ୍ତ୍ୟମାନଙ୍କ ସ୍ମୃତିମାନ୍ତଠୁ ଭିନ୍ନ କିନା !

ନିଜ ଉପରେ ବିଶ୍ୱାସ ରଖନ୍ତୁ ।

ହଁ ।

ମାଇଚଆ ।

ସୁକେଶୀ ଶିବନାଥର ମୁଣ୍ଡ ବାଳରେ ଆଙ୍ଗୁଠି ପୂରାଇ ସଲସଲ କରିଦେଇ ଚାଲିଗଲେ ।

ନରହରିପୁର ଶାସନର ପ୍ରାୟ ଚାରିମାଇଲ ଦୂରରେ ସୋଲଗା ଦେବଗମାଳା । ଦେବତର ଉତ୍ତର ପଟକୁ ପଶ୍ଚିମସୀମାରେ ଭାଟପଡ଼ା । ଭାଟପଡ଼ା ଦଳବେହେରା ସେଇକୁ ଖଣ୍ଡମଣ୍ଡଳରେ ବହନେ ସଂପୂର୍ତ୍ତ

କରୁଥିଲେ । ଘଣ୍ଟପଡ଼ାଠୁ ପାଏ ବାଟ, ପର୍ବତ ଆଡ଼କୁ, ସିଦ୍ଧାବଳୀ ଠାକୁରାଣୀ, ପର୍ବତର ଠିକ୍ ପାଦଦେଶରେ । ଠାକୁରାଣୀଙ୍କ ପାଖରେ ସାନବଡ଼ ହୋଇ ଦୁଇଟି ଚବକା, ବହୁ ଉପରୁ ନିର ଗଡ଼ିଆସୁଛି । ଠାକୁରାଣୀଙ୍କର ଗୃହଘର, ପଥର ସ୍ତମ୍ଭ । ଘଣ୍ଟପଡ଼ାଠୁ ବ୍ରାହ୍ମଣ ନିତିଆସି ପୂଜାକରି ଚାଲିଯାଏ । ଠାକୁରାଣୀଙ୍କର ମନ୍ଦିର ପାଖେ ଦୁଇ ତିନୋଟି ନଡ଼ିଆଗଛ, କିଛି ଦୂରରେ ନିରନ୍ଧ୍ର ବାଉଁଶ ବଣ । ପଛକୁ ସୋଲଙ୍କର ଭବ୍ୟମୂର୍ତ୍ତି । ସବୁ ସମୟରେ ଠାକୁରାଣୀଙ୍କ ପାଖେ ଭିଡ଼ ନ ଥାଏ, ସଂକ୍ରାନ୍ତିକୁ ଲୋକ ସମାଗମ ହୁଏ, ତେବେ ବେଶି ଭିଡ଼ ହୁଏ ପଣାସଂକ୍ରାନ୍ତି ଦିନ । ଶାସନଠୁ ଟ୍ରେଣ୍ଟପଲ୍ଲୀ ଦେଇ ଶଗଡ଼ରାସ୍ତା ଅଛି । ମଟରରେ ଗଲେ ବାଲୁଗାଁ ହୋଇ ଗଙ୍ଗାଧରପୁର ଯିବାକୁ ହେବ । ସେଠୁ ଘଣ୍ଟପଡ଼ା, ତାପରେ ପାଏ ଖଣ୍ଡେ ପାଦରେ ।

ଏମାନେ ଘଣ୍ଟପଡ଼ା ଦଳବେହେରାଙ୍କ ଘର ପାଖେ ଜିପ୍ ରଖି ଠାକୁରାଣୀଙ୍କ ପାଖକୁ ଆସୁ ଆସୁ ଦୁଇଟା ପ୍ରାୟ । ରାନ୍ଧିବାକୁ ପଡ଼ିବନି ବୋଲି ସାଥିରେ ଜଳଖିଆ ଅଣାଯାଇଥାଏ । ବଭିନ୍ନ ସ୍ଥାନ ବୁଲି ଦେଖିବାକୁ ଜମିଦାରଙ୍କ ସ୍ତ୍ରୀଙ୍କର ଭାରି ସଉକ । ଭାରତର ଅନେକ ଦର୍ଶନୀୟ ଜାଗା ସେ ସ୍ୱାମୀଙ୍କୁ ଫୁସୁଲା ଫୁସୁଲା କରି ଦେଖିଆସିଛନ୍ତି । ସିଦ୍ଧାବଳୀଙ୍କ ପାଖକୁ ସେ ଆଗରୁ ପ୍ରାୟ ତିନି ଚାରି ଥର ଆସି ସାରିଥିବେ । ଆଜି ତାଙ୍କର ଆସିବାକୁ ବିଶେଷ ଇଚ୍ଛା ନ ଥିଲା । ସୁକେଶୀ ଆଗରୁ ଦେଖି ନ ଥିଲେ, ତାଙ୍କର ଆଗ୍ରହ ଦେଖି ସେ ବାହାରି ପଡ଼ିଲେ ।

ଠାକୁରାଣୀଙ୍କୁ ମୁଣ୍ଡିଆ ମାରି ସମସ୍ତେ ମଣ୍ଡପରେ ବସି ହାଲିଆ ମାରୁଥିବା ବେଳେ ସୁକେଶୀ କହିଲେ—କି ସୁନ୍ଦର ଜାଗା ବୋଉ,

ମୋତେ ଯାହା ଆଗରୁ ତୁ ଆଣି ନଥିଲୁ ! ସବୁବେଳେ ରହିବାକୁ ଇଚ୍ଛା ହେଉଛି ।

ସବୁବେଳେ ରହିଲେ କଣ ଭଲ ଲାଗିବ ?

ଶିବବାବୁଙ୍କର ସବୁବେଳେ ନୀରସ କଥାଗୁଡ଼ାକ । ବୋଉ ! ଡ୍ରାଇଭର ଓ ପୂଜାରୀ ଆଗ ଗାଧୋଇ ପକାନ୍ତୁ । ତାପରେ ଆମେ ଯିବା ।

ହଁ ।

ଡ୍ରାଇଭର ଓ ମଧୁ ଚବକାକୁ ଓହ୍ଲାଇଗଲେ ।

କଣ ପାଣି ଭାରି ଥଣ୍ଡା ?

ଉଃ ! କି ହିମ.ଳ ! ଦେହ ଥରଯାଉଛି ।

ତାହେଲେ ତୁମେ ବେଶି ଗାଧାଅନି ମଧୁ, ଜରରେ ପଡ଼ିଲେ ଆମେ ହଇରାଣ ହେବୁ ।

ଜମିଦାରଙ୍କ ସ୍ତ୍ରୀ, ସୁକେଶୀ ଓ ଶିବ ଚବକା ଥଣ୍ଡାପାଣିରେ ବେଶ୍ ସ୍ଫୁର୍ତ୍ତି ପାଇଲେ । ସୁକେଶୀ ପହଁରିବା ବାହାନାରେ ପାଣି ଗୁଣ୍ଡ ପାଞ୍ଚ ଅଞ୍ଜୁଳା ଶିବନାଥର ମୁହଁକୁ ଫୋପାଡ଼ି ଦେଲେ । ବହୁତ ଇଚ୍ଛା ଥିଲା, ବୁଡ଼ି ରହିବାକୁ, ଖେଳିବାକୁ, ପାଟି କରିବାକୁ । କିନ୍ତୁ କେବଳ ଝରଣାରେ ରହିଗଲେ ଅନ୍ୟାନ୍ୟ ଜାଗା ବାକି ରହିଯିବ । ସୁକେଶୀ ଶିବନାଥକୁ ପ୍ରବର୍ତ୍ତାଇ ପର୍ବତ ଉପରେ ଚଢ଼ିଲେ । କାଠ-କଟାଳୀମାନେ ଚଢ଼ି ଚଢ଼ି ଯେଉଁ ରାସ୍ତା ହୋଇଥିଲା, ସେହିଥିରେ ଦୁହେଁ ଚଢ଼ିବାକୁ ଲାଗିଲେ । ଉଦ୍ଦେଶ୍ୟ ଥାଏ ଝରଣାର ଉତ୍ପତ୍ତିସ୍ଥଳ ଠାବ କରିବେ ବୋଲି । ଶିବନାଥର ଉତ୍ସାହ ନ ଥାଏ, କେବଳ ସୁକେଶୀଙ୍କ ମନ ରଖିବା ପାଇଁ ସେ ବୁଲୁଥାଏ । ପୂର୍ବରୁ ସେ ଥରେ ଝରଣା ସଙ୍ଗେ ସଙ୍ଗେ ଉପରକୁ ଚଢ଼ିଥିଲା; କିନ୍ତୁ ପରିଶ୍ରମ ଛଡ଼ା ଆଉ କିଛି ତାକୁ ମିଳି ନ ଥିଲା ।

ଗୃହ ଆଡ଼କୁ ନିଶ୍ଚିମଣ କରି ଦୁହେଁ ଚାଲୁଥାନ୍ତି । ପ୍ରାୟ କୋଡ଼ିଏ ହାତ ଉପରକୁ ଆସିବା ପରେ ଦୁହେଁ ଫେରି ଚାହିଁଲେ । ମଣ୍ଡପ, ମନ୍ଦିର, ଝରଣା, କୁଣ୍ଡ କିଛି ଦିଶୁ ନ ଥାଏ । ଗଛଲତା ଅନ୍ତରାଳ କରୁଥାନ୍ତି ।

ଆମକୁ କେହି ଦେଖି ପାରୁନାହାନ୍ତି ।

ଅର୍ଥ ରଖି ସ୍ନିଗ୍ଧ ହସ ସହ ପଥର ଉପରେ ସୁକେଶୀ ବସି-ପଡ଼ିଲେ ।

ନର ଓ ନାରୀ ।

ଆଦିମ ସଙ୍କେତ ।

ଶିହରଣ ।

ଶିବନାଥ ଟେଆ ହୋଇ ସୁକେଶୀଙ୍କ ମୁହଁକୁ ଚାହିଁ ରହିଲା । କିଛିକ୍ଷଣ ଏଣେତେଣେ ଚାହିଁବା ପରେ ସୁକେଶୀ କହିଲେ—ହେଇ ଦେଖନ୍ତୁ, ଝରଣା ଏଇଠି ଦୁଇଭାଗରେ ବିଭକ୍ତ ହୋଇଯାଇଛି । ଗୋଟିଏ ଧାର ସହ ଆପଣ ଯାଆନ୍ତୁ । ଗୋଟିଏ ଧାର ପଛରେ ମୁଁ । ଯଦି ଆପଣ ଆଗ ଝରଣା ଆରମ୍ଭ ଦେଖିବେ ତାହେଲେ ପାଟିକରି ମୋତେ ଜଣାଇ ଦେବେ, ମୁଁ ପାଇଲେ ସେହିପରି କରିବି, ଆପଣ ଦଉଡ଼ି ଆସିବେ । ଝରଣା ଆରମ୍ଭ ଯଦି ଆଜି ଆମେ ପାଇଯିବା ତାହେଲେ ଜୀବନରେ ତାହା ଏକ କୃତିତ୍ୱ ହୋଇ ରହିଯିବ ।

ଶିବନାଥ ବାଧ୍ୟ ହୋଇ ଗୋଟିଏ ଶାଖା ସଙ୍ଗେ ସଙ୍ଗେ ଚାଲିଲା । ଝରଣାର ଅନ୍ୟ ଧାର ଧାରେ ଧାରେ ସୁକେଶୀ ।

ସୁକେଶୀ କିଛି ବାଟ ଯାଇଛନ୍ତି ଝରଣା ଆଉ ବାହାରକୁ ଦିଶିଲାନି । କିନ୍ତୁ ସୁକେଶୀ ଅନୁମାନ କରି ଚଢ଼ିବାକୁ ଲାଗିଲେ । କିଛିଦୂର ଯାଇଛନ୍ତି ଦେଖାଗଲା ଝରଣା ହାତେ ଓସାରରେ ବହି ଆସୁଛି । ସୁକେଶୀ ଆନନ୍ଦରେ ଗଦଗଦ୍ ହୋଇ ଉଠିଲେ ।

ଝରଣାର ଦୁଇକଡ଼ରେ ସ୍ରୋତ ବଡ଼ ହୋଇ ପଥର ପଡ଼ିଥାଏ । ସୁକେଶୀ ଆଉଟିକିଏ ଚଢ଼ିବାରେ ଦେଖିଲେ ଗୋଟିଏ ବଡ଼ ପଥର ଉପରେ କେହି ଜଣେ ଲୋକ ଶୋଇଛି, ହାତ ଦୁଇଟି ପାଣି ଭିତରେ । ପ୍ରଥମେ ତ ସେ ଚମକି ପଡ଼ିଲେ । କିଏ ହୋଇପାରେ ? ବ୍ୟବଧାନ ପାଞ୍ଚ ହାତ ହେବ । ସେ ନିଜର ଉପସ୍ଥିତିକୁ ଜଣାଇଦେବା ପାଇଁ ପଦ ଖସ୍ ଖସ୍ କଲେ । ଭଦ୍ରବ୍ୟକ୍ତିଙ୍କର ଶୋଇବା ଭଙ୍ଗୀରେ କୌଣସି ପରିବର୍ତ୍ତନ ଦେଖାଗଲାନି । କିନ୍ତୁ ସେ କହିଲେ—କିଏ ।

ମୁଁ ।

ମୁଁ ?

ମୁଁ······ମୁଁ ସୁକେଶୀ······ମହାପାତ୍ର ।

ଓ ! ସୁକେଶୀ ଦେବୀ ! ଉପରଚର ବୁଲିପଡ଼ିଲେ । ଶିବନାଥଙ୍କ ଉପରେ ଭାଇ ଦେବୀପାଦ । ସେମାନେ ଚିହ୍ନାପରିଚୟ ନାହିଁ । ତେବେ ଦୁହେଁ ଆଗରୁ ପରସ୍ପରକୁ ଦେଖିଛନ୍ତି । ସୁକେଶୀ ନମସ୍କାର କଲେ ।

ମୁଁ ତ ଆପଣଙ୍କୁ ଅନ୍ୟ କିଏ ଭାବି ଚମକି ପଡ଼ିଥିଲି ।

ଏଣେ କୁଆଡ଼େ ?

ଶିବବାବୁ, ମୁଁ, ବୋଉ ବୁଲିଆସିଛୁ ।

ଅନ୍ୟାନ୍ୟମାନେ କାହାନ୍ତି ?

ତଳେ, ଠାକୁରାଣୀଙ୍କ ପାଖେ । ଶିବବାବୁ ଝରଣାର ଅନ୍ୟ ଧାର ସନ୍ଧାନ ପାଇଛନ୍ତି ।

କାହିଁକି ?

ଉତ୍ପତ୍ତିସ୍ଥଳ ଦେଖିବାକୁ, କିନ୍ତୁ ମୁଁ ଆଗ ଦେଖିନେଲି ।

ଏଇଟା କଣ ଉତ୍ପତ୍ତିସ୍ଥଳ ?

ଆଜ୍ଞା ।

ଦେବୀପାଦ ବସିଗଲେ । ଆଡ଼ୁର ବଡ଼ୁ ଉପରେ ।

ଛାଡ଼େଲେ··· । ଆଉ ଉପରକୁ ଯାଇ ପାରିବନି । ଆପଣ କୁଆଡ଼େ ବୁଲି ଆସିଥିଲେ ?

ମୁଁ ବେଳକୁବେଳେ ଇଚ୍ଛାହେଲେ ଏହିପରି ବୁଲିଆସେ ।

ଡର ଲାଗେନି ?

ଲାଗେ ଲାଗେନି, ଭଲ ଲାଗେ ବୁଲିଆସେ । ଆପଣଙ୍କୁ ଚକ୍ଷୁ ଡକରା ପଡ଼ିଲାଣି । ସୁକେଶୀ କାନ ଡେରିଲେ । ଚକ୍ଷୁ ସୁକେଶୀଙ୍କ ବୋଉ ଡାକୁଥାନ୍ତି ।

ଯାଆନ୍ତୁ ।

ମୁଁ ଏକା ଯିବି ? ଆପଣ ମୋ ସହିତ ଚାଲନ୍ତୁ । ନ ହେଲେ ମୋତେ ଡର ଲାଗିବ ।

ଦେବାପାଦ ସୁକେଶୀଙ୍କୁ ଚାହିଁଲା । ରୂପବତୀ । ସ୍ନେହପ୍ରଭାଙ୍କ ସୌନ୍ଦର୍ଯ୍ୟଠୁ ଟିକିଏ ଭିନ୍ନ ଧରଣର । ତଥାପି ସୁନ୍ଦରୀ ।

ସ୍ନେହପ୍ରଭା ସୁଠାମ ସୁଗନ୍ଧ ମାଳତୀ ।

ସୁକେଶୀ ଅରଣ୍ୟତଟିନୀ—ତନ୍ୱୀ, ବେଗବତୀ, ତରଙ୍ଗିତା ।

ଚାଲନ୍ତୁ ।

ବାଟଯାକ ସାନବଡ଼ ହୋଇ ପଥର ପଡ଼ିଥାଏ । ବଡ଼ ବଡ଼ ପଥରରେ ଗୋଡ଼ ଦେଇ ଆସିବା କଥା । ସାନ ପଥରରେ ଗୋଡ଼ ଦେଲେ ଗୋଡ଼ ଖସିଯିବ ।

ମୋ ହାତ ଧରନ୍ତୁ । ଚଢ଼ିବା ଅପେକ୍ଷା ଓହ୍ଲାଇବା ଏଠି ବେଶି କଷ୍ଟ ।

ଦେବାପାଦ ହାତ ବଢ଼ାଇ ଦେଲା । ସୁକେଶୀ ଦେବାପାଦର ହାତଧରି ଓହ୍ଲାଇବାକୁ ଲାଗିଲେ ।

ଦେବୀପ୍ରସାଦ ସୁକେଶୀଙ୍କ ମଣ୍ଡପ ପାଖରେ ଗୁଡ଼ାଏ ଦେଇ ଚାଲି ଆସିଲା । ଜମିଦାରଙ୍କ ସ୍ତ୍ରୀ ଦେବୀପ୍ରସାଦକୁ ମଠର କାର୍‌ରେ ଯିବାକୁ ବହୁ ଅନୁରୋଧ କରିଥିଲେ । ଶିବନାଥ ମଧ୍ୟ କହିଲା । ସୁକେଶୀ କିଛି ନ କହି ସେହିପରି ଗମ୍ଭୀର ହୋଇ ଠିଆ ହୋଇଥାନ୍ତି । ଦେବୀପ୍ରସାଦ କାହା କଥା ଶୁଣିଲା ନାହିଁ । "ମୋର କାମ ଅଛି ଆପଣମାନେ ଆସୁ ଆସୁ ଡେରି ହେବ । ଦେଖିବେ ମୁଁ ଆପଣଙ୍କ ଅପେକ୍ଷା ଚଞ୍ଚଳ ପହଞ୍ଚିବି" କହି ସେ ଚାଲି ଆସିଲା ।

ଘରେ ସେ ପହଞ୍ଚିଲାବେଳକୁ ସନ୍ଧ୍ୟା । ଦାଣ୍ଡପିଣ୍ଡାରେ ସଞ୍ଜବତି ଜଳି ସାରିଥିଲା । ଗାଁରେ ଗୋପୀନାଥଙ୍କ ମଣ୍ଡପ ଉପରେ ଲଣ୍ଠନ ଜାଳି ଦଳେ ତାସ୍ ଖେଳରେ ଲାଗି ଯାଇଥିଲେ । ଦେବୀପ୍ରସାଦ ଅନ୍ୟମନସ୍କ ହୋଇ ଘର ଭିତରକୁ ପଶିଗଲାବେଳେ ଦାଣ୍ଡଘରୁ ଶୁଣିଲା—କେହି ପଚାରୁଥିଲେ—

ମାଉସୀ, ଦେବୀ ଭାଇ ଆସିଲେଣି ?

ସବୁବେଳେ ତୁ ଦେବୀ, ଦେବୀ କାହିଁକି ହେଉଛୁ କହିଲୁ ? ଦୁଇଘଣ୍ଟା ଭିତରେ ଆସି ତିନି ଚାରିଥର ପଚାରିଗଲୁଣି । କଣ ଦିନେ ନ ଦେଖିଲେ ସମ୍ଭାଳି ପାରୁନୁ ?

ହେମ ଦିନରେ ଆଗରୁ ଦୁଇ ତିନିଥର ଦେବୀପ୍ରସାଦ କଥା ପଚାରିଥିଲେ, ବସୁନ୍ଧରା ଶାନ୍ତ ଚିତ୍ତରେ ଯେପରି ଉତ୍ତର ଦେବା କଥା ସେହିପରି ଉତ୍ତର ଦେଇଥିଲେ । କିନ୍ତୁ ବର୍ତ୍ତମାନ ହଠାତ୍

ଅପ୍ରତ୍ୟାଶିତ ଆକ୍ରମଣରେ ସେ୍ନହ ସ୍ତବ୍ଧ ହୋଇ ରହିଗଲେ । କିଛିକ୍ଷଣ ପାଇଁ ସେ ପରିସ୍ଥିତିକୁ ବୁଝିପାରିଲେନି । ବସୁନ୍ଧରାଙ୍କ ପାଖରେ ଜାନକୀ ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରୁଥିଲା । ବସୁନ୍ଧରା ଜାନକୀକୁ କହିଲେ—

ଏତିକିଟିଏ ପିଲା, ଭାରି ବୁଦ୍ଧି, ଭାରି ଚତୁର । ହଜାରେ ଜାଗାରୁ ଲୋକ ନାପସନ୍ଦ କରି ଫେରିଗଲେଣି । ବାପମାଙ୍କର ଭାରି ଆଶା ଝିଅଟିକୁ ଆମଘରେ ଉଠାଇଦେବାକୁ । ଦେଖା ତ ଆମର ଭାରି ସାଦାସିଧା, ସରଳ । ତାକୁଇ କଣ ପ୍ରତି ଶନିବାର ଆସି କୂଟକପଟ କରୁଛି । ପ୍ରତି ଶନିବାର ନ କଲେ ମନ୍ତ୍ର କାଟୁ କରୁ ନ ଥିବ ବୋଧେ । ଶ୍ରେଷ୍ଠ ଲୋକ ହେଲେ କଣ ହେଲା ସାହସକୁ ପ୍ରଶଂସା କରିବ । ଷଡ଼ଙ୍ଗୀଘରର ବୋହୂ ହୋଇ ଆସିବାକୁ ଇଚ୍ଛା । ହାତରେ ହଳଦୀ ଚୂନ ଲାଗୁ ନ ଥିବ, ଜାତିରେ ପୁଣି ପାଢ଼ୀ ବ୍ରାହ୍ମଣ, କିନ୍ତୁ ସାହସ ଦେଖ !!

ମାଉସୀ···ସ୍ନେହବିହ୍ଵଳ ହୋଇ ଆଉ କିଛି କହି ପାରିଲେନି । ଆଖିରେ ପାଣି ଭର୍ତ୍ତି ହୋଇଯିବା ଯୋଗୁ ତାଙ୍କୁ ଆଉ କିଛି ଦିଶୁ-ନ ଥିଲା ।

ମାଉସୀ, ମାଉସୀ, କାହିଁକି ହେଉଛ, ଯାଉନୁ କାହିଁକି, ଏଇଲେ ପିଲାମାନେ ଆସିବେ, ଯୁବତୀଝିଅ, ସବୁବେଳେ ତୁ ଏ ଘରକୁ ଆସିଲେ ଆମକୁ ଲଜ୍ଜା । ଇଏ ଭଲକଥା ନୁହେଁ ଲୋ ଝିଅ, ଭଲ-କଥା ନୁହେଁ, ତୋ ଭଲପାଇଁ କହୁଛି ।

ଦେବୀପାଦ ଅନ୍ଧାରରୁ ବାହାରି ଆସିଲା ବାରଣ୍ଡାକୁ । ପ୍ରଚଣ୍ଡ କ୍ରୋଧ ତାକୁ ଜାଳିଦେଉଥିଲା । ଦେବୀପାଦକୁ ଦେଖି ବସୁନ୍ଧରା ଓ ଜାନକୀ ଥମି ଗଲେ ।

ବୋଉ··· । ଦେବୀପାଦ ବରଣ୍ଡାପଲଙ୍କରେ ଥରୁଥିଲା । ତା ସ୍ୱର ଆହତ ପଶୁର ସ୍ୱର ! ଆଉ ବାକକଥା ବାକ୍ୟରେ ରୂପାୟିତ ହୋଇପାରିଲେନି । ସେ କହିବାକୁ ଚାହୁଁଥିଲା—ବୋଉ, ତୋପରି ରୂପଲକ୍ଷଣୀ ମୁଁ ଆଉ କେଉଁଠି ଦେଖିନି । ଏତେ ଦୁର୍ମୁଖ ଏତେ ବଦ୍‌ରାଗୀ, ଏତେ ଅଭଦ୍ର, ଏତେ ଛଳକପଟ, ମଇଳା !!! କାହାକୁ ତୁ କଣ କହୁଯାଉଛୁ । ଟିକିଏ ହେଲେ କୋମଳତା ତୋଠି ନାହିଁ । ସେ ଗରିବଘର ଝିଅଟିଏ ବୋଲି ତାର କଣ ମାନସମ୍ମାନ ନାହିଁ । ସ୍ନେହରେ ତୁମ ଘରକୁ ଟିକିଏ ବୁଲିଆସିଛି, ସେଥିରେ କଣ ଦୋଷ ହୋଇଗଲା ! ଏପରି ନିଷ୍କଳଙ୍କ ଦେବୀଙ୍କୁ ଏପରି ଅପମାନ । ଉଃ ! ଯେ ସବୁଠୁ ପବିତ୍ର ତାରି ଉପରେ ଦୋଷାରୋପ !!

କିନ୍ତୁ ଦେବୀପାଦ କିଛି କହିପାରିଲେନି । 'ବୋଉ' କହିବାପରେ ତା ପାଟି ଲାଗିଗଲା । ସେ କେବଳ ରାଗରେ ଥରୁଥାଏ । ବସୁନ୍ଧରା ଉଠିପଡ଼ି ତାଙ୍କ ଶୋଇବା ଘରକୁ ଚାଲିଗଲେ । ଜାନକୀ କଂସା ଗିନା ମାଜିବସିଲା । ଦେବୀପାଦର ରାଗ କିଛିସମୟ ପରେ ଶାନ୍ତ ହେବାବେଳକୁ ସ୍ନେହ ନ ଥିଲେ ।

ସେହିଦିନଠୁ ଷଡ଼ଙ୍ଗୀଙ୍କ ଘରକୁ ସ୍ନେହ ଆଉ ଆସିଲେନି । ଆଠବର୍ଷ ହେଲା ସେ ସେଘରକୁ ଆସୁଥିଲେ, ଅଭିପ୍ରାୟଶୂନ୍ୟ, ସ୍ୱଚ୍ଛନ୍ଦ, ଯେତେବେଳେ ତାଙ୍କର ଇଚ୍ଛାହେବ । ତାଙ୍କର ଆସିବାରେ କେହି କେବେ କୌଣସିପ୍ରକାର ଆପତ୍ତିଜନକ କଥା ଦେଖି ନ ଥିଲେ । ବରଂ ସେ ଆସୁଥିଲେ ବସୁନ୍ଧରାଙ୍କର ଅନେକ କାମ କରି-ଦେଉଥିଲେ, ରୋଗରେ କେହି ପଡ଼ିଥିଲେ ସେବାକରି ଯାଉଥିଲେ । ଷଡ଼ଙ୍ଗୀ ସ୍ନେହଙ୍କୁ ସ୍ନେହ କରୁଥିଲେ । ଗୁଣଶୀଳାଙ୍କର ଆଦର ତାଙ୍କର ଜୀବିତାବସ୍ଥାରେ ସେ ଘରେ ଥିଲା । କୁଟୁମ୍ବରୁ ଜଣେ ବୋଲି ସମସ୍ତେ ଭାବୁଥିଲେ । ବୟସ ହେବାରୁ, ଏଣେତେଣେ ବିବାହ ପ୍ରସ୍ତାବ ପଡ଼ିବାରୁ, ବୋଉ ଆକଟ କରିବାରୁ ତାଙ୍କର ଆସିବା କମ ହୋଇଯାଇଥିଲା, କିନ୍ତୁ ସପ୍ତାହରେ ଦିନେ ସେ ନିଶ୍ଚୟ ଆସୁଥିଲେ, ଶନିବାର ଦିନ ଦ୍ୱିପ୍ରହରେ ।

କିନ୍ତୁ ସେଦିନ ଘଟଣାପରେ ଦୁଇଟି ଶନିବାର ଚାଲିଯାଇଛି । ସ୍ନେହ ଆସିନାହାନ୍ତି, ସେ କାହିଁକି ଆସିନାହାନ୍ତି ତା କେହି ଜାଣିବାକୁ ବ୍ୟଗ୍ର ମଧ୍ୟ ନୁହଁ । ସମସ୍ତେ ଯେପରି ସବୁକଥା ଜାଣି ସାରିଛନ୍ତି ।

ତୃତୀୟ ଶନିବାରଦିନ ମହେଶ୍ୱର ପାଢ଼ୀଙ୍କ ଘର ଆଗ ଦାଣ୍ଡରେ ତିନିଜଣ ଲୋକ କଥାବାର୍ତ୍ତା ହେଉଥିଲେ । ଜଣେ ଯୁବକ, ଦୁଇଜଣ ପ୍ରୌଢ଼ ।

ଆଜ୍ଞା, ମହେଶ୍ୱର ପାଢ଼ୀଙ୍କର ଏଇ ଘର ?

ହଁ, ଏଇ ଘର ।

ଆମେ ଦେବପୁର୍ ଶାସନରୁ ଆସିଛୁ, ବାଲେଶ୍ୱରର ଦେବପୁର୍ ଶାସନ ।

ଆପଣ ଗୃହମାଲିକଙ୍କ ସହିତ ପରିଚିତ ପରି ଜଣାପଡୁଛନ୍ତି, ଟିକଏ ଯାଇ ଖବର ଦିଅନ୍ତେ ।

ଆସନ୍ତୁ, ଆସନ୍ତୁ ! ଗୃହ ସମ୍ବନ୍ଧରେ ଖବର ଦେଉଥିବା ଯୁବକ ପ୍ରୌଢ଼ ଭଦ୍ରବ୍ୟକ୍ତିଦ୍ୱୟଙ୍କୁ ବାରଣ୍ଡାକୁ ଡାକିନେଲେ । ବସନ୍ତୁ ମୁଁ ଭିତରୁ ଆସୁଛି ।

ସ୍ନେହ, ସ୍ନେହ, ମହାମଉସା ! କହି ସେ ଭିତରକୁ ପଶିଗଲେ । ଘର ଭିତରେ ଯୁବକଙ୍କ ସ୍ୱର ଆଉ କାହା କାନରେ ପହଞ୍ଚିବା ପୂର୍ବରୁ ସ୍ନେହଙ୍କ କାନରେ ପହଞ୍ଚିଗଲା । ସେ କୋଠିନଧ୍ୟ ପାଇଗଲେ ।

ଦେବୀ ଭାଇ !

ଅଜି କେଡ଼େ ଭାଗ୍ୟ, ତୁମ ପାଦ ପଡ଼ିଲା ।

ଘରଭିତରେ ବାରଣ୍ଡାରେ ମହେଶ୍ୱର ପାତ୍ରୀ ସାନପୁଅକୁ କୋଳରେ ଧରି ବସିଥିଲେ । ଯଶୋଦା କଂସା ଟିକା ମାଜୁଥିଲେ । ଦେବୀମାନଙ୍କୁ ଦେଖି ସମସ୍ତେ ଚମକି ହୋଇଗଲେ । ସମ୍ଭ୍ରାନ୍ତ ଘରର ସନ୍ତାନ ଘରେ ପାଦଦେବା ସୌଭାଗ୍ୟକୁନ । ସ୍ନେହଙ୍କ ମନ କହିଲା— ଦେବୀ ଆସିଛନ୍ତି, ବନ୍ଧୁଗଣଙ୍କ ସେଦିନର ଅଭଦ୍ର ବ୍ୟବହାର ପାଇଁ ଦୁଃଖ ପ୍ରକାଶ କରିବାକୁ, ଅନୁନୟ କରିବାକୁ, ସେ ସବୁ ଭୁଲିଯାଅ । ସେ ବଗିଚାକୁ ନଆସିବାଦ୍ୱାରା ତାର ବଡ଼ ବେଶି ଦୁଃଖ ହୋଇଛି । ତାର ବୋଉ ଜଣେ ସ୍ନେହଙ୍କ ବୋଉ ନୁହନ୍ତି ? କିଛି ନ ହେଲେ ବନ୍ଧୁଗଣଙ୍କ ଦୋଷକୁ ଦେବୀ କରିଛି ଭାବି ସେ କ୍ଷମା ଦେଇଦେଉ ।

ବାପାବୋଉଙ୍କ ଆଗରେ ଦେବପାଦ ସବୁକଥା କହି-ପାରିବେନି, ଏତେଦିନ ପରେ ଦେଖାହେଉଛି, କେତେ କଥା

କହିବାକୁ ଥିବ ଭାବ ସ୍ନେହ ବାଡିଆଡ଼କୁ ଚାଲି ଯାଉ ଯାଉ ଶୁଣିଲେ —ଦେବୀପାଦ କହୁଥିଲା—

ମଉସା, କେହି ଦୁଇଜଣ ଭଦ୍ରବ୍ୟକ୍ତି ଦେବପୁର ଶାସନରୁ ତୁମ ପାଖକୁ ଆସିଛନ୍ତି ।

ଦେବପୁର ଶାସନରୁ ?

ପାତ୍ରୀଙ୍କ ସ୍ତ୍ରୀ ଓ ପାତ୍ରୀ ଉଲ୍ଲାସରେ ଏକାବେଳକେ କହି ଉଠିଲେ । ସ୍ନେହ ଯାଉ ଯାଉ ତାଙ୍କର ଗତି ବନ୍ଦ ହୋଇଗଲା ।

ଆଜି ସକାଳୁ କୁଆ ରାବୁଥିଲା ! ହେ ଗୋପୀନାଥ, ତୁମେ ସାହା । ଯଶୋଦା ମନେ ମନେ ଗୋପୀନାଥଙ୍କୁ ଭୋଗ ଯାଚିଲେ ।

ପାତ୍ରୀ ଉଠୁ ଉଠୁ ଗଦ୍‌ଗଦ୍ ହୋଇ କହିଲେ—ମା ସ୍ନେହ, ପଟିଟା ନେଇ ଦାଣ୍ଡଘରେ ପକାଇ ଦେ ତ ମା । ଭଲ ଲୁଗା ଖଣ୍ଡେ ପିନ୍ଧିପକା । ମୁଣ୍ଡଟା ମଧ୍ୟ କୁଣ୍ଡାଇପକା ।

ଦେବୀପାଦ କ୍ଷଣକ ଭିତରେ ସବୁ କଥା ବୁଝିପାରିଲା ।

ଆଚ୍ଛା, ମଉସା, ମୁଁ ତାହେଲେ ଯାଉଛି ।

ରହ ପୁଅ, ଆସିଛୁ ଯେତେବେଳେ ରହିଥା, ଶୁଭକାମ ସରିଲେ ଯିବୁ ।

ଦେବୀପାଦର ଦୃଷ୍ଟି ସ୍ନେହ ଉପରକୁ ଚାଲିଗଲା । ସ୍ନେହ ଟିଆହୋଇ ତାରି ଆଡ଼କୁ ଚାହିଁଥିଲେ । କାହିଁକି କେଜାଣି ଦେବୀପାଦର ଆଖି ତଳକୁ ନଇଁଗଲା ।

ଅତିଥିମାନଙ୍କର ବିଧି ଅନୁଯାୟୀ ଅଭ୍ୟର୍ଥନା ପରେ ସ୍ନେହ ଓ ବରପକ୍ଷର କୋଷ୍ଠୀ ମେଳକ ହେଲା । ରାଜଯୋଟକ । ଜାତକ ମିଳିବାପରେ ସ୍ନେହଙ୍କୁ ଧରି ପାତ୍ରୀ ଆଗନ୍ତୁକମାନଙ୍କ ପାଖକୁ ଆସିଲେ । ଆଗନ୍ତୁକମାନଙ୍କ ସହ ଦେବୀପାଦ ମଧ୍ୟ ସ୍ନେହଙ୍କୁ ଚାହିଁଲା । ଧୀର ମନ୍ଦ ଗତି, କମ୍ପିତପାଦ, ଲଜ୍ଜା ଅବନତ ଦୃଷ୍ଟି,

ଆରକ୍ତ ଗଣ୍ଡ । ପାନଥାଳିଆକୁ ରଖିଦେଇ ସେ ନିସ୍ତବ୍ଧଭାବେ ଠିଆ ହୋଇରହିଲେ । କେତେ ସମୟ କଟିଗଲା କେହି ଜାଣିପାରିଲେନି । ଆଗନ୍ତୁକମାନଙ୍କ ମଧ୍ୟରୁ ପଣ୍ଡିତ ଜଣକ ହଠାତ୍ କୃତକୃତ୍ୟ ହେଲା ପରି ଗାଇ ଉଠିଲେ—

ଜମ୍ବୁ ଧରଣ୍ୟାଃ ପୁରମେବସାରଂ ପୁରେ. ଗୃହଂ ସଦ୍ମ—
—ନଚୈକ ଦେଶଃ
ତସ୍ୟାପି ଶଯ୍ୟା ଶୟନେବରସ୍ତ୍ରୀ ରତ୍ନୋଜ୍ୱଳା—
—ରାଜ୍ୟସୁଖସ୍ୟସାରଃ

ଏଇଟି ଭାଗ୍ୟଧର ହେବ । ଅତ୍ୟସୁଲକ୍ଷଣୀ ହୋଇଥା ମା ! ତୋତେ ଦେଖି ଆମ ଚକ୍ଷୁ ପବିତ୍ର ହୋଇଗଲା । ତୁ ସ୍ତ୍ରୀ-ରତ୍ନ !

ବୟସ୍କ ଭଦ୍ରବ୍ୟକ୍ତି ସ୍ନେହଙ୍କ ହାତ ଟାଣିନେଇ ମୁଦିଟିଏ ଲଗାଇଦେଲେ ।

ଯା ।

ସ୍ନେହ ଫେରିଆସିଲେ । ଆଗନ୍ତୁକମାନେ ଉଠିଲେ । ପାର୍ଟି ସମାପ୍ତ ହୋଇ ଠିଆହୋଇଥାନ୍ତି ।

ଆମେ ତିନି ଦିନ ଭିତରେ ସବୁ ଠିକ୍ କରି ଚିଠି ଲେଖିବୁ ।

ଅଜ୍ଞା ।

ଆପଣଙ୍କର ପରିଚୟ ତ ପାଇଲୁନି ? ଦେବୀପ୍ରସାଦଆଡ଼କୁ ବୁଲି ଜଣେ ଆଗନ୍ତୁକ ପଚାରିଲେ ।

ମୋ ନା ଦେବୀପ୍ରସାଦ ଷଡ଼ଙ୍ଗୀ, ମୁଁ ମଧୁସୂଦନ ଷଡ଼ଙ୍ଗୀଙ୍କ ମଝିଆଁ ପୁଅ ।

ଓଃ !

ଆଗନ୍ତୁକମାନଙ୍କ ସବୁ ପାର୍ଟୀ ଦାଣ୍ଡକୁ ଗଲେ । ଦେବୀପାଦ ସ୍ନେହଙ୍କୁ ଖୋଜି ଘରଭିତରକୁ ଆସିଲା । ସ୍ନେହ ଘରଭିତରେ ନ ଥିଲେ । ଦେବୀପାଦ ବାଡ଼ିପଟକୁ ଗଲା । ସ୍ନେହ ବାଡ଼ିପଟ ବାରଣ୍ଡାରେ ଠିଆହୋଇ ଆଖି ପୋଛୁଥିଲେ । ପଛରୁ ଦେବୀପାଦ ଧୀରେ ଧୀରେ ଯାଇ ପାଖରେ ଠିଆହୋଇ କହିଲା—ସ୍ନେହ, ଆଜି ଘରକୁ ଯାଇ ବୋଉ ସହିତ କଳି କରିବ ।

......

ତାଙ୍କୁ ତୁମ ବିବାହ ସ୍ଥିରହେବା କଥା କହିବ । ତାଙ୍କୁ କହିବ ତା ଗାଳିସବୁ କପଟ ତାର ମନର ଦୂଷିତ କଳ୍ପନା ଥିଲା, ତୁଚ୍ଛ ଭାବନା ଥିଲା । କିଛି କାରଣ ନ ଥାଇ ବୃଥାରେ ସେ ତୁମର ମନରେ କଷ୍ଟ ଦେଇଥିଲା ।

ତୁମେ ମୋପାଇଁ କାହାକୁ କିଛି କହିବା ଦରକାର ନାହିଁ । ସ୍ନେହଙ୍କ ସ୍ୱରରେ ରୁକ୍ଷତା ଥିଲା । ଦେବୀପାଦ ଆଶ୍ଚର୍ଯ୍ୟ ହେଲା । କଥାକୁ ବଦଳାଇବା ପାଇଁ ସେ କହିଲା—

ତୁମେ ଚାଲିଆସିବାପରେ ସେମାନେ ତୁମର ବହୁତ ପ୍ରଶଂସା କରୁଥିଲେ । କହୁଥିଲେ ତୁମେ ଲକ୍ଷ୍ମୀ, ଯାହା ଘରକୁ ଯିବ ତା ଘର ହସିଉଠିବ ।

ସେଥିରେ ତୁମେ ଏତେ ଖୁସି କାହିଁକି, ସତେ ଯେପରି ମୁଁ ତୁମ ଘରକୁ ଯାଉଛି ।

ସ୍ନେହ ! ଦେବୀପାଦର ମୁହଁ ମଳିନ ପଡ଼ିଗଲା ।

ସ୍ନେହ ସେହିପରି ଦେବୀପାଦକୁ ମୁହଁ ବୁଲାଇ ଠିଆ ହୋଇଥାନ୍ତି । ଦେବୀପାଦ ଆଉ କିଛି ନକହି ଚାଲିଆସିଲା ।

ଡାକ୍ତରୀ ଦୋକାନ ଭିତର କୋଠିରେ ଟେବୁଲ ଉପରେ ଦୁଇ କପ୍ ଚା, ଦୁଇପଟେ ରମାକାନ୍ତ ଓ ତାର ମିତ୍ର ଉକିଲ୍ ଅଜିତ୍ ଗଳ୍ପରତ । ସିଗାରେଟ୍‌ର ପାଉଁଶ ମଧ୍ୟେ ମଧ୍ୟେ ଚୁଟ୍କି ମାରି ପକାଇଦିଆଯାଉଛି, ଗଳ୍ପ ଚାଲିଛି, ଚା' ପିଆ ମଧ୍ୟ ଚାଲିଛି । ବାହାରେ କମ୍ପାଉଣ୍ଡର ରୋଗୀମାନଙ୍କ କଥା ବୁଝୁଛି । ଅତି ଗୁରୁତର କଥା ପଡ଼ିଲେ ଡାକ୍ତରବାବୁଙ୍କୁ ଖବରଦବା କଥା । ଉକିଲ କହୁଛନ୍ତି—

ପ୍ରତ୍ୟେକ କଥାର ମୂଲ୍ୟ ଅଛି । ଠିକ୍ ମୂଲ୍ୟାଙ୍କନ କରି ନ ପାରିଲେ ମଣିଷର ପଦେ ପଦେ ଭୁଲ ହେବ । ଜୀବନ ବ୍ୟର୍ଥ ହୋଇଯିବ । ଯେ ଠିକ୍ ମୂଲ୍ୟାଙ୍କନ କରିପାରିଲା ସେ ଜୀବନର ସାର୍ଥକତା ପାଇଯିବ । ଶିକ୍ଷା, ସଂସ୍କୃତି, ଅନୁଭୂତି ଯାହା କହ ସବୁର ପ୍ରୟୋଜନ ଠିକ୍ ମୂଲ୍ୟାଙ୍କନ-ବୋଧ ଦେବାପାଇଁ ।

ତୁ ତ ଅର୍ଥକୁ ଅନର୍ଥ କରୁଛୁ ?

ଅର୍ଥ ମାନେ ତୁ କଣ ବୁଝୁଛୁ ? କୌଣସି ଜିନିଷର କୌଣସି ସ୍ଥିର ଅର୍ଥ ନ ଥାଏ । ଦେଶ, କାଳ ନେଇ ଶବ୍ଦର ଅର୍ଥ ଓ ସତ୍ୟର ରୂପ ମଧ୍ୟ ବଦଳିଯିବ । ସେଥିପାଇଁ ବୌଦ୍ଧ-ଶ୍ରମଣମାନେ କହନ୍ତି —ଅର୍ଥ କ୍ରିୟାକାରିତ୍ୱଂ ସତ୍ତ୍ୱଂ । ଅର୍ଥାତ୍ ଯାହା ଉପଯୋଗୀ ହୋଇ ପାରିଲା ତାହା ହିଁ ସତ୍ୟ । ଜୀବନରେ ଉପଯୋଗିତାକୁ ପ୍ରତ୍ୟେକ ଜିନିଷର ସତ୍ୟତାର ମାନଦଣ୍ଡ ରୂପେ ସ୍ୱୀକାର କରିବା ଉଚିତ ।

ଯେ କୌଣସି ଉପାୟରେ ହେଉ ମଣିଷ ନିଜର ଉଦ୍ଦେଶ୍ୟ ଚରିତାର୍ଥ କଲେ ହେଲା ।

ଏହି ସମୟରେ କମାଣ୍ଡର ଆସି କହିଲା—ବାବୁ, ଆପଣଙ୍କୁ ରମେଶ ବାବୁ କଏ ଖୋଜୁଛନ୍ତି । ପର୍ଦ୍ଦା ଆଡ଼େଇ କମାଣ୍ଡର କହୁଥିବାବେଳେ ଭିତରକୁ ରମେଶ ପଶିଆସିଲା ।

ପଶୁ ପଶୁ ସେ କହିଲା—ଏଠି ତ ଆଗରୁ ସଭା ବସିଯାଇଛି !

ଆରେ ରମେଶ, ତୋର ବାହାଘର ପରା ଆରମାସରେ ହେଉଛି ? ଅଜିତ୍ ପଚାରିଲା ।

ହଁ ।

କେଉଁଠି ?

ରମା ଠାରେ ।

ପାତ୍ରୀଟିକୁ କପରି ଦେଖିବାକୁ ?

ରମାକୁ ପଚାର ।

ତୁ କଣ ପାତ୍ରୀକୁ ବର୍ତ୍ତମାନଯାଏଁ ଦେଖିନୁ ?

ନା ।

ନଦେଖି ବାହାହେବୁ ?

ସେଇପରି କଥା ।

ବାସ୍ତବରେ ଷୋଡ଼ଶ ଶତାବ୍ଦୀର ମାନବ !

ପ୍ରଶଂସା ପାଇଁ ଧନ୍ୟବାଦ ।

କୁଆଡ଼େ ଆସିଥିଲୁ ? ରମାକାନ୍ତ ପଚାରିଲା ।

ମୁଁ ଆଜି ଗାଁକୁ ଯାଉଛି । ସେଠୁ ସିଧା କଲିକତା ଯିବାକୁ ହେବ । ସବୁକଥା ତ ମୋତେ କରିବାକୁ ପଡ଼ୁଛି, ଉପରେ ଆଉ କେହି ମୁରବି ନାହାନ୍ତି, ସମସ୍ତେ ଦୂର ସମ୍ପର୍କୀୟ ।

ବୋଉ ?

ବୋଉ କଥା ଶୁଣ୍ । ମୁଁ ଲେଖିକ ପଠାଇଲେ ତୁ ତାକୁ ପ୍ରେସ୍‌ରେ ଦେଇ ଛପାଇ ମୋ ପାଖକୁ ଯେତେ ସାଙ୍ଗେ ସାଙ୍ଗେ ପଠାଇଦେବୁ । ଆଜି ଦେଖ୍, ଯେଉଁ ଫୋଟୋଗ୍ରାଫ୍ ସାଙ୍ଗକୁ ଦେଖିବୁ, ନିମନ୍ତ୍ରଣ ଦେଇଦେବୁ । ଅଧିକାଂଶଙ୍କର ନାଁ ମୋର ମନେ ନାହିଁ । ବାଲେଶ୍ୱରରୁ ସମସ୍ତଙ୍କ ପାଖକୁ ପଠାଇବାକୁ ଅସୁବିଧା ହେବ ।

ହଉ, ଟଙ୍କା କୋଡ଼ିଏଟା ଦେଇକି ଯାଇଥା ।

ରମେଶ ଟଙ୍କା ଦେଇ ଉଠିଲା । ମୁଁ ଯାଉଛି ।

ରହ, ମୁଁ ମଧ୍ୟ ଯିବି । ଯାଉଛି ରମା, ନମସ୍କାର ।

ନମସ୍କାର ।

ଦୁହେଁ ଚାଲିଗଲେ । ରମାକାନ୍ତ ଟେବୁଲ ଉପରୁ କୋଡ଼ିଏ ଟଙ୍କା ଉଠାଇ ନେଇ ପକେଟରେ ପୂରାଇ ଉପରକୁ ଯିବାକୁ ବାହାରିଛି ଝିଅପରି ରଜନୀ ଘରଭିତରକୁ ପଶି ଆସିଲେ—ମୁହଁରେ ଉଦ୍‌ବିଗ୍ନତା—

ରମାବାବୁ, ଆପଣ ଗାଁକୁ ସେଦିନ ଯିବାପରେ କଣହେଲା, କିଛି କହିଲେନି, କେବେ ଆସିଲେ ତା ମଧ୍ୟ ଆମେ ଜାଣିପାରିଲୁନି । ଖବରକାଗଜରୁ ପଢ଼ି ଯାହା ମୁଁ ଜାଣିଲି । ଖବର କାଗଜରେ ଯେଉଁଦିନ ଦେଖିଲି ସେଦିନ ଆପଣ ଦୋକାନରେ ଥିବେ ଭାବି ଆସିଥିଲି, ଆପଣ ନ ଥିଲେ । କମ୍ପାଉଣ୍ଡର କହିଲେ, ଆପଣ ତେରଦିନ ପରେ ଶ୍ରାଦ୍ଧାଦିକ୍ରିୟା ସାରି ଆସିବେ । ତେରଦିନ ପରେ ଆସିଲି, ଶୁଣିଲି ଆପଣ ପୁରୀ ଯାଇଛନ୍ତି । ତାପରେ ଆସି ଖୋଜିଲେ ଶୁଣିଲି ଆପଣ କୁଆଡ଼େ ନା କୁଆଡ଼େ ଯାଇଛନ୍ତି । କଥା କଣ କହନ୍ତୁ ତ ?

ରଜନୀ ଚେୟାରରେ ବସି ପଡ଼ି କଥା ଶେଷକଲେ ।

ଧୂନ ! ରମାକାନ୍ତ କମ୍ପାଣ୍ଡରଙ୍କୁ ଅତ୍ୟନ୍ତ ଗମ୍ଭୀର ହୋଇ ଡାକିଲା । କଣ ମିଠାପିଠା ଆଣିବ, ଗଲ ।

କମ୍ପାଉଣ୍ଡର ଗ୍ଲଲିଯିବା ପରେ ରଜନୀ ପଗ୍ଲରଲେ—ମୋ କଥାର ଉତ୍ତର ଦେଲେନି ଯେ ।

ଚଳକୁ ଗ୍ଲହିଁ କଣ ଭାବି ରମାକାନ୍ତ କହିଲା—ସୁଖୀ ଥିଲେ ସିନା ସୁଖ ବାଣ୍ଟିବାକୁ ଯାଇଥାନ୍ତି, ଦୁଃଖ ତ ଆଉ ବାଣ୍ଟି ନ ଥାନ୍ତି ।

ରମାବାବୁ !

ହଁ ରଜନୀ, ମୁଁ ବଡ଼ ଦୁଃଖୀ । ପିଲାଦିନୁ ଆଶାର ଯେଉଁ କୁତବମୀନାର ଗଢ଼ି ଆସୁଥିଲି ବାପା ମରିଯିବା ପରେ ତାହା ହଠାତ୍ ଧୂଳିସାତ୍ ହୋଇଗଲା ।

କଣ ହେଲା ?

ମୁଁ ଭାବିଥିଲି ବାପା ଅଜସ୍ର ଟଙ୍କା ମୋ ପାଇଁ ରଖିଯାଇଛନ୍ତି, ସେ ଟଙ୍କାରେ ଓଡ଼ିଶାରେ ମୁଁ ଗୋଟିଏ ବିରାଟ ଔଷଧ ଦୋକାନ ଓ ଚିକିତ୍ସାଳୟ କରିବି ଯେଉଁଥିରେ ଅତ୍ୟାଧୁନିକ ଯନ୍ତ୍ରପାତି ସବୁ ରହିବ, ଉଚ୍ଚଶିକ୍ଷିତ ଡାକ୍ତର, ନର୍ସମାନେ ରହିବେ, ଲୋକଙ୍କର ସେବା କରିବି, ଯଶ ହେବ··କିନ୍ତୁ ସବୁ ଆଶା ବ୍ୟର୍ଥ ହେଲା ।

ରମାକାନ୍ତ ସ୍ୱରରେ ଅନୁତାପର ସଙ୍କେତ । ଓଡ଼ିଶାରେ, ମଧୁସୂଦନ ଷଡ଼ଙ୍ଗୀ, ବସୁନ୍ଧରାଙ୍କ ସନ୍ତାନ ଭାବେ ଜନ୍ମହୋଇ ଯେପରି ତାର ଜୀବନ ବ୍ୟର୍ଥ ହୋଇଛି ।

ଏଇଥିପାଇଁ ଏତେ ହତାଶା, ଏତେ ହାହାକାର ? ମୋ ଟଙ୍କା ଗୁଡ଼ାକ କଣ ହେବ କହିଲେ ? ମୋ ଭାଗରେ ତ ପଚିଶ ଲକ୍ଷେ ହଜାର ଟଙ୍କା ପଡ଼ିବ । ମୁଁ ତ ଆପଣଙ୍କୁ ସେକଥା କେତେଥର

କହୁଛି । ମୁଁ ଭଲ କରି ଜାଣେ ବାବା ମୋତେ ଛାଡ଼ି କମ ଦେଇ ନାହାନ୍ତି ।

ରମାକାନ୍ତ ଚୁପ ରହିଲା ।

ଚୁପ ରହିଲ କାହିଁକି ?

ମୁଁ ତ କହୁଛି, ବାପାଙ୍କୁ ରାଜି କରାଅ ସିଭିଲ୍ ମ୍ୟାରେଜ୍ ପାଇଁ । ମୁଁ କାଲି ତୁମକୁ ବିବାହ କରିବାକୁ ପ୍ରସ୍ତୁତ ଅଛି । କିନ୍ତୁ ତୁମର ଓ ବଂଶୀଧର ବାବୁଙ୍କର ଏକାକିଦ ହିନ୍ଦୁ ରୀତିରେ ବିବାହ କରିବାକୁ ହେବ ବୋଲି । କଣ କରାଯିବ କୁହ !!

ଆପଣ ବେଘା ଉପରକୁ ଯିବାକୁ ଏତେ ଡରୁଛନ୍ତି କାହିଁକି ?

ବେଘା ଉପରକୁ ଯିବାକୁ ନୁହେଁ ରଜନୀ, ତୁମେ ବୁଝିପାରୁନ, ହିନ୍ଦୁମତରେ ବ୍ରାହ୍ମଣ ଓ କରଣର ବିବାହଇ ହୋଇପାରେ ନା । କେଉଁ ବ୍ରାହ୍ମଣ ରାଜିହେବ ଆମ ଦୁହିଙ୍କୁ ବିବାହ କରାଇବା ପାଇଁ ?

ବାବା ତ କହୁଛନ୍ତି ଆର୍ଯ୍ୟସମାଜୀ ହୋଇଗଲେ କଥା ଛୁଟିଯିବ ।

ଏତେ ଅଡୁଆରେ କାହିଁକି ପଶିବା କହିଲ ? ସିଭିଲ୍ ମ୍ୟାରେଜ୍ ହେଲେ କ୍ଷତିଟା କଣ ? ମୋ ମତରେ ତ ଶୈବ ବିବାହଇ ସର୍ବଶ୍ରେଷ୍ଠ । ହୃଦୟରେ ହୃଦୟର ବନ୍ଧନ ଥିବାଯାଏଁ ସ୍ୱାମୀ ସ୍ତ୍ରୀ । ହୃଦୟ ବନ୍ଧନ ଶିଥିଳ ହୋଇଗଲେ ତୁମେ ତୁମ ବାଟରେ, ମୁଁ ମୋ ବାଟରେ । କିନ୍ତୁ ଆମ ଦୁହିଙ୍କର ତ ସେପରି ଆଉ ହେବନି । ଆମେ ଦୁହେଁ ତ ପରସ୍ପରକୁ ଭଲ ପାଉଛେ, ସବୁବେଳେ ଭଲ ପାଉଥିବା ।

ରମାକାନ୍ତର କଥା ଶୁଣି ରଜନୀଙ୍କ ଚକ୍ଷୁରୁ ଦୁଇଧାର ଲୁହ ବୋହିଗଲା ।

ଆରେ ତୁମେ କାନ୍ଦୁଛ ! ରମାକାନ୍ତ ଚେୟାରରୁ ଉଠି ଠିଆ ହୋଇପଡ଼ିଲା ।

ମୁଁ ଯାଉଛି, ପରେ ଆସିବି ।

ରଜନୀ ଚାଲିଗଲେ । ରମାକାନ୍ତର ମନେ ପଡ଼ିଲା ରଜନୀଙ୍କ ସହ ପ୍ରଥମେ ପ୍ରଥମେ ପରିଚୟ ଓ ଘନିଷ୍ଠତାର କଥା । ରେଭେନ୍ସା କଲେଜରେ ସେ ଆଇ. ଏସ୍. ସି. ରେ ନା ଲେଖାଇଥାଏ । ସେହି କ୍ଲାସରେ ତାର ପରିଚୟ ହୁଏ ଅଜିତ୍ ଓ ରମେଶ ସହିତ, ଦୁଇ ଘନିଷ୍ଠ ବନ୍ଧୁ ତାର । ରମେଶର ଘର ବାଲେଶ୍ୱରର ଦେବପୁର ଶାସନରେ; ଅଜିତର କଟକ ସହରରେ । ଦିନେ କ୍ଲାସରେ, ସମସ୍ତେ ବସିଛନ୍ତି, ପ୍ରଫେସର ଆସିନାହାନ୍ତି, ଜଣେ ଭଦ୍ରମହିଳା ବାହାରେ ଠିଆହୋଇ ପଚାରିଲେ —

ପ୍ରଥମବାର୍ଷିକ ପ୍ରାଣୀ ବିଜ୍ଞାନ କ୍ଲାସ ଏଇଠା ?

ଭଦ୍ରମହିଳାଙ୍କ ବେଶଭୂଷାର ବିଶେଷତା ସବୁ ପିଲାଙ୍କର ଧ୍ୟାନ ଆକର୍ଷଣ କଲା । ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ସମସ୍ତେ ଭୁଲିଗଲେ ତାଙ୍କୁ ଦେଖି । ତାପରେ ମୁରୁକେଇ ମୁରୁକେଇ ହସ । ସେ ରୂପବତୀ ନ ଥିଲେ; କିନ୍ତୁ ବେଶଭୂଷାରେ ଆଧୁନିକା । ରୂପ ସହ ବେଶ ଖାପ ଖାଉ ନ ଥିଲା । ଦାମିକା ଚଷମା, ହାତରେ ଭ୍ୟାନିଟି ବ୍ୟାଗ, ପିଠି କଟା ଓ ପେଟ କଟା ବ୍ଲାଉଜ, ନାଇଲନ୍ ଶାଢ଼ୀ ।

କେହି ପ୍ରଶ୍ନର ଉତ୍ତର ନ ଦେଇ ତାଙ୍କ ଆଡ଼କୁ ଚାହିଁ ମୁରୁକେଇ ମୁରୁକେଇ ହସିବାରୁ ଭଦ୍ରମହିଳା ଅପ୍ରତିଭ ହୋଇଯାଇ କ୍ଲାସ ଭିତରକୁ ଆସି ପାରୁ ନ ଥିଲେ କି ବାରଣ୍ଡାରୁ ଚାଲିଯାଇ ପାରୁ ନ ଥିଲେ । ତାଙ୍କର ଅସହାୟ ଅବସ୍ଥା ରମାକାନ୍ତ ଆଉ ସହି ପାରିଲାନି । ସେ ଠିଆହୋଇପଡ଼ି କହିଲା—

ହଁ, ପ୍ରଥମବାର୍ଷିକ ପ୍ରାଣୀ ବିଜ୍ଞାନ କ୍ଲାସ ଏଇଠା ।

ପ୍ରଶ୍ନର ଉତ୍ତର ତୁରନ୍ତ ପଚାରିବାର ବହୁତ ସମୟ ପରେ ହଠାତ୍ ଧାଇଁଆସିବା ଦେଖି ସମସ୍ତେ ହୋ ହୋ ହୋଇ ହସି ଉଠିଲେ । ରଜନୀ କିନ୍ତୁ କ୍ଲାସ ଭିତରକୁ ପଶିଗଲେ । ସେହି-

ଥିଲା ରଜନୀଙ୍କ ସହ ରମାକାନ୍ତର ପରିଚୟର ପ୍ରଥମ ଦିନ । କ୍ଲାସ ଭାଙ୍ଗିବା ପରେ ରମାକାନ୍ତର ଆଶ୍ଚର୍ଯ୍ୟର ସୀମା ରହିଲାନି ଯେତେବେଳେ ରଜନୀ ଆସି ତାକୁ ଧନ୍ୟବାଦ ଦେଲେ । ଧନ୍ୟବାଦ ପାଇ ଝିଅ ପିଲାଙ୍କ ପରି ସେ ଲଜ୍ଜାରେ ସଙ୍କୁଚିତ ହୋଇଗଲା ।

ତାର କେତେଦିନ ପରେ । ବାହାରେ ଝଡ଼ି ଜୋରରେ ବର୍ଷା । କ୍ଲାସକୁ ଯେଉଁ ଦଶ ବାରଜଣ ଆସିଥାନ୍ତି ସମସ୍ତେ ବୃତ୍ତାକାରରେ ଗଳ୍ପରତ । ଅଧ୍ୟାପକ ଆସିବେନି ବୋଲି କହି ପଠାଇ ଥାଆନ୍ତି । କ୍ଲାସରେ ଉପସ୍ଥିତ ଥିବା ଦୁଇଜଣ ଝିଅପିଲାଙ୍କ ମଧ୍ୟରୁ ଜଣେ ଥିଲେ ରଜନୀ । ଝିଅ ଦୁଇଜଣ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥାଆନ୍ତି, ପୁଅମାନଙ୍କର ଉଚ୍ଛ୍ୱସିତ ହସ ଦ୍ୱାରା ବେଳେ ବେଳେ ସେମାନଙ୍କ ସୁଖାଳାପ ବ୍ୟାହତ ହେଉଥାଏ । ଏଇ ସମୟରେ କଥା ପ୍ରସଙ୍ଗରେ କେହି ଜଣେ ରମେଶକୁ ହାତ ଦେଖାଇ କହିଲା—ତୁ ଯଦି କହୁଛୁ ଭାଗ୍ୟବାଦ ସିଦ୍ଧାନ୍ତ ଯଥାର୍ଥ ନୁହେଁ ତା ହେଲେ ମୋ ହାତ ଦେଖି ଫଳାଫଳ କହ । ରମେଶ ସାମୁଦ୍ରିକ ଜାଣିଥିବା ସେଦିନ ରମାକାନ୍ତ ପ୍ରଥମେ ଜାଣିଲା । ରମାକାନ୍ତ କହିଲା—କିନ୍ତୁ ହାତ ରେଖାରୁ ଯଦି ଫଳାଫଳ ଜଣା ପଡ଼ିବ ତା ହେଲେ ଭାଗ୍ୟବାଦ ପୁଷ୍ଟ ହେଲା ବୋଲି ସିନା କହିବାକୁ ହେବ ।

କିପରି ? ହାତ ଦେଖାଉଥିବା ପୁଅ ଚିଡ଼ି ଉଠିଲେ—ଫଳାଫଳ ଜାଣିବା ପରେ ଆମେ ପୁରୁଷାର୍ଥ ଦ୍ୱାରା ଫଳକୁ ପରିବର୍ତ୍ତିତ କରିପାରିବୁ ।

ଦୁହିଁଙ୍କ ଯୁକ୍ତିରେ ଅଜିତ୍ ହଲଚଲ ହେଲା । ପିଲାମାନେ ତାର ଉଦ୍ଭଟ କିନ୍ତୁ ବଳିଷ୍ଠ ଯୁକ୍ତି ପାଇଁ ତାକୁ ଅଜିତକେଶକମ୍ବଳୀ ବୋଲି ଡାକିବା ଆରମ୍ଭ କରିଦେଇଥିଲେ । ଅଜିତ କହିଲା—କିନ୍ତୁ ଯାହାକିଛି ହେବାକୁ ଅଛି ତାକୁ ଯଦି ଆପଣ ପରିବର୍ତ୍ତିତ କରିଦେବେ

ତାହେଲେ ତା ହବାକୁ ଥିଲା ବୋଲି କିପରି ଜଣା ପଡ଼ିବ ? ଆଉ ଯଦି ପରିବର୍ତ୍ତିତ ହୋଇ ନ ପାରିଲା ତାହେଲେ ପୁରୁଷାର୍ଥ ଅଛି ବୋଲି କିପରି ଜାଣିବ ?

ଯୁକ୍ତିତର୍କର ଫଳାଫଳ ହେଲା ରମେଶ ମାଧବର ହାତ ଦେଖିବାରେ । ମାଧବର ହାତଦେଖି ରମେଶ ଏଣୁ ତେଣୁ କହୁବା ବେଳେ ହଠାତ୍ ରଜନୀ କହିଲେ—

ଆପଣ ମୋ ହାତ ଟିକିଏ ଦେଖିବେ କି ?

ରମେଶ ପ୍ରଥମେ ସଙ୍କୁଚିତ ହୋଇଯାଇ ପରେ କହିଲା— ହାତ ଦେଖିବି, କିନ୍ତୁ ଫଳାଫଳ ବର୍ତ୍ତମାନ କହିବିନି ।

କାହିଁକି ? ନା, ନା, ଏଇଠି କହିବେ, ମୋର ଗୋପନୀୟ ହୋଇ କିଛି ନାହିଁ ।

ରଜନୀଙ୍କ ପାଳି ଜାଗା ହୋଇଗଲା । ରମେଶ ନିବିଷ୍ଟ ଚିତ୍ତରେ ରଜନୀଙ୍କର ଦୁଇ ହାତକୁ ଦେଖିବାକୁ ଲାଗିଲା । ରଜନୀ ଉତ୍କଣ୍ଠିତା ହୋଇ ଅପେକ୍ଷା କରିଥାଆନ୍ତି ।

କହନ୍ତୁ ।

କୁହନ୍ତୁ ।

କିଛି ସମୟ ପରେ, ରମେଶ କହିଲା—

ଆପଣଙ୍କର ଦାମ୍ପତ୍ୟ ଜୀବନ କଳହ ଓ ମନାନ୍ତରରେ ପୂର୍ଣ୍ଣହେବ ।

ରଜନୀଙ୍କ ମୁହଁ କଳା ପଡ଼ିଗଲା । ଆଉ ?

ରଜନୀଙ୍କ ଉତ୍କଣ୍ଠା ଓ ଫଳ ଶୁଣିବା ପରେ ଭାବଭଙ୍ଗୀକୁ ତା ଗଣନାର ସଫଳତା ବୋଲି ଠିକ୍ କରିନେଇ ରମେଶ ବିଶେଷ ଉତ୍ସାହରେ କହିଲା—

ଆପଣଙ୍କର ସନ୍ତାନ ସନ୍ତତି ହେବନି ।

ରଜନୀ କିଛି ନକହି ଚୁପ ରହିଲେ ।

ଆପଣଙ୍କର ଇଚ୍ଛା ଘରଛାଡ଼ି କେଉଁଆଡ଼େ ଚାଲିଯିବାକୁ । ଦେଶ ଦେଖିବାପାଇଁ ହେଉ, ଉଚ୍ଚଶିକ୍ଷା ପାଇଁ ହେଉ । ଯିବାକୁ ଇଚ୍ଛା ଦୂରକୁ, ବହୁଦୂରକୁ ।

ହଁ, ହଁ । ରଜନୀଙ୍କ ଆଖି ଆନନ୍ଦରେ ପ୍ରଦୀପ୍ତ ହୋଇ ଉଠିଲା ।

ରମାକାନ୍ତ ଆଉ ସମ୍ଭାଳି ପାରିଲେନି ।

ଆପଣ ଏସବୁ କଥା ବିଶ୍ୱାସ କରୁଛନ୍ତି କିପରି, ରମେଶ କେବଳ ଅନ୍ଧାର ଘରକୁ ଢେଲା ଫୋପାଡ଼ୁଛି ।

ଚୁପ୍ କର୍ ମଫସଲି ।

ରମାକାନ୍ତ ମଫସଲ୍ ରୁ ଆସିଥିଲା ବୋଲି ରମେଶ ଜାଣିଥିଲା ।

ଏଇ ସମୟରେ ଅଜିତ୍‌କେଶକମ୍ବଳୀଙ୍କ ଗମ୍ଭୀର କଣ୍ଠ ଶୁଣାଗଲା— ରମେଶର କଥାଗୁଡ଼ାକ ଠିକ୍ ଧପ୍‌ପାମୀ ନୁହେଁ । ଅନେକଟା ରଜନୀ ଦେବୀଙ୍କ ହାତରୁ ନୁହେଁ, ତାଙ୍କ ଶରୀରକୁ ଛୁଇଁ ସେ ଅନୁମାନ କରିଥିବାପରି ମନେ ହେଉଛି ।

କେହି ଜଣେ ହସି ଉଠୁଥିବା ବେଳେ କେଶକମ୍ବଳୀ ନିଷ୍ପ୍ରଭ କହିଲେ—ହସନା । ଜଣେ ଲୋକ ଅନ୍ଧକାରେ ହେଲେ, ବିଶେଷତଃ ସ୍ତ୍ରୀଲୋକ, ସେମାନଙ୍କର ସନ୍ତାନ ସନ୍ତତି ହୁଅନ୍ତିନି । ସାଧାରଣ କଥା ଗ୍ରାମିନ ବହୁଳତାରେ ବନ୍ଧ୍ୟାତ୍ୱ ଆସେ । ସୌନ୍ଦର୍ଯ୍ୟ ନଥିବ, ତନ୍ମଧ୍ୟରେ ପୁଣି ବନ୍ଧ୍ୟାତ୍ୱ, ସ୍ତ୍ରୀର ଦାମ୍ପତ୍ୟଜୀବନ ସୁଖମୟ ନହେବା କଥା । ପ୍ରତ୍ୟେକ ସ୍ତ୍ରୀ ନିଜ ଶାରୀରିକ ସୌନ୍ଦର୍ଯ୍ୟ ନେଇ ଅନ୍ୟଲୋକଠୁ ପ୍ରଶଂସା ଶୁଣିବାକୁ ଲାଳାୟିତ । ଯେଉଁଠି ତା ମିଳେନି ସେଠି ସେମାନେ ରହିବାକୁ ଭଲ ପାଆନ୍ତିନି । ଏହି ସାଧାରଣ ନାରୀ ମନସ୍ତତ୍ତ୍ୱରୁ ରଜନୀ ଦେବୀ ବ୍ୟତିକ୍ରମ ନୁହନ୍ତି । ତେଣୁ ସେ ବିଦେଶକୁ ଚାଲିଯିବାକୁ ଇଚ୍ଛା କରିବା ସ୍ୱାଭାବିକ । ପୁଣି ବିଦେଶରେ

ଏପରି କୌଣସି ଡାକ୍ତର ମିଳିଯାଇ ପାରନ୍ତି ଯେ ଅତ୍ୟାଧୁନିକ ଔଷଧ ସାହାଯ୍ୟରେ ରଜନୀ ଦେବୀଙ୍କ ଶରୀରକୁ ତାଙ୍କର ମନାନୁରୂପ କରି ଦେଇ ପାରନ୍ତି । ଏହି ଆଶା ମଧ୍ୟ ତାଙ୍କୁ ବିଦେଶ ଯିବାକୁ ପ୍ରେରଣା ଦେଉଛି ।

ତେଣୁ ରମେଶ ଯାହା ଯାହା କହିଲା ସବୁ ବିଶୁଦ୍ଧ ଅନୁମାନ, ହାତ ନଦେଖି ମଧ୍ୟ ସେ ସବୁ କୁହାଯାଇ ପାରିଥାଆନ୍ତା ।

'ସାଧୁ, ସାଧୁ' ନାଦରେ କ୍ଲାସଟି ଉଚ୍ଛୁଳି ପଡ଼ିଲା । କେଶ-କମ୍ବଳୀର ଯୁକ୍ତି ଶୁଣିବାକୁ ସାଧାରଣତଃ ସମସ୍ତେ ଭଲ ପାଉଥିଲେ । ରମେଶକୁ ଆଉ କିଛି କହିବାକୁ ସୁଯୋଗ ଦିଆଗଲାନି ।

ପାଠି ଭୁଣ୍ଡ ବେଳେ ରଜନୀ ଦେବୀ କେତେବେଳେ ଚୁପ୍‌କରି ରହିଗଲେ ରମାକାନ୍ତ ଛଡ଼ା ଆଉ କେହି ଦେଖି ପାରିଲେନି । ବହୁବେଳୁ ରମାକାନ୍ତ ଲକ୍ଷ୍ୟ କରୁଥିଲା କେମିତି ବନ୍ଧୁମାନଙ୍କର ତର୍କ ରଜନୀଙ୍କ ଉପରେ ଭଲ ପ୍ରଭାବ ପକାଇବା ପରିବର୍ତ୍ତେ ତାଙ୍କର ଦୁଃଖ ଓ ବେଦନାକୁ ଆହୁରି ମର୍ମସ୍ପର୍ଶୀ କରି ଦେଉଛି । ରମାକାନ୍ତ ଥରେ ଦୁଇଥର ସେହି ଅପ୍ରିୟ ଯୁକ୍ତିତର୍କକୁ ବନ୍ଦ କରିବାକୁ ମଧ୍ୟ ଚେଷ୍ଟା କରିଥିଲା, କିନ୍ତୁ ହୋ ହାଲରେ ତା କଥା କେହି ଶୁଣି ନ ଥିଲେ । ରଜନୀଙ୍କ ପଛେ ପଛେ ସେ ମଧ୍ୟ ପଦାକୁ ବାହାରି ଆସିଲା । ବାହାରେ ରଜନୀ ଆଖିରେ ରୁମାଲ ମନ୍ଥି ମନ୍ଥି ଚାଲିଯାଉଥିଲେ । ରମାକାନ୍ତ ପାଖକୁ ଯାଇ କହିଲା—ଜ୍ୟୋତିଷ ଓ ସାମୁଦ୍ରିକ ଉପରେ ଆପଣଙ୍କର ଭଲ ବିଶ୍ୱାସ । କିନ୍ତୁ ସବୁଥିରେ ଯେମିତି ଠକ, ଧପ୍ପା-ବାଜଙ୍କର ଅଭାବ ନାହିଁ ସେମିତି ସାମୁଦ୍ରିକ ଶାସ୍ତ୍ରରେ ମଧ୍ୟ । ଆପଣ ତ ଦେଖିଲେ ଅଳ୍ପ କିପରି ରମେଶ ସବୁ ଅନୁମାନ ବଳ ଉପରେ କହିଥିଲା ବୋଲି ପ୍ରମାଣ କରିଦେଲା ।

ମୁଁ ସେଥିପାଇଁ ଦୁଃଖିତ ନୁହେଁ ।

ତାହେଲେ ?

ଅଜିତ୍‌ବାବୁଙ୍କର ଧାରଣା ଯୋଗୁଁ ମୁଁ ଅସନ୍ତୁଷ୍ଟ । ମୁଁ କଣ ଅଜିତ୍ ବାବୁ ସେଉଁଠର କହିଲେ ସେହିପରି ମୋଟା, ଅସୁନ୍ଦର ?

ରମାକାନ୍ତ ପ୍ରଶ୍ନ ଶୁଣି ପ୍ରଥମେ କିଛି ଠିକ୍ କରି ପାରିଲାନି କଣ କହିବ । କ୍ଷଣକ ପରେ ସେ କହିଲା, ଅଜିତ୍ ଆପଣଙ୍କୁ ମୋଟା ବୋଲି କହିନି, ରମେଶ ଆପଣଙ୍କୁ ମୋଟା ବୋଲି ଠିକ୍ କରି ଏହି ସବୁ କଥା କହୁଛି ବୋଲି ସେ କହୁଥିଲା ।

ରମେଶଙ୍କ ଅନୁମାନ ଠିକ୍ ହୋଇପାରେ ।

ଭୁଲ ବି ହୋଇପାରେ ।

ରଜନୀ ରମାକାନ୍ତକୁ ଚାହିଁଲେ । ଛୋଟପିଲାକୁ ବୁଝାଇବା ଭଳି ସେତେବେଳେ ରମାକାନ୍ତ ଚେହେରା ଦେଖାଯାଉଥିଲା । ସେ ହସିଦେଲେ ।

ହସିଲେ କାହିଁକି ?

ଚାଲନ୍ତୁ ବୁଲି ଆସିବେ, କାର୍ ଥୁଆ ହୋଇଛି । ହସିବା କାରଣ ଆଉ କେବେ କହିବି ।

ସେଦିନ ଘଟଣା ପରେ ଫଳ ହେଲା ରଜନୀ ରମାକାନ୍ତଙ୍କ ଘନିଷ୍ଠତା । କିନ୍ତୁ ରମାକାନ୍ତ ଯେତେବେଳେ ଭାବୁଥିଲା ମାତ୍ର ପରିଚୟ ଓ ଘନିଷ୍ଠତା ବଢ଼ୁଛି ସେତେବେଳେ ରଜନୀ ଭାବୁଥିଲେ ରମାକାନ୍ତ ତାଙ୍କୁ ଭଲ ପାଉଛି । କ୍ରମେ ରମାକାନ୍ତ ମଧ୍ୟ ରଜନୀଙ୍କ ମନ କଥା ଜାଣି ପାରିଲା ।

ବନ୍ଧୁମାନେ ହସିଲେ, ଥଟ୍ଟା କଲେ, ପଛରେ ରମାକାନ୍ତର ଚରିତ୍ର ରୁଚି ନେଇ ମନ୍ତବ୍ୟ ପ୍ରକାଶ କଲେ । ଅନେକ ରମାକାନ୍ତର ଜୀବନରେ ବ୍ୟାବହାରିକ ବୁଦ୍ଧିର ସଙ୍କେତ ପାଇ ରମାକାନ୍ତକୁ ପ୍ରଶଂସା ମଧ୍ୟ କଲେ । ବଡ଼ମାଛ ଜାଲରେ ଧରିଛି, ସୁନ୍ଦର ସୁନ୍ଦରୀରେ କଣ ଥାଏ, ଲକ୍ଷାଧିପତିର ଝିଅକୁ ତ ପାଉଛି !

ରମାକାନ୍ତ ପ୍ରତିବାଦ କଲାନି କାହା କଥାରେ । ସେତେବେଳେ ସେ ଅଜିତକେଶକେମ୍ବ୍ଳୀଠୁ ନୂତନ ଜୀବନ ଦର୍ଶନରେ ଦୀକ୍ଷିତ ହେଉଥିଲା, ଅଜିତ ଗୁରୁ ଥିଲା ତାର, ଅପର୍ଯ୍ୟାପ୍ତ ଜ୍ଞାନ ତାର, ଅସଂଖ୍ୟ ବହି ତାର ଘରେ । ସତକୁ ସତ ଅଜିତ କେବଳ କମ୍ବଳ ଉପରେ ଶୋଉଥିଲା, ଯାହା ପଇସା ପାଉଥିଲା ତାକୁ ବହି କିଣିବାରେ ଖର୍ଚ୍ଚ କରି ଦେଉଥିଲା । ମାର୍କସ୍ ତାର ପ୍ରିୟ ଥିଲେ, ଭାରତୀୟ ଲେଖକ ମାନଙ୍କ ମଧ୍ୟରେ ରାହୁଲ ସାଂକୃତ୍ୟାୟନ । କ୍ଲାସରେ ସେ ପ୍ରଥମ ହେଉଥିଲା, ତା ଜ୍ଞାନପିପାସାର ସମ୍ମୁଖୀନ ହେବାକୁ ଅଧ୍ୟାପକମାନେ ଡରୁଥିଲେ ।

ରମାକାନ୍ତ ଯେତେବେଳେ ଅଜିତ ଦର୍ଶନରେ ସମ୍ପୂର୍ଣ୍ଣ ଉଦ୍‌ବୁଦ୍ଧ ହୋଇଗଲା ସେତେବେଳକୁ ଆଉ ରଜନୀଙ୍କ କଥାରେ ପ୍ରତିବାଦ କରିବାର ପ୍ରୟୋଜନୀୟତା ମଧ୍ୟ ନ ଥିଲା । ନୂତନ ଦର୍ଶନ ତାକୁ ରଜନୀଙ୍କୁ ଭଲପାଇବାକୁ ନ ଶିଖାଇଥିଲେ ମଧ୍ୟ ରଜନୀଙ୍କ ବିପୁଳ ଅର୍ଥକୁ ଭଲ ପାଇବା ଶିଖାଇ ଦେଇଥିଲା ।

ଏଣେ ରଜନୀଙ୍କ କାନରେ ତାଙ୍କର ଅନେକ ସଙ୍ଗୀ ରମାକାନ୍ତର ପ୍ରକୃତ ଉଦ୍ଦେଶ୍ୟ ସମ୍ବନ୍ଧରେ କହିବାକୁ ଭୁଲି ନ ଥିଲେ । କିନ୍ତୁ ରମାକାନ୍ତ ଉପରେ ରଜନୀଙ୍କର ଅଗାଧ ବିଶ୍ୱାସ ଥିଲା । ଜଣେ ସଙ୍ଗୀ କହିଥିଲେ—ରଜନୀ, ହୁସିଆର ରହିବୁ । ତୋତେ ବିଭାହୋଇ ତୋର ସବୁ ଟଙ୍କା ନେଇ ପଳାଯିବା ଉପାୟ କରୁଥିବଟି ?

ତୋର କାହିଁକି ଦିହ ସହୁନି, ସେ ନେଲେ ମୋର ଟଙ୍କା ନେବେ ।

ତା'ର କେତେଦିନ ପରେ ଥରେ ରଜନୀ ସାହସ କରି ରମାକାନ୍ତକୁ ବିବାହ କରିବା କଥା ପଚାରିଦେଲେ । ରମାକାନ୍ତ ସେତେ

ବେଳେ ସିଗାରେଟ୍ ପିଉଥିଲେ । ଧୂଆଁ ଭିତରକୁ ଯାଇଛି, ବାହାରିନି, ରଜନୀଙ୍କ ପ୍ରଶ୍ନ ଶୁଣି ରମାକାନ୍ତଙ୍କ ଆଖି ଗ୍ଲେଟ ଗ୍ଲେଟ ହୋଇଗଲା, ଯେତିକି ସମୟ ଧୂଆଁ ରଖିବା କଥା ତାଠୁ ବେଶି ସମୟ ସେ ଧୂଆଁକୁ ପାଟିରେ ରଖି ଶେଷରେ କହିଲେ—

କାହିଁକି କେଜାଣି ପଚାରିଦେଇ ରଜନୀଙ୍କ ମନରେ ଘାରି ଭୟ ହେଉଥାଏ । କାଳେ ରମାକାନ୍ତ ମନା କରିଦେବ ! କିନ୍ତୁ ରମାକାନ୍ତ ହସି ହସି କହିଲେ—ପ୍ରେମର ତ ସ୍ୱାଭାବିକ ପରିଣତି ବିବାହ, ପଚାରୁଛ କଣ ?

କୃତଜ୍ଞତାରେ ରଜନୀଙ୍କ ହୃଦୟ ଫାଟି ପଡ଼ିବା ପରି ଲାଗିଲା । ସେ ରମାକାନ୍ତଙ୍କୁ କୁଣ୍ଢାଇ ପକାଇଲେ । ଆମେ କିନ୍ତୁ ଅପାଠୁଆ ବୃଦ୍ଧମାନଙ୍କୁ ପୁନରାବୃତ୍ତି କରିବାନି ।

ମାନେ ?

ବନାରସ୍‌ରୁ ପଣ୍ଡିତ ଆଣିବା, ସେଇ ପୁରୋହିତ ହେବେ ।

ପୁରୋହିତର ପ୍ରଶ୍ନ କେଉଁଠି ଉଠୁଛି ରଜନୀ, ଆମେ ତ ସିଭିଲ ମ୍ୟାରେଜ୍ କରିବା ।

ସିଭିଲ ମ୍ୟାରେଜ୍ ! ! ରଜନୀ ଆଶ୍ଚର୍ଯ୍ୟ ହୋଇ ରମାକାନ୍ତଙ୍କୁ ଚାହିଁଲେ ।

ନା, କଦାପି ନୁହେଁ ।

କି ବାଜେ କଥାଗୁଡ଼ାକ କହୁଛ ଶୁଣେ ।

ମୁଁ ଯାହା କହୁଛି ତାହା ହିଁ ହେବ ।

ରମାକାନ୍ତ ରାଗରେ ଫୁଁ ଫୁଁ ହେବା ଛଡ଼ା ଆଉ କିଛି ଉପାୟ ନ ଥିଲା ।

ସେଦିନ ପରେ ଅନେକ ଦିନ ଚାଲିଯାଇଥିଲେ ମଧ୍ୟ ସ୍ନେହ ଦେବୀପାଦ ପାଖକୁ ଆଉ ଯାଇନାହାନ୍ତି କି ଦେବୀପାଦ ସ୍ନେହ ପାଖକୁ ଆସିନି ।

ସ୍ନେହଙ୍କ ବିଭାଘର ନିକଟ ହୋଇଆସିଛି । ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ଦିନ ବିଭାଘର । ବିଭାଘର ଠିକ୍ ହୋଇଯିବାଠୁ ସ୍ନେହ ଅନ୍ୟମାନଙ୍କଠୁ ସଙ୍କୁଚିତ ହୋଇ ଚଳୁଥିଲେ । ନିଜ ଅନ୍ତରର ଦୁଃଖ କ୍ରମଶଃ ତାଙ୍କୁ ଜୀର୍ଣ୍ଣ କରିଦେଉଥିଲା । ବହୁବାର ସେ ସଂକଳ୍ପ କରୁଥିଲେ ବଗିଚାକୁ ଯାଇ ଶେଷଥର ପାଇଁ ଦେବୀପାଦ ସହ କଥାବାର୍ତ୍ତା କରି ଆସିବେ । କିନ୍ତୁ ଅନେକଥର ସୁବିଧା ହୋଇନି, କେତେଥର ସୁବିଧା ହୋଇଥିଲେ ମଧ୍ୟ ସେ ଅଭିମାନରେ ଯାଇ ନାହାନ୍ତି । ଝିଅଟିଏ ବୋଲି ସେ ସିନା ଯିବାକୁ ଅସୁବିଧା, ଦେବୀପାଦ କଣ ଇଚ୍ଛାଥିଲେ ଆସିପାରନ୍ତେନି, ନା କିଏ ମନା କରନ୍ତା । କିନ୍ତୁ ଜଣେ ଜଣେ ଲୋକ ନ ବୁଝାଇଲେ କିଛି ବୁଝନ୍ତିନି, ସେମାନଙ୍କ ନିକଟରେ ଅଭିମାନ ବ୍ୟର୍ଥ । ସେମାନଙ୍କୁ ସବୁ ବୁଝାଇ ନଦେଲେ ହୃଦୟର କଥା ଅକୁହା ରହିଯାଏ । ବିଭାଘର ନିକଟ ହୋଇଆସୁଛି । ଅତୃପ୍ତ ଆଶା ନେଇ ସାରା ଜୀବନ ଘାଣ୍ଟି ହେବା ଅପେକ୍ଷା ଅସମ୍ଭବ ଲାଗୁଥିଲେ ମଧ୍ୟ ଥରେ ଚେଷ୍ଟା କରି ଦେଖିବା ଉଚିତ । ସ୍ନେହ ସଞ୍ଚିତ ଅଭିମାନ, ଲଜ୍ଜା ଓ ଦୁଃଖକୁ ଜଳାଞ୍ଜଳିରେ ଫୋପାଡ଼ି ଦେଇ ଦେବୀପାଦ ପାଖକୁ ଯିବାକୁ ବାହାରିଲେ

ହୃଦୟ ଆନନ୍ଦରେ ଥର ଉଠୁଥାଏ । ତାଙ୍କର ଭାଗ୍ୟ ସବୁଦିନ ପାଇଁ ନିର୍ଦ୍ଧାରିତ ହେବାକୁ ଯାଉଛି !

ଆଗମ ଚୌକରେ ଦେବୀପାଦ ବସି କଣ ଭାବୁଥିଲା । ଅଳ୍ପ ଶୁଖି ଯାଇଥିବା ପରି ଜଣା ପଡ଼ୁଛି ! ଅଜ୍ଞାତ ଆଶଙ୍କା, ଅନାଗତ ଭବିଷ୍ୟତ ସ୍ନେହକୁ ଦୁର୍ବଳକରି ପକାଇଲେ । ହଠାତ୍ ତାଙ୍କର ମନେହେଲା ସେ ଫେରି ଚାଲି ଯାଇପାରିଲେ ଭଲ ହୁଅନ୍ତା । ଆଉ କେଉଁଦିନ ଆସି ପଚାରିପିବେ । କିନ୍ତୁ ଦେବୀପାଦର ଆଖି ତାଙ୍କ ଉପରେ ପଡ଼ିସାରିଥିଲା ।

କଣ ସ୍ନେହ, ବହୁତଦିନ ପରେ !

ହା ରେ ନିଷ୍ଠୁର···ପ୍ରତିଦିନ ସିଏ ଟିକେ କଥା ଭାବି ଭାବି ବିନିଦ୍ର, ତାଙ୍କୁ ପଚାରୁଛି, କିନ୍ତୁ ନଜାଣିଲା ପରି, ବହୁତଦିନ ପରେ ! ସେ କଣ ଆସି ଭୁଲ କଲେ ! ମଣିଷର ସ୍ନେହ, ସମବେଦନା କଣ ଟିକିଏ ହେଲେ ନାହିଁ !

ସ୍ନେହ କିଛି କହିଲେନି ।

ବସୁନ ।

ଦେବୀ ଭାଇ, ମୁଁ ବାହାହେବି ନା ।

ଆଜ ?

............

କଣ ହେଲା ?

ମୁଁ ତୁମକୁ ଭଲପାଏ । ହେଲ ହୃଦୟରେ ଉଠୁଥିବା ବ୍ୟଥାକୁ ଚିପାଇ କହିଲେ । କିନ୍ତୁ ସେତେବେଳକୁ ଦୁଇଧାର ଅଶ୍ରୁ ବହି ଯାଉଥିଲା ।

ମୋତେ···?

ହଁ, ତୁମକୁ, ତୁମେ କଣ୍ଟୁ ବୁଝିପାରୁନ କାହିଁକ ? ମୁଁ ତୁମକୁ ଭଲ ପାଇଛି । ତୁମକୁ···

ତାପରେ ସ୍ନେହଙ୍କ ଚକ୍ଷୁ ଧୂମାୟିତ ହୋଇ ଉଠିଲା, ଚକ୍ଷୁରୁ ଅବିରଳ ଅଶ୍ରୁ ବୋହିବାକୁ ଲାଗିଲା ।

ଦେବୀ ଭାଇ, ମୁଁ କଣ ତୁମର ଅନୁପଯୁକ୍ତା ! ମୋତେ ତୁମେ ପିଲାଦିନୁ ଦେଖି ଆସିଛ, ମୋର ଗୁଣ, ପ୍ରକୃତି, ବ୍ୟବହାର କୌଣସି କଥା ତୁମକୁ ଅଜଣା ନାହିଁ ।

ତାହେଲେ ବୋଉ ଯାହା ଅନୁମାନ କରୁଥିଲା ତା ଠିକ୍ ?

ଦେବୀପ୍ରସାଦର ପ୍ରଶ୍ନ ଶୁଣିବା ମାତ୍ରେ ସ୍ନେହଙ୍କ ଦୃଷ୍ଟି ପରିଷ୍କାର ହୋଇଗଲା, ଅଶ୍ରୁ ଝରିବା ବନ୍ଦ ହୋଇଗଲା, କ୍ରୋଧ ଫୁଟିଉଠିଲା । ଗର୍ବିତ ସ୍ୱରରେ ସେ ପଚାରିଲେ—

ତୁମର ବୋଉ କଣ ଅନୁମାନ କରୁଥିଲେ ? ମୁଁ ଦରିଦ୍ର ଘରର ଝିଅ ବୋଲି ଧନୀଗୃହକୁ ଆସିବାକୁ ଇଚ୍ଛା କରୁଛି ? ମୋତେ କେହି ବାହା ହେଉ ନାହାନ୍ତି ? ମୋର ବୟସ ଗଡ଼ି ଯାଉଚି ବୋଲି ତୁମକୁ ମୁଁ ମୋ ମାୟାପାଶରେ ପକାଇବା ପାଇଁ ଚେଷ୍ଟା କରୁଛି । ମୁଁ ନିନ୍ଦିତ ଚରିତ୍ରା······

ସ୍ନେହ ଆଉ କଣ୍ଟୁ କହି ପାରିଲେନ । ରାଗରେ ତାଙ୍କର ନାସିକାପଟ ଫୁଲି ଫୁଲି ଯାଉଥିଲା । ଓଠରୁ ବାଣୀ ଅପ୍ରକାଶିତ ରହି ମଧ୍ୟ ଓଠ ବାରମ୍ବାର ଥରୁଥିଲେ, ଅଙ୍ଗପ୍ରତ୍ୟଙ୍ଗ ସ୍ପନ୍ଦିତ ହେଉଥିଲା । କିଛି ସମୟ ଯାଏ ଦୁହେଁ ନିଜ ନିଜର ଚିନ୍ତାରେ ନିମଗ୍ନ ରହି ନିଶ୍ଚେଷ୍ଟ ରହିଲେ ।

ସ୍ନେହ ନୀରବତା ଭାଙ୍ଗିଲେ । ଏଥର ତାଙ୍କର ସ୍ୱର ଲିଭି ଯାଇଥିଲା, ସେ ଯେପରି ଅନୁନୟ କରୁଥିଲେ ।

ଏତେ ସାଧାରଣ କଥା କଣ ଆମ ଦୁହିଁଙ୍କ ଜୀବନକୁ ନଷ୍ଟ କରିଦେବ, ଆଶା ଆକାଂକ୍ଷାର ସୌଧକୁ ଚୂରମାର କରିଦେବ ?

ଦେବୀ ଭାଇ ତୁମେ ମୋତେ ବାଧା ଦୁଅ । ତୁମ ଉପରେ ସବୁ ନିର୍ଭର କରୁଛି, ତୁମେ ସବୁ ବଦଳାଇପାର ।

ଦେବପାଦ ଠିଆ ହୋଇ ପଡ଼ିଲା ।

ନାରୀ ଏତେ ଦୁର୍ବଳ, ଏତେ ଭୟାନକ ଓ ଏତେ ନଗ୍ନ ହୋଇପାରେ, ମୁଁ କଳ୍ପନା କରି ନ ଥିଲି । ଛିଃ !

ଦେବୀ ଭାଇ ! ସ୍ନେହ ସିଂହ୍ନାମ ଭଳି ଗର୍ଜି ଉଠିଲେ । ତୁମର କଥାକୁ ମୁଁ ଖଣ୍ଡନ କରିବାକୁ ଯାଉନ । କିନ୍ତୁ ମୁଁ କହି ରଖୁଛି ତୁମ ମନକଥା ତୁମେ ନିଜେ ଜାଣିନ, ଯେତେବେଳେ ଜାଣିବ ସେତେ-ବେଳେ ଆଜିର ମୂର୍ଚ୍ଛା ପାଇଁ ଅନୁତାପ କରିବ ।

ସ୍ନେହ ଦ୍ରୁତଗତିରେ ଚାଲିଗଲେ, ତାଙ୍କର ଯିବା ପଥକୁ ଅସ୍ପୃଶ୍ୟ ହୋଇ ଦେବୀପାଦ ଚାହିଁଥାଏ । କିଛି ସମୟଯାଏଁ ସେ ଯେପରି କିଛି ବୁଝିପାରିଲାନି ।

ସ୍ନେହପ୍ରଭା ଭବିଷ୍ୟତ ଗଣନା କଲେ ନା ଅଭିଶାପ ଦେଲେ ?

ଡାକ୍ତର ଦୋକାନରେ କେହି ନ ଥିଲେ । କମ୍ପାଉଣ୍ଡର ଆସି ନ ଥିଲା । ରମାକାନ୍ତ ଏକୁଟିଆ ପ୍ରଗାଢ଼ ଚିନ୍ତାରେ ନିମଗ୍ନ ଥିଲା । କାର୍ ର ବ୍ରେକ ଶବ୍ଦରେ ତାର ଧ୍ୟାନ ଭାଙ୍ଗିଲା । ରଜନୀ ଦୋକାନ ଆଡ଼କୁ ଚାଲି ଆସୁଥିଲେ ।

ନମସ୍କାର ।

ନମସ୍କାର । ଆସ । ମୋ ପାଖକୁ କେବେ ଆସିନ ମୁଁ ଜାଣେ । ଏଣେ କେଉଁଆଡେ ଆସିଥିଲ, ଦେଖିଲ ମୁଁ ଏକୁଟିଆ ବସିଛି, ଦୟାହେଲା, କିମ୍ବା ଭାବିଲ ମୁଁ ରାସ୍ତାକୁ ଚାହୁଁଛି ମୋ ପାଖକୁ ନ ଆସି ଏଇବାଟେ ଚାଲିଗଲେ କାଳେ ମୁଁ କଣ ଭାବିବି । ତେଣୁ ଚାଲି ଆସିଲ । ଠିକ୍ ନା ?

ଆପଣ ତ ଆଜିକାଲି ସବୁ ଜାଣି ଦେଉଛନ୍ତି, ସର୍ବଜ୍ଞ ହୋଇ ଗଲେଣି । ମୁଁ ଆପଣଙ୍କ ପାଖକୁ ଆସିଛି ।

ସେଦିନ ଦୁଃଖିତ ହୋଇ ଚାଲିଗଲ, ମୁଁ ଭାବିଲି ଅଭିମାନ ଶେଷ ହେବାକୁ ତୁମର ବହୁତ ଦିନ ଲାଗିବ । କଣ ମଗାଇବି ? କିନ୍ତୁ ସେଦିନ ପରି ନ ଖାଇ ଚାଲି ଯିବନି ।

ନାହିଁ ଆଜି, ଯେତେବେଳେ ମୁଁ ଆସିବି ସେତେବେଳେ ଏଠି ଜଳଖିଆ ଖାଇବି ଏହାର କଣ ମାନେ ଅଛି ?

ତୁମେ ଚାହିଁଲେ ମୋତେ ତୁମ ଘରକୁ ଗଲେ ଆଜି ଜବର୍ଦସ୍ତ ଖୁଆଇବାକୁ ହେବନି ।

ରଜନୀଙ୍କ ଦୃଷ୍ଟି ଟେବୁଲ୍ ଉପରକୁ ଗଲା ।

ଏ ଚିଠି କାହାର ? ଲଫାପାଟିରୁ ଚିଠି ବାହାର କରି ସେ ପଢ଼ିବାକୁ ଲାଗିଲେ । ଅନ୍ୟ କାହାର ଚିଠି ପଢ଼ିବା ଅନୁଚିତ ବୋଲି ରମାକାନ୍ତ କହି ଆସୁଥିଲା, ନିଜକୁ ସଂଯତ କରିନେଲା ।

ସେ ଚିଠି ପାଇ ମୁଁ ଆଜି ଭାରି ଚିନ୍ତିତ । ତୁମେ ଆସିବା ପୂର୍ବରୁ ଭାବୁଥିଲି ବିପଦ ଯେତେବେଳେ ଆସେ ସେତେବେଳେ ଦଳବଳ ଧରି ଆସେ । ରଜନୀ ସେତେବେଳକୁ ଚିଠିରେ ମଜ୍ଜି ଯାଇ ଥିଲେ, ରମାକାନ୍ତ କଥା ଶୁଣି ପାରିଲେନି । ଚିଠିରେ ଲେଖାଥିଲା—

ବାବୁ ରମାକାନ୍ତ,

ତୁମେ ଗ୍ରାମକୁ ଆସିଥିବା ସମୟରେ ମୁଁ ତୁମକୁ ସୁକେଶୀ କଥା କହିଥିଲି । ଗାଁରେ ତା ବୋଉପାଖେ ରହି ଅତ୍ୟଧିକ ସ୍ନେହ, ଆଦର ପାଇ ତାର ଭଲ ପଢ଼ାପଢ଼ି ହୋଇପାରୁନି । ଗାଁ ସ୍କୁଲରେ ମଧ୍ୟ ଭଲ ଶିକ୍ଷକ ନାହାନ୍ତି । ପୁଣି ପୁଅ ପିଲାଙ୍କ ସ୍କୁଲ । ତେଣୁ ତାର ବ୍ୟକ୍ତିତ୍ୱର ଯଥାର୍ଥ ବିକାଶ ହୋଇ ପାରୁନି । ତାର ପରୀକ୍ଷା ସରିବା ପରେ ପରେ ଗାର୍ଲସ୍କୁଲର ଏକାଦଶ ଶ୍ରେଣୀରେ ଭର୍ତ୍ତି କରାଇଦେବା ମୋ ଇଚ୍ଛା । ସେ ହଷ୍ଟେଲ୍‌ରେ ରହିବ । ସବୁ ଦୃଷ୍ଟିରୁ ହଷ୍ଟେଲ୍ ତା ପାଇଁ ଉପଯୁକ୍ତ ହେବ । ତା ଉପରେ ମୋର ବହୁତ ଆଶା । କଟକରେ ମୋର ବିଶେଷ ପରିଚିତ ଲୋକ ମଧ୍ୟରେ ତୁମେ । ସୁକେଶୀର କଟକ ରହଣୀ ସମୟରେ ସେ ତୁମର ଅଭିଭାବକତ୍ୱରେ ରହିବ । କିନ୍ତୁ ବର୍ତ୍ତମାନ ସେ ହଷ୍ଟେଲ୍‌ରେ ଏବଂ ସ୍କୁଲରେ ଯେପରି ସ୍ଥାନ ପାଏ ତାର ବିଶେଷ ବ୍ୟବସ୍ଥା ତୁମେ କରିବ ବୋଲି ଆଶା । ଚିଠି ଦେବ ।

କିଏ ଲେଖିଛନ୍ତି ? ରଜନୀ ପଚାରିଲେ ।

ଆମ ଗାଁର ଜମିଦାର ଗୋବିନ୍ଦ ମହାପାତ୍ର ।

ସୁକେଶୀ ତାଙ୍କ ଝିଅ ?

ହଁ ।

ଦେଖିବାକୁ କପରି, ଭରି ସୁନ୍ଦର ?

ରମାକାନ୍ତ ରଜନୀଙ୍କ ଆଖି ସହିତ ଆଖି ମିଳାଇ କହିଲା—ହଁ, ସତର ଅଠର ବେଳେ ଝିଅମାନେ ଯେପରି ଦେଖାଯାନ୍ତି ।

ତୁମ ଘରକୁ ଯିବା ଆସିବା କରନ୍ତି ?

ନା, ନା, ସେ ଅନ୍ୟ ସାହିର, ଆମେ ଅନ୍ୟ ସାହିର, ସେପରି କିଛି ଯିବା ଆସିବା ନାହିଁ । ଆଉ ମୁଁ ତ ସବୁବେଳେ କଟକରେ ରହେ ।

ହୁଁ ।

ଏ ଚିଠିଟି ନିଅ, ଯେତେବେଳେ ସେ ଚିଠିଟି ପଢ଼ିଲ, ସେତେବେଳେ ଏ ଚିଠି ମଧ୍ୟ ପଢ଼ିବା ଆବଶ୍ୟକ ।

ସୁକେଶୀ ଲେଖିଛନ୍ତି ?

ପଢ଼ ।

ଆୟୁଷ୍ମାନ୍ ରମାକାନ୍ତ,

ବାପାଙ୍କ ମୃତ୍ୟୁପରେ ଦେବୀ କ୍ରମେ କ୍ରମେ ଉଦାସୀନ ହୋଇ ଯାଉଥିବା ଓ ଚିନ୍ତିତ ହୋଇ ଉଠୁଥିବା କଥା ତୋ ପାଖକୁ ମୁଁ ଲେଖିଥିଲି । ତାକୁ କଟକ ନେଇଯା, ତାର ମନପରିବର୍ତ୍ତନ ହେବ ବୋଲି ଯେତେ ଲେଖିଲେ ମଧ୍ୟ ତୁ ଶୁଣିଲୁନି । ମୁଁ ତ ଭାବୁଛି ତାର ଚିକିତ୍ସା କରାଯାଇଥିଲେ କିଛି ଉପକାର ହୋଇଥାଆନ୍ତା । କେତେଦିନ ହେଲି ସେ ବିଶେଷ ଚିନ୍ତିତ ଦେଖାଯାଉଥିଲା, ବାପାଙ୍କୁ ମନେ ପକାଉଥିଲା, ସ୍ୱପ୍ନରେ ନାଁଧ ପକାଉଥିଲା । ସକାଳେ କାହିଁକି ସେପରି ହେଉଥିଲୁ ବୋଲି ପଚାରିଲେ କିଛି କହୁ ନଥିଲା, କେତେବେଳେ ହସି ଦେଉଥିଲା । କେତେବେଳେ ବା ଗମ୍ଭୀର ହୋଇ ଯାଉଥିଲା

ଖାଇବା ପିଇବାରେ ମଧ୍ୟ ଆଗ୍ରହ ନଥିଲା । ଦିନେ ଦିନେ ରାତିସାରା ଲଣ୍ଠନ ଜାଳି ପଢ଼ୁଥିଲା । ଏବେ ଆଜିସକାଳୁ ସେ ଘରେ ନାହିଁ । ଆମେ ଦିନ ଦୁଇଟାଯାଏଁ ବେଶି ଚିନ୍ତିତ ହେଲୁନାହିଁ କି ଖୋଜିବାକୁ ଲୋକ ପଠାଇଲୁନି । ଶିବନାଥ କହିଲା ପାହାଡ଼ ଉପରକୁ ଚାଲି ଯାଇଥିବ ଫେରି ଆସିବ । ମୁଁ ନିଶ୍ଚିନ୍ତ ନହୋଇ ଦିନ ତିନିଟା-ବେଳକୁ ସବୁଆଡ଼କୁ ଲୋକ ପଠାଇଲି । କିନ୍ତୁ କେହି ତାକୁ ପାଇଲେନି ।

ଦେବୀପାଦ ମୋର କୁଆଡ଼େ ଚାଲିଯାଇଛି ? ମୁଁ କଣ କରିବି । ତୁ ତ ବଡ଼ ହୋଇ ଅଛୁ ଟିକିଏ ବୁଝ୍, ଖବର କାଗଜରେ ବାହାର କର । ମୋତେ ଡର ଲାଗୁଛି କାଳେ ସେ ସନ୍ନ୍ୟାସୀ ହୋଇଯିବ । ଚିଠି ଦେବୁ, ତୋର ବୋଉ ।

ଓଃ ! ବଡ଼ ଦୁଃଖ ଖବର । ମୁଁ ବର୍ତ୍ତମାନ ଯାଉଛି 'ସମାଜ'ରେ ଖବରଟା ଦେଇ ଆସେ । ରଜନୀ ଅତ୍ୟନ୍ତ ଦୁଃଖିତ ହୋଇ କହିଲେ ।

ଘରକୁ ଚିଠି ଦେଇଛି, ତା ଉତ୍ତର ଆସିଲେ କଣହେଲେ କରିବି ।

ରଜନୀଙ୍କର ମ୍ଲାନ ମୁଖକୁ ଚାହିଁ ରମାକାନ୍ତ ପୁଣି କହିଲା— ତୁମେ ତ ଦେବୀପାଇଁ ବଡ଼ ବେଶି ଚିନ୍ତିତ । ତାଙ୍କୁ ତ ତୁମେ କେବେହେଲେ ଦେଖିନ, ତଥାପି ଏତେ ସହାନୁଭୂତି !!

ଆପଣଙ୍କ ଭାଇ କଣ ମୋର ଭାଇ ନୁହଁ । ସନ୍ନ୍ୟାସୀ ହୋଇଗଲେ କେତେ କଷ୍ଟ ପାଇବେ ! ସବୁ ଥାଉ ଥାଉ ସନ୍ନ୍ୟାସ, ହା ଭଗବାନ୍ !

ରଜନୀଙ୍କର ଆଖି ଛଳଛଳ ହୋଇ ଆସିଲା ।

ଦେବୀପାଦ ଖାଲି ବେଞ୍ଚ ଦେଖି ଶୋଇ ପଡ଼ିଲା । ଅନ୍ତର୍ଦ୍ୱନ୍ଦ୍ୱ ମୁକ୍ତ ହୋଇ ନପାରି ସେ ସମାଧାନ ଖୋଜିଲା ନିଦ୍ରାରେ ।

ସକାଳ ଆଠଟାବେଳକୁ ଦେବୀପାଦର ଯେତେବେଳେ ନିଦ ଭାଙ୍ଗେ ସେତେବେଳେ କ୍ଷୁଧା ତାଡ଼ନାରେ ସେ ବ୍ୟସ୍ତ ହୋଇ-ପଡ଼େ । କିନ୍ତୁ ପାଖରେ କିଛି ହେଲେ ପଇସା ନଥିଲା । ଘର ବହୁଦୂରରେ ରହିଯାଉଛି । କିନ୍ତୁ ଘର କଥା ସେ ଆଉ କାହିଁକି ମନେ ପକାଉଛି ? ଦିନେ ଦୁଇଦିନ ପାଇଁ ତ ସେ ଆଉ ପ୍ରବାସ କରୁନି । ସାରାଜୀବନ ସେ ଘରଠାରୁ ବିଚ୍ଛିନ୍ନ ହୋଇ ରହିବ । ଘର ଆଉ କଣ ? ସବୁ ବୃଥା ଆସକ୍ତି ।

ଗାଡ଼ି ଭିତରେ ଅନ୍ୟାନ୍ୟ ସହଯାତ୍ରୀମାନେ କିଛି ନା କିଛି ଖାଉଥିଲେ, ବୁଟ, ପାମ୍ପଡ଼, ମୁଢ଼ି, ଚୁଡ଼ା...... । ଦେବୀପାଦକୁ ଲୋକ ଅସମ୍ଭାଳ କରୁଥିଲେ ମଧ୍ୟ ତାହାକୁ କିଛି ନକହି ସେ ଝରକା ବାହାରକୁ ମୁଣ୍ଡ ଟେକାଇ ବାହାରକୁ ଚାହିଁ ରହିଲା । ଗାଁ, ପୋଖରୀ, କଟିଗୁ ଆଖିରେ ପଡ଼ିଗଲେ ସେ ନିଜ ଗାଁ, ସ୍ନେହ ଓ ତାଙ୍କର ବର୍ଗକୁ କଥା ଭାବି ଦେଉଥିଲା ।

ମାନବର ଗୃହସଂସାର ପ୍ରତି ଏତେ ଆକର୍ଷଣ କାହିଁକି ? କାହିଁକି ? ଖାଦ୍ୟ ଓ ନାରୀ । ଦୁଇଟି ଯାକ କ୍ଷୁଧା । ଗୋଟିଏ ଶାରୀରିକ ଅପରଟି ମାନସିକ । ମାୟାର ଦୁଇଟି ପାଦ । ଦୁଇଟି ଉପରେ ସଂସାର ଟେକିଛି । ଏ ଦୁଇଟିର ବିନାଶରେ ସଂସାରର

ବିନାଶ । ସଂସାରତ୍ୟାଗୀ ପାଇଁ କ୍ଷୁଧା ଓ ଯୌନ କ୍ଷୁଧା ଉଭୟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଅତ୍ୟାବଶ୍ୟକ । କ୍ଷୁଧାକୁ ନିୟନ୍ତ୍ରିତ କରିବାକୁହେବ ସ୍ୱଳ୍ପ ଓ ସାତ୍ତ୍ୱିକ ମାନଦଣ୍ଡରେ, ଅପରଟିକୁ ନିୟନ୍ତ୍ରଣ ନୁହେଁ, ସମ୍ପୂର୍ଣ୍ଣ ବର୍ଜନ କରିବାକୁହେବ । ଅପରଟିକୁ ବର୍ଜ୍ଜନ ନ କରି ନିୟନ୍ତ୍ରଣ କଲେ କ୍ଷତି କଣ ? ଗୀତାର କର୍ମଯୋଗ ବୋଧେ ସେୟା । ଯୌନକ୍ଷୁଧାର ନିୟନ୍ତ୍ରଣଇ ତ ଗାର୍ହସ୍ଥ୍ୟ । କିନ୍ତୁ ଜୈନମାନେ ହିନ୍ଦୁମାନଙ୍କଠୁ ଆହୁରି ପାଦେ ଆଗକୁ ଯାଇଥିବା ପରି ମନେହେଉଛି । ସେମାନେ ମୋକ୍ଷ ପାଇବାକୁ ହେଲେ ଖାଦ୍ୟ ମଧ୍ୟ ସମ୍ପୂର୍ଣ୍ଣ ବର୍ଜ୍ଜନ କରିବାକୁ ଉପଦେଶ ଦିଅନ୍ତି । କିନ୍ତୁ ଖାଦ୍ୟକୁ ନ ପାଇଲେ ମଣିଷ ମରିଯିବ, ତାହେଲେ ଆତ୍ମହତ୍ୟା ହେବ ।

ବର୍ତ୍ତମାନ ସେ ଆତ୍ମହତ୍ୟା କରୁନି ତ ? କିନ୍ତୁ ଖାଦ୍ୟ ସେ ପାଇବ କେଉଁଠୁ ? ପାଖରେ ତ ଗୋଟେ ହେଲେ ପଇସା ନାହିଁ । ଟିକଟ ମଧ୍ୟ ନାହିଁ । ଉଃ, ପୁଣି ଖାଦ୍ୟ ଉପରକୁ ଚିନ୍ତା ଗ୍ଳଲି ଯାଉଛି । ସବୁ ବାଜେ କଥା ।

ସେ ଘରେ ରହି ସାଧନା କରିଥିଲେ କଣ ହୋଇ ନଥାନ୍ତା ? କିନ୍ତୁ ଘର ? ଯେଉଁ ଘରେ ମା ଧନରତ୍ନକୁ ସନ୍ତାନସନ୍ତତି ଅପେକ୍ଷା ବଡ଼ ମନେ କରେ ! ଧିକ୍ ସେହି ଧନରତ୍ନକୁ ଯାହାପାଇଁ ବଡ଼ଭାଇ ମଧ୍ୟ ବୋଉଙ୍କ ସହିତ କଳି କରି ପାରିଲେ । ଯେତେଦୂର ସମ୍ଭବ ସ୍ନେହ ମଧ୍ୟ ସେହି ଧନରତ୍ନପାଇଁ ତାକୁ ବିବାହ କରିବାକୁ ଏତେ ବ୍ୟଗ୍ର ହୋଇପଡ଼ିଥିଲେ । ସ୍ନେହ······ସ୍ନେହ ସୁନ୍ଦର କିନ୍ତୁ ଦେଖିବାକୁ ।

ଦେବୀପାଦଙ୍କ ନିଦ ଆସିଗଲା ।

ହାୱଡ଼ାଷ୍ଟେସନର କୋଳାହଳରେ ତାର ନିଦ ଭାଙ୍ଗିଲା । କେହି ବୋଧେ ସେ ଶୋଇଥିବା ଦେଖି ଝୁଙ୍କାଇ ଦେଇଥିଲେ ।

ଭିଡ଼ବାରେ ସମସ୍ତେ ନିଜ ନିଜର ଜିନିଷ ବାହାର କରିବାରେ ବ୍ୟସ୍ତ, ସମସ୍ତଙ୍କ ପଛରେ ସେ କମ୍ପାର୍ଟମେଣ୍ଟରୁ ତଳକୁ ଓହ୍ଲାଇଲା । ଧୋତି ଖଣ୍ଡେ ସାର୍ଟ ଖଣ୍ଡେ ତାର ପରିଧାନ ଥିଲା, ଟିକଟ ନଥିଲା, ବାହାରକୁ ସେ ଯିବ କିପରି ? ହାଓଡ଼ାକୁ ପ୍ରଥମ କରି ସେ ଆସିଥିଲା; କିନ୍ତୁ ସବୁ ପରିଚିତ ପରି ଲାଗୁଥାଏ । କମ୍ପାର୍ଟମେଣ୍ଟରୁ ଓହ୍ଲାଇ କିଛିବାଟ ଯାଇଛି ଟିକଟ କଲେକ୍ଟର ତାକୁ ଅଟକାଇ ଦେଲା । ସଙ୍ଗେ ସଙ୍ଗେ ଅଜାଣତରେ ତା ପାଟିରୁ ବାହାରି ପଡ଼ିଲା—ବନ୍ଧୁ ଆଗରେ ଯାଉଛନ୍ତି, ତାଙ୍କର ପାଖରେ ଟିକଟ ଅଛି । ଦେବୀପାଦ ଏହା କହିଦେଇ ନିତାନ୍ତ ବ୍ୟସ୍ତପରି ଚାଲିବାକୁ ଲାଗିଲା ।

ଗେଟ୍ ପାଖରେ ଭୀଷଣ ଭିଡ଼ ହୋଇଥାଏ । ଟିକଟ୍ ଚେକ୍ କରାଯାଉ ଥାଏ । ଗେଟ୍ ଦରଆଉଜା, ଦେବୀପାଦ କିଛିସମୟ ଗେଟ୍ ବାହାରେ ଠିଆ ହୋଇ ଲୋକ ଗହଳିକୁ ଚାହିଁଲା । ତାପରେ ସେ ଗହଳିରେ ମିଶିଗଲା । ଦରବାଜା ପାଖରେ ଠେଲାପେଲା ଚାଲିଥାଏ । ଯେତେବେଳେ ଦେବୀପାଦର ପାଳି ପଡ଼ିଲା ସେ ଟିକଟ କଲେକ୍ଟର କଥା ନଶୁଣି ତା ଆଗରେ ଥିବା କୁଲିକୁ କହିଲା—ଚାଲ୍ ଚାଲ୍ ଜିନିଷ ମକାନା । ଟି.ଟି. ଆଉ ଶୁଣିବା ଭଳି ବଡ଼ ପାଟିରେ କହିଲା, ପଛକୁ ଚାହିଁ—ସତ୍ୟବ୍ରତ, ଟିକଟ ଦେଇ ଦେ । ପଛ ଭଦ୍ରଲୋକ ଦୁଇଟି ଟିକଟ ବଢ଼ାଉଥିଲେ । ଗୋଟିଏ ନିଜ ପାଇଁ, ଅନ୍ୟଟି ତାଙ୍କର ସ୍ତ୍ରୀଙ୍କ ପାଇଁ :

ଆଗରେ ଯାଇଥିବା ଭଦ୍ରଲୋକ ?

ମୁଁ ଜାଣେନା । ସେ ଭଦ୍ରଲୋକ କହିଲେ ।

ଭିଡ଼ କ୍ରମେ ବଢ଼ୁଥିଲା ।

**ଯେଉଁ** କୁଲିକୁ ସେ ଜିନିଷ ନ ପକାଇ ସାବଧାନ ସହକାରେ ବାହାର ଯିବାକୁ କହିଥିଲି ସେ କୁଲି ସାଥିରେ ଜଣେ ଭଦ୍ର ବ୍ୟକ୍ତି ଥିଲେ । ପ୍ଲାଟଫର୍ମରୁ ବାହାର ଆସି ଦେବୀପାଦ କିଛି ବାଟ ଯାଇଛନ୍ତି ଦେଖେ କୁଲି ସଙ୍ଗରେ ଥିବା ସେହି ଭଦ୍ରଲୋକ ତା ଆଡ଼କୁ ଚାହିଁଛନ୍ତି, କୁଲି ଜିନିଷ ଧରି ପାଖରେ ଠିଆ ହୋଇଛି । ତାଙ୍କର ମୁହଁରେ ହସଥିଲା, ଚକ୍ଷୁରେ ଇଙ୍ଗିତ । ଦେବୀପାଦ ଆଶ୍ଚର୍ଯ୍ୟ ହେଲା ।

ଅପରିଚିତ ଭଦ୍ରବ୍ୟକ୍ତି ଟ୍ୟାକ୍ସି କରି ଜନଗହଳି ଯେଉଁ ଦିଗରେ ବେଶି ସେହିଆଡ଼କୁ ଚାଲିଗଲେ । ଦେବୀପାଦ କଲିକତାକୁ ନୂଆ ଆସିଥିଲା । ଡର ନ ହେଲେ ମଧ୍ୟ ଅପରିଚିତ ଜାଗା ଯୋଗୁଁ ସଙ୍କୋଚ ଲାଗୁଥାଏ । ସେ ଭଦ୍ରବ୍ୟକ୍ତି ଯାଇଥିବାର ବିପରୀତ ଦିଗକୁ ରାସ୍ତାର ବାଁ କଡ଼େ କଡ଼େ ଚାଲିଲା । ତାକୁ ସାବଧାନ ହୋଇଯିବାକୁ ପଡ଼ୁଥାଏ, ପ୍ରତ୍ୟେକ ମୁହୂର୍ତ୍ତରେ ଟ୍ରକ ବା ଟ୍ୟାକ୍ସି ଦ୍ରୁତଗତିରେ ଯାଉଥାନ୍ତି । ତାକୁ ପୁଣି ଭୋକ ଲାଗି ଆସିଥାଏ । ଘରେ ଥିଲେ ସେ ଏତେବେଳକୁ ନିତ୍ୟକର୍ମ ସାରି ସ୍ୱାଧ୍ୟାୟ ଆରମ୍ଭ କରିସାରନ୍ତାଣି । ଶିବନାଥ ଉଠି ସାରିଥିବ, ବୋଉ ଅନେକବେଳୁ ଉଠି ସାରିଥିବେ । ସେମାନଙ୍କୁ ନିଶ୍ଚୟ ଦୁଃଖ ଲାଗୁଥିବ, ଗୋଟିଏ ଘରେ ଏତେଦିନ ଧରି ଶୋଉଥିଲେ, ଉଠୁଥିଲେ, ବସୁଥିଲେ । ଯାହାହେଲେ ମଧ୍ୟ ଘର ଭଲ । କୁଆଡ଼େ ସେ ଯିବ ? ଆଜି ଯଦି ବାପା ବଞ୍ଚିଥାନ୍ତେ ତାହେଲେ ବୋଧେ ସେ

ସନ୍ନ୍ୟାସୀ ହୋଇ ନ ଥାନ୍ତା । ଆଗରେ ଦୁଇତିନୋଟି ଟ୍ରକ ଭର୍ତ୍ତି ଯୋଗୁଁ ଟିଆ ହୋଇ ଯାଇଥିଲେ । ଭାବନାର ଶୃଙ୍ଖଳା ଭାଙ୍ଗିଗଲା । ସେ ଟ୍ରକ କଟାଇ ଆଗକୁ ଚାଲିଲା । ହଠାତ୍ ତାର ମନେ ହେଲା କେହି ଜଣେ ତାକୁ ଅନୁସରଣ କରୁଛି । ମନକୁ ଏହି ଭାବନା ଆସିବାମାତ୍ରକେ ସେ ବୁଲାପଡ଼ି ଚାହିଁଲା । ତାର ଅଶ୍ଚର୍ଯ୍ୟର ସୀମା ରହିଲାନି ଯେତେବେଳେ ସେ ସେହି ଅପରିଚିତ ଭଦ୍ରବ୍ୟକ୍ତିଙ୍କୁ ତାଠୁ ଜମା ଦଶ ବାର ହାତରେ ଆସୁଥିବାର ଦେଖିଲା । ସେ ଫେରି ଚାହିଁବା ଦେଖି ଭଦ୍ରବ୍ୟକ୍ତି କ୍ଷଣକପାଇଁ ହତ୍‌ବୁଦ୍ଧି ହୋଇଗଲେ । କିନ୍ତୁ ପରମୁହୂର୍ତ୍ତରେ ଦ୍ରୁତପଦକ୍ଷେପରେ ତା ପାଖକୁ ଚାଲିଆସି କହିଲେ—

ଆପଣ କିଛି ମନେ କରିବେନି ମହାଶୟ, ଆପଣଙ୍କୁ ନିଶ୍ଚୟ ହୋଟେଲ ଦରକାର ।

.........

ଆଗରେ ଯେଉଁ ହୋଟେଲ ଦେଖୁଛନ୍ତି ସେହି ହୋଟେଲର ମୁଁ ମ୍ୟାନେଜର ।

ଦେବୀପାଦ ଚାହିଁଲା, 'ତୃପ୍ତି ହୋଟେଲ' ଆଗରେ ସେମାନେ ଟିଆ ହୋଇଥିଲେ ।

କିଛିଦିନ ହେଲା ମୋର ଗୋଟିଏ ପୁଅ, ଯାହାର ଆପଣଙ୍କ ଚେହେରା ସହ ବହୁତ ସାଦୃଶ୍ୟ ଅଛି, କୁଆଡ଼େ ଚାଲି ଯାଇଛି । ତାର ମସ୍ତିଷ୍କ ବିକୃତ ଥିଲା । ଆପଣଙ୍କୁ ଅନୁସରଣ କରୁଥିବାବେଳେ ମୁଁ ଭାବୁଥିଲି ଆପଣ ସେ ବୋଲି । ଆପଣ ଫେରି ଚାହିଁବାରେ, ଆପଣଙ୍କ ମୁହଁରୁ ଜାଣିଲି ଆପଣ ମୋ ପୁଅ ନୁହନ୍ତି ।

ଆପଣଙ୍କର ଚେହେରାପରିଚୟ କେହି କଲିକତାରେ ଥିବା ପରି ମନେ ହେଉନି । ଆପଣ ମଧ୍ୟ କଲିକତାକୁ ପ୍ରଥମ କରି ଆସୁଛନ୍ତି ବୋଧେ ।

ହଁ । ଆପଣ କପରି ଜାଣିଲେ ?

ଆପଣ ଷ୍ଟେସନରୁ କଲିକତା ଆଡ଼େ ନ ଯାଇ ବେଲୁର ଆଡ଼େ ଚାଲିଛନ୍ତି ।

ଆଚ୍ଛା !

କଲିକତା ଡେଣେ ରହିଗଲା ।

ଦେବୀପ୍ରସାଦ ଯେଉଁଆଡ଼େ କଲିକତା ନଗରୀ ରହିଗଲା ବୋଲି ଅପରିଚିତ ଭଦ୍ରବ୍ୟକ୍ତି ଦେଖାଇଥିଲେ ସେହି ଆଡ଼କୁ ଚାହିଁଲା । ସେ ମନେ ମନେ ଠିକ୍ କରୁଥିଲା ଯେଉଁ ବାଟରେ ସେ ଯାଉଥିଲା ସେହି ବାଟକୁ ଆଉ ଚାଲିବା ଠିକ୍ ହେବ କି ନାହିଁ । ଭଦ୍ରବ୍ୟକ୍ତି ତା ମନର ଭାବନାକୁ ଅନୁମାନ କରି କହିଲେ —

ବର୍ତ୍ତମାନ ତ ଆପଣ ନିତ୍ୟକର୍ମ ସାରିବେ । ରାତିସାରା ଗାଡ଼ିରେ ଆସି କ୍ଲାନ୍ତ ହୋଇ ଯାଇଥିବେ । ଏଇ ପାଖରେ ତ ମୋର ହୋଟେଲ, ଚାଲନ୍ତୁ, କଲିକତାରେ ଯେତେଦିନ ରହିବେ ସେତେଦିନ ମୋ ହୋଟେଲରେ ରହିବେ, କିଛି ଅସୁବିଧା ହେବନି ।

ମୋ ପାଖରେ ତ କିଛି ପଇସା ନାହିଁ ।

ମୁଁ ଜାଣେ । ଟି. ଟି. ଆପଣଙ୍କୁ ଆପଣ ଟିକଟ ଦେବାବେଳରୁ ମୁଁ ଜାଣିଛି । ମ୍ୟାନେଜର ଜାଣିବା ହସ ହସି ପିଠି ଆଉଁଷେଇଲେ । ଦେବୀପ୍ରସାଦର ମୁହଁ ଲାଲ ପଡ଼ିଗଲା ।

ମୋ ନାଁ ସୁକୁମାର ବନ୍ଦୋପାଧ୍ୟାୟ । ଆପଣଙ୍କ ନାଁ ?

ଦେବୀପାଦ ହୋଟେଲରେ ପହଞ୍ଚି ପ୍ରଥମେ ମନଇଚ୍ଛା ଖାଇଲା । ଟେବୁଲର ଅନ୍ୟପଟେ ଭଦ୍ରବ୍ୟକ୍ତି ବସି ବରାଦ୍ ଦେଉଥାଆନ୍ତି । ଭଦ୍ରବ୍ୟକ୍ତି ସ୍ନେହପୂର୍ଣ୍ଣ ବାଧ୍ୟବାଧକତାରେ ଦେବୀପାଦକୁ ଖୁଆଇ ସାରିଲା ପରେ ଦୁହେଁ ହୋଟେଲର ଉପର ମହଲାକୁ ଗଲେ । ହୋଟେଲର ସାଜସଜ୍ଜା ଦେଖି ଦେବୀପାଦ ଚକିତ ହେଉଥାଏ । ଟେବୁଲ ଚଉକି ସବୁ ମସୃଣ ଓ ପରିଷ୍କାର, ହୋଟେଲ ସାରା ଟିକିଏ ହେଲେ ମଇଳା ନାହିଁ । ବଡ଼ ବଡ଼ ନାଲି କାର୍ଟିର ପର୍ଦ୍ଦା ସବୁ କାନ୍ଥଗୁଡ଼ିକୁ ଆବୃତ କରି ଘରର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ଦେଇଥାନ୍ତି । ଏତେ କର୍ମଚାରୀ ଓ କ୍ରେତା ଚଳପ୍ରଚଳ ହେଉଥିଲେ ମଧ୍ୟ ହୋଟେଲ ସାରା ନୀରବତା ଓ ଶୃଙ୍ଖଳା । ସିଡ଼ିରେ ଚଢ଼ୁଥିବା ବେଳେ ଦାମୀସୁଟ୍‌ରେ ଆବୃତ ଜଣେ ଲୋକ ତଳକୁ ଓହ୍ଲାଉଥିଲେ । ସୁକୁମାରବାବୁ ତାଙ୍କୁ ଦେଖିବାମାତ୍ରେ କହିଲେ—ପୀତାମ୍ବର, ଅଧଘଣ୍ଟାଏ ଗୁଡ଼ି ମୋ ରୁମ୍‌କୁ ଆସିବ । କାନପୁର୍ ନେଇ କଥାବାର୍ତ୍ତା ଅଛି ।

ଅଚ୍ଛା, ସୁକୁମାର ଦାଦା ।

ଦାମୀସୁଟ୍ ପରିହିତ ଭଦ୍ରବ୍ୟକ୍ତି ଦେବୀପାଦକୁ ଚାହିଁ ଚାହିଁ ଓହ୍ଲାଇଗଲେ, ଦେବୀପାଦର ମଧ୍ୟ ତାଙ୍କୁ ଦେଖି ବିସ୍ମୟର ସୀମା ରହୁନଥାଏ । ଦେବୀପାଦ ତାଙ୍କ ଯିବାବାଟକୁ ଚାହିଁବା ଦେଖି ସୁକୁମାରବାବୁ ପଚାରିଲେ—ତୁମେ ତାଙ୍କୁ ଚିହ୍ନିଛ ?

ଚହ୍ନିଲାପରି ମନେ ହେଉଛି । ଆମ ଗାଁର ପୀତାମ୍ବର ରଥଙ୍କ ଚେହେରା ସହିତ ବହୁତ ମିଶିଯାଉଛି ।

ସେ ଆପଣଙ୍କ ଗାଁର ? ଏଠି ସେ ବହୁତଦିନ ହେଲା ଚାକିରି କଲେଣି ।

ସେ ଏତେ ଭଲଭାବରେ ଏଠି ଅଛନ୍ତି ବୋଲି ଆମମାନଙ୍କର ଧାରଣା ନଥିଲା ।

ଉପରମହଲାରେ ପାଞ୍ଚନମ୍ବର ଘର ଦେବୀପ୍ରସାଦ ପାଇଁ ନିର୍ଦ୍ଦିଷ୍ଟ ହୋଇଥିଲା । ରୁମ୍ ଦୁଆର ଖୋଲି ପଶିଯିବା ମାତ୍ରେ ସେ ଶୀତଳତା ଅନୁଭବ କଲା । ରୁମ୍‌ରେ ସୁନ୍ଦର ଖଟଟିଏ ଉପରେ ଶେଯ, ଗୁଦୁଡ଼ି; ମଶାରୀ ମଧ୍ୟ ଟଙ୍ଗା ଯାଇଥାଏ । ଖାଇବା ପାଇଁ ଟେବୁଲଟିଏ । ଶୋଇବା ଘରକୁ ଲାଗି ଗାଧୁଆଘର । ଶୋଇବା ଘରର ଝରକା ମେଲାଇ ଦେବାରୁ କାଚଦେଇ ବାହାରପଟ ପରିଷ୍କାର ଦିଶିଲା । ଚାରିପାଞ୍ଚୋଟି ଆଙ୍ଗ୍ଲୋଇଣ୍ଡିଆନ୍ ଯୁବତୀ ଟେନିସ୍ ଖେଳୁଥାନ୍ତି । ସେମାନେ ସମସ୍ତେ ହୋଟେଲର କର୍ମଚାରିଣୀ, ସୁକୁମାର ବାବୁ କହିଲେ । କେବେ ପରିଚୟ କରାଇ ଦେବି । ଆଚ୍ଛା ଦେବୀପ୍ରସାଦ ବାବୁ ! ମୁଁ ଆସୁଛି ମୋର ଅନ୍ୟକାମ ଅଛି । ଏଇଠି କଲିଙ୍ଗ୍-ବେଲର ସୁଇଚ୍ ରହିଲା, ଦରକାର ପଡ଼ିଲେ ଏହାକୁ ଟିପିଦେଲେ ଚାକର କେହି ହେଲେ ଆସି ଆପଣଙ୍କ ପ୍ରୟୋଜନ ବୁଝିଯିବ । ବର୍ତ୍ତମାନ ବିଶ୍ରାମ ନିଅନ୍ତୁ, ମୁଁ କିଛି ବହି ପଠାଇ ଦେଉଛି । କି ବହି ଭଲ ଲାଗିବ ?

ଦେବୀପ୍ରସାଦ ପାଟିରୁ କଠୋପନିଷଦ୍ ବାହାରି ଆସୁଥିଲା, ସେ ହଠାତ କଥାକୁ ବଦଳାଇ କହିଲା—ଯେ କୌଣସି ଭଲ ନଭେଲ୍ ।

ଏମିଲି ଜୋଲା ?

ଚଳିବ ।

ଅଚ୍ଛା ! ଭିତରୁ ଦୁଆର ବନ୍ଦ କରିଦିଅନ୍ତୁ ।

ସୁକୁମାର ବାବୁ ଚାଲିଯିବା ପରେ ଦେବୀପାଦ ଦୁଆର ବନ୍ଦ କରିଦେଇ ତାର ଶରୀରଟାକୁ କୋମଳ ଶଯ୍ୟାରେ ବିଛାଇ ଦେଲା ।

ବର୍ତ୍ତମାନର ପରିସ୍ଥିତିକୁ ବିଚାରକରି ସେ ଆଶ୍ଚର୍ଯ୍ୟ ହେଉଥିଲା । ଘରୁ ସେ ଗୋଟିଏ ହେଲେ ପଇସା ଆଣି ନଥିଲା, ଅଭାବ ଅସୁବିଧା ପଡ଼ିଲେ କଣ କରିବ ତା ମଧ୍ୟ ଭାବି ନଥିଲା । ଯେତେବେଳେ ଦାରୁଣ କ୍ଷୁଧା ତାକୁ ପୀଡ଼ା ଦେବାକୁ ଲାଗିଲା ସେତେବେଳେ ସେ ଭାବିଲା ତାର ପ୍ରାଣ ଚାଲିଯିବ । କିନ୍ତୁ ପ୍ରାଣଯିବା ପରିବର୍ତ୍ତେ ଜଣକର ଭାବୁକତା ଯୋଗୁ ସେ ରାଜଐଶ୍ୱର୍ଯ୍ୟ ଭୋଗକରୁଛି । ସଂସାରରେ କେତେ ପ୍ରକାର ଲୋକ ଅଛନ୍ତି ! ଭାଗ୍ୟଯୋଗୁ ଲୋକ ଖରାପ ଲୋକଙ୍କ ସଂସର୍ଗରେ ଆସେ, ଭାଗ୍ୟ ଭଲ ପଡ଼ିଲେ ଭଲଲୋକ ଜୁଟନ୍ତି ।

ପୀତାମ୍ବର ରଥ ଏଠି କଣ କରୁଛନ୍ତି ? ତାଙ୍କୁ ତ ଚିହ୍ନି ହେଉନାହିଁ । ଇଉରେସିଆନ୍ ବେଶ ପୋଷାକରେ ସେ କେଡ଼େ ଗମ୍ଭୀର ଦେଖାଯାଉଛନ୍ତି । କିନ୍ତୁ ଗାଁକୁ ଗଲେ ସେ କେବଳ ଧୋତି କାମିଜ ଛଡ଼ା ଅଉ କିଛି ପିନ୍ଧନ୍ତିନି । ଲୋକେ ଜାଣିଛନ୍ତି କଲିକତାରେ ସେ କୌଣସି ହୋଟେଲରେ ହଜାରୀ କାମ କରନ୍ତି । କିନ୍ତୁ ସେ ତ ସାହେବୀ ଆଡ଼ମ୍ବରରେ ଚଳୁଛନ୍ତି । କଥା କଣ ? ଦେଖାହେଲେ ପଚାରିବ ।

ଦେବୀପାଦ ଜଲ୍ଦି ଲେଉଟାଇଲା । ଝରକା ଖୋଲାଥିଲା । ଝରକା କାଚ ଦେଇ ସେ ଆଙ୍ଗ୍ଲୋଇଣ୍ଡିଆନଯୁବତୀଗୁଡ଼ିକୁ ପୁଣି ଦେଖିବାର ଇଚ୍ଛାକୁ ଦମନ କରିପାରିଲାନି । ସେମାନଙ୍କ ଟେନିସ୍ ଖେଳ ସରି ନଥାଏ । ପ୍ରତ୍ୟେକ ଦେଖିବାକୁ ରୂପବତୀ ଥିଲେ, ସ୍ୱାସ୍ଥ୍ୟ ଥିଲା, ଯୌବନ ଥିଲା, ତହିଁରେ ପୁଣି ମେକ୍‌ଅପ୍ । ହେଲେ ଏମାନଙ୍କ ସନ୍ନିତ ତୁଳନାପୂ ନୁହନ୍ତି । ହେଲେ ସୁନ୍ଦର; କିନ୍ତୁ ଏମାନଙ୍କ

ରଙ୍ଗ ତୁଳନାରେ ସେ କେତେ ଶ୍ୟାମଳ ! ସ୍ନେହ ! ତାଙ୍କର ଆଖି ଦୁଇଟି କେତେ ବିସ୍ତୃତ, କେତେ କଳା, କେତେ ନମନୀୟ ଓ ବିମୋହ ତାଙ୍କ ଶରୀରର ହାବଭଙ୍ଗୀ । ଇଚ୍ଛା କରିଥିଲେ ସେ ତାଙ୍କୁ ବିବାହ କରିପାରିଥାଆନ୍ତା । ସ୍ନେହ ତାଙ୍କର ସ୍ତ୍ରୀ ହୋଇଥାଆନ୍ତେ । ଛିଃ ! ସେ କଣ ଭାବୁଛି । ପର ସ୍ତ୍ରୀ !

କିଂ କିଂ ଶବ୍ଦରେ ତାର ନିଦ ଭାଙ୍ଗିଗଲା । କଣ ଏଣୁତେଣୁ ସେ ସ୍ୱପ୍ନ ଦେଖୁଥିଲା । କଲିଙ୍ଗ୍‌ବେଲ୍‌ ବାଜୁଥିଲା । ଆଖି ମଳିମଳି ସେ ଦୁଆର ଖୋଲିଦେଲା, ବାହାରେ ସୁକୁମାର ବାବୁ ହସହସ ମୁଖରେ ଠିଆ ହୋଇଥିଲେ । ବହୁତ ଶୋଇପଡ଼ିଲେ । ମୁଁ ମଝିରେ ଆଉଥରେ ଆସିଥିଲି । ବେଶି କ୍ଲାନ୍ତ ହୋଇଥିବେ ଭାବି ନ ଉଠାଇ ଚାଲିଗଲି ।

ଦେବୀପ୍ରସାଦ କିଛି ନକହି ପୁଣି ଖଟ ଉପରକୁ ଗଲା ।

ହାଁ, ହାଁ । ପୁଣି ଶୋଇବେ ନା କଣ ? ବର୍ତ୍ତମାନ ଚାରିଟା ପନର ବାଜି ସାରିଲାଣି । ଆପଣ ନିତ୍ୟକର୍ମ ସାରନ୍ତୁ, ଟିକିଏ ସହରର ଆଡ଼େ ବୁଲିଆସିବେ ।

ହଉ । କହି ଦେବୀପ୍ରସାଦ ମୁହଁ ଧୋଇବାକୁ ଚାଲିଯାଉଥିବାବେଳେ ସୁକୁମାରବାବୁ କଲିଂବେଲ୍‌ ଟିପିଲେ ।

କଣ ?

ଆପଣଙ୍କ ପାଇଁ ଦୁଇତିନିସେଟ୍‌ ପୋଷାକ ଆଣିବାକୁ ହେବ ।

ଦେବୀପ୍ରସାଦ ହଠାତ୍‌ ପରିସ୍ଥିତିକୁ ବୁଝିନେଲା । ପ୍ରକୃତରେ ତାର ପିନ୍ଧିବାକୁ କିଛି ନଥିଲା । ଘରୁ ଖଣ୍ଡେ ଧୋତି ଓ ଖଣ୍ଡେ ସାର୍ଟରେ ସେ ବାହାରିଥିଲା ।

କୃତଜ୍ଞତାରେ ତାର ହୃଦୟ ଅବନତ ହୋଇପଡୁଥିବାବେଳେ ସେ ମନେ ମନେ ଭୀଷଣ ରାଗିଗଲା । ନିଜ ଉପରେ, ତାର

ଅସହାୟ ଅବସ୍ଥା ଉପରେ । ସବୁବେଳେ କଣ ଏହାଙ୍କ ଉପରେ ସେ ନିର୍ଭର କରି ଚଳବ ? ସେ ପରା ସନ୍ନ୍ୟାସୀ ହେଉଥିଲା ? ଏଠି ଭୋଗ କରିବା ଅପେକ୍ଷା ସେ ପୁଣି ଘରକୁ ଫେରି ଯାଇପାରେ, ସ୍ନେହଙ୍କ ପ୍ରବାହକୁ ବନ୍ଦ କରିଦେଇ ପାରେ ।

ଛିଃ, କଣ ସେ ଭାବୁଛି, ସେ ଘରକୁ ଯିବନି କି ଏଠି ରହିବନି । ବନାରସ ଚାଲିଯିବ । ସେଠି ଗୁରୁ ନମିଳିଲେ ଉତ୍ତରକାଶୀ ।

ମୋର କିଛି ଦରକାର ନାହିଁ ।

ହୋଟେଲର ବୟ କର ସେଇ ସମୟରେ ଭିତରକୁ ପଶି-ଆସିଲା । ସୁକୁମାରବାବୁ ଦେବାପାଦର ମାପନେଇ ପ୍ୟାଣ୍ଟ ଓ ହାଓ୍ୱାଇ କିଣି ଆଣିବାକୁ କହିଲେ ।

ଆପଣ ବୃଥାରେ ବରବାଦ୍ ହେଲେ । ମୁଁ ଆଜି ଚାଲିଯିବି ।

ଚାଲି ଯିବାରେ ଦୁଇ ତିନ ସେଟ୍ ପୋଷାକ ଆପଣଙ୍କର ପ୍ରତିବନ୍ଧକ ହେବନାହିଁ । ମଣିଷ ମଣିଷକୁ ସ୍ନେହଦେବା ଖରାପ ନୁହେଁ । ଦୁଇ ତିନ ଦିନ ପରେ ଇଚ୍ଛାହେଲେ ଚାଲିଯିବେ ।

ଦେବାପାଦ ନିତ୍ୟକର୍ମ ସାରିବାକୁ ସ୍ନାନାଗାରକୁ ଚାଲିଗଲା । ସେ ଫେରିବାବେଳକୁ ପ୍ୟାଣ୍ଟ ସାର୍ଟ ସବୁ ଟେବୁଲ ଉପରେ ଥୁଆ ହୋଇଛି ।

ସୁକୁମାରବାବୁ ଓ ଦେବାପାଦ ବେଶଭୂଷା ହୋଇ ସିଡ଼ିରୁ ତଳକୁ ଆସୁଥିବା ବେଳେ ଜଣେ ତନ୍ୱୀ ସୁନ୍ଦରୀ ତଳୁ ଉପରକୁ ଆସୁଥିଲେ । ସୁକୁମାରବାବୁଙ୍କୁ ଦେଖି ସେ କହିଲେ—

ହ୍ୟାଲୋ ଦାଦା, ଏ ଦୁଇତିନ ଦିନ ଭିତରେ ମୋପାଇଁ କଣ କାମ ଅଛି ନା ଘରଆଡ଼େ ଯାଇ ଟିକିଏ ବୁଲି ଆସିବି ।

କାମ କିଛିନାହିଁ, ଯାଇପାର । ମୋ ବନ୍ଧୁଙ୍କ ସହିତ ତୁମର ପରିଚୟ କରାଇଦିଏ ।

ଦେବୀପାଦ ଷଡଙ୍ଗୀ, ଓଡ଼ିଶା, ନୂଆ ଆସିଛନ୍ତି । ଆଜ୍ଞ ଇଏ ମିସ୍ କଳ୍ପନା ପାଲିତ୍ । ହୋଟେଲର ଜଣେ କର୍ମଚାରିଣୀ ।

କଳ୍ପନା ହାତବଢ଼ାଇ ଦେବୀପାଦର କରମର୍ଦ୍ଦନ କଲେ । କରମର୍ଦ୍ଦନ ସମାପ୍ତ ହେବାକୁ ସମୟ ଲାଗିଲା । ଖୁବ ଭଲ ପରି ଜଣା ପଡ଼ୁଛନ୍ତି ଆପଣଙ୍କ ବନ୍ଧୁ । ଆଚ୍ଛା ପରେ ଦେଖାହେବ । ତନ୍ୱୀ ବିଦାୟ ନେଇ ଚାଲିଗଲେ । ସୁକୁମାରବାବୁ ସିଡ଼ିରୁ ଓହ୍ଲାଇ ଓହ୍ଲାଇ କହିଲେ—

ଆପଣଙ୍କର ରୁମ୍ ପାଖରେ ରହନ୍ତି । ଏଗାର ନମ୍ବର ରୁମ୍ । ଦେବୀପାଦ ଚୁପ୍ ରହି କଣ ଭାବୁଥିଲା ପରି ଜଣାଗଲା ।

କାର୍ ଭିତରେ ଦୁହେଁ ପଶିସିବାପରେ ସୁକୁମାର ବାବୁ କହିଲେ—ଦେବୀପାଦ ବାବୁ, ଆପଣ ମୋତେ ଆପଣଙ୍କ ସମ୍ବନ୍ଧରେ ଖାଲି ନାଁ ଯାହା କହିଛନ୍ତି । ଆହୁରି ଢେର୍ କଥା ଅଛି କହିବାକୁ । ବର୍ତ୍ତମାନ କୁହନ୍ତୁ ।

ଦେବୀପାଦ ନିଜ ବିଷୟରେ ସବୁକଥା କହିଲା ।

ମେଟ୍ରୋପାଖରେ ଅଟକାଇବୁ । ସୁକୁମାର ବାବୁ ଡ୍ରାଇଭରକୁ କହିଲେ ।

ଜି, ହଜୁର ।

ତାହେଲେ ଆପଣ ସଂସାରପ୍ରତି ବିରକ୍ତ ହୋଇ ସନ୍ନ୍ୟାସ ହେବାକୁ ଇଚ୍ଛାକରି ଚାଲିଆସିଛନ୍ତି ! ମୁଁ ବେଶି ପାଠ ପଢ଼ିନି । କେତେବର୍ଷତଳେ କଲିକତା ବିଶ୍ୱବିଦ୍ୟାଳୟରେ ରାଜନୀତିର ଅଧ୍ୟାପକ ଥିଲି । କିନ୍ତୁ ଭାଗ୍ୟଚକ୍ରର ପରିବର୍ତ୍ତନରେ ବର୍ତ୍ତମାନ ଏହି ହୋଟେଲରେ ପରିଚାଳକ ହୋଇଛି । ଅଧ୍ୟାପକରୁ ଛାଡ଼ିବାପରେ ପଢ଼ାଟିଏ ବନ୍ଦ ପ୍ରାୟ । ତେବେ ମୋର ଯାହା ଧାରଣା କଳିଯୁଗରେ ସନ୍ନ୍ୟାସ କର୍ଜ୍ଜମାପ୍ତ । ପୁଣି ଆପଣ ଯେଉଁପରି ସନ୍ନ୍ୟାସୀ

ହେଉଛନ୍ତି ସେଥିରେ ବିଶେଷ କିଛି ଲାଭ ନାହିଁ । କେତେଗୁଡ଼ିଏ ଘଟଣା ଉପରେ ଆପଣଙ୍କର ବିରକ୍ତି ପ୍ରତିଷ୍ଠିତ । ଈଶ୍ୱରଙ୍କ ଦୟା ଥିଲେ ଆପଣ ଜୀବନରେ ଆପଣଙ୍କ ମନାନୁରୂପ ଓ ପ୍ରୀତିକର ଘଟଣା ବହୁତ ପାଇବେ । ପୁଣି ଭୋଗ ସମ୍ବନ୍ଧରେ କିଛି ନ ଜାଣି ଆପଣ ତ୍ୟାଗ କରିବେ କିପରି ? ଭୋଗର ଚରମ ଅନୁଭୂତି ପରେ ତ୍ୟାଗ ସ୍ୱତଃ ଆସିବ । ଗାର୍ହସ୍ଥ୍ୟ ପରେ ବାନପ୍ରସ୍ଥ ଓ ସନ୍ନ୍ୟାସ । ଆପଣଙ୍କ ମନୋବୃତ୍ତି ଅନାସକ୍ତ ନୁହେଁ, ଯାହା ଆପଣ ମୋତେ କହିଥିବ କଥାରୁ ମୁଁ ବୁଝୁଛି, ଆପଣ ଅତ୍ୟନ୍ତ ଅଭିମାନୀ ଓ ଉଚ୍ଚାକାଙ୍କ୍ଷୀ । ଆପଣ ଭାବୁଛନ୍ତି ଯଶ ପାଇବା ପାଇଁ ସନ୍ନ୍ୟାସ ହିଁ ପ୍ରକୃଷ୍ଟ ଉପାୟ । କିନ୍ତୁ ସନ୍ନ୍ୟାସରେ ବଡ଼ ହେବା ନିୟମ ନୁହେଁ, ବ୍ୟତିକ୍ରମ । ବଡ଼ ହେବା ପାଇଁ କେହି ସନ୍ନ୍ୟାସୀ ହୁଅନ୍ତି । କେହି ନ ଜାଣିବେ, ସାଧନା କରି ସମସ୍ତ ପାପକୁ ଭସ୍ମକରି ମୁଁ ଈଶ୍ୱର ପ୍ରାପ୍ତ ହେବି, ଏଇ ଇଚ୍ଛା ରଖି ଲୋକ ସନ୍ନ୍ୟାସ ହୁଏ ।

ପୁଣି ମୋକ୍ଷ ପାଇଁ ଯେଉଁ ଜ୍ଞାନ ପ୍ରୟୋଜନୀୟ ତାହା କର୍ମ କରୁଥିବାବେଳେ ମଧ୍ୟ ଆସିପାରେ । ଶ୍ରୀକୃଷ୍ଣ ଭଗବାନ ଜଗତ ଉଦ୍ଧାର ପାଇଁ ଅନ୍ତରରେ ସନ୍ନ୍ୟାସୀ ରହି ବାହାରେ କେଡ଼େ କର୍ମଶୀଳ ଥିଲେ ! ଆପଣ ତାଙ୍କର ପ୍ରକୃତିର ଲୋକ । ବିଶ୍ୱ ଆପଣଙ୍କ ନେତୃତ୍ୱକୁ ଅପେକ୍ଷା କରୁଛି ।

ହଠାତ୍ ସୁକୁମାରବାବୁ ତାଙ୍କର କଥାକୁ ବନ୍ଦ କରିଦେଲେ । ଦେବୀପ୍ରସାଦ ସୁକୁମାର ବାବୁଙ୍କ କଥା ଯୋଗୁ ଯେପରି ଏକ ନୂତନ ଜଗତର ସନ୍ଧାନ ପାଉଥିଲା । ରହି ରହି ତାର ରୋମାଞ୍ଚ ହୋଇ ଯାଉଥିଲା । ସେ ଚାହୁଁଥିଲା ସୁକୁମାର ବାବୁ ଆହୁରି କହନ୍ତୁ ।

ବାବୁ, ମେଟ୍ରୋ ।

ଉଠନ୍ତୁ ।

ରମାକାନ୍ତ ବାବୁ ନାହାନ୍ତି ?

ନା, ଘଣ୍ଟାଏ ହେବ କୁଆଡ଼େ ଯାଇଛନ୍ତି ।

କୁଆଡ଼େ ଗଲେ, ଜାଣିନ ?

ବୋଧେ ବାଳିକାସ୍କୁଲକୁ ।

ବାଳିକାସ୍କୁଲକୁ !

ତାଙ୍କର ଜଣେ ପରିଚିତ ଝିଅ କଟକରେ ପଢ଼ିବାକୁ ଆସିଛନ୍ତି, ତାଙ୍କର ସନ୍ଧାନ ଯାଇଛନ୍ତି ।

ହୁଁ । ମୁଁ ଆସିଥିଲି ବୋଲି କହିଦେବ ।

ରଜନୀ କାର୍‌କୁ ଗାର୍ଲସ୍କୁଲ ଆଡ଼କୁ ବୁଲାଇଲେ । ସମସ୍ତ ପ୍ରାପ୍ତ ଝନ ବାରଟା । ଘରୁ ସେ କଳ୍ପନା କରି ଆସିଥିଲେ ରମାକାନ୍ତଙ୍କୁ ଘରକୁ ଆଣିବେ, କ୍ୟାରମ୍ କେତେବାଜି ହୋଇଯିବ, ଖରାଦିନର ଦୀର୍ଘ ମଧ୍ୟାହ୍ନକୁ ଆଉ କିପରି କଟାଯାଇପାରେ ! ରମାକାନ୍ତ ରୁମ୍‌ରେ ପଙ୍ଖା ମଧ୍ୟ ନାହିଁ, ହଇରାଣ ହେଉଥିବେ; ତାଙ୍କୁ ଆଣିଲେ ଟେଳଫରେ ଏକାଠି ବିଶ୍ରାମ ନେବେ । ହୃଦୟରେ ବହୁତ ଆଶା ରଖି ରଜନୀ ଆସିଥିଲେ, ସବୁ ବ୍ୟର୍ଥଗଲା ।

ଭିଡ଼ କଟାଇ କଟାଇ ରଜନୀ ବୁଲୁଥାନ୍ତି । ସାଇକେଲ ରିକ୍ସାଟିଏ କଟାଉ କଟାଉ ସେ ଦେଖିଲେ ରିକ୍ସାରେ ରମାକାନ୍ତ ଓ ଜଣେ କେଉଁ ତରୁଣୀ ବସିଛନ୍ତି । ଦୁହେଁ ବୋଧେ ମଧୁର ସମ୍ଭାଷଣରତ । କ୍ଷଣକ ଦ୍ୱନ୍ଦ୍ୱରେ ସେତିକି ସମ୍ଭ୍ରାନ୍ତ କରି ରଜନୀ ଆଗକୁ

ବଡିଗଲେ । କିନ୍ତୁ ବାଟ ଯିବାପରେ ତାଙ୍କର ମନେହେଲା, ସୁକେଶୀ ଦେଖିବାକୁ କିପରି ଜଣା ପଡ଼ିଲେନି ତ । ଆଜି କେତେବେଳେ ଆସି ଦେଖିବେ ବୋଲି ରଜନୀ ଠିକ୍ କରି ରାସ୍ତାରେ ଲୋକ ନ ଥିବାରୁ ମଟରର ଗତି ବଢ଼ାଇ ଦେଲେ । ସୁକେଶୀଙ୍କ ସହ ରମାକାନ୍ତଙ୍କର ବୋଧେ ଘନିଷ୍ଠତା ଅଛି । ଦୁହେଁ ଏକା ଗାଁର, ଏକା ଜାତି, ଚାଟପଢ଼ି ବ ଢିଆନିଆ ହୋଇଥିବେ । ଯାହା ସେ ସୁକେଶୀଙ୍କୁ ଦେଖିଛନ୍ତି ସେଥିରୁ ଜଣାପଡ଼ୁଛି, ସୁକେଶୀ ସୁନ୍ଦର । ଛିଟ ଶାଢ଼ୀଟିଏ ପିନ୍ଧିଥିଲେ । ମୁଣ୍ଡ କିପରି କୁଣ୍ଡେଇଥିଲେ ? ବୋଧେ ଗୋଟେ ବେଣୀ ପିଠି ଉପରେ ପଡ଼ିଥିଲା, ଅନ୍ୟଟି ପଛଆଡ଼େ । ବଃ, ମଫସଲରୁ ଆସି ବେଶ୍ ଫେସନ ଶିଖିଛି ତ ଝିଅ । ମଟର ଆଗକୁ ଗୋଟେ ବାରବୁଲା କୁକୁର ଚାଲିଆସିବାରୁ ରଜନୀ ବ୍ରେକ ଦେଇ କାର୍‌କୁ ବୁଲାଇ ପୁଣି ଆଗକୁ ଚାଲିଲେ । ହଠାତ୍ ତାଙ୍କ ଆଖି ଆଗରେ ନାଚିଗଲା—ଧନୁ ପରି ଭ୍ରୂ, ଉଜ୍ଜ୍ୱଳରଙ୍ଗ, ଆୟତ ଚକ୍ଷୁ, ଚେଁଚ ନାସିକା, ସିଂହକଟୀ—ସୁକେଶୀ ଖାଲି ସୁନ୍ଦରୀ ନୁହନ୍ତି ଅସାଧାରଣ ସୁନ୍ଦରୀ ! ତାଙ୍କର ଭାବନା ଗୋଳମାଳ ହୋଇଯିବାକୁ ଲାଗିଲା ।

ସେ ମଟରକୁ ବୁଲାଇ ରମାକାନ୍ତ ଘରଆଡ଼କୁ ଚାଲିଲେ । ସୁକେଶୀ ରମାକାନ୍ତ ପାଖରେ ଥିବେ ନା ଚାଲି ଯାଇଥିବେ । ନିଶ୍ଚୟ ରମାକାନ୍ତ ପାଖରେ ଥିବେ । ଦୁହେଁ ବସି ହସିହସି କଥାବାର୍ତ୍ତା ହେଉଥିବେ । ଯେପରି ରିକ୍‌ସାରେ ସେ ଦେଖିଥିଲେ ।

ରଜନୀ କାହାକୁ ନ ଡାକି ରମାକାନ୍ତର ବୈଠକଖାନା ଭିତରକୁ ପଶିଗଲେ । ଡାକ୍ତରଖାନାରେ କମ୍ପାଉଣ୍ଡର ଔଷଧ ତିଆରି କରୁଥିବାବେଳେ ରଜନୀଙ୍କୁ ଏହିପରି ବ୍ୟସ୍ତହୋଇ ପଶିଯିବା ଦେଖି ଆଶ୍ଚର୍ଯ୍ୟ ହୋଇ ରହିଗଲା ।

ସୁକେଶୀ କଣ କହୁଥିଲେ, ରମାକାନ୍ତ ଆଗରେ ପ୍ରସନ୍ନ ମୁଦ୍ରାରେ ଠିଆ ହୋଇ ଶୁଣୁଥିଲ । ରଜନୀ ଦେଖିଲେ ରମାକାନ୍ତ ଅନ୍ୟଦିନଠୁ ଆଜ ବେଶି ସୁଶୋଭିତ, ସୁନ୍ଦର ଦିଶୁଛି । ରଜନୀଙ୍କୁ ଦେଖି ଦୁହିଁଙ୍କ କଥା ବନ୍ଦ ହୋଇଗଲା । ସୁକେଶୀ ଆଶ୍ଚର୍ଯ୍ୟ ହୋଇ ଚୁପ୍ ରହିଲେ । ରମାକାନ୍ତ କିନ୍ତୁ ସମସ୍ତ ଯାଏଁ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇ ହଠାତ୍ ନିଜକୁ ଦୋଷୀ ମନେ କରିବାଭଳି କଥାବାର୍ତ୍ତା ଆରମ୍ଭ କରିବାରୁ ସୁକେଶୀଙ୍କ ଆଶ୍ଚର୍ଯ୍ୟ ଆହୁରି ବଢ଼ିଗଲା ।

ରମାକାନ୍ତ କହୁଥିଲା—

ତୁମ ପାଟକୁ ଯାଇ ପାରିଲିନି ରଜନୀ, ଆଜ ସୁକେଶୀ ଦେବୀଙ୍କର ସ୍କୁଲରେ ନାଁ ଲେଖିବାକୁ ଥିଲା । ସୁକେଶୀ ! ମୋର ସହପାଠିନୀ ଓ ବନ୍ଧୁ ରଜନୀ ଦେବୀ । ରଜନୀ ! ସୁକେଶୀ ମହାପାତ୍ର, ଆମ ଗାଁ ଜମିଦାରଙ୍କ ସୁପୁତ୍ରୀ, ଆଜ ଏକାଦଶ ଶ୍ରେଣୀରେ ନା ଲେଖାଇଲେ ।

ଦୁହେଁ ଦୁହିଁଙ୍କୁ ନମସ୍କାର କଲେ । ସେହି ଭିତରେ ଦୁହିଁଙ୍କର ପରସ୍ପରକୁ ଆକଳନ କରିବାର ଚେଷ୍ଟା ।

ଆପଣଙ୍କ ନା ସୁକେଶୀ ମହାପାତ୍ର ।

ହଁ ।

ଆପଣଙ୍କ ବାପା ଥରେ ରମାକାନ୍ତ ବାବୁଙ୍କ ପାଖକୁ ଆପଣଙ୍କ ବିଷୟରେ ଚିଠିଟିଏ ଲେଖିଥିଲେ । ସେହିଦିନୁ ଆପଣ ମୋର ପରିଚିତା ।

ରଜନୀ, ରମାକାନ୍ତ କେତେ ତାର ଘନିଷ୍ଠ, ତାହା ଦେଖାଇବାକୁ ଉଦ୍ୟମ କଲେ ।

ବାପା ରମାକାନ୍ତବାବୁଙ୍କୁ ଖୁବ ବିଶ୍ୱାସ କରନ୍ତି । ତାଙ୍କ ଘର ପ୍ରକୃତ ଆମଘରର ଝିଅ ବ ରହିଲା, ରମାକାନ୍ତ ବାବୁ ଯେବେ ଆମ ଗାଁକୁ ଯିବେ ଆମ ଘରକୁ ନଯାଇ ନାହିଁ ।

ରଜନୀ ରମାକାନ୍ତ ମୁହଁକୁ ଗ୍ରହିଁଲେ । ଦୁହିଙ୍କ ହାସ୍ୟରେ ;ସେ ଚଳଚଳାନ୍ତ ହେଉଥିଲା ।;

ମାଟ୍ରିକ ପରେ କଟକ ଆସିଥାନ୍ତେ, ଏତେ ଡର ଡର କାହିଁକି ହେଲେ ?

ବାପାଙ୍କର ଜଣେ ପାଷାଗୁରୁ ଅଛନ୍ତି, ତାଙ୍କ ଉପରେ ବାପାଙ୍କର ଭାରି ବିଶ୍ବାସ । ସେ ଆସି ମୁଁ କଟକରେ ପଢ଼ିବା ଉଚିତ ବୋଲି ଏକାକିଦ୍ ଲଗାଇଲେ । ଏଥର ରମାକାନ୍ତ ବାବୁ ଗାଁକୁ ଯାଇଥିଲେ, ବାପା ସାଧୁଙ୍କ କଥା କହି ତାଙ୍କର ମତାମତ ନେଲେ । ସେ ମଧ୍ୟ କହିଲେ ଯେତେ ଶୀଘ୍ର ହେବ ସେତେ ଶୀଘ୍ର ମୁଁ କଟକକୁ ଆସି ପଢ଼ିବା ଉଚିତ ।

କହିସାରି ସୁକେଶୀ ରମାକାନ୍ତ ଆଡ଼େ ମଧୁର ଦୃଷ୍ଟି ପକାଇଲେ ।

ରମାକାନ୍ତ ପରିସ୍ଥିତିକୁ ସମ୍ଭାଳିବାକୁ ଚେଷ୍ଟା କରୁଥାଏ ।

ଚାଲ, ତୁମକୁ ମୁଁ ତମ ପିଉସାଙ୍କ ପାଖରେ ଛାଡ଼ିଆସେ । ଡେରି ହୋଇ ଯାଉଚି ।

ପିଉସା ? ରଜନୀ ପଚାରିଲେ । ଆପଣ ପରା ତାଙ୍କର ମୁରବୀ ହେବେ ।

ମୁଁ ଆଉ ମୁରବୀ ହବା ଦରକାର ପଡ଼ିବନି, ତାଙ୍କର ପିଉସା କଟକକୁ ଏ ଭିତରେ ବଦଳି ହୋଇ ଆସିଛନ୍ତି ।

ରଜନୀ ଠିଆହୋଇ ପଡ଼ିଲେ—ସୁକେଶୀ କହିଲେ—ଆପଣଙ୍କ ସହ ପରିଚିତ ହୋଇ ଭାରି ଖୁସି ହେଲି । କେବେ କେବେ ଦେଖା ହେବ ।

ରଜନୀ କିଛି ଉତ୍ତର ଦେଇ ପାରିଲେନି । ଚେଷ୍ଟା କରି କେବଳ ହସି ଦେଲେ ।

ମୋତେ ଆଗରୁ ତ କେବେ ତାଙ୍କ କଥା କହି ନଥିଲ ? ସୁକେଶୀ ରମାକାନ୍ତଙ୍କୁ ରିକ୍ସାରେ ଯାଉ ଯାଉ ପଚାରିଲେ ।

ଆଗରୁ ମାତେନ କେବେ କହିଥାନ୍ତି, ମୋଟେ ଦୁଇଦିନ ହେଲା ତ ତୁମେ ଗାଁରୁ ଆସିଲ ।

କିନ୍ତୁ ଦୁଇଦିନ ଭିତରେ ତ ଦଶଥର ଆମେ ଏକାଠି ହୋଇ-ଥିବା, ମୁଁ ତ ଅନେକ କଥା ଆପଣଙ୍କୁ ପଚାରିଛି, ଆପଣ ଏହାଙ୍କ କଥା ଜାଣି ଜାଣି ନିଶ୍ଚୁପ କହି ନାହାନ୍ତି ।

କାହିଁକି କହିଥାଆନ୍ତି ଯେ, ରଜନୀଙ୍କୁ ମୁଁ ସିନା କିଛି ମହତ୍ତ୍ୱ ଦେଉନଥିଲେ ତାଙ୍କ ବିଷୟରେ ତୁମ ସହିତ ଚର୍ଚ୍ଚା କରିଥାଆନ୍ତି ।

ବଡ ଆଶ୍ଚର୍ଯ୍ୟ କଥା ! ଆପଣଙ୍କ ସହ କଥାବାର୍ତ୍ତା ହେଲା ବେଳେ ଏତେ ନିର୍ଭୟ, ଆପଣ ଜଣେ ଭଦ୍ର ମହିଳାଙ୍କ ସହ କଥା-ବାର୍ତ୍ତା ହେଉଥିବା ବେଳେ ସିଏ ବିନାନୁମତିରେ କୋଠରୀରେ ପ୍ରବେଶ କରିପାରେ··· ! ଆପଣ କହୁଛନ୍ତି ଆପଣ ତାଙ୍କୁ ମହତ୍ତ୍ୱ ଦେଉନାହାନ୍ତି ? ଆପଣ ନିଶ୍ଚୁପ ଲୁଚାଉଛନ୍ତି ।

ରମାକାନ୍ତ ସୁକେଶୀଙ୍କ ଆଡ଼କୁ ଚାହିଁଲା । ସେ ମୁରୁକେଇ ମୁରୁକେଇ ହସୁଥିଲେ, କ୍ଷଣକଭିତରେ ରମାକାନ୍ତ ବୁଝିପାରିଲା । ବୟସ ମୋଟେ ସତର ଅଠର ହେଲେ କଣ ହେବ ସୁକେଶୀ ବୟସ ତୁଳନାରେ ବେଶି ବିଚକ୍ଷଣ ଥିଲେ । ସେ ମୁଗ୍ଧ ହେଲା, ଆଶ୍ଚର୍ଯ୍ୟ ହେଲା । ଗାଁରେ ସେ ଷଡ଼ଙ୍ଗୀଙ୍କ ଶ୍ରାଦ୍ଧକ୍ରିୟା ପରେ ସୁକେଶୀଙ୍କ ସହ

ପରିଚିତ ହୋଇଥିଲା । ପ୍ରଥମେ ତ ସୁକେଶୀଙ୍କ ସୌନ୍ଦର୍ଯ୍ୟ ତାକୁ ଆଶ୍ଚର୍ଯ୍ୟବିହ୍ୱଳ କରିପକାଇଲା । ପିଲାଦିନର ସୁକେଶୀ ଓ ଯୌବନୋଚ୍ଛଳ ସୁକେଶୀଙ୍କ ମଧ୍ୟରେ ପାର୍ଥକ୍ୟ ତାକୁ ସ୍ତମ୍ଭୀଭୂତ କରି ପକାଇଥିଲା । ସୁକେଶୀଙ୍କ ବାପା ଡାକିଥିଲେ ତାକୁ ତାର ପରାମର୍ଶ ପାଇଁ । ସୁକେଶୀ କଟକ ଯିବା ଉଚିତ ହବ କି ନା । ସେ ସୁକେଶୀ କଟକ ଆସି ପଢ଼ିବା ସପକ୍ଷରେ ହାର୍ଦ୍ଦିକ ସମର୍ଥନ ଜଣାଇ-ଥିଲା । ସେତିକି ନୁହେଁ ସେ ତାର ମତ ଦେଇଥିଲା, ସୁକେଶୀ ନିଜେ ମନା ନ କରିବା ଯାଏଁ ତାଙ୍କୁ ପଢ଼ାଇବା ଉଚିତ । ଓଡ଼ିଶାରେ ଉଚ୍ଚ ଶିକ୍ଷିତା ଗୁଣଶୀଳା ନାରୀଙ୍କର ପ୍ରୟୋଜନ ଭବିଷ୍ୟତରେ ପଡ଼ିବ । ତାର ଉଚ୍ଛ୍ୱସିତ ସମର୍ଥନରେ ସୁକେଶୀ ଆନନ୍ଦିତ ହୋଇଥିଲେ, ଗୋବିନ୍ଦବାବୁଙ୍କ ଇଚ୍ଛା ଝିଅକୁ କଟକ ପଠାଇବାକୁ ଦୃଢ଼ ନିଶ୍ଚୟରେ ପରିଣତ ହୋଇ ଯାଇଥିଲା । ତାପରେ ସୁକେଶୀ ତା ପାଖକୁ ପତ୍ର ଦେଇଛନ୍ତି, ସେ ଉତ୍ତର ଦେଇଛି । ସୁକେଶୀଙ୍କଠି ସେ ପ୍ରଥମ ଦେଖାରେ ଧର୍ମ—ମାନ୍ତ—ପ୍ରତିବନ୍ଧକ ଶୂନ୍ୟ କେବଳ ବିଶୁଦ୍ଧ ନାରୀର ଅସ୍ତିତ୍ୱ ଥିବା ସନ୍ଦେହ କରିଥିଲା, ସୁକେଶୀ ମଧ୍ୟ ରମାକାନ୍ତଠି ପ୍ରବୃତ୍ତି ପ୍ରେରିତ ବଳିଷ୍ଠ ପୁରୁଷର ଅସ୍ତିତ୍ୱକୁ ପ୍ରଥମ ଦେଖାରେ ଆକଳନ କରି ନେଇଥିଲେ । ହଠାତ୍ ଦିହେଁ ଦୁହେଁ କୌଣସି ଛିଠିରେ ପରସ୍ପରକୁ ଅତି ଆପଣାର ବୋଲି ମନେ କରିନେଲେ । ତାପରେ କଥାବାର୍ତ୍ତା କରି ରମାକାନ୍ତ ବୁଝିଲା ସୁକେଶୀ କେବଳ ଯୌବନୋଚ୍ଛଳ ନୁହନ୍ତି, ବୁଦ୍ଧିଶୀଳା ମଧ୍ୟ । ସାଧାରଣ ନାରୀମାନଙ୍କଠୁ ଯଥେଷ୍ଟ ଚପଳ ଓ ଯଥେଷ୍ଟ ବୁଦ୍ଧିମନ୍ତା ।

ସେ ସୁକେଶୀଙ୍କ ଆଡ଼କୁ ଚାହିଁଲା । ଏଇ ଶରୀରରେ ସୌନ୍ଦର୍ଯ୍ୟ ସହ ବୁଦ୍ଧିର ସମ୍ମିଶ୍ରଣ ହୋଇଛି । ଗର୍ବିତ ନାସିକା, ଚିକ୍କଣ ଗଣ୍ଡ··· ରମାକାନ୍ତର ପୁରୁଷତ୍ୱ ମଧୁର ଗର୍ଜନ କଲା । ତା ମୁଣ୍ଡରେ ଏକ

ଚପଳ ବୁଦ୍ଧି ଖେଳିଗଲା । ସେ ସୁକେଶୀଙ୍କ ଦୁଇ ହାତ ପାପୁଲିକୁ ନିଜ ହାତମୁଠା ଭିତରକୁ ହଠାତ୍ ନେଇଯାଇ କହିଲା—

ସୁକେଶୀ, ଏକଥା କାହାକୁ କହିବନି । ବୋଉ ଶୁଣିଲେ ଘରେ ପ୍ରଳୟ ସୃଷ୍ଟି କରିଦେବ ।

ରମାକାନ୍ତ ହଠାତ୍ ତାଙ୍କର ହାତ ପାପୁଲିକୁ ନିଜ ମୁଠା ଭିତରେ ସଂଗ୍ରହ କରି ନେବାରୁ ସୁକେଶୀ ଚମକି ପଡ଼ିଲେ । କଣ ହେଲା ?

ମୁଁ ରଜନୀ ଦେବୀଙ୍କୁ ଭଲ ପାଉଛି । ସେ ଜାତିରେ କରଣ, ବୋଉ କାନରେ ଯଦି ଏ କଥା ପଡ଼ିଯାଏ ତାହେଲେ ଦୁଇଟି ଜୀବନ ନଷ୍ଟ କରିବାକୁ ସେ ଟିକେ ହେଲେ ପଶ୍ଚାତ୍‌ପଦ ହେବନି । ମୋତେ ଅନ୍ୟଠି ବିବାହ କରିବାକୁ ବାଧ୍ୟ କରିବ ।

ଆପଣ କଣ ସତରେ ରଜନୀ ଦେବୀଙ୍କୁ ଭଲ ପାନ୍ତି ?

ସୁକେଶୀଙ୍କ ହାତପାପୁଲିକୁ ଆହୁରି ଜୋରରେ ଭିଡ଼ି ଧରି ରମାକାନ୍ତ କହିଲା—

ହଁ ସୁକେଶୀ, କଲେଜରେ ପ୍ରଥମଦେଖାଠୁ ଦୁହେଁ ଦୁହିଙ୍କୁ ଭଲ ପାଇ ଆସୁଛୁ ।

ମୁଁ ବିଶ୍ୱାସ କରିପାରୁନି, ଏତେ ଅସୁନ୍ଦର……

ତୁମେ କେବେ କାହାକୁ ଭଲ ପାଇନି ସୁକେଶୀ, ଭଲ ପାଇ-ଥିଲେ ଜାଣିଥାନ୍ତ ଭଲ ପାଇବା ସୁନ୍ଦର ଅସୁନ୍ଦର ମାନେନା, ଧନୀ ଦରିଦ୍ର ମାନେନା, ଜାତିଗୋତ୍ର ମାନେନା…ଜାତିଗୋତ୍ର ଉପରେ ରମାକାନ୍ତ ଅଳ୍ପବହୁତ ଜୋର୍ ଦେଲା ।

ଉଃ ! ଅତ୍ୟନ୍ତ ଦୁଃଖିତ ହୋଇ ସୁକେଶୀ ତାଙ୍କର ହାତକୁ ରମାକାନ୍ତର ମୁଠାଭିତରୁ ଫିଟାଇ ଆଗକୁ ଚାଲିଲେ । ରିକ୍ସା ସୁକେଶୀଙ୍କ ପିଉସୀଙ୍କ ଘର ପାଖ ହୋଇଯାଇଥାଏ ।

ହଠାତ୍ ରମାକାନ୍ତ ଅଟ୍ଟହାସ୍ୟ କରି ଉଠିଲା—ହୋ, ହୋ, ହୋ !

ଠକ୍‌ସାବାଲା ପଛକୁ ଚାହିଁଲା । ସୁକେଶୀ ହସର ଅର୍ଥ ବୁଝି ନ ପାରି ବୋକାଙ୍କ ଭଳିଆ ରମାକାନ୍ତର ମୁହଁକୁ ଚାହିଁଲେ ।

କଅଣ ହେଲା ?

କଣ ?

ଅଭିନୟ ।

ଅଭିନୟ !

ଆଜି କଣ ମୁଁ ସତରେ ରଜନୀଙ୍କୁ ଭଲ ପାଉଥିଲି ?

ହିଃ, ମୁଁ ତ ବିଶ୍ୱାସ କରି ନେଇଥିଲି । ଆପଣ ବେଶ ଅଭିନୟ କରି ଜାଣନ୍ତି !

ତୁମେ କଅଣ ପ୍ରଥମେ ପ୍ରଥମେ ଅଭିନୟ କଲ ମୁଁ ତାଙ୍କୁ ଗୁହାରି ଦେଉଛି ବୋଲି କହୁଥିବା ବେଳେ ?

ଆପଣ ଭଲ ପ୍ରତିଶୋଧ ନେଲେ ।

ରଜନୀଙ୍କୁ କେହି ଭଲ ପାଇପାରେ ସୁକେଶୀ ? ପ୍ରଶ୍ନ ପଚାରିବା ପରେ ପରେ ରମାକାନ୍ତ ନିଜକୁ ସଂଶୋଧନ କଲା—ହଁ, ରଜନୀ ଦେବୀଙ୍କୁ ମଧ୍ୟ କେହି ଭଲ ପାଇପାରନ୍ତି; କିନ୍ତୁ ମଣିଷ ସିନା ଜଣକୁ ଭଲ ପାଇବ, ଦଶ ଜଣକୁ ତ ନୁହଁ ।

ବଡ଼ ବିଚିତ୍ର ଏ ଭଲପାଇବା ! ବେଳେ ବେଳେ ଏପରି ଜାଗାରେ ମଣିଷ ହୃଦୟ ଦେଇଦିଏ ଯେଉଁଠି ହୃଦୟ ଖୋଲି କହିବାକୁ ସୁବିଧା ନଥିବ, 'ମୁଁ ତୁମକୁ ଭଲ ପାଉଛି' ବୋଲି ଯଦି, ସମାଜର ମାନ ବାଧ କରୁଥିବ ତାଙ୍କ ପ୍ରତି ଚଟାନୁଚଟିକ ବ୍ୟବହାର କରିବାକୁ, ଯେପରି କିଛି ହୋଇନି, ଯେପରି ସେ ଝିଅ ତୁମପାଇଁ ଅନ୍ୟ ହଜାରେ ଜଣଙ୍କ ଝିଅଙ୍କ ମଧ୍ୟରୁ ଜଣେ ଅଥଚ ହୃଦୟ ଯୋଡ଼ି

ଯୋଡ଼ ଯାଉଥିବ, ସବୁବେଳେ ପାଖରେ ଦେଖୁଥିବ, କିନ୍ତୁ ଥରକ ପାଇଁ ନିଜର ବୋଲି କହିବାକୁ ସୁବିଧା ନଥିବ···ଓଃ ସେତିକିବେଳେ ଯେଉଁ କଷ୍ଟ···

ରମାକାନ୍ତର ମୁହଁ କଷ୍ଟରେ ବିବର୍ଣ୍ଣ ହୋଇ ଉଠିଲା ।

ରମାକାନ୍ତ ବାବୁ, ଆପଣ ବଡ଼ ଭାବପ୍ରବଣ ।

ଘର ହୋଇଗଲା । ଏ ରିକ୍ସାବାଲା ଏଇଠି ରଖ୍ ।

ଦୁହେଁ ରିକ୍ସାରୁ ଓହ୍ଲାଇଲେ ।

ମୁଁ ତାହାଙ୍କ ଆଜି ଉପରକୁ ଯିବି ।

ପିଉସାଙ୍କ ସଙ୍ଗେ କଥାବାର୍ତ୍ତା ହେବେ, ସେ ବିପଦରେ ଶୁଅନ୍ତିନ, ଆସନ୍ତୁ ।

ସନ୍ଧ୍ୟାବେଳେ ଆସିବି, ବର୍ତ୍ତମାନ କାମ ଅଛି ।

ହଁ, ରଜନୀଦେବୀ ଅପେକ୍ଷା କରି ବସିଥିବେ । ସୁକେଶୀ ହସିଲେ ।

ଆରେ ମୁଁ ତ ବିଲ୍‌କୁଲ୍ ଭୁଲି ଯାଇଥିଲି ।

ଘରକୁ ଫେରି ରଜନୀ ତାଙ୍କର ବ୍ୟବହାର ପାଇଁ ଅନୁତପ୍ତ ହେଲେ । ସେ ଭାବିଲେ ସୁକେଶୀଙ୍କୁ ସେ ଜରୁରତ୍ ଅପେକ୍ଷା ଅଧିକ ମୂଲ୍ୟ ଦେଇଛନ୍ତି, ସେଇଥିପାଇଁ ଏତେ ଦୁଃଖ, ଏତେ ମର୍ମବେଦନା । ସେ ରମାକାନ୍ତ ସହ କେତେ ଦୀର୍ଘକାଳ ଧରି ପରିଚିତ । ଏତେଦିନ ଭିତରେ ସେ କଣ ରମାକାନ୍ତର ହୃଦୟକୁ ଚିହ୍ନୁନ ଯେ ସେ ଅବିଶ୍ୱାସ କରିବାକୁ ଗଲେ । ରମାକାନ୍ତ ତାଙ୍କ ସହିତ ବୁଲିଛି, ନଈକୂଳରେ ଘଣ୍ଟା ଘଣ୍ଟା ଧରି ଝୁପିଗପ କରିଛି, ସିନେମା ଯାଇଛି ଆଉ ବହୁବାର କହିଛି—ରଜନୀ, ମୁଁ ତୁମକୁ ଜୀବନଠୁ ବେଶି ଭଲପାଏ । ସେ ସବୁ କଣ ମିଛ ? ଆଉ ସାମାନ୍ୟ କେତେ ଦିନର ପରିଚିତା ସୁକେଶୀ ବେଶି ସତ୍ୟ ? ଜଣେ ଜଣକୁ ଭଲ ପାଇଲା ବୋଲି କଣ ଆଉ ଝିଅମାନଙ୍କ ସହିତ କଥାବାର୍ତ୍ତା ହେବାକୁ ମଧ୍ୟ ମନା ? ଛି, ସେ କେତେ ନୀଚ ହୋଇ ଯାଉଛି, ତାଙ୍କର କେତେ ମାନସିକ ଅଧଃପତନ ହୋଇଯାଇଛି । ତଥାପି, ତଥାପି ! କାହିଁକି ଆତ୍ମବିଶ୍ୱାସ ଆସୁନି ? କାରଣ ସୁକେଶୀ ତାଙ୍କଠୁ ବେଶି ସୁନ୍ଦର ବୋଲି । ଅସୁନ୍ଦର ବୋଲି ରଜନୀଙ୍କର ଚିରନ୍ତନ ପ୍ରେମ ସୁକେଶୀଙ୍କ ସୌନ୍ଦର୍ଯ୍ୟ ଆଗରେ ପରାଜିତ ହୋଇଯିବ ? ଧରି ଯଉ ଜଣେ ପୁରୁଷକୁ ରଜନୀ ଓ ସୁକେଶୀ ଉଭୟଙ୍କ ମଧ୍ୟରୁ ଜଣକୁ ଭଲ-ପାଇବାକୁ କୁହାଯାଏ ତାହେଲେ ସେ କାହାକୁ ବାଛିବେ, ଭଲପାଇବେ ? ସୁକେଶୀଙ୍କୁ । ନା, ନା ଏପରି ହୋଇପାରେ

କେହି ଜଣେ ସୁକେଶୀଙ୍କୁ ନ୍ୟୁନ କରି ରଜନୀଙ୍କୁ ତାଙ୍କର ସହସ୍ର ଅସୁନ୍ଦରତା ସତ୍ତ୍ୱେ ଭଲ ପାଇପାରେ । ବାହାରେ ଯିନା ସେ ଅସୁନ୍ଦର, ଶରୀର ଭିତରଟା ତାଙ୍କର ତ କଳୁଷମୟ ନୁହଁ । ବାନ୍ଧବୀମାନଙ୍କ କଥା, ସେମାନେ ଯେତେବେଳେ ହୃଦୟହୀନ କଥା କହିଛନ୍ତି, ସେ ତ ଶୁଣିଛନ୍ତି । ଗୁଡ଼ ସେ କଥା, ଦୋଷଦ୍ରଷ୍ଟା ହୋଇ କଣ ଲାଭ ? ପରିସ୍ଥିତି କାହାକୁ ଭଲ, ଆଉ କାହାକୁ ଖରାପ କରୁଛି ।

ଈଶ୍ୱର କାହିଁକି ଜଣକୁ ସୁନ୍ଦର, ଜଣକୁ ଅସୁନ୍ଦର କରନ୍ତି ? କଣ ତାଙ୍କର ଉଦ୍ଦେଶ୍ୟ ?

ସେ ରମାକାନ୍ତଙ୍କୁ କାହିଁକି ଭଲ ପାଉଛନ୍ତି, ରମାକାନ୍ତ ସୁନ୍ଦର ବୋଲି ନୁହେଁ ତ ? ହଁ···ନା···କାହିଁକି ଭଲପାଉଛନ୍ତି ତାର ଉତ୍ତର ଦିଆଯାଇ ପାରିବନି । ସେ ଭଲ ପାଉଛନ୍ତି, ରମାକାନ୍ତ ମଧ୍ୟ ତାଙ୍କୁ ଭଲପାଉଛନ୍ତି । ତାଙ୍କର ମନରେ ସନ୍ଦେହ ଆସୁଛି କେବଳ ତାଙ୍କର ହୃଦୟରେ ଥିବା ପ୍ରବଳ ଈର୍ଷାଯୋଗୁଁ ।

ରଜନୀ ଶେଷରେ କଡ ଲେଉଟାଇ 'ଆଜିର ମଣିଷ' ଉପନ୍ୟାସ ପଢ଼ିବାକୁ ଚେଷ୍ଟାକଲେ । ଏହି ସମୟରେ ଦୁଆରେ କରାଘାତ ହେଲା । ଦାସୀ ଆସି କହିଲା—ଦେଈ, ବାବୁ ଡାକୁଛନ୍ତି ।

କଣ ହୋଇଛି ବାବାଙ୍କର ?

ମାଲଗୋଦାମରୁ ଫେରି ତ ସଙ୍ଗେ ସଙ୍ଗେ ତୁମକୁ ଡକାଇ ପଠାଇଲେ ।

ଚାଲ୍, ଚାଲ୍ । ରଜନୀ ଉଦ୍‌ବିଗ୍ନ ହୋଇ ଚାଲିଲେ ଦାସୀ ପଛେ ପଛେ ।

ବଂଶୀଧର ବାବୁ ଖଟରେ ଶୋଇଥାନ୍ତି । ଝିଅକୁ ଦେଖି ତାଙ୍କ ଆଖି ଆନନ୍ଦୋଜ୍ଜ୍ୱଳ ହୋଇ ଉଠିଲା । ଏକମାତ୍ର ଝିଅ, ବଡ଼,

କିନ୍ତୁ ବଡ଼ ବୋଲି ନୁହେଁ, ଝିଅର ଅସୁନ୍ଦରତା ପାଇଁ ବଂଶୀଧରବାବୁ ତାଙ୍କୁ ବିଶେଷ ଭଲପାନ୍ତି । ବିଶେଷ ଆଦର କରନ୍ତି । କୌଣସି କାରଣରୁ ଯେପରି ତାଙ୍କର ମନକଷ୍ଟ ନହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତି । ଝିଅକୁ ଦେଖିଲେ ତାଙ୍କର ଅତ୍ୟନ୍ତ ମନକଷ୍ଟ ହୁଏ, କିଏ ଏ ଝିଅକୁ ବିବାହ କରିବ, ଭଲ ପାଇବ ? ଜୀବନରେ ତାଙ୍କର କେତେ ଦୁଃଖ, କେତେ କଷ୍ଟ ଅଛି ତାକୁ କିଏ କହିବ । ବିଚରାର ମା ନାହିଁ, ମନକଥା କାହାକୁ କହିପାରୁ ନଥିବ ।

ବଂଶୀଧରବାବୁ ରଜନୀଙ୍କ ସକଳ ମନଇଚ୍ଛା ପୂରଣକରିବାକୁ କେବେହେଲେ ପଶ୍ଚାତ୍‌ପଦ ହେଉ ନଥିଲେ ।

କଣ ହୋଇଛି ବାବା, ରଜନୀ ବ୍ୟଗ୍ରହୋଇ ପଚାରିଲେ ।

ବସ୍ ମା, ଏହିପରି ଇଚ୍ଛାହେଲା ଡାକିଦେଲି । ବସ୍ ।

କଣ ହୋଇଛି କୁହ ।

ରଜନୀ ବସିଲେ ।

ଶୁଣ୍ ମା ଯେଉଁ ପଠାଟା ପିଠିରେ ହୋଇଥିଲା, ସେଇଟା ଫାଟୁନି କି ଫାଟୁନି, ମାସେ ଉପରେ ହେଲାଣି, ଡାକ୍ତର କହୁଛନ୍ତି ଅପରେସନ୍ କରିଦବାକୁ ।

ନା, ନା, ଆମର ଅପରେସନ୍ ହବନି । ରଜନୀଙ୍କ ଆଖିରୁ ଲୁହ ବୋହିବାକୁ ଲାଗିଲା ।

କିନ୍ତୁ ମା, ସବୁ ଡାକ୍ତର ସେଇକଥା କହୁଛନ୍ତି, ଆଉ ଉପାୟ ନାହିଁ । ସେଦିନ ତୋର ବନ୍ଧୁ ରମାକାନ୍ତ ଆସିଥିଲେ, ତାଙ୍କର ମଧ୍ୟ ସେଇ ମତ ।

ନା, ନା, ଅପରେସନ କରିବାରେ ବିପଦ ବହୁତ, ପୁଣି ମେରୁଦଣ୍ଡ ଉପରେ କରି ବ୍ରଣଟା ହୋଇଛି, ଅପରେସନ ହବନି ।

ବର୍ତ୍ତମାନ ପ୍ରତିମୁହୂର୍ତ୍ତରେ କଷ୍ଟ ପାଉଛି, ଶୋଇ ପାରୁନି କି ବସି ପାରୁନି ।

ସେଇଥିରେ ପୁଣି ମାଲଗୋଦାମ ଯାଇଥିଲ !

ମାଲଗୋଦାମ ନୁହେଁ ମା ଡାକ୍ତର ପାଖକୁ ଯାଇଥିଲି, ସେଠୁ ମାଲଗୋଦାମ ହୋଇ ଚାଲି ଆସିଲି । ଯେତେ କଷ୍ଟ ପାଇଲେ ବି କାମ କରିବାର ଅଭ୍ୟାସ ହୋଇ ଯାଇଥିବାରୁ ଅଳସୁଆ ହୋଇ ବସି ରହିବାକୁ ଭଲ ଲାଗୁନି ।

ବଡ କଷ୍ଟ ହେଉଛି, ନା ? କାହିଁକି ଏତେ ପରିଶ୍ରମ କରୁଛ ? ଆମେ ସବୁ କେଡ଼େ ସ୍ୱାର୍ଥପର, ତୁମେ ଏତେ କଷ୍ଟ ପାଉଥିବାବେଳେ ମଧ୍ୟ ଆମରପାଇଁ କାମ କରୁଛ ଅଥଚ ଆମେ ଭଲରେ ଅଛୁ, କାମ ନ କରି ମଜା କରୁଛୁ, ସିନେମା ଯାଉଛୁ, ବୁଲୁଛୁ ।

ସଂସାରରେ କିଏ ନିଜ ପିଲାପିଲାଙ୍କ ପାଇଁ ରୋଜଗାର କରେନି ମା, ସବୁ ତ ତୁମର ପାଇଁ, ତୁମର ସୁଖରେ [illegible]ମାର ସୁଖ । ପିଲାଟିବେଳୁ ତୁମମାନଙ୍କର ଦୌରାତ୍ମ୍ୟ ସହି ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ତୁମମାନଙ୍କୁ ଗଢ଼ି ଆଣିଛୁ । କିନ୍ତୁ ସୁଖ-ସ୍ୱାଚ୍ଛନ୍ଦ୍ୟରେ ଜଳାଞ୍ଜଳି କହିଲେ ଠିକ୍ ହେବନି, କାରଣ ତୁମମାନଙ୍କୁ ଛାତିରେ ଲଗାଇଲେ ହୃଦୟ ଶୀତଳ ହୋଇଯାଏ, ତୁମର ହସ ଦେଖିଲେ ଦୁଃଖ କଷ୍ଟ ଧୋଇ ହୋଇଯାଏ । କାମରେ ପୁଣି ନବୀନ-ଉତ୍ସାହରେ ଲାଗିପଡ଼ିବାକୁ ହାତରେ ଗୋଡ଼ରେ ଶକ୍ତି ଆସେ । ସେ ସବୁ କଥା ତୁ ଜାଣିପାରିବୁ ମା ଯେତେବେଳେ ତୋର ପିଲା ହେବେ, ତୁ ତାଙ୍କୁ ଭଲ ପାଇବୁ ।

ରଜନୀଙ୍କ ମୁହଁ ରଙ୍ଗ ଚଢ଼ିଗଲା ।

ଅଚ୍ଛା ମା ଯା, ବିଶ୍ରାମ ନେବୁ । ରଜନୀ ଚାଲିଗଲେ ।

ବଂଶୀଧରବାବୁ ଯାହା କହିବାପାଇଁ ଡାକଥିଲେ ତାହା ଅକୁହା ରହିଗଲା । ଅପରେସନ୍ ପାଇଁ ଶ୍ରୀଧରବାବୁ ତାଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ତାଙ୍କ୍ କହିଥିଲେ ଅପରେସନ୍ ସଫଳ ନହେଲେ ଦୁର୍ଘଟଣାର ମଧ୍ୟ ସମ୍ଭାବନା ଅଛି । ତା ଜାଣିବାପରେ ମଧ୍ୟ ବଂଶୀଧର ବାବୁ ଅପରେସନ୍‌ର ସବୁ ବନ୍ଦୋବସ୍ତ କରିଥିଲେ । ତାଙ୍କୁ ବ୍ରଣଯୋଗୁ ଯେଉଁ କଷ୍ଟ ହେଉଥିଲା ତା ତାଙ୍କ ଛଡ଼ା ଅନ୍ୟମାନେ ଜାଣି ;ବ କପରି ? ଠିକ୍ ମେରୁଦଣ୍ଡ ମୂଳରେ କରି ବ୍ରଣଟି ବାହାରିଥିଲା । ପ୍ରଥମେ ସେ ତାକୁ ସାଧାରଣ ବ୍ରଣ ବୋଲି ଅବହେଳା କରିଥଲେ; କିନ୍ତୁ ଶେଷରେ ତାହା ଦୁଷ୍ଟ ବ୍ରଣରେ ପରିଣତ ହେଲା । ଯେତେ ଔଷଧ ଖାଇଲେ ମଧ୍ୟ ଭଲ ହେଲାନ । ରଜମାଙ୍କୁ ସେ ସବୁକଥା କହିବେ ବୋଲି ଡାକଥିଲେ । ସେ ଜାଣିଥିଲେ ରଜମାଙ୍କ କୋମଳ ହୃଦୟ କାହାର ହେଲେ ଦୁଃଖ ସହି ପାରେନ, ନିଜ ବାପାଙ୍କର ଦୁଃଖ କପରି ସହିବ ! ତଥାପି ସେ ଡାକଥିଲେ, କିନ୍ତୁ ସବୁକଥା କହିବାକୁ ଜିଭ ଉଲଟିଲାନ । ସନ୍ତାନ-ସନ୍ତତିଙ୍କ ମଧ୍ୟରେ ରଜମା ସବୁଠୁ ବଡ଼, ଘରର ଦାୟିତ୍ୱ ସବୁ ତାଙ୍କରି ଉପରେ ଦେଇଦେଇ ସେ ହସପିଟାଲରେ ଭର୍ତ୍ତି ହୋଇ-ଯିବେ ବୋଲି ଠିକ କରିଥିଲେ । କିନ୍ତୁ ରଜମାଙ୍କୁ କପରି ସବୁକଥା ବୁଝାଇ ପାରିବେ ?

ଦେବୀପାଦ କ୍ୟାଲେଣ୍ଡରକୁ ଚାହିଁଲା । କଲିକତାକୁ ଆସିବା ଛଅମାସ ହୋଇଯିବା ଉପରେ । ନିଜର ପରିବର୍ତ୍ତନରେ ସେ ନିଜେ ବିସ୍ମିତ ହେଉଥିଲା । ଟାଇ ଭିଡ଼ୁ ଭିଡ଼ୁ ସେ ଭାବିଲା ମଣିଷର ଭୁଲର ସଂଶୋଧନ କେତେବେଳେ ଆଉ କିପରି ହେବ ତା କେହି କଳ୍ପନା କରି ପାରିବେନି । ସୁକୁମାରବାବୁଙ୍କ ଶିକ୍ଷାରେ ସେ ତାର କେଉଁଠି କେଉଁଠି ଭୁଲ ହୋଇଥିଲା ତା ଧୀରେ ଧୀରେ ବୁଝିପାରୁଛି । ସୁକୁମାର ବାବୁ ତାପାଇଁ ନୂତନ ଜୀବନ ପଥରେ ଆଲୋକସ୍ତମ୍ଭ ସଦୃଶ ହୋଇଛନ୍ତି । ସୁକୁମାର ଦାଦା ! ଅଗାଧ ତାଙ୍କର ପାଣ୍ଡିତ୍ୟ ଅକାଟ୍ୟ ତାଙ୍କର ଯୁକ୍ତି ।

ବ୍ୟାଙ୍କ୍ ବ୍ୟବସାୟ ନେଇ ସେ ଦିଲ୍ଲୀ ଯାଉଛନ୍ତି, ନୋରା ଓ ଲିନା, ଦୁଇଜଣ ଆଙ୍ଗ୍ଲୋଇଣ୍ଡିଆନ ମହିଳା ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବାକୁ ସାଥିରେ । ଦୁଇଜଣ ତ ଅଛିବେନି, ହୋଟେଲର ଶାଖା ଦିଲ୍ଲୀରେ ଅଛି । ସେଠାକାର କର୍ମଚାରୀମାନେ ଦାଦାଙ୍କୁ ସାହାଯ୍ୟ କରିବେ । ଦେବୀପାଦ ଦାଦାଙ୍କ ସହିତ ଦିଲ୍ଲୀ ଯିବାକୁ ଆଗ୍ରହ ପ୍ରକାଶ କରିଥିଲା । କିନ୍ତୁ ସୁକୁମାର ବାବୁ ସେ ନୂଆ ଲୋକ ବୋଲି ତାକୁ ନେବାକୁ ରାଜି ହୋଇ ନ ଥିଲେ । କହିଥିଲେ—ପ୍ରଥମେ ଛୋଟିଆ ଛୋଟିଆ କେସ୍‌ରେ ସଫଳତା ଦେଖାଇଲେ ତୁମକୁ ବଡ଼ କେସ୍ ଦିଆହେବ ।

ସୁକୁମାର ବାବୁଙ୍କର ଆନ୍ତଃପ୍ରାଦେଶିକ ବ୍ୟାପାର ଥିଲା ଓ ତାଙ୍କ ଅଧୀନରେ ବିଭିନ୍ନ ଜାଗାରେ ଶହ ଶହ ଲୋକ କାମ କରୁଥିଲେ । ବ୍ୟାପାରର ସ୍ୱରୂପ, ପ୍ରକୃତି ସମ୍ବନ୍ଧରେ ଦେବାପାଦ ବିଳମ୍ବରେ ଜାଣିବାକୁ ପାଇଥିଲା କିନ୍ତୁ ସେତେବେଳେ ସୁକୁମାର ଦାଦା କମ୍ପା 'ହୋଟେଲ ତୃପ୍ତି'କୁ ଛାଡ଼ିବାକୁ ତାର ଆଉ ଇଚ୍ଛା ନ ଥିଲା । ସୁକୁମାର ବାବୁ ତାକୁ ବୁଝାଇଥିଲେ—ଦେଖ ବାବୁ, ସଂସାର ଏକ ସମସ୍ୟା । ଏ ସମସ୍ୟାକୁ ବିଭିନ୍ନ ଜ୍ଞାନୀଲୋକ ବିଭିନ୍ନଭାବେ ସମାଧାନ କରିଛନ୍ତି । ସେମାନଙ୍କ ମଧ୍ୟରେ ପ୍ରାୟ ସମସ୍ତେ ଏକମତ ଯେ ସ୍ୱାଧୀନତା, ମାନବର ସ୍ୱାଧୀନତା ଏକ ଅତି ବଡ଼ ଜିନିଷ । ସ୍ୱାଧୀନତା ବିନା ପ୍ରକୃତ ବ୍ୟକ୍ତିତ୍ୱ ପରିସ୍ଫୁଟ ହୋଇ ପାରିବନି । ଭାରତବର୍ଷରେ ମାନବର ସ୍ୱାଧୀନତା ଇଂରେଜମାନଙ୍କ ଦ୍ୱାରା ଅପହୃତ ହୋଇଥିଲା । ଅପହରଣ ପରେ ପରେ, ସ୍ୱାଧୀନତା ଫେରି ପାଇବା ପାଇଁ ବଙ୍ଗଳାର କେତେଜଣ ଯୁବକ ଏକ ସଂଗଠନ ଆରମ୍ଭ କଲେ । କେବଳ ବ୍ରିଟିଶମାନଙ୍କୁ ତଡ଼ିବା ନୁହେଁ, ଭାରତ-ବର୍ଷରେ ଲୋକମାନଙ୍କ ପାଇଁ ପ୍ରକୃତ ସ୍ୱାଧୀନତା ଆଣିବା ସେମାନ-ଙ୍କର ଲକ୍ଷ୍ୟ ଥିଲା । ସେତେବେଳେ ଇଂରେଜ ସରକାର ଦେଶରେ ଆଇନ ପରେ ଆଇନ ଗଢ଼ି ଚାଲିଥାଏ । ରାଷ୍ଟ୍ରସରକାରର ନିୟମ ଜାଲରେ ପଡ଼ି ଲୋକମାନେ ହାହାକାର କରୁଥାଆନ୍ତି । ବ୍ୟକ୍ତିଗତ ସ୍ୱାଧୀନତା ସବୁଆଡ଼ୁ ସୀମିତ ହୋଇଯାଇ ଛଟପଟ ହେଉଥାଏ ।

ବୈଦେଶିକ ଆକ୍ରମଣ ଓ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଉଭୟରୁ ରାଷ୍ଟ୍ରକୁ ରକ୍ଷା କରିବାହିଁ ସରକାରର କର୍ତ୍ତବ୍ୟ । ରାଷ୍ଟ୍ର ବା ସରକାରର ଆଉ କୌଣସି କର୍ତ୍ତବ୍ୟ ନାହିଁ । ବାସ୍ତବରେ ଦେଖିବାକୁ ଗଲେ ରାଷ୍ଟ୍ର ବୋଲି କିଛି ନାହିଁ, ବ୍ୟକ୍ତିହିଁ ସବୁ । ବ୍ୟକ୍ତିର ସୁବିଧା, ସୁଖ ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ରାଷ୍ଟ୍ର । କିନ୍ତୁ ଥରେ କ୍ଷମତାକୁ ଆସିଯିବା ପରେ

ଶାସକଗୋଷ୍ଠୀ ତାହା ଭୁଲିଯାଏ । ଇଂରେଜ ସରକାର ତାହା ଭୁଲିଯାଇଥିଲା । ତାର ପରିଣାମ କ'ଣ ହେଲା ଦେଖିଲ । ସେମାନେ ତଡ଼ା ଖାଇଲେ । ଆମେ ସ୍ୱାଧୀନତା ଆନ୍ଦୋଳନବେଳେ, ଅନ୍ୟମାନଙ୍କ ସହ ସହଯୋଗ କରିଥିଲୁ, ଭାବିଥିଲୁ ଗାନ୍ଧିଜୀଙ୍କ ସର୍ବୋଦୟ ଶାସନ ପ୍ରତିଷ୍ଠିତ ହେଲେ ଲୋକେ ଆଇନକାନୁନରୁ ମୁକ୍ତ ହୋଇ ସ୍ୱାଧୀନତାର ପକ୍ଷ ବିସ୍ତାର କରିବେ । ତଦ୍ଦ୍ୱାରା ପ୍ରତ୍ୟେକ ନିଜ ନିଜର ପୂର୍ଣ୍ଣତା ପାଇବେ; କିନ୍ତୁ ହେଲା କଣ ?

ଆମ୍ଭେମାନେ ଅରାଜକତାର ପକ୍ଷପାତୀ । ପ୍ରତ୍ୟେକ ଲୋକ ସତ୍, ତାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସେ ସତ୍କାର୍ଯ୍ୟହିଁ କରିବ ବୋଲି ଆମର ବିଶ୍ୱାସ । ସମାଜରେ ଏତେ ଅସଦାଚାର, ବିଶୃଙ୍ଖଳା ଆଇନକାନୁନର ପ୍ରଚୁରତା ଯୋଗୁ । ପୋଲିସ ବଢ଼ିଚାଲିବା ସଙ୍ଗେ ସଙ୍ଗେ ଚୋରମାନେ ମଧ୍ୟ ବଢ଼ି ଚାଲିଛନ୍ତି । ଘରେ ଘରେ ସତୀମାନେ ରହୁଥିବାବେଳେ ବେଶ୍ୟାମାନଙ୍କ ଭାଗରେ ତ ସମ୍ପୂର୍ଣ୍ଣ ସ୍ୱାମୀ ପଡ଼ିଯାଉଛି । କାହିଁକି ? ଆଇନକାନୁନର ସ୍ୱଳ୍ପତା ଯୋଗୁଁ ନୁହେଁ ବହୁଳତା ଯୋଗୁଁ । ଶାସନ ସରକାରଠୁ ଆସିବା ପରିବର୍ତ୍ତେ ଆତ୍ମାଠୁ ଆସିବା ଉଚିତ ।

ପ୍ରତ୍ୟେକ ମାନବର ପୂର୍ଣ୍ଣ ସ୍ୱାଧୀନତା ଆମର ଲକ୍ଷ୍ୟ । ରୁଦ୍ର, କିଛି ପ୍ରଶ୍ନ ପଚାରନି, ମୁଁ ଜାଣେ ତୁମେ ପଚାରିବାକୁ ଚାହୁଁଛ ଯେ ଏହା କେବଳ ମୁଁ କହିବା କଥା ନା କେହି ଜ୍ଞାନୀ ପଣ୍ଡିତ ଲୋକ ମଧ୍ୟ ଏହାକୁ ସମର୍ଥନ କରିଯାଇଛନ୍ତି । ରୁଷୋଙ୍କ ନାଁ ଶୁଣିଥିବ । ରାଷ୍ଟ୍ରକୁ ସେ ପାପ ଓ ଦୁର୍ବଳତାର ଚିହ୍ନ ବୋଲି କହିଅନ୍ତି । ଜେଫରସନଙ୍କ ମତରେ ଯେଉଁ ରାଷ୍ଟ୍ର ଯେତେ କମ ଶାସନ କରେ ସେ ରାଷ୍ଟ୍ର ସେତେ ଭଲ । ଗୋଡଉଇନ କହନ୍ତି ରାଷ୍ଟ୍ର ବା ସରକାର ବିନା ମଣିଷ ସୁଖସ୍ୱାଚ୍ଛନ୍ଦ୍ୟ ଓ ଶୃଙ୍ଖଳାରେ ଚଳିପାରିବ । ଆଜି ରାଷ୍ଟ୍ର

ଦେଶ ଆଉ ଯାଉ ଦେଖିବ କାଳଠୁ ମଣିଷ ଚରିତ୍ର ଓ ବୁଦ୍ଧିରେ ଏପରି ଉନ୍ନତି କରିବ ଯାହା ଏହାପୂର୍ବରୁ ମାନବସଭ୍ୟତାରେ କେବେ ଦେଖାଯାଇ ନଥିଲା । କେତେ ଲୋକଙ୍କ ମତ କହିବି ? ଟଲଷ୍ଟୟ୍, ଡସ୍ଟୋଏଭସ୍କି, ବାକୁନିନ୍, ଇମରସନ୍, ଗାନ୍ଧି—ବିଶ୍ୱ ଯେଉଁମାନଙ୍କୁ ମହାମାନବ ବୋଲି ସ୍ୱୀକାର କରିଛି—ସେହି ସମସ୍ତଙ୍କର ଏହିମତ । କିନ୍ତୁ ସେମାନେ ଥିଲେ କେବଳ ଚିନ୍ତାଶୀଳ, ବୁଦ୍ଧିଜୀବୀ । ଭାବିବା ଚିନ୍ତିବା ସେମାନଙ୍କର କାମ ଥିଲା । କଳ୍ପନାକୁ ରୂପାୟିତ କରିବାପାଇଁ ସେମାନଙ୍କର ଶକ୍ତି, ଉଦ୍‌ଯୋଗ ବା ସାହସ ନଥିଲା । ଆମେ ତାକୁ କରିବା । ମୁଁ ଏ ଭାବେ ଗାନ୍ଧିଜୀ ସେହିକଥା କରିବାକୁ, ଦେଶରେ ଅରାଜକତା ଆଣିବାକୁ ଭାରତୀୟ ରାଜନୀତିରେ ନେତୃତ୍ୱ ନେଲେ । ସେଥିପାଇଁ ଭାରତକୁ ଗାନ୍ଧିଜୀ ଆସିବା ପରେ ଆମର କର୍ମୀମାନେ ଆନ୍ଦୋଳନରେ ଯୋଗଦେଲେ । କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପରେ ଆମେ ଯାହା ଦେଖିଲୁ ସେଥିରେ ଆମର ଭ୍ରମ ଭାଙ୍ଗିଗଲା, ମୋହ ତୁଟିଗଲା । ରାଷ୍ଟ୍ର ଆଇନ କମାଇବ କଣ ନିୟମ ଶୃଙ୍ଖଳାର ବହୁଳତାରେ ଭାରତୀୟ ଜନତାକୁ ଭୟାକ୍ରାନ୍ତ, ନିସ୍ତେଜ ଓ ସ୍ଫୂର୍ତ୍ତିହୀନ କରି ସାରିଲାଣି······ । ସୁକୁମାର ବାବୁ ହଠାତ୍ ଚୁପ ହୋଇଗଲେ ।

ସେଇଥିପାଇଁ ଆମେ ଆମ ଅରାଜକଦଳର ପୁନର୍ଗଠନ କରିଛୁ । ଆମର ଲକ୍ଷ୍ୟ ପୂର୍ଣ୍ଣ ସ୍ୱାଧୀନତା, ସମ୍ପୂର୍ଣ୍ଣ ମାନବସମାଜର ସର୍ବସ ସମ୍ପୂର୍ଣ୍ଣ ସ୍ୱାଧୀନତା ।

ସୁକୁମାର ବାବୁଙ୍କର ଚକ୍ଷୁଦ୍ୱୟ ଦୀପ୍ତିରେ ଉଜ୍ଜ୍ୱଳ ହୋ ଉଠିଲା । ସେ ଉଚ୍ଛ୍ୱାସାଧିକ୍ୟରେ ବାକ୍‌ଶୂନ୍ୟ ହୋଇଗଲେ ଦେବୀପ୍ରସାଦ ତାଙ୍କ ମୁହଁକୁ ଅଭିଭୂତ ହୋଇ ଚାହିଁ ରହିଥିଲା—ନିର୍ବା ନିସ୍ପନ୍ଦ, ନିଶ୍ଚଳ, ନିସ୍ତେଜ ।

ସୁକୁମାର ବାବୁ ତାର ଆଦର୍ଶ । ସେ ରାତିଗୁରଟା ବେଳକୁ ଉଠନ୍ତି, ଦେବୀପାଦ ସାତଗୁରଟା ବେଳକୁ ଉଠେ, ସେ ରାତି ଦଶଟାରେ ଶୁଅନ୍ତି, ଦେବୀପାଦ ସେତିକବେଳେ ଶୁଏ । ସେ ଗୀତା ସ୍ୱାଧ୍ୟାୟ କରନ୍ତି, ଦେବୀପାଦ ମଧ୍ୟ ପ୍ରତ୍ୟହ ସ୍ୱାଧ୍ୟାୟ କରେ । ସେ ଅରଟରେ ସୂତା କାଟିବା ଦେଖି ଦେବୀପାଦ ମଧ୍ୟ ଅରଟରେ ସୂତା କାଟିବାକୁ ଲଗିଲ । ତାକୁ କନ୍ତୁ ଖଦଡ଼ ପିନ୍ଧିବାକୁ ସୁକୁମାରବାବୁ ମନା କର ଦେଇଥାଆନ୍ତି, ପୂର୍ବ ସାହେବୀ ଡ୍ରେସରେ ସେ ସବୁବେଳେ ଥାଏ ।

ପାର୍ଟି ସମ୍ବନ୍ଧରେ ଅନ୍ୟାନ୍ୟ ବିଦ୍ୟା ତାକୁ ଶିଖାଇବା ପାଇଁ ଗ୍ରେଟା ଓ ସୋଫିଙ୍କ ଉପରେ ଦାୟିତ୍ୱ ଦିଆଯାଇଥାଏ । ବନ୍ଧୁକ ମାରିବା ପୀତାମ୍ବର ଶିଖାଉଥାଏ । କ୍ରମେ କ୍ରମେ ସେ ଅନେକ ବିଷୟରେ ଧୂରୀଣ ହୋଇ ଆସୁଥାଏ ।

ତିନଦିନ ହେଲା ସୁକୁମାରବାବୁ ଦିଲ୍ଲୀ ଯାଇଥାନ୍ତି । ଦେବୀପାଦ ଟାଇ ଭିଡ଼ି ଧାରିବାବେଳକୁ ଡ୍ରାଇଭିଂର ଶିକ୍ଷୟିତ୍ରୀ ମିସ୍ ଗ୍ଲୋରିଆ ପାଲଭ ଦୁଆରଟିକୁ ମେଲାଇଦେଇ ପଶି ଆସିଲେ ।

ହ୍ୟାଲୋ ଦେବୀପାଦ, ଆପଣ ବର୍ତ୍ତମାନ ସୁଦ୍ଧା ରେଡି ହୋଇ ନାହାନ୍ତି ? ସୋ' ଟାଇମ ହୋଇଯିବା ଉପରେ ।

ସବୁ କାମ ସରିଛି । ଖାଲି ବୁଟ୍ ଯୋଡ଼ାକ ପିନ୍ଧିଦେଲେ ହେଲା ।

ଦୁହେଁ ମଟରରେ ବାହାରିଲେ । ଗ୍ଲୋରିଆ ଡ୍ରାଇଭିଂ କରୁଥାଆନ୍ତି ।

ଗ୍ଲୋରିଆ ଆଜ କାହିଁକ ମନଟା ଭଲ ଲଗୁନି । ପଲ୍ଲିକଥା ସବୁ ମନେ ପଡ଼ୁଛି ।

ଘରକଥା ? ମନେ ପଡ଼ିବନି ? ମୁଁ ତ ଆଗରୁ କହିଛି ଦାଦା ଯାହା କରୁଛନ୍ତି ତା ଅକ୍ଷରଶଃ ପାଳନ କରିବାର କଥା ମାନେ

ନାହିଁ । ତାଙ୍କର ସ୍ୱଭାବକୁ ନେଇ ଉଗ୍ରତପଶ୍ଚର୍ଯ୍ୟା ସୁହାଉଛି, ସେ ଋଷିପ୍ରତିମ ଲୋକ । ଆପଣ କାହିଁକି ବୃଥାରେ ନିଜର ଜୀବନକୁ ନଷ୍ଟ କରିଦେଉଛନ୍ତି ?

ଆପଣଙ୍କର ସ୍ୱଭାବ ସେପରି ନୁହେଁ । ସ୍ୱଧର୍ମ ଓ ସ୍ୱଭାବକୁ ଅନୁସରଣ କରିବାପାଇଁ ସ୍ୱାଧୀନତା ରହିବା ବାଞ୍ଛନୀୟ । ସେଇଥି-ପାଇଁ ଆମର ସଂଗଠନ । ହଁ, ସ୍ୱଭାବକୁ ଅନୁସରଣ କଲାବେଳେ ଦେଖିବାକୁ ହେବ ଯେପରି ତାହା ସାଧାରଣ ଧର୍ମ ଓ ନୀତିକୁ ଅତିକ୍ରମ ନକରେ ।

ଜୀବନର ମଧୁକୁ ଆକଣ୍ଠ ପାନ କରିବାକୁ ମୋର ଇଚ୍ଛା ।

ମୋତେ ମୋ ଇଚ୍ଛା ପୂର୍ଣ୍ଣ କରିବାକୁ ସ୍ୱାଧୀନତା ଦେବା ଉଚିତ । ସୁକୁମାରବାବୁଙ୍କର ଗୋଟିଏ ଦୁର୍ଗୁଣ ଯେ ସେ ସମସ୍ତଙ୍କୁ ସନ୍ନ୍ୟାସୀଙ୍କ ପରି ଚଳିବାକୁ ପ୍ରେରଣା ଦିଅନ୍ତି । କିନ୍ତୁ ସେ ତ ବାଧ୍ୟବାଧକତା କରନ୍ତି ନାହିଁ, ଆପଣ ସେଥିରେ କାହିଁକି ପଡ଼ୁଛନ୍ତି ? ଆମମାନଙ୍କ ମଧ୍ୟରେ କେତେଜଣ ସନ୍ନ୍ୟାସୀ ଜୀବନ ଯାପନ କରୁଛନ୍ତି । ଆଉ କେତେକ ମହାନ୍ଭୋଗୀ ପରି ଚଳୁଛନ୍ତି । ସବୁ କଥାରେ ସ୍ୱାଧୀନତା ଅଛି । କଥା ହେଲା ଯେ ଯେଉଁପରି ଚଳୁ, ଯାହା କରୁ, କର୍ମଣ୍ୟତା ବ୍ୟାହତ ନ ହେଲେ ହେଲା ।

ଦେବୀପାଦଙ୍କୁ ଶିଷ୍ୟପୂର୍ଣ୍ଣୀ ଏହି ଧାରାରେ ଆଗରୁ ମଧ୍ୟ ଥରେ ଦୁଇଥର ବୁଝାଇଥିଲେ । ଦେବୀପାଦ ମନକୁ ସବୁ ପାଇଥିଲା । କିନ୍ତୁ ସୁକୁମାରବାବୁଙ୍କ ବ୍ୟକ୍ତିତ୍ୱ ତାକୁ ଆଚ୍ଛନ୍ନ କରି ରଖିଥିବାରୁ କଲିକତାରେ ତାଙ୍କ ଉପସ୍ଥିତିବେଳେ ସେ ଟ୍ରୋବିଆଙ୍କ ଭୋଗବାଦ ଦର୍ଶନକୁ ରୂପାୟିତ କରିବାକୁ ଚେଷ୍ଟା କରି ନ ଥିଲା । କିନ୍ତୁ ବର୍ତ୍ତମାନ ସୁକୁମାରବାବୁ କଲିକତାରେ ନ ଥିଲେ ।

କଣ ଭାବୁଛନ୍ତି ?

କିଛି ନୁହଁ ।

ଦେବୀପାଦ ଗ୍ଲୋରିଆଙ୍କ ଆଡ଼କୁ ଚାହିଁଲେ । ଗ୍ଲୋରିଆଙ୍କ ଭୋଗବାଦ ଦର୍ଶନର କୌଣସି ଛାପ ତାଙ୍କର ଶରୀରରେ ଯେପରି ସେ ଖୋଜୁଥିଲେ । କିନ୍ତୁ କାହିଁ ସଂସାରର ଯେ କୌଣସି ଅନ୍ୟ ସ୍ତ୍ରୀ ପରି ସେ ଦିଶୁଥିଲେ ।

ଗ୍ଲୋରିଆ ସୁନ୍ଦରୀ, ନାକଟି ସରୁ, ଅଗ୍ରଭାଗ ଈଷତ୍ ଉପରକୁ ଉଠିଛି, ଚଟୁଲଗଣ୍ଡ, ବାବୁରୀବାଳରେ ସୁବର୍ଣ୍ଣ ଲହରୀ, ଶୀତ ଋତୁର ସମୁଦ୍ରରେ କ୍ଷୁଦ୍ର ତରଙ୍ଗପରି ।

ଗ୍ଲୋରିଆଙ୍କର ଗଣ୍ଡ ରକ୍ତିମ ହୋଇଉଠିଲା । ସେ ଦେବୀପାଦ ତାଙ୍କ ଆଡ଼କୁ ଚାହିଁଥିବା ବିଷୟରେ ସଚେତନ ହୋଇଗଲେ ।

ଗ୍ଲୋରିଆ—ଦେବୀପାଦର କଣ୍ଠ ଭାର ଓ ମୋଟା ।

ହୁଁ...ମୋଟରକୁ ମେନ୍‌ରୋଡ଼ରୁ ଗୋଟିଏ ଗଳି ଭିତରକୁ ମୋଡ଼ୁ ମୋଡ଼ୁ ଗ୍ଲୋରିଆ ଉତ୍ତର ଦେଲେ । ଗଣ୍ଡଦେଶରୁ ସିନ୍ଦୁର ଆଭା ଆହୁରି ଯାଇ ନ ଥାଏ । ଗଳିରେ କିଛିବାଟ ଯିବାପରେ ଗୋଟିଏ ଘର ଆଗରେ ମୋଟର ରହିଗଲା ।

ବ୍ରେକ୍ ଦେଲେ କାହିଁକି ?

ଚାଲନ୍ତୁ, ମୋଟରରୁ ବାହାରନ୍ତୁ, କହୁଛି ।

ଦୁହେଁ ଭିତରକୁ ଯିବାପରେ ଗ୍ଲୋରିଆ ଭିତରୁ ଦ୍ୱାର ବନ୍ଦ କଲେ ।

ସୁକେଶୀ କଟକ ଚାଲିଆସିବାପରେ କୌଣସି କଥାରେ ଶିବନାଥର ମନ ଲାଗିଲାନି । ସୁକେଶୀଙ୍କୁ କଟକ ନଯିବାକୁ ଶିବନାଥ ବହୁତ କରି କହିଥିଲା—କଟକ ଗଲେ ଯେ ପଢ଼ାପଢ଼ି ଭଲ ହେବ, ଏଠି ରହିଲେ ନୁହଁ, ତା ତୁମର ଭୁଲଧାରଣା । ନିଜେ ନିଜେ ପଢ଼ିବା କଥା । ଆମେ ଆଜିଠୁ ଦିନକୁ ଚଉଦଘଣ୍ଟା ଲେଖା ପଢ଼ିବା ବୋଲି ଚାଲ ପ୍ରତିଜ୍ଞା କରିବା । ଅକ୍ଳାନ୍ତ ପରିଶ୍ରମ କରିବା, ଲାଇବ୍ରେରୀର ଅଧିକାଂଶ ବହି ଶେଷ କରିଦେବା । ଦେଖିବ ମାଟ୍ରିକ ପରୀକ୍ଷାରେ କିପରି ଆମର ଭଲ ହେବନି ! ତୁମେ ରହିଯାଅ, ତୁମେ ଚାଲିଗଲେ ଦୁଃଖରେ ମୁଁ କିଛି କରି ପାରିବନି ।

ଦେଖ ଶିବ, ତୁମ ମନରେ କଷ୍ଟ ଦେବାକୁ ମୁଁ କେବେ-ହେଲେ ଇଚ୍ଛା କରିନି । ମୁଁ ଜାଣେ ତୁମେ ମୋତେ ଜୀବନଠୁ ବେଶି ଭଲପାଅ । କିନ୍ତୁ ଆମେ ଭାବୁକତାର ଧାରରେ ବହିଯାଇ ଏପରି କୌଣସି କଥା କରିବା ଉଚିତ ନୁହେଁ ଯାହା ଆମକୁ ଜୀବନରେ ପଶ୍ଚାତ୍ତାପ କରିବାକୁ ସୁଯୋଗ ଦେବ । କଟକରେ ଗାଁଠୁ ନିଃସନ୍ଦେହରେ ଭଲ ପଢ଼ାପଢ଼ି ହୁଏ । କଟକରେ ମୁଁ କେତେ କଥା ଦେଖିବ, ଶିଖିବ । ତୁମେ ମନା କରନି । ଯିଏ ଯାହାକୁ ଭଲପାଏ ତାର ମଙ୍ଗଳ ଚାହେଁ, ତା ଉଚ୍ଚାକାଂକ୍ଷାରେ ପ୍ରତିବନ୍ଧକ ହୁଏ ନାହିଁ ।

ହଁ ସୁକେଶୀ...ଶିବନାଥ ଆଉ କିଛି କହିପାରିଲାନି ।

ଛାଡ଼ି ଦେବ ।

ଦେବ । ଶିବନାଥ ଝଡ଼ ପରି ଚାଲିଆସିଲା ସୁକେଶୀଙ୍କ ପଢ଼ାଘରୁ ।

ମାନସିକ ବ୍ୟଥା ଯୋଗୁ ବିଦଗ୍ଧ ଶିବନାଥ ବହୁଦିନଯାଏଁ ସୁକେଶୀଙ୍କ ପାଖକୁ ଚିଠି ଦେଇନ । ଭାବିଛି, ଅଭିମାନରେ କୁଣ୍ଡୁବୁଣ୍ଡୁ ହୋଇ ଭାବିଛି—ଯେତେବେଳେ ତା କଥା ନମାନି ସୁକେଶୀ କଟକ ଯାଇଛନ୍ତି ସେତେବେଳେ ଦୋଷ ସୁକେଶୀଙ୍କର, ତେଣୁ କ୍ଷମାଭିକ୍ଷା କରି ସୁକେଶୀ ତା ପାଖକୁ ପ୍ରଥମେ ଚିଠି ଦେବେ କ୍ଷମା ମାଗି, ଅନୁତାପ କରି, ସେ ଥରକପାଇଁ ହେଲେ କଟକଆସୁ ବୋଲି ମିନତି କରି । କିନ୍ତୁ ବହୁଦିନ ଧରି ସେ ଚିଠି ଦେଇନ କି ତା ପାଖକୁ କୌଣସି ଚିଠି ଆସିନ । ଶେଷରେ ତାକୁଇ ପ୍ରଥମେ ଚିଠି ଲେଖିବାକୁ ପଡ଼ିଲା । ଉତ୍ତର କିନ୍ତୁ ଆସିଲାନି । ବ୍ୟାକୁଳ ହୋଇ ପୁଣି ସେ ଚିଠି ଦେଲା, ପୁଣି, ପୁଣି··· ପ୍ରତିସପ୍ତାହରେ ଶିବନାଥ ପାଖରୁ ଗାର୍ଲସ୍କୁଲ ଠିକଣାରେ ସୁକେଶୀଙ୍କ ପାଖକୁ ଚିଠି ଗଲେ ମଧ୍ୟ କୌଣସି ଚିଠିର ଉତ୍ତର ଆସିଲାନି । ଶିବନାଥ କିଛି ବୁଝି ପାରିଲାନି । କିନ୍ତୁ ତାର ଯେପରି ମନେ ହେଲା ସୁକେଶୀ କଟକ ଗଲେ ଏହିପରି ବଦଳିଯାଇ ପାରନ୍ତି ବୋଲି ସେ ବହୁଦିନୁ ଆଶଙ୍କା କରୁଥିଲା । ଯେତେବେଳେ ଛଅ ସାତଟି ଚିଠି ଲେଖିବା ପରେ ସେ ଗୋଟିଏ ବି ଉତ୍ତର ପାଇଲାନି ସେତେବେଳେ ତାର ଦୃଢ଼ ବିଶ୍ୱାସ ହୋଇଗଲା, ସୁକେଶୀ ତାକୁ ଭଲ ପାଉନାହାନ୍ତି, ପ୍ରକୃତରେ କେବେହେଲେ ଭଲପାଉ ନଥିଲେ । ବାସନାତୃପ୍ତି-ଖେଳରେ ସେ ତାଙ୍କର ଖେଳଣା ମାତ୍ର ଥିଲା । ପ୍ରଥମେ ପ୍ରଥମେ ମନକୁ ଯେତେବେଳେ ଏ ଧାରଣା ଆସେ ସେତେବେଳେ ଏହି ଖରାପ ଧାରଣାକୁ ବିଶ୍ୱାସ ନକରିବାକୁ ଶିବନାଥ ନିଜ ହୃଦୟକୁ ବହୁତ ପ୍ରବର୍ତ୍ତାଇଲା । କିନ୍ତୁ ତାର ଶତଚେଷ୍ଟାସତ୍ତ୍ୱେ ସେହି ଧାରଣା କ୍ରମେ କ୍ରମେ ନିରାଟ ସତ୍ୟପରି

ତାକୁ ଜଣାପଡ଼ିବାକୁ ଲାଗିଲା । ଘରେ ଦେବୀଭାଇ ନଥିଲେ, ବୋଉ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ, ପୁରୁଣା ସାଙ୍ଗ ପାର୍ଥ ଓ ରାଘବ ଈର୍ଷା ଓ ବିଦ୍ୱେଷ ରଖି ପାଖକୁ ଆସୁ ନଥିଲେ, ବର୍ତ୍ତମାନ ଏକମାତ୍ର ସୁକେଶୀ ମଧ୍ୟ ପର ହୋଇଗଲେ । ନାରୀ କଣ ଏତେ ଛଳନାମୟୀ ହୋଇପାରେ !

ଶିବନାଥର କୌଣସି କଥାରେ ମନ ଲାଗୁନଥାଏ । ଦିନେ ମନବ୍ୟସ୍ତରେ ସେ ଦେବୀପାଦର ଆଲମିରା ଘାଣ୍ଟିଲା । ସେଥିରେ ରାମାୟଣ ମହାଭାରତଠୁଁ ଆରମ୍ଭ କରି ଟଲଷ୍ଟୟ ଗାନ୍ଧିଜୀଙ୍କ ବହି ଖୁନ୍ଦା ହୋଇଥିଲା । ଏହି ବହି ସବୁରେ ନିମଗ୍ନ ରହି ଦେବୀପାଦ ସବୁବେଳେ ଚିନ୍ତା କରୁଥିଲା । କୌଣସି କଥାପ୍ରତି ତାର ବିଶେଷ ଆସକ୍ତି ନଥିଲା । ତଥାପି ପରଦୁଃଖରେ ଦେବୀପାଦ ସାହାଯ୍ୟ କରିବା ସେ ଦେଖିଛି । ଲୋକଙ୍କୁ ସାହାଯ୍ୟ କରିବା ଢଙ୍ଗ ତାର ଅଦ୍ଭୁତ ଥିଲା । କେତେବେଳେ କଷ୍ଟ ହେଲେ ମଧ୍ୟ ତା ଆଖିରୁ ଲୁହ କେବେ ବୋହୁ ନଥିଲା । ଯାହା କରିବା କଥା ସେ କରି-ଯାଉଥିଲା । ଷଡ଼ଙ୍ଗୀ ବଞ୍ଚିଥିବା ବେଳେ ତାକୁ ବିଶେଷ ଭଲ ପାଉଥିଲେ । ସ୍ନେହ ମଧ୍ୟ ଦେବୀପାଦକୁ ବିଶେଷ ଭଲ ପାଉଥିଲେ ବୋଲି ବେଳେ ବେଳେ ତା ମନରେ ସନ୍ଦେହ ଉଠିଛି । କିନ୍ତୁ କେବେ ସେ ସ୍ନେହଙ୍କୁ ପଚାରି ବୁଝିନି, ପଚାରିଲେ ବୋଧେ ସେ ସତକଥା କହିଦେଇଥାଆନ୍ତେ । ଏବେ ସେଇ ସ୍ନେହ ମରଘରର ବୋହୂ । ବାଲେଶ୍ୱରର ମସ୍ତବଡ଼ ଜମିଦାର । ଭାଗ୍ୟ କଅଣ ନକରେ ! ଦେବୀପାଦ କୁଆଡ଼େ ଯାଇଛି ସେହିଦିନୁ, ଫେରିବାକୁ ନାହିଁ । ହୁଏତ ନଖାଇ ନପିଇ ସେହିପରି ଗମ୍ଭୀର ହୋଇ ବୁଲୁଥିବ । ସବୁବେଳେ ସନ୍ନ୍ୟାସୀ, ସନ୍ୟାସୀ ହୋଉଥିଲା, ବାବାଜୀ ଅବା ହୋଇଯାଇଥିବ । ଏତେ ବଡ଼ ପୃଥିବୀ, କେଉଁଠି ଥିବ ସେ କିଏ

ଠାବ କରିବ, ଭାଗ୍ୟରେ ଯଦି ପୁଣି ଭେଟିବାକୁ ଥିବ ତାହେଲେ ସିନା···ନହେଲେ । ଯେଉଁଠି ଥାଆନ୍ତୁ ସୁଖରେ ଥାଆନ୍ତୁ ।

ଶିବନାଥ ଆଲମିରା ବନ୍ଦ କରିଦେଲେ । ଟେବୁଲ ଉପରେ ପଢ଼ାବହି, ବର୍ଷ ଆରମ୍ଭ, ଏବଠୁ ଚେଷ୍ଟା ନକଲେ ଭଲ ହେବାର ସମ୍ଭାବନା କମ । ହଠାତ୍ ଶିବ ମନକୁ ଆସିଲା ଆଚ୍ଛା, ଏପରି ତ ହୋଇପାରେ ସୁକେଶୀଙ୍କର କେହିସାଥି ବା ରୁମ୍‌ମେଟ୍ ସେ ପଠାଇଥିବା ଚିଠିଗୁଡ଼ିକ ଲୁଚାଇ ଦେଇଛନ୍ତି । ସୁକେଶୀ ତା ଚିଠିପାଇଁ ଅପେକ୍ଷା କରିଛନ୍ତି, ଶିବନାଥର ଚିଠିକୁ, ଦିନେ, ଦୁଇଦିନ, ସାତଦିନ, ମାସେ, ଦୁଇମାସ···ଶିବନାଥର ଚିଠିକୁ ଅପେକ୍ଷା କରି କରି ଅଭିମାନିନୀର ହୃଦୟ ଭାଙ୍ଗିଯାଇଥିବ, ସେ ମଧ୍ୟ ଠିକ୍ ତାରି ପରି ଭାବୁଥିବେ—ମୁଁ ସିନା ଶିବନାଥଙ୍କୁ ଭଲ ପାଇଲି, ଶିବନାଥ ମୋତେ କେବେହେଲେ ଭଲ ପାଇନ, ଭଲ ପାଉନ । ସେ ଧୂର୍ତ୍ତ, ମିଥ୍ୟାବାଦୀ, ଯେପରି ସବୁ ପୁରୁଷ । ସବୁ ଛଳନା । ଅଭିମାନରେ ସେ ଜିଦ୍ ଧରିଥିବେ, ଶିବନାଥର ଚିଠି ନପାଇଲେ ଚିଠି ଦେବିନ । ଉଃ !!

ଅତ୍ୟଧିକ ଉଦ୍‌ବିଗ୍ନତାରେ ଶିବନାଥ ଆଉ ଭାବିପାରିଲେନି । କାନ୍ଥଘଡ଼ିକୁ ଚାହିଁଲେ, ରାତି ବାରଟାରେ ମେଲ । ସାଢ଼େ ଦଶଟା ବାଜିଛି । ପାଗଳଙ୍କ ପରି ସେ ହାତବ୍ୟାଗରେ ଦରକାରୀ ଜିନିଷ ଭର୍ତ୍ତି କରୁ କରୁ ପାଟି କଲେ—ବୋଉ, ବୋଉ !

କଣ ?

ଡାଣ୍ଡ ଦୁଆର ବନ୍ଦ କରିବୁ ଆ, ମୁଁ କଟକ ଯାଉଛି ।

କଟକ ? ବସୁନ୍ଧରା ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ।

ଏତେ ରାତିରେ କଟକ କାହିଁକି ଯିବୁ ?

ଜରୁରୀ କାମ ଅଛି, ଆସିଲେ କହିବ ?

କଣ କହିଲୁ ?

ଚୁପ କର୍, ସବୁ କଥାରେ ଉପରେ ପଚ୍ଚରିବା ମୋତେ ଭଲ ଲାଗେନା ।

ବସୁନ୍ଧରା ଆଉ କିଛି କହିବା ପୂର୍ବରୁ ଶିବନାଥ ବ୍ୟାଗ ଖଣ୍ଡିକ ଧରି ଦାଣ୍ଡ ଅନ୍ଧାରରେ ଡଗ ଡଗ ହୋଇ ମିଳାଇଗଲା ।

ଶିବନାଥ ରମାକାନ୍ତ ବସାରେ ପହଞ୍ଚିବାବେଳକୁ ସକାଳ ଆଠଟା, ରମାକାନ୍ତ ଶେଯରୁ ଉଠି ନଥିଲେ । ନମିତଳଉଡ଼ରେ ଦୋମହଲା କୋଠା । ଉପରେ ତିନୋଟି ବଖରା, ସେଇଥିରେ ରମାକାନ୍ତ, ତାର ପୂଜାଶ୍ରୀ । ତଳେ ଡାକ୍ତରଖାନା, ଔଷଧ ଭଣ୍ଡାର ଇତ୍ୟାଦି । ସକାଳୁ ସକାଳୁ ରମାକାନ୍ତ ଶିବନାଥର ପାଟି ଶୁଣି ପ୍ରଥମେ ବିଶ୍ୱାସ କରିପାରିଲେନି ଶିବନାଥ ଆସିଛି ବୋଲି ।

କିରେ ଶିବ, କଥା କଣ ? ତୁ କୁଆଡ଼େ, ଆଗରୁ ଚିଠି ନାହିଁ ପତ୍ର ନାହିଁ । ଆ, ଆ, ଉପରକୁ ଆ !

ରମାକାନ୍ତ ନିଜେ ତଳକୁ ଯାଇ ଦୁଆର ଖୋଲିଥିଲେ ।

ସ୍କୁଲ ଛୁଟିଥିଲା, ବୁଲି ବୁଲି ଆସିଲି ।

କି ଛୁଟି—

ପ୍ରଧାନଶିକ୍ଷକ ବଦଳି ହୋଇଯାଉଛନ୍ତି, ତାଙ୍କ ବିଦାୟ ଉପଲକ୍ଷେ ସଭା ହେବ, ସେଇଥିପାଇଁ ଛୁଟି ।

ଆଚ୍ଛା ! ହୋ ବିଦାୟ—ତୁ ଯା ନିତ୍ୟକର୍ମ ସାରେ । ରମାକାନ୍ତ ପୂଜାଶ୍ରୀକୁ ଡାକି କଣ କହିଦେଲେ ।

ଶିବନାଥ ଚାଲିଗଲା ।

ନିତ୍ୟକର୍ମ ସାରି ଜଳଖିଆ ଖାଇବାପରେ ରମାକାନ୍ତ ପଚାରିଲେ—କୁଆଡ଼େ ବୁଲିବୁଲି କରିବୁ ?

ହଁ, ତୁମର ସାଇକେଲଟା…… ।

ହୁସିଆରରେ ଯିବୁ, କଟକଗହଳି, ସବୁବେଳେ ବାଁ କଡ଼ରେ ଯିବୁ । ଚଞ୍ଚଳ ଯେପରି ଫେରୁ ।

ଶିବନାଥ ସାଇକେଲ୍ ନେଇ ପଚାରି ପଚାରି ଗାର୍ଲସ୍କୁଲ୍ ହଷ୍ଟେଲ ଆଡ଼େ ଚାଲିଲା । ଗାର୍ଲସ୍କୁଲଠେ ଗେଟ୍‌ପାଖରେ ଦରୱାନ ହାତରେ କାର୍ଡ ପଠାଇଲା—ଏକାଦଶଶ୍ରେଣୀର ଛାତ୍ରୀ, ସୁକେଶୀ ମହାପାତ୍ର, ରୁମ୍ ନମ୍ବର ତେର । ବନ୍ଧୁ ଶିବନାଥ ଷଡ଼ଙ୍ଗୀ ଅପେକ୍ଷା କରିଛନ୍ତି । ଦରୱାନ ଗେଟ୍‌ପାଖରେ ଥିବା ଅତିଥିରୁମ୍‌ରେ ତାଙ୍କୁ ବସାଇଦେଇ ହଷ୍ଟେଲଭିତରକୁ ଗଲା । ଶିବନାଥ ଦରୱାନ ଯିବା ପରେ ପରେ ସୁକେଶୀଙ୍କୁ ଦେଖିବାପାଇଁ ନିଜକୁ ପ୍ରସ୍ତୁତ କରିବାରେ ଲାଗିପଡ଼ିଲା । ଦ୍ରୁତ ନିଃଶ୍ୱାସ, ରକ୍ତିମ ମୁଖ, ଉଦ୍‌ବେଗପୂର୍ଣ୍ଣହୃଦୟକୁ ସେ ସଂଯତ କରିବାରେ ଲାଗିପଡ଼ିଥାଏ । ପ୍ରାୟ ପାଞ୍ଚମିନିଟ୍ ପରେ ଦରୱାନ ଫେରିଆସିଲା—

ବାବୁ, ହଷ୍ଟେଲରେ ତାଙ୍କ ରୁମ୍‌ରେ ତାଲା ପଡ଼ିଛି, ବୋଧେ କୌଣସି ସାଙ୍ଗ ସାଥି ରୁମକୁ ବୁଲି ଚାଲିଯାଇଛନ୍ତି ବା ସ୍କୁଲକୁ ଚାଲି ଆସିଥିବେ ।

ଦରୱାନ ଚିଠିଟିକୁ ଶିବନାଥ ହାତକୁ ଫେରାଇଦେଲା । ଆପଣ ଚାରିଟାବେଳକୁ ଆସିଲେ ଦେଖାପାଇବେ । ସେତେବେଳକୁ ସ୍କୁଲ ଛୁଟି ହୋଇଥିବ, ସମସ୍ତେ ସ୍କୁଲରୁ ଫେରୁଥିବେ ।

ଶିବନାଥ ଫେରିଆସିଲା । ଡାକ୍ତରଖାନାରେ ରମାକାନ୍ତ ବସି ଖବରକାଗଜ ପଢ଼ୁଥିଲା । ରୋଗୀମାନେ ବେଞ୍ଚରେ ବସିଥାନ୍ତି । କେତେଜଣ ଜାଗା ନ ହେବାରୁ ତଳେ ମଧ୍ୟ ବସିଥାନ୍ତି । ରମାକାନ୍ତ ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷାକରି ଖବରକାଗଜ ପଢ଼ିବାରେ ନିମଗ୍ନ ଥାଏ । ଶିବନାଥ ଫେରିଆସିବାରୁ ରମାକାନ୍ତ ତାଙ୍କୁ ପଚାରିଲା—କୁଆଡ଼େ କୁଆଡ଼େ ଯାଇଥିଲୁ ?

ବକ୍‌ସିବଜାର ଯାଏଁ ଯାଇ ବୁଲିଆସିଲି ।

ସାଇକେଲ କେଉଁଠି ରଖିଲୁ ?

ବାହାରେ ରଖି ଦେଇଛି ।

ଖୁବ ପକାଇଛୁ ?

ନା ? ଶିବନାଥ ଗ୍ଭବପକାଇବାକୁ ବାହାରିଲା ।

ମୁଁ ତ ଯିବି, ଥାଉ । ବଡ଼ାରାଙ୍କୁ ମାଗି ଖାଇଦବୁ ଯା । ଖାଇସାରି ବିଶ୍ରାମ ନେବୁ । ମୋର କାମ ଅଛି, ଫେରିଲେ ମୁଁ ଖାଇବି ।

ଡାକ୍ତରବାବୁ ଯିବାର ଉପକ୍ରମ କରୁଥିବା ଦେଖି ରୋଗୀମାନଙ୍କ ମଧ୍ୟରୁ କେହି କେହି ଅଭିଯୋଗ ଆରମ୍ଭ କଲେ ।

ଦେଖନ୍ତୁ, ଆପଣମାନେ ଅଧୈର୍ଯ୍ୟ ହେଲେ କପରି ହେବ ? ମୋର ତ ପୁଣି ବ୍ୟକ୍ତିଗତ କାମ ଅଛି । ଅପେକ୍ଷା କରନ୍ତୁ, ଘଣ୍ଟାଏ ଭିତରେ ଆସୁଛି । ଯେଉଁମାନଙ୍କର ଅପେକ୍ଷା କରିବାକୁ ସମୟ ନାହିଁ ସେମାନଙ୍କ କଥା କମ୍ପାଉଣ୍ଡର ବୁଝିଦେବେ ।

ରମାକାନ୍ତ ସାଇକେଲ ନେଇ ଗ୍ଭଲିଗଲା । ସୁକେଶୀ କହିଥିଲେ ଯିବାକୁ । ଆଗରୁ ଯିବା ଉଚିତ ଥିଲା; ଶିବନାଥର ବୁଲିବାକୁ ଆଗ୍ରହ ଦେଖି ସାଇକେଲ ତାକୁ ଦେଇ ଦେଇ ଅପେକ୍ଷା କରି କରି ରମାକାନ୍ତ ବ୍ୟସ୍ତ ହେଉଥିଲା । ରୋଗୀମାନେ ନ ଆସିଥିଲେ ସେ ଚିକିତ୍ସା କରି ପଳାଇଯାଇଥାଆନ୍ତା । ରୋଗୀମାନଙ୍କ କଥା ବୁଝିବାରେ କିଛିସମୟ ବ୍ୟସ୍ତ ରହି ଶେଷରେ ସେ ଉକଣ୍ଠାକୁ ଦବାଇବାକୁ ଖବରକାଗଜ ପଢ଼ିବାରେ ଲାଗିଥିଲା ।

ଗାର୍ଲ୍‌ସ୍କୁଲ୍‌ଠ ପହଞ୍ଚିବା ବେଳକୁ ନିର୍ଦ୍ଧାରିତ ସମୟ ଗଡ଼ିଯାଇଥିଲା; କିନ୍ତୁ ବାଧ୍ୟ ହୁଅନ୍ତି ପରି ସ୍କୁଲ ସମ୍ମୁଖସ୍ଥ ହୋଟେଲରେ ବସି ସୁକେଶୀ ତାକୁ ଅପେକ୍ଷା କରୁଥିଲେ । ଗାର୍ଲ୍‌ସ୍କୁଲର ଝିଅମାନଙ୍କ ସହ ଘଣ୍ଟା ଘଣ୍ଟା ଧରି ଗଳ୍ପ କରିବାପାଇଁ ସେହି ହୋଟେଲ ନିସ୍ୱପଦ ଜାଗା ଥିଲା । ରମାକାନ୍ତ ପହଞ୍ଚିବା ବେଳକୁ ସୁକେଶୀ ଜଣେ ସଙ୍ଗିନୀ

ସବୁ କଣ କଥା ହେଉଥିଲେ । ରମାକାନ୍ତ ଦୁହିଁଙ୍କ କଥାରେ ବାଧା ଦେବ କି ନାହିଁ ଭାବି ଇତସ୍ତତଃ ହେଲା । ଶେଷରେ ସଙ୍ଗୀମାନେ ଯିବାର କୌଣସି ଉପକ୍ରମ କରୁ ନ ଥିବା ଦେଖି ସେ ସୁକେଶୀଙ୍କ ପାଖକୁ ଗଲା । ରମାକାନ୍ତକୁ ଦେଖି ସୁକେଶୀଙ୍କ ସଙ୍ଗୀମାନେ ଚାଲିଗଲେ ।

ଆପଣଙ୍କ ଉପରେ ମୁଁ ରାଗିଛି ।

ରାଗିଥିବ ଭାବି ମାନଭଙ୍ଗ କରିବାକୁ ଆସିଛି ।

'ଫାଗୁନ୍' ଫିଲ୍ମ ଆସିଛି ।

କଣ ଆଜି ଯାଉଛ ?

ବର୍ତ୍ତମାନ ତ ଟିକେଟ୍ କରି ଫେରୁଛି । ସେଇ ବାନ୍ଧବୀଙ୍କ ଘରେ ଯାହା କିଛି ସମୟ ରହିଯାଇଥିଲି । ଆପଣ କିନ୍ତୁ ଚାରିଟା ବେଳକୁ ଆସିବେ । ଆମେ ଫଳପୁଷ୍ପ ପ୍ରଦର୍ଶନୀ ଦେଖିବା ପରେ ସିନେମା ଯିବା ।

ମୋର ପ୍ରଦର୍ଶନୀ ଦେଖିବାକୁ ଆଗ୍ରହ ନାହିଁ ।

ତାହେଲେ ମୁଁ କଣ ଏକା ସେ ଗହଳି ଭିତରେ ପଶିବି ? ଆପଣଙ୍କୁ ଆସିବାକୁ ହେବ ।

ହଉ ।

ମୁଁ ଯାଉଛି ମୋର କ୍ଲାସ ଅଛି । ଆପଣଙ୍କ ଯୋଗୁ ବହୁତ ସମୟ ନଷ୍ଟ ହେଲା ।

ମୋ ଯୋଗୁ ନୁହେଁ, ସିନେମା ଯୋଗୁ ।

ଏକା କଥା ।

ସୁକେଶୀ ଚାଲିଗଲେ ।

ରମାକାନ୍ତ ଫେରି ଦେଖେ ଶିବନାଥ ଖାଇପିଇ ତା ଶେଯରେ ଶୋଇପଡ଼ିଛି । ଭୋଜନ ପରେ ସେ ମଧ୍ୟ ବିଶ୍ରାମ ନେଲା ।

ଶିବନାଥ ଉଠୁ ଉଠୁ ପାଞ୍ଚଟା ପଢର । ଘରେ ପୂଜାରୀ ଛଡ଼ା କେହି ନ ଥିଲେ । ଚଞ୍ଚଳ ଚଞ୍ଚଳ ଲୁଗାପିନ୍ଧି ସେ ଗାର୍ଲ୍'ସ୍କୁଲ ହଷ୍ଟେଲ ଆଡ଼େ ବାହାରିଲା ।

ସକାଳର ଦରଓ୍ୱାନ ଗେଟ୍ ପାଖରେ । ଶିବନାଥକୁ ଦେଖି ସେ ହସି ହସି କହିଲା—ଆସିଗଲେ ବାବୁ, ଗୋଟିଏ କାଗଜରେ ଲେଖିଦିଅନ୍ତୁ, ମୁଁ ଭିତରେ ଦେଇଆସୁଛି । ଶିବନାଥ ସକାଳ କାଗଜଟା ପକାଇ ନ ଥିଲା । ସେହି କାଗଜଟିକୁ ସେ ଦରଓ୍ୱାନ ହାତକୁ ବଢ଼ାଇଦେଲା । ଏହି ସମୟରେ ହଷ୍ଟେଲ ଆଡ଼ୁ ଦୁଇତିନ ଜଣ ଝିଅ ଆସୁଥିଲେ । ଦରଓ୍ୱାନ କଣ ଭାବିଲା, ସେହି କାଗଜଟିକୁ ସେମାନଙ୍କୁ ଦେଖାଇ ସୁକେଶୀ ଦେବୀ ହଷ୍ଟେଲରେ ଅଛନ୍ତି କି ନାହିଁ ବୋଲି ପଚାରିଦେଲା । ସେମାନେ ସୁକେଶୀ ଅଧଘଣ୍ଟାଏ ହେବ ବୁଲି ଚାଲିଯିବା କଥା କହି ଶିବନାଥଆଡ଼କୁ ଚାହିଁଲେ । ଦରଓ୍ୱାନ ଶିବନାଥ ଆଗରେ ସେ କଥା ପଚାରିଥିଲା, ତେଣୁ ଦରଓ୍ୱାନ ତାକୁ କିଛି କହିବା ଦରକାର ପଡ଼ିଲାନି । ଶିବନାଥ ଚାଲିଗଲା ।

ମହାନଦୀ ରାସ୍ତାରେ ଯାଉଥିବାବେଳେ ସେ ଭାବିଲା—ସୁକେଶୀ ସୁଖରେ ଅଛନ୍ତି । ସୁଖରେ ନ ଥିଲେ, ମନ ଉତ୍ଫୁଲ୍ଲ ନ ଥିଲେ କେହି ଏପରି ବୁଲି ଯାନ୍ତାନି ।

ହୃଦୟର ଭାବନାକୁ ସେ ବିଶ୍ଳେଷଣ କରୁ କରୁ ଜଣାପଡ଼ିଲା ଗାଁରୁ ସେ ଆସିବାବେଳେ ଯେପରି ଭାବିଥିଲା—ସୁକେଶୀ ଅତ୍ୟନ୍ତ

ଦୁଃଖିମା ଥିବେ, ଖାଉ ନ ଥିବେ କି ପିଉ ନ ଥିବେ । ଦୁଃଖ ସୁକେଶୀଙ୍କ ସଂସାରକୁ ବଦଳାଇ ଦେଇଥିବ । କିନ୍ତୁ କଣ ସେ ଦେଖୁଛନ୍ତି ! ସଂସାର ଯେଉଁପରି ଚାଲିବା କଥା ସେହିପରି ଚାଲିଛି ।

ରିକ୍ସାଟିଏ ଯାଉଥିଲା—ଶିବନାଥ ହାତ ହଲାଇ ଡାକିଲା—ଏ ରିକ୍ସାବାଲା ରଖ୍ ।

ବାବୁ ପ୍ରଦର୍ଶନୀ ଯାଏଗା ?

ଚାଲ୍ ।

ପ୍ରଦର୍ଶନୀରେ ଲୋକ ଭିଡ଼ ହୋଇଥିଲେ । ସେଦିନ ପ୍ରଦର୍ଶନୀ ଉଦ୍‌ଯାପନ ହେଉଥିଲା ବୋଧେ । ଶିବନାଥ ପ୍ରଦର୍ଶନୀ ଭିତରକୁ ପଶିଯିବା ପରେ ସୁକେଶୀଙ୍କ କଥା ଜବରଦସ୍ତି ମନ ଭିତରୁ ତଡ଼ି-ଦେଇ ସେ ପ୍ରଦର୍ଶନୀ ଦେଖିବାକୁ ଲାଗିଲା । କିଛି କାମ ନ ଥିଲା, ସୁକେଶୀଙ୍କୁ ଆଜ ଆଉ ଦେଖିବାର ସମ୍ଭାବନା ନ ଥିଲା, ଆଜି ଦେଖି-ଥିଲେ କଥାବାର୍ତ୍ତା ହୋଇ ସେ ଘରକୁ ଫେରିଥାନ୍ତା, ବୋଉ ବ୍ୟସ୍ତ ହେଉଥିବ, କଟକ ଆସିବା କାରଣ ସେ ତାଙ୍କୁ କହି ନ ଥିଲା ।

ପ୍ରଦର୍ଶନୀର ପ୍ରତ୍ୟେକ ଦୋକାନ ପାଖରେ ଶିବନାଥ ଠିଆ ହୋଇ ପ୍ରଦର୍ଶକ ଯାହା କହୁଥିଲେ ତା ଧ୍ୟାନପୂର୍ବକ ଶୁଣୁଥିଲା ଓ ଦୋକାନରେ ଥିବା ପ୍ରତ୍ୟେକ ଜିନିଷକୁ ତନ୍ନ ତନ୍ନ କରି ଦେଖୁଥିଲା । ଏହିପରି ସାରା ପ୍ରଦର୍ଶନୀ ବୁଲିସାରିବା ବେଳକୁ ସେ କ୍ଳାନ୍ତଶ୍ରାନ୍ତ, ରାତି ପ୍ରାୟ ନଅଟା । ରିକ୍ସା ନ କରି ସେ ଚାଲି ଚାଲି ବସାକୁ ଆସିଲା ।

ଡାକ୍ତର ଖାନା ବନ୍ଦ ହୋଇ ସାରିଥିଲା, କିନ୍ତୁ ଭିତର ବୈଠକ-ଖାନାରେ ଲାଇଟ୍ ଜଳୁଥିଲା । ପର୍ଦ୍ଦା ଯୋଗୁ କିଏ କିଏ ବସିଥିଲେ ତା ବାହାରକୁ ଦିଶୁନଥିଲା । ଶିବନାଥ ନିକଟ ହୋଇଯିବାରୁ ଶୁଣି ପାରିଲା—

ଆଉ କେତେଦିନ ଧରାଛୁଆଁ ଦେଇ ନ ଥିବ ?

ରୁହନ୍ତୁ, ଏପରି ବ୍ୟସ୍ତ ହେଲେ ଚଳିବ ? ବିବାହଟା ହୋଇ-ଯାଉ ।

ମୁଁ ତ କହୁଛି ତୁମେ ଆଜି କହିଲେ ମୁଁ ଆଜି ବିବାହ କରିବାକୁ ପ୍ରସ୍ତୁତ ଅଛି ।

ନା, ନା, ବାପା ଅସନ୍ତୋଷ ହେବେ । ମୁଁ ଏମ୍. ଏ. ସାରିବା ପରେ ବିଭା ହେବି । ତାପରେ ଲଣ୍ଡନକୁ ଡକ୍ଟରେଟ୍ ପାଇଁ ଯିବି ।

ତା ମାନେ ମୋତେ ଛଅବର୍ଷ ଅପେକ୍ଷା କରିବାକୁ ହେବ । ସୁକେଶୀ, ତୁମେ ବାହା ହୋଇସାରିବା ପରେ ମଧ୍ୟ ପଢ଼ିପାରିବ । ମୋର ଉଦାର ମନୋବୃତ୍ତି କଥା ତୁମେ ଜାଣ । ତୁମେ ବାପାଙ୍କ ପାଇଁ ଆମ ଦୁହିଙ୍କ ପ୍ରେମକୁ ବଳି ଦେଉଛ !

..........

ସୁକେଶୀ ତୁମେ ରକ୍ତ ମାଂସରେ ନୁହଁ, ପଥରରେ ଗଢ଼ା ।

ଆପଣ ରଜନୀଦେବୀଙ୍କୁ କାହିଁକି ବାହା ହେଉନାହାନ୍ତି ? ଏଇ କେତେଦିନ ଭିତରେ ମୁଁ ଯାହା ଦେଖିଲିଣି ସେ ଆପଣଙ୍କ ପାଇଁ ପାଗଳୀ । ତା ଛଡ଼ା ଭଲ ମ୍ୟାଚ୍ ମଧ୍ୟ ହୁଅନ୍ତା ।

ସୁକେଶୀ, ମୁଁ ଏତେ ଗମ୍ଭୀର ହୋଇ କହିବାବେଳେ ତୁମେ କଣ ଥଟ୍ଟା କରିବା ଉଚିତ । ମୁଁ ରଜନୀଙ୍କୁ ବିବାହ କରିବି । ରଜନୀ କାହିଁକି ତୁମେ ଆଫ୍ରିକାରୁ ନିଗ୍ରୋସ୍ତ୍ରୀ ଆଣ, ତାକୁ ମଧ୍ୟ ବିଭାହେବାକୁ ରାଜି ଅଛି ! କାରଣ ମୁଁ ଜାଣେ ମୁଁ ସେଇମାନଙ୍କରଇ ଉପଯୁକ୍ତ । ମୋର କଣ ରୂପ ଅଛି ନା ଗୁଣ ?

ରମାକାନ୍ତ ବାବୁ !

ରମାକାନ୍ତ ପକେଟରୁ ରୁମାଲ ବାହାର କରି ଆଖି ପୋଛିଲେ ।

ଆପଣଙ୍କୁ ଟିକିଏ ଥଟ୍ଟା କରିବାକୁ ମଧ୍ୟ ମୋର ଅଧିକାର ନାହିଁ ?

ସୁକେଶୀ କୃତ୍ରିମ କୋପ ପ୍ରଦର୍ଶନ କରି ଉଠି ଠିଆହେଲେ । ରମାକାନ୍ତ କହିଲା—ଅଧିକାର ଅଛି ସୁକେଶୀ, ତଥାପି ଏପରି ଥଟ୍ଟା କରିବା ଉଚିତ ନୁହେଁ । ତୁମ ଛଡ଼ା ମୁଁ କୌଣସି ସ୍ତ୍ରୀକୁ ଭଲ ପାଇନି, ପାଇବନି, ପାଉନି । ତୁମେ ଏକମାତ୍ର······

ଆଉ ମୁଁ କଣ ··ସୁକେଶୀ ହସିଦେଲେ ।

ଏହି ସମୟରେ ଶିବନାଥ, ଝରକାର ଅନ୍ଧାକାରରୁ ବାହାରି କେହି ଜଣେ ଦ୍ରୁତପଦରେ ଚାଲିଯିବାର ଶୁଣିଲା । ସେ ଦୁଆରପାଖ ଅନ୍ଧକାରରେ ଠିଆ ହୋଇଥିଲା; କିନ୍ତୁ ଝରକା ସେପଟକୁ ମଧ୍ୟ ଅନ୍ଧକାର ଥିଲା । ସେଠି କେହି ଠିଆ ହୋଇ ରମାକାନ୍ତ ଓ ସୁକେଶୀଙ୍କ ପ୍ରେମାଳାପ ଶୁଣୁଥିବ ବୋଲି ତାର ଧାରଣା ନଥିଲା । ଦଉଡ଼ିଯାଇ କିଏ ଦେଖିବାକୁ ତାର ପ୍ରବୃତ୍ତି ହେଲା ନାହିଁ । ନାଟକର ଅନ୍ତିମଦୃଶ୍ୟ ଦେଖିବାକୁ ସେ ଯେପରି ଦୃଢ଼ପ୍ରତିଜ୍ଞ ହୋଇଥାଏ । ସେ ପୁଣି ଚାହିଁବା ବେଳକୁ ସୁକେଶୀ ରମାକାନ୍ତକୁ କହୁଥିଲେ—

ମୁଁ ଯାଉଛି ।

ହଉ ।

ସୁକେଶୀ ବାହାରିବା ପୂର୍ବରୁ ଶିବନାଥ କ୍ଷିପ୍ରପାଦରେ ଦାଣ୍ଡକୁ ଚାଲିଆସିଲା । ତଦରୁରେଟି ଲାଇଟ ଖମ୍ଭ ପାରହେବା ପରେ କଣ ଭାବି ସେ ଅନ୍ଧକାର ଦେଖି ଠିଆହେଲା । ପ୍ରାୟ ତିନି ଚାରି ମିନିଟ ପରେ ସୁକେଶୀ ରିକ୍‌ସାରେ ଆସିଲେ । ତାଙ୍କର ରିକ୍‌ସା ଲାଇଟ ଖମ୍ଭ ନିକଟବର୍ତ୍ତୀ ହେବାମାତ୍ରେ ଶିବନାଥ ରିକ୍‌ସାର ବାଟ ଓଗାଳି ଠିଆ ହୋଇଗଲା । ସୁକେଶୀ ଯାହା ଦେଖିଲେ ସେଥିରେ ଚମକି ପଡ଼ିଲେ ।

ତୁମେ !

ବଷାଦାକ୍ରାନ୍ତ ଶିବନାଥ—କୋଧବ୍ଵଂସାଈର୍ଷାବଦ୍ଵେଷଟ୍ତୃନ୍ୟ ପାଣ୍ଡୁର ମୁଖ—ରାଗିବ ସେ କାହା ଉପରେ ? ସୁକେଶୀ, ତାର ପ୍ରିୟତମା ? ଭାଇ, ତାର ପରମପୂଜ୍ୟ ? କାହିଁକି ରାଗିବ ? ଶିବନାଥର ମୁହଁ ଭାବଶୂନ୍ୟ ଥିଲା, ସେ ଯେପରି ଦିଗ୍‌ଭ୍ରାନ୍ତ, ସଂସାର ସ୍ୱରୂପ ବୋଧ କରି କିଏ ଯେପରି ତାକୁ ଜଣାଇଦେଇଛି । ନ ଜାଣିଥିଲେ ଭଲ ହୋଇଥାନ୍ତା ପରା !

ହଠାତ୍ ସୁକେଶୀ ଧୈର୍ଯ୍ୟ ସଂଗ୍ରହ କରି ପଚାରିଲେ ଶିବବାବୁ, ଆପଣ କେବେ ଆସିଲେ ?

ତୁମେ ମୋ ଚିଠି ପାଞ୍ଚୋଟି ପାଇଥିଲ ? ସ୍ୱର ଦୁର୍ବଳ ଓ ମନ୍ଦ । ଯେପରି ମୃତ୍ୟୁପୂର୍ବରୁ ମଣିଷ ଶେଷ ଆଶା ପ୍ରକଟ କରୁଛି ।

ବର୍ତ୍ତମାନ ତ ଗାଁ ଆଡ଼ୁ ଗାଡ଼ି ନାହିଁ ।

ତୁମେ ମୋ ଚିଠି ପାଇଥିଲ ?

ଆପଣ ଆସନ୍ତୁ ରିକ୍‌ସା ଉପରକୁ, ଭାଇଙ୍କ ଘର ବୋଧେ ଦେଖି ନାହାନ୍ତି ।

ତୁମେ ମୋ ଚିଠି ପାଇଥିଲ ? ଶିବନାଥର ସ୍ୱର ସମ୍ପୂର୍ଣ୍ଣ ଦୁର୍ବଳ ଓ ମନ୍ଦ ହୋଇ ଆସୁଥିଲା ।

ହଁ ।

ଶିବନାଥ ରିକ୍‌ସାର ବାଟ ଛାଡ଼ିଦେଇ ରାସ୍ତାକଡ଼କୁ ଆଡ଼େଇ ହୋଇଗଲା ।

ଯା ରିକ୍‌ସାବାଲା, ନମସ୍କାର ସୁକେଶୀ ଦେବୀ ।

ଶିବନାଥ ଟାଁ ଷ୍ଟେସନଟି ପହଞ୍ଚିବା ବେଳକୁ ବେଳ ପ୍ରହରେ ହୋଇଯାଇଥିଲା । ଗାଡ଼ି ପ୍ଲାଟଫର୍ମର ପ୍ରାୟ ଅଧାଯାଏଁ ଯାଇଥିବ, ହଠାତ୍ ପ୍ଲାଟଫର୍ମରୁ ଲୋକେ ରେଲଆଡ଼କୁ ଚାହିଁ 'ହାଁ, ହାଁ' କରି ଉଠିଲେ । ଶିବନାଥ ଝରକା ପାଖରେ ବସି ବାହାରକୁ ଚାହିଁଥିଲା । ଲୋକଙ୍କ ବିସ୍ଫାରିତ ନେତ୍ର ଓ ହାହାକାର ସେ ବୁଝି ପାରିଲାନି । ଗାଡ଼ି ବନ୍ଦ ହେବାମାତ୍ରେ ଓହ୍ଲାଇପଡ଼ି ପ୍ଲାଟଫର୍ମରେ ଜମା ହୋଇଥିବା ଭିଡ଼କୁ ଚାହିଁ ସେ ପଚାରିଲା—

ଭାଇ, କଣ ହେଲା ? କଥା କଣ ?

ସାନ୍ତରାପୁରଶାସନର ପାଗଳା ବ୍ରାହ୍ମଣ ଟୋକାଟା ମରିଗଲା ।

ମରିଗଲା ! କିପରି କେବେ ?

ହେଇଟି ପରା, ଏଇ ଗାଡ଼ିତଳେ—

···ଏଇ କେତେଦିନ ହେଲା ସେ ବ୍ରାହ୍ମଣ ଟୋକାଟା ନିତି ସନ୍ଧ୍ୟା ବେଳକୁ ପ୍ଲାଟଫର୍ମକୁ ଆସି ଗାଡ଼ି ଯିବା ଆସିବାକୁ ଲକ୍ଷ୍ୟ କରିଥାଏ । ପାଗଳା ବୋଲି ସମସ୍ତେ ଜାଣିଥିବାରୁ ଛୋଟ ଛୋଟ ପିଲା ତାକୁ ବାପୁ ବାପୁ ବୋଲି ଡାକିବା ଛଡ଼ା ଆଉ କେହି ତାର କାର୍ଯ୍ୟକଳାପକୁ ବିଶେଷ ଲକ୍ଷ୍ୟ କରୁ ନ ଥିଲେ । ସେ କାହାକୁ କିଛି ମାଗୁ ନ ଥିଲା, କେହି କେହି ସ୍ୱତଃପ୍ରବୃତ୍ତ ହୋଇ ତାକୁ ଖାଇବାକୁ ଆଣି ଦେଉଥିଲେ, ସେ ଖାଉଥିଲା ବା ଅନ୍ୟାନ୍ୟ ପିଲାଙ୍କୁ ବାଣ୍ଟି ଦେଉଥିଲା । ପ୍ରତିଦିନ ରାତି ଘଡ଼ିଏ ସରିକି

ସେ ଗାଁକୁ ଫେରଯାଏ, କାଲି ରାତ୍ରେ ସେ କାହିଁକି ଫେରିଲାନି ।
ବିଶ୍ରାମ ଘରେ ଶୋଇ ପଡ଼ିଲା । ସକାଳୁ ସକାଳୁ ଜନତା ଏକ୍‌ସପ୍ରେସ ଆସିବ ବୋଲି ଲାଇନ୍‌କ୍ଲିୟର ଘଣ୍ଟି ବାଜିବାରୁ ପାଗଳା ଯାଇ ପ୍ଲାଟଫର୍ମ ବେଞ୍ଚଉପରେ ବସି ଗାଡ଼ିକୁ ଚାହିଁ ରହିଲା । ମନରେ ତାର ଅନ୍ୟଦିନମାନଙ୍କପରି ସୁଖ ନ ଥାଏ । ଜଣେ କିଏ ପଚାରିଲା—କିରେ ପାଗଳା, କଣ ହୋଇଛିରେ, ଏପରି ବସିଛୁ କାହିଁକି ? କାଲି ରାତିରେ ଗାଁକୁ ଗଲୁନାହିଁ ?

ନା, ମୋ ମନ ଭଲ ଲାଗୁନି । ତୁମ ପାଖରେ ପଇସା ଅଛି ?

ପଇସା କଣ ହେବ ?

ଦିଅ ।

ଅପରିଚିତ ତାକୁ ଦୁଇପଇସା ଦେଇ ଚାଲିଗଲେ । ସେ ପଇସାକୁ ଧରି ପ୍ଲାଟଫର୍ମ ବାହାରେ ଥିବା ଚୁଡ଼ାଭଜା ଦୋକାନରୁ ଚୁଡ଼ା ଦୁଇପଇସାର କିଣି ଆଣି ପ୍ଲାଟଫର୍ମରେ ବୁଲୁଥିବା କୁକୁଡ଼ାଛୁଆଙ୍କ ଆଗରେ ବାଣ୍ଟିଦେଲା । କୁକୁଡ଼ାଗୁଡ଼ିକ ଆନନ୍ଦଧ୍ୱନି କରି ଚୁଡ଼ା ଖୁଣ୍ଟିବାକୁ ଲାଗିଲେ, ପାଗଳା ଦେଖୁଥାଏ । ଚୁଡ଼ା ଖୁଣ୍ଟି ଖୁଣ୍ଟି ଯଦି କୁକୁଡ଼ାଗୁଡ଼ିକ ପରସ୍ପର ମଧ୍ୟରେ କଳି କରୁଥାନ୍ତି ତା'ହେଲେ ସେ କହୁଥାଏ—

କଳି କରନାହିଁ, ଭାଗବାଣ୍ଟି ଖାଅ ।

ଯଦି କୌଣସି କୁକୁଡ଼ା ପ୍ଲାଟଫର୍ମରୁ ଖସିପଡ଼ି ଦେଇ ଲାଇନ ପାଖକୁ ଯିବାକୁ ଉପକ୍ରମ କରୁଥାଏ ତା'ହେଲେ ପାଗଳା ସଙ୍ଗେ ସଙ୍ଗେ ତାକୁ ସେଆଡ଼ୁ ଘଉଡ଼ାଇ ଆଣି କହୁଥାଏ—

ମରିବାକୁ ଇଚ୍ଛା ହେଉଛି କି ? ଘଣ୍ଟା ବାଜିଲଣି, ଗାଡ଼ି ଇଲେ ଆସିବ, ଜଣା ନାହିଁ ?

ଲୋକେ ଠିଆହୋଇ ମଜା ଦେଖୁଥାନ୍ତି । ଏହି ସମୟରେ ଗାଡ଼ି ଦୂରରୁ ଦେଖାଗଲା । ହଠାତ୍ ଗୋଟିଏ କୁକୁଡ଼ା-ପିଲା ମାଡ଼-ଗୋଳ ଲାଗି ଯେଉଁ ଲାଇନ୍‌ରେ ଗାଡ଼ି ଆସିବା କଥା ସେହି ଲାଇନ୍ ମଝିକୁ ଉଡ଼ି ଚାଲିଗଲା, ତା ପଛରେ ଆହୁରି ଦୁଇଟି କୁକୁଡ଼ାଛୁଆ ତାକୁ ଖୁମ୍ପିବାକୁ ଗୋଡ଼ାଇଥାନ୍ତି । ପାଗଳା ହାଁ, ହାଁ, କୁଆଡ଼େ ଯାଉଛ ମରିଯିବରେ, ମରିଯିବରେ କହି ଲାଇନ୍ ଉପରକୁ ଡେଇଁ ପଡ଼ିଲା···କାନାଡ଼ିଆନ ଇଞ୍ଜିନର ରୁଦ୍ରମୂର୍ତ୍ତି ସନ୍ନିକଟ ।

ପାଗଳାର ମୁହଁ, ମୁଣ୍ଡ ଛିନ୍‌ଛତର ହୋଇ ଯାଇଥିଲା । ଲାଇନ୍‌ଠୁ ବହୁଦୂରରେ ଗଣ୍ଡିଟି ପଡ଼ିଥିଲା । ମୁଣ୍ଡ ନ ଥାଇ ସୁଦ୍ଧା ଗଣ୍ଡି ଧକଉଥିଲା—ହାତ ମୁଠାରେ କୁକୁଡ଼ା ପିଲାଟି—ବଞ୍ଚିଥିଲା ।

କହୁଥିବା ଲୋକର କଥା ଶୁଣି ଲୋକେ ହା, ହା, କରୁ-ଥିଲେ । ଶିବନାଥ ଠିଆହୋଇ ଶୁଣୁଥିଲା ।

ପାଗଳା କଣ୍ଟୋର । କେଡ଼େ ସୁନ୍ଦର । ବୟସ ଊଣେଇଶ କୋଡ଼ିଏ ହେବ, ଶାସନରେ ମଜାମଜା କଥା କହେ ବୋଲି ତାକୁ ସମସ୍ତେ ପିଣ୍ଡାକୁ ଡାକଆଣି ତା କଥା ଶୁଣନ୍ତି । କେତେ କଥା ସେ କୁହେ—ବୋଲବାକ୍ ବତାଇଲେ ବେଳେ ବେଳେ ସେ କରିଦିଏ, ବେଳେ ବେଳେ ଯାହା କହିଥିବ ଠିକ୍ ତାର ଓଲଟା କରେ । ବାଁ ହାତରେ ଭାଗ ଭଲ ଲକ୍ଷ୍ୟ କରେ । କାହାର କିଛି କ୍ଷତି କରେନା, କେବଳ ବାପ୍ପା ବୋଲି କହିଦେଲେ ସେ ଯାହା ଛାଡ଼ େଉଠେ, ସାଂଘାତିକ ମଧ୍ୟ ବେଳେ ବେଳେ ହୋଇଯାଏ । ଟୋକା ଫୋପାଡ଼େ । କଏ ଜାଣିଥିଲା ତାର ଏହିପରି ମୃତ୍ୟୁ ହେବ ? ସାମାନ୍ୟ କୁକୁଡ଼ାଛୁଆ ପାଇଁ ପ୍ରାଣ ଦେଲା !

ମୃତ୍ୟୁ ଯଦି ସମସ୍ତଙ୍କର ଶେଷ ପରିଣତି ତାହେଲେ ଅନ୍ୟକୁ ସୁଖ ଯେତେ ଦେଇପାରିବ, ଦେବା ଉଚିତ ନୁହେଁ କି ?

ଶିବନାଥ ପ୍ଲାଟଫର୍ମରୁ ବାହାର ରାସ୍ତାରେ ଗୋଡ଼ଦେବା ବେଳକୁ ସ୍ନେହପ୍ରଭା ମହେଶ୍ୱର ପାତ୍ରୀଙ୍କ ସହ ଶଗଡ଼ରେ ଚଢ଼ୁଥିଲେ । ଶିବନାଥ ଶଗଡ଼ ପାଖକୁ ଯାଇ କହିଲା—ମଉସା ନମସ୍କାର, ସ୍ନେହକୁ କଣ ଆଣିବାକୁ ଯାଇଥିଲ ?

ହଁ, ଏଇ ଗାଡ଼ିରେ ତ ଆସିଲୁ ।

ମଉସା, ସ୍ନେହ ଖାଇପିଇ ବେଶ୍ ମୋଟା ହୋଇଯାଇଛନ୍ତି ?

ମୋଟା କେବେ ହେଲି, ଦୁଇ ତିନ ମାସରେ କଏ କଣ ମୋଟା ହୋଇଯାଏ ?

ସେଇଟି କଏ ସ୍ନେହ; ତୁମ ପଛରେ ଲୁଚିଛି ।

ମୋର ସାନ ନଣନ୍ଦ, ହେନା ।

ହେନା । ସେଇଥିପାଇଁ ପରା ଏତେ ଲାଜ, ତୁମ ପଛଆଡ଼େ ମୁହଁ ଲୁଚାଉଛି । ସନ୍ଧ୍ୟାପରେ ବାସିବେ, ନୁହଁ ? ହେ…ନା । ହଉ ମଉସା ଗାଁରେ ପୁଣି ଦେଖାହେବ, ମୁଁ ଯାଉଛି ।

ଶିବ, ଶୁଣ ଶୁଣ, ତୁମେ ଚାଲି ଚାଲି କାହିଁକି ଯିବ, ଆମର ଶଗଡ଼ ଖାଲି ଖାଲି ଗାଁକୁ ଯିବ, ତୁମେ ଚାଲି ଚାଲି ଗାଁକୁ ଯିବ ? ଇଏ କି ନ୍ୟାୟ !

ହଁ ବାବୁ, ଶଗଡ଼ ଉପରକୁ ଚାଲିଆସ ।

ଶିବନାଥ ଶଗଡ଼ ଉପରକୁ ଉଠିଗଲା । ବଳଦ ଯୋଚା ହୋଇ ସାରିଥିଲେ । ଶିବନାଥ ଉଠିବା ପରେ ପରେ ଶଗଡ଼ ଚାଲିଲା ।

ତୁମେ କୁଆଡ଼େ ଯାଇଥିଲ ଶିବ ? କେତେଦିନ ହେଲା ଗାଁରେ ନଥିଲ ?

ପ୍ରଶ୍ନ ଶୁଣି ଶିବନାଥ ଗମ୍ଭୀର ହୋଇଗଲା ।

କଟକ ଯାଇଥିଲି, ଭାଇ ଡକାଇ ପଠାଇଥିଲେ ।

ଭାଇ ଭଲ ଅଛନ୍ତି ?

ହଁ, ଭଲ ଅଛନ୍ତି । ଶିବନାଥ ହସିଲା, ଦୁଃଖରେ । ସ୍ନେହ ହସିଦେଲେ, ସୁଖରେ । ହେନା ହସିଦେଲା, ଦୁହିଁଙ୍କ ସୁଖରେ ।

ତୋ ନଣନ୍ଦ ଟି ଭାରି ହସକୁରା ତ ଦେଖୁଛି ।

ଦେବାଭାଇଙ୍କର କିଛି ଖବର ମିଳିଲା ?

ନା, କୁଆଡ଼େ ଚାଲିଗଲେ, ଚିଠି ଖଣ୍ଡେ ମଧ୍ୟ ଦେଉନାହାନ୍ତି ।

ଯେଉଁଠି ଥାନ୍ତୁ ଭଲରେ ଥାନ୍ତୁ, ତାଙ୍କର ଉନ୍ନତି ହେଉ ।

ଜଣେ ସଂସାରୀର ସିନା ଉନ୍ନତି ଅବନତି ସ୍ନେହ, ସନ୍ୟାସୀର ଆଉ ଉନ୍ନତି କଣ ?

ସତରେ ଯଦି ସନ୍ୟାସୀ ହୋଇଯାଇଥିବେ ତେବେ କେତେ କଷ୍ଟ ପାଉନଥିବେ, ଖାଇବାରେ ପିଇବାରେ କେତେ କଷ୍ଟ ଭୋଗୁ ନଥିବେ !

ସୁଖ ପାଇବା ପାଇଁ କିଏ କଣ ଆଉ ସନ୍ୟାସୀ ହୁଏ ?

ସ୍ନେହ ହଠାତ୍ ଆଖି ବୁଜିଦେଇ କାହା ଉଦ୍ଦେଶ୍ୟରେ ନମସ୍କାର କଲେ । ହେନା ପଚାରିଲା—ଭାଉଜ, ଗାଁ ଆଉ କେତେ ଦୂର ରହିଲା ?

ହେଇ ଦିଶୁଛି ତ ।

ଗାଁ ମୁଣ୍ଡଠି ଶିବନାଥ ଓହ୍ଲାଇ ପଡ଼ି ସ୍ନେହପ୍ରଭାଙ୍କୁ କହିଲା— ତୁମେ ତ ଦୁଇ ତିନି ମାସ ଗାଁରେ ରହିବ ନିଶ୍ଚେ । ମୁଁ କେବେ କେବେ ସୁବିଧା ହେଲେ ଆସିବି । ତୁମେ ତ ବର୍ତ୍ତମାନ ବୋହୂ, ନ ଡାକିଲେ ଆଉ ଆମ ଘରକୁ ଆସି ପାରିବନି ।

ସେତିକି ଦୟା ରଖିଥିବ ।

ଶିବନାଥ ସ୍ନେହଙ୍କୁ କିଶୋର ପାଗଳା ମରିଥିବା କଥା କହିଲାନି । ସେ ଜାଣିଥିଲା ସ୍ନେହ କିଶୋର ପାଗଳାକୁ ସ୍ନେହ

କରୁଥିଲେ । ଶୁଣିଲେ, ଗାଁକୁ ଏତେ ଦିନରେ ଆସିଛନ୍ତି, ମନଦୁଃଖ କରିବେ । ଟେଗଡ଼ରୁ ଓହ୍ଲାଇପଡ଼ି ଶିବନାଥ ପୀତାମ୍ବର ଘରକୁ ଗଲେ । ସାରସୀ ଅଗଣା ଓଳାଉ ଓଳାଉ ବ୍ୟସ୍ତ ହୋଇ ପୀତାମ୍ବରକୁ କହୁଥିଲେ—

କଲିକତାରୁ ଏତେ ଜିନଷ ଆଣିଥିଲି, ପାଗଳା ଆସିଲେ ଖାଇବ ବୋଲି । ସବୁବେଳେ ସନ୍ଧ୍ୟାପୂର୍ବରୁ ଫେରିଆସେ । କାଲିଠୁ କୁଆଡ଼େ ଯାଇଛି ଯେ ଆଜି ସକାଳ ହେଲା ଦେଖାନାହିଁ । କେଉଁଠି ତ ଶୋଇ ପଡ଼ିଥିବ, ଖମ୍ବକୁ ଆଉଜି କି ଗଛକୁ ଆଉଜି । ପୁଅ ନହୋଇଥିଲେ ବରଂ ଭଲ ହୋଇଥାନ୍ତା, ପାଗଳା ପୁଅ ହୋଇ ମୁଁ ସରିଗଲି । ଚିନ୍ତା ଚିନ୍ତାରେ ତ ମୋର ଅକାଳମୃତ୍ୟୁ ହୋଇଯିବ । ମରିଯାନ୍ତା ହେଲେ, ମଣିଷ ସୁଖରେ ଶୁଅନ୍ତା ଟିକଏ !

ଶିବନାଥ ଦାଣ୍ଡଦୁଆର ମେଲାଇବାରୁ ଶବ୍ଦ ହେଲା । ସାରସୀଙ୍କ କାନ ଦାଣ୍ଡଘରଆଡ଼େ ଥିଲା । ସେ ଶବ୍ଦ ଶୁଣିବା ମାତ୍ରେକେ ଆରମ୍ଭ କଲେ—

ଆସିଲୁ କିରେ ପାଗଳା, ଚୁଲିପଶା, ବାୟା !!.

ତାକୁ ବାୟା କହନ୍ତି ସାରସୀ ବାୟା କହିଲେ ତାର ମନ ଦୁଃଖ ହୁଏ ।

ବାୟାକୁ କଣ ବାୟା କହିବନି, ଭଲ କହିବ ?

ସେ ଫେରିବୁଲିଯିବ ସାରସୀ, ଗୋପୀନାଥଙ୍କ ଗଣ, କୁହନ୍ତି କି ତା ଉପରେ ରାଗନ୍ତି ।

ପୀତାମ୍ବର ପିଣ୍ଡାରୁ ଉଠିପଡ଼ି ମଧୁର କଣ୍ଠରେ 'କିଶୋର' କହି ଗୁଲି ଗୁଲି ହୋଇ ଦାଣ୍ଡ ଘରକୁ ଆସିଲା ।

ମଉସା···ଶିବନାଥ ଚୁପ ହୋଇଗଲେ ।

ଶିବନାଥ ! କୁଆଡ଼େ ଏଡ଼େ ସକାଳୁ, ଆମେ କିଶୋର ବୋଲି ଭାବିଥିଲୁ । ଆସ, ଆସ, ଘର ଭିତରକୁ ଆସ । ଦେଖି ବାବୁଙ୍କର କଣ କିଛି ଖବର ମିଳିଲା ?

ନା । ମଉସା, ମୁଁ କିଶୋର ସମ୍ବନ୍ଧରେ କହିବାକୁ ଆସିଛି ।

କଣ ? ଅଜଣା ଆଶଙ୍କାରେ ପୀତାମ୍ବରର ମୁହଁ କଳା ପଡ଼ିଗଲା । ବାମ ଚକ୍ଷୁ ଘନଘନ ଡେଇଁବାକୁ ଲାଗିଲା ।

**ବୋଉ**, ସ୍ନେହ ଗାଁକୁ ଆସିଛନ୍ତି ।

ବସୁନ୍ଧରା କଟକର ହାଲଚାଲ ପଚାରୁଥିଲେ । ଶିବନାଥ ନିତ୍ୟକର୍ମ ସାରି ଜଳଖିଆ ଖାଉଥିଲା ।

କେବେ ଆସିଲା ରେ ?

ଆଜି ମୁଁ ଯେଉଁ ଗାଡ଼ିରେ ଆସିଲି ସେମାନେ ସେଇ ଗାଡ଼ିରେ ଆସିଲେ । ଷ୍ଟେସନଠୁ ତାଙ୍କରି ଶଗଡ଼ରେ ଆସିଲି ।

ଯାହାହେଉ, ସ୍ନେହ ଭାଗ୍ୟକୁ ପ୍ରଶଂସା କରିବା କଥା, ଦରିଦ୍ର ଘରୁ ଯାହା କୁବେର ଘରକୁ ଗଲା ।

ବୋଉ, ସେ ବାହାହେବା ପୂର୍ବରୁ ସମସ୍ତେ ତାଙ୍କୁ ଖାଇବାକୁ ଡାକିଲେ । ଆମ ଘରକୁ ସେ ଏତେ ଯିବା ଆସିବା କରୁଥିଲେ, ତାଙ୍କ ବାହାଘରକୁ ତୁ ତାଙ୍କୁ ଶାଢ଼ୀ ଖଣ୍ଡେ କି ଅଳଙ୍କାର ଗୋଟେ ଦେଇଥିଲେ କଣ ଖରାପ ହୋଇଥାଆନ୍ତା ? ଖାଇବାକୁ ବି ଡାକିଲୁନି, ତୋତେ ସାହସ କରି କଏ କଣ କହିବ ?

କଣ ଟଙ୍କା ମାଗଣା ପଡ଼ିଛି କି ଯାହାକୁ ଇଚ୍ଛା ତାକୁ ମୁଁ ଅଳଙ୍କାର ବାଣ୍ଟିବି ?

ବୋଉ, ଏତେ ଟଙ୍କା ରଖି ଲାଭ କଣ ଯଦି ଆପଣାର ଲୋକଙ୍କୁ ଆମେ ସୁଖ ଦେଇ ନପାରିବା, ଲୋକଙ୍କୁ ଦୁଃଖ ବେଳେ ସାହାଯ୍ୟ କରି ନପାରିବା ?

ବାପ, ଭୁ ଟଙ୍କା ରୋଜଗାର କରୁଥିଲେ ଏକଥା କହି ନଥାନ୍ତୁ, ପ୍ରତ୍ୟେକ ପାହୁଲା ପାଇଁ ମଣିଷ ଯେତେ ଝାଳ ବୁହାଏ, ସେତକ କେବେ ଅନୁଭବ କଲେ ପଇସାର ମାହାତ୍ମ୍ୟ ଜାଣିବୁ ।

ଶିବନାଥ ବସୁନ୍ଧରଙ୍କ କଥାରେ କିଛି ନକହି ଚୁପଚାପ ଖାଇବାରେ ଲଗିଲା । ବସୁନ୍ଧର ଉଠି ଅନ୍ୟ କାମରେ ଚାଲିଗଲେ । ଖାଇସାରି ଶିବନାଥ ଡାଣ୍ଡକୁ ବାହାରିବା ମାତ୍ରକେ ଲୋକେ ପାଗଳାକିଶୋରର ମୃତ୍ୟୁକଥା କଥାବାର୍ତ୍ତା ହେଉଥିବା ସେ ଶୁଣିଲା । ଶିବନାଥ କିଶୋର ପାଗଳାର ମୃତ୍ୟୁକଥା ବସୁନ୍ଧରଙ୍କୁ କହିନଥିଲା । ତାରି ବଞ୍ଚିବା ଓ ମରିବାକୁ ସେ ସମାନଭାବେ ଗ୍ରହଣ କରିଥାନ୍ତେ । ଆଜି କାହା ସହ ମଧ୍ୟ ସେ ଏହି ବିଷୟରେ ଆଲୋଚନା କରିବାକୁ ପ୍ରସ୍ତୁତ ନଥିଲା । କାହିଁକି କେଜାଣି ତାର ଯେପରି ମନେ ହେଉଥିଲା କିଶୋରପାଗଳାର ମୃତ୍ୟୁ ତାରି ହୃଦୟ ଭିତରେ ହୋଇଛି । ଷ୍ଟେସନଠୁ ଦୁର୍ଘଟଣା ଦେଖିବାପରେ ଗୋଟିଏ ସ୍ମୃତି ତା ହୃଦୟରେ ବାରମ୍ବାର ଉଠିବାକୁ ଚେଷ୍ଟା କରୁଥିଲା; କିନ୍ତୁ ସେ ସେଘଟଣା ସହ ଯେପରି ଆଦୌ ସମ୍ପୃକ୍ତ ନୁହଁ ସେହିପରି ମନଭିତରେ ବାଁରେଇ ହେଉଥିଲା । ଡାଣ୍ଡରେ ଲୋକଙ୍କ କଥାବାର୍ତ୍ତା ଶୁଣି ସେ ସ୍ମୃତି ହୃଦୟ ଭିତରୁ ଶେଷରେ ବାହାରିପଡ଼ିଲା—

ସୁକେଶୀଙ୍କୁ ପାଇବାପାଇଁ ପାର୍ଥ ଓ ରାଘବଙ୍କ ପରାମର୍ଶରେ ସେ ତନ୍ତ୍ରସାଧନା କରିବାକୁ ଚନ୍ଦନକାଠ, ସୁତାଖଣ୍ଡି, ବାଉଁଶ ଡାଳ, ଖଣ୍ଡେ ତାଳପଟଇ ଧରି ପାର୍ଥ ଓ ରାଘବଙ୍କ ସହ ଯେତେବେଳେ ବାଉଁଶବଣ ଆଡ଼େ ଯାଉଥିଲା ସେହି ସମୟରେ—ଉଦ୍‌ଭିଦ ଆ ଢ଼ିପ୍ରହର ଯୋଗୁଁ ଗାଁଦାଣ୍ଡରେ କେହି ନଥିଲେ । ଏମାନେ ଟାଁ-ମୁଣ୍ଡି ହୋଇକିନ୍ତୁ ପାଗଳାକିଶୋର କୁଆଡ଼େ ଯାଇଥିଲା ଏମାନଙ୍କୁ ଭେଟିଲା । ପାଗଳାକୁ ଦେଖାଣ୍ଡର କରି ଏମାନେ ଚୋଟାଆଡ଼େ

ଯିବାକୁ ଆରମ୍ଭ କରିବାରୁ ପାଗଳା ପଛରୁ ପାଟିକଲା—କହିଦେବି, ରହିଥା, ରହିଥା। ମଉସାଙ୍କୁ କହିଦେବି, ବିପ୍ରହରେ ମାଛଧରି ଯାଉଛ !

ଶିବନାଥ ଡରରେ ପାର୍ଥକୁ ପଚାରିଲା—ହଇରେ, ପାଗଳଟା ସତରେ ଯାଇ ଘରେ କହିଦିଏ ?

ଏଇଲେ ପିନା ଉରାଉଛୁ, କିଛିସମୟ ପରେ ଭୁଲିଯାଇ ତା କାମରେ ସେ ବ୍ୟସ୍ତ ରହିବ। ତୁ ବ୍ୟସ୍ତ ହବା ଦରକାର ନାହିଁ। ପାର୍ଥ ଉତ୍ତର ଦେଲା।

କିନ୍ତୁ ଶେଷରେ ଶିବନାଥର ଆଶଙ୍କା ସତ୍ୟରେ ପରିଣତ ହେଲା। ପାଣୁଆ ଯେତେବେଳେ ଶିବନାଥକୁ ଖୋଜିବାକୁ ବାହାରିଲା ସେତେବେଳେ ପାଗଳାକିଶୋର ତାଙ୍କ ଦାଣ୍ଡ ପିଣ୍ଡା ଉପରୁ ପଚାରିଲା—

କିରେ ପାଣୁଆ, କୁଆଡ଼େ ଯାଉଚୁ ?

ଶିବନାଥବାବୁଙ୍କୁ ଖୋଜି ଖୋଜି ନିମ୍ନାନ୍ତ ହେଲାଣି। ବଡ଼-ବାବୁଙ୍କ ଅବସ୍ଥା ତେଣଣି ସାଂଘାତିକ।

ସେମାନେ ତ ତୋଟାଆଡ଼େ ମାଛଧରି ଗଲେ।

ମାଛ ଧରିବାଛଡ଼ା ଆଉ କୌଣସି ଉଦ୍ଦେଶ୍ୟରେ କେହି ବାଉଁଶବଣଆଡ଼େ ଦ୍ୱିପ୍ରହରେ ଯାଇପାରିବା କଥା ପାଗଳାର କଳ୍ପନାର ବହିର୍ଭୂତ ଜିନିଷ ଥିଲା।

ବୋଉଙ୍କଠୁ ମାଡ଼ ଖାଇବାପରେ ଶିବନାଥ ପାଣୁଆଠୁ କୌଣସିମତେ କଥା ଆଦାୟ କରିସାରି ପାଗଳାକୁ ଉପଯୁକ୍ତ ଶାସ୍ତି ଦେବ ବୋଲି ମନେମନେ ପ୍ରତିଜ୍ଞା କଲା।

ପାଗଳାଟା ପାଗଳ ହେଲେ ମଧ୍ୟ ବ୍ରାହ୍ମଣୋଚିତ ସଂସ୍କାର ମାନ ତକୁଥିଲା। ଆଠବର୍ଷ ବେଳକୁ ତାର ଉପନୟନସଂସ୍କାର ସରି-ଯାଇଥିଲା। ପ୍ରତ୍ୟହ ସେ ଖୁବ ସକାଳୁ ଗାଧୋଇପକାଏ।

ଏବେ ଶିବନାଥ ପୋଖରୀ ଆଡ଼େ ଖୁବ୍ ସକାଳୁ ବାହାରିଲା । ତାର ଅନୁମାନ ଠିକ୍ ହେଲା । ପାଗଳା ଗାଧୋଇ ସାରି ପୋଛୁପୋଛୁ ହେଉଥାଏ । ପୋଖରୀ ତୁଠରେ ଆଉ କେହି ନ ଥାନ୍ତି । ମଣ୍ଡପ ଉପରେ ଜଣେ ଦୁଇଜଣ ବ୍ରାହ୍ମଣ ଶିବମହିମ୍ନ ସ୍ତୋତ୍ର ପଢ଼ିବାରେ ମଗ୍ନ । ଶିବନାଥ ଧୀରେ ଧୀରେ ଯାଇ ପାଗଳା ପଛରେ ଠିଆ-ହେଲା । ପାଗଳା ଶିବନାଥକୁ ଏମିତି ଛପି ଛପି ଆସିବା ଦେଖି ହସି ଦେଲା । କିନ୍ତୁ ପରମୁହୂର୍ତ୍ତରେ ଝପ୍‌କିନା ପୋଖରୀରେ ଶବ୍ଦ ହେଲା । ପାଗଳା ପାଣିରେ ଉବୁଟୁବୁ ହେଉଥାଏ । ପାଣିରେ ଦୁଇ ତିନଥର ଉବୁଟୁବୁ ହୋଇ ପାଗଳା କୌଣସିମତେ ପଥର ପାହାଚରେ ଗୋଡ଼ ଦେଇ ସିଧା ହୋଇ ଠିଆହେଲା । ଶିବନାଥ ପାଗଳାଠୁ ତା କାର୍ଯ୍ୟର ପ୍ରତିବାଦ ଆଶଙ୍କା କରୁଥାଏ । କିନ୍ତୁ ପାଗଳା ଶିବନାଥ ଆଡ଼କୁ କେବଳ ଚାହିଁଲା, ଜୁ କୁ ଜୁ କୁ କରି— ଆଖିରେ ଅଭିମାନ, ଅଭିଯୋଗ । 'ମଜା ପାଇଲୁ'—ଶିବନାଥର ରାଗ ସରି ନ ଥାଏ । ପାଗଳା ଉଁ କି ଚୁଁ କିଛି ହେଲାନି, ଶିବନାଥ ଲୋକ ତୁଠକୁ ଗାଧୋଇବାକୁ ଆସୁ-ଥିବା ଦେଖି ଚାଲିଗଲା ।

ପରେ ସେ ଶୁଣିଲା—ପାଗଳା ପାଣିରେ ଦିନ ବାରଟା ଯାଏଁ ବେହୋସପରି ଠିଆ ହୋଇ ରହିଥିଲା, କାହାକୁ କିଛି ନ କହି, ଯିଏ ଯେତେ ଡାକିଲେ ପାଣିରୁ ନ ଆସି । ଲୋକେ ପାଗଳା ଅବିଚଳିତ ଭାବେ ଏକ ସ୍ଥାନରେ ଠିଆହୋଇ କୂଳଆଡ଼କୁ ଚାହିଁ ରହିବା ଦେଖି ଆଶ୍ଚର୍ଯ୍ୟ ହେଲେ, ପାଗଳାର ପାଗଳାମି ହଠାତ୍ ବଢ଼ିଯିବାର କାରଣ କେହି ଅନୁମାନ କରି ପାରିଲେନି । ଶେଷରେ ସାରସୀ ବହୁତ ଅନୁନୟ ବିନୟ କରିବା ପରେ ସେ ପାଣି ଭିତରୁ ଉଠିଥିଲା । ସେତେବେଳକୁ ତା ଦେହର ରୋମାବଳୀ ଠାକୁରି ଯାଇଥିଲା, ଶୀତରେ ସେ ଠକ୍‌ଠକ୍ ହୋଇ ଥରୁଥିଲା । ତା'ପରେ

ତାକୁ ଜର ହେଲା; କିନ୍ତୁ ସିଏ ଯେତେ ପଚାରିଲେ ମଧ୍ୟ ସେ ପାଣି ଭିତରେ ଠିଆହୋଇ ରହିବାର କାରଣ କାହାକୁ କହି ନ ଥିଲା ।

ଶିବନାଥ ଆଖିରୁ ଲୁହ ବୋହିଗଲା । ଗାଁରେ କେହି ଜାଣନ୍ତିନ, କାହିଁକି, କେଉଁ କାରଣରୁ ପାଗଳା ପାଣି ଭିତରେ ଚାରି ପାଞ୍ଚଘଣ୍ଟା ଠିଆ ହୋଇ ରହିଲା । ଏତେ ଚଞ୍ଚଳ ସେ ମରିଯିବ ବୋଲି ଯଦି ଶିବନାଥ ଜାଣିଥାନ୍ତା ତାହେଲେ କଣ ତାକୁ ଠେଲି ଦେଇଥାନ୍ତା ! ଠେଲିଦେଇ ସାରିବା ପରେ କଣ କ୍ଷମା ମାଗି ନଥାନ୍ତା ! ଜର ବେଳେ ସବୁ କାମ ଛାଡ଼ିଛୁଡ଼ି ଦେଇ ତାର ସେବା ଶୁଶ୍ରୂଷା କରି ନ ଥାନ୍ତା !

ଜର ଭଲହେବା ପରେ କେତେଥର ପାଗଳା ସହ ତାର ଦେଖା ହୋଇଛି, କେତେଥର ସେ କଣ କହିବାକୁ ଶିବନାଥପାଖକୁ ଆସିଛି; କିନ୍ତୁ କାର୍ଯ୍ୟବ୍ୟସ୍ତ ରହି ଶିବନାଥ ତା କଥା ଶୁଣିନ, ତା ସହିତ ଦଣ୍ଡେ କଟାଇବାକୁ ମଧ୍ୟ ସମୟ ପାଇନ । କଣ ସେ ତାକୁ କହିବାକୁ ଇଚ୍ଛା କରୁଥିଲା ? ପାଣିଆକୁ ସେଦିନ ଦ୍ୱିପ୍ରହରେ ତା କଥା କହି ଦେଇଥିବା ଯୋଗୁ କ୍ଷମା ମାଗିବାକୁ ଆସୁଥିଲା ? ନା ତାର ଅଭିମାନ ଅଭି ଯୋଗ ବାଢ଼ିବାକୁ ! ଯାହାହେଉ, ତା ସହିତ ଦିପଦ କଥାବାର୍ତ୍ତା ହୋଇଥିଲେ ପାଗଳାକୁ ସୁଖ ତ ଲାଗିଥାନ୍ତା—କିନ୍ତୁ ସେତେବେଳେ ସେ ଭାବିଥିଲା ପାଗଳା ସହ କଥାବାର୍ତ୍ତା ହେବା ଅର୍ଥ ସମୟ ନଷ୍ଟ କରିବା ।

···ଶିବନାଥ, ହତଭାଗା ଦୁଷ୍ଟ ଶିବନାଥ, କେତେ ଆତ୍ମାକୁ ତୁ କଷ୍ଟ ଦେଉଛୁ, କନ୍ଦାଉଛୁ । ହା—ଭଗବାନ୍, ଏତେ ଚଞ୍ଚଳ ପାଗଳା ମରିଯିବ ବୋଲି ଜାଣିଥିଲେ ଶିବନାଥ କଣ ତାକୁ ନ କୁଣ୍ଢାଇ ଛାଡ଼ିଥାନ୍ତା —ଯେତେ ନିରର୍ଥକ କଥା ହୋଇଥିଲେ ମଧ୍ୟ କଣ ପଦେ ଦୁଇପଦ ତାଠୁ ଶୁଣି ନଥାନ୍ତା !

କଶୋର ! ତୁ ତ ମୋର ସାଙ୍ଗ, ଆରେ, ଆରେ, କୁଣ୍ଢାକୁଣ୍ଢି ହିଁକଏ ହୋଇଯିବା, ମରି ତ ତୁ ଯିବୁ, ତା'ପରେ କଣ ଯେତେ ଖୋଜିଲେ, ଲକ୍ଷେ ଯତ୍ନ କଲେ ଆଉ ମୁଁ ତୋତେ ପାଇବି ! ଆ, ଆ, ଯାହା କରୁଛୁ କର—ଯାହା ମାଗୁଛୁ ତା ଦେବ, ପାଣିଆକୁ କହ୍ନି-ଦେଇଛୁ ବୋଲି କଛି ସଙ୍କୋଚ କର ନା, ପାଣିରେ ଠେଲିଦେଲି ବୋଲି ରାଗୁ ଛୁ, କ୍ଷମା କରିଦେ ଭାଇ, ମରିବା ପୂର୍ବରୁ କ୍ଷମା କରିଦେ, ମରିଗଲେ ତୁ, ଆଉ କଣ ଦେଖା ଦେଖି ହବା । କୁଆଡ଼େ ଯିବୁ ତୁ......

ଶିବନାଥର ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଉଥାଏ ।

ଏଇ ଯେଉଁ ଗାଁର ପୁରୋହିତ ଗୁଣ୍ଡି ଯାଉଛନ୍ତି ସେ ମଧ୍ୟ ଦିନେ ମରିବେ । ତାଙ୍କର ସୁନ୍ଦର ଶରୀରକୁ ନିଆଁ ଲଗାଇ ଦିଆଯିବ । ସବୁ ପୋଡ଼ିପାଡ଼ି ଦେଇ ଜ୍ଞାତିମାନେ ଫେରିବେ । କାହିଁକି ଏତେ ଗର୍ବ, କାହିଁକି ଏତେ ଅହଙ୍କାର ! ଆହା, କିଏ କାହାକୁ ଗାଳିଦେବା କଣ ଉଚିତ ? ଚିରନ୍ତନ ହୋଇ କିଏ ସିନା ରହିଲେ ତା ସହିତ ନିଶିଷ ବାଦବିବାଦ କରନ୍ତା, ନିଷ୍ଠୁର କଥା କହି ତା ଆତ୍ମାକୁ କ୍ଷତବିକ୍ଷତ କରିପକାନ୍ତା, କୁଟକପଟ କରି ତାକୁ ତାର ଆତ୍ମୀୟମାନଙ୍କଠୁ ଭିନ୍ନ କରିଦିଅନ୍ତା, କିନ୍ତୁ ସିଏ ତ ମରିଯିବ । ସମସ୍ତେ ତ ମରିଯିବେ । ସମସ୍ତଙ୍କ ପରି ବାହାରକୁ ଯେ ଯାହା ଦିଶୁ, ତା ମନରେ ମଧ୍ୟ ତ ଦ୍ୱନ୍ଦ୍ୱ ଥିବ ଯାହାର ସମାଧାନ ସେ କରିପାରୁ ନଥିବ, ଆଶାଥିବ ଯାହା କେବେହେଲେ ପୂରଣ ହୋଇପାରୁ ନଥିବ, ଆତ୍ମୀୟମାନେ ପ୍ରତାରଣା କରୁଥିବେ ସେ କଲବଲ ହେଉଥିବ; ଖାଲି ଆଖିରେ ସେ ପାଣି ପିଇବାକୁ ଇଚ୍ଛାକରି ମରୀଚିକା ଦେଖୁଥିବ । ହା ଭଗବାନ୍, ଏପରି ଯଦି ସମସ୍ତେ, ଏପରି ଯଦି ସଂସାର ତାହାଲେ

କା'କୁ କଣ କଷ୍ଟ ଦେବା ଉଚିତ, ଧିକ୍କାର କରିବା ଉଚିତ, ପାପୀ, ନୀଚ ବୋଲି ଘୃଣା କରିବା ଉଚିତ !!

ସମସ୍ତଙ୍କୁ ନିଜ ସାଧ୍ୟାନୁଯାୟୀ ସୁଖଦେବା ଉଚିତ, ଦୋଷ ଦେଖିଲେ କ୍ଷମା କରିଦେବା ଉଚିତ……ବୋଉ ମଧ୍ୟ ମରିଯିବ, ବୋଉ ମଧ୍ୟ ମରିଯିବ ! ଯେଉଁ ହାଡ଼, ମାଂସ ଏତେ ସୁନ୍ଦର ରୂପ ଧାରଣ କରିଛି, ସେଗୁଡ଼ିକ ଶ୍ମଶାନରେ, ଖରାରେ, ବର୍ଷାରେ ପଡ଼ିଥିବ, କେହି ଚାହିଁବେ ନାହିଁ ।

କଣ ଏ ସଂସାର, କେତେଦିନ ବଞ୍ଚିବ, କାହିଁକି କାହାକୁ କଷ୍ଟ ଦେବ ! ସମସ୍ତଙ୍କୁ ସୁଖ ଦେବ, ନିଜେ ପଛେ ଦୁଃଖ କଷ୍ଟ ପାଇବ, ବଞ୍ଚିଥିବାଯାକେ ସମସ୍ତଙ୍କୁ, ସମସ୍ତଙ୍କୁ ସୁଖ ଦେବ ।

ବୋଉ ! ବୋଉ !! ଶିବନାଥ ପାଟି କରି ଘର ଭିତରକୁ ଦଉଡ଼ିଗଲା ।

କଣ ରେ ?

ବୋଉ, ମୋତେ କ୍ଷମା ଦେ । ତୋତେ ମୁଁ ରାଗିକି କେତେକଥା କହିଛି ! ମୋତେ କ୍ଷମା ଦେ, ବୋଉ, କ୍ଷମାଦେ ।

ଶିବନାଥ ବସୁନ୍ଧରାଙ୍କୁ କୁଣ୍ଢାଇ ପକାଇଲା । ବସୁନ୍ଧରା ଶିବନାଥର ବ୍ୟବହାରରେ ଆଶ୍ଚର୍ଯ୍ୟ ହେଉଥିଲେ ।

ରଜନୀ ଅନ୍ଧକାରରେ ଠିଆ ହୋଇ ସୁକେଶୀ ଓ ରମାକାନ୍ତର କଥାବାର୍ତ୍ତା ଶୁଣୁଥିଲେ । ରମାକାନ୍ତ ତାଙ୍କୁ ଭଲ ପାଉନି କହିବାବେଳେ ତାଙ୍କ ପାଦତଳୁ ଭୂମି ଖସିଗଲା ପରି ମନେ ହେଉଥାଏ । ରମାକାନ୍ତ ଏତେବେଶି ଛଳନାମୟ ହେବ ବୋଲି ତାଙ୍କର ବିଶ୍ୱାସ ହେବାକୁ ସମୟ ଲାଗିଲା । ଶେଷରେ ଯେତେବେଳେ ଦୁହିଁଙ୍କ ମଧ୍ୟରେ ସମ୍ଭାଷଣ ସମାପ୍ତ ହେବାକୁ ବସିଲା, ସେତେବେଳକୁ ରଜନୀ ଜାଣିଲେ, ସାଙ୍ଗସାଥିମାନଙ୍କର ଆଶଙ୍କା ଠିକ୍ ହେଲା; ରମାକାନ୍ତ ତାଙ୍କ ସହିତ ପ୍ରତାରଣା କରିଛି ।

ରମାକାନ୍ତକୁ ଛାଡ଼ିଦେଲେ କେବେ କୌଣସି ଯୁବକ ରଜନୀଙ୍କୁ ଭଲ ପାଇ ନଥିଲେ, ସହାନୁଭୂତି ଦେଖାଇବାକୁ ବି ଇଚ୍ଛା କରି ନଥିଲେ । ସମସ୍ତେ ତାଙ୍କର ଅସୁନ୍ଦରତାରେ ହସିଥିଲେ, ତାଙ୍କର ସ୍ଥୂଳଶରୀର ସମସ୍ତଙ୍କୁ ଆନନ୍ଦ ଦେଇଥିଲା । ରମାକାନ୍ତର ବ୍ୟବହାର, ସହାନୁଭୂତି ଦେଖି ରଜନୀ ଭାବିଥିଲେ ରମାକାନ୍ତ ତାଙ୍କୁ ଭଲ ପାଉଛି । ସେ ଧନୀର ଦୁଲାଳୀ ବୋଲି ଉପରେ କିଛି କହିପାରୁନି, ସାହସ କରୁନି । ବାଧ ହୋଇ ଲଜ୍ଜାସଙ୍କୋଚ ଛାଡ଼ି ତାଙ୍କୁ ପ୍ରେମପଥରେ ଅଗ୍ରସର ହୋଇଯିବାକୁ ପଡ଼ିଲା—ରମାକାନ୍ତ ସହ ସେ କେତେ ବୁଲିଛନ୍ତି, ଖେଳିଛନ୍ତି, ହୋଟେଲ୍‌ରେ ଖାଇଛନ୍ତି । କେତେ ସନ୍ଧ୍ୟା ନଦୀକୂଳରେ କାଟି ଦେଇଛନ୍ତି ! ଶେଷରେ···!

ରଜନୀଙ୍କ ହୃଦୟ ଏତେବଡ଼ ଛଳନାରେ ହାହାକାର କରି ଉଠୁଥାଏ ।

ରମାକାନ୍ତ ଯଦି ତାଙ୍କୁ ପ୍ରକୃତରେ ଭଲ ପାଉ ନ ଥିଲା, ତାହେଲେ ଅନ୍ୟମାନଙ୍କ ପରି ତାଙ୍କଠୁ ଦୂରେଇ ରହିଥିଲେ ତ ଚଳିଥାନ୍ତା । ତାଙ୍କୁ ତ ସେ ପରିଷ୍କାର କହିଦେଇ ପାରିଥାଆନ୍ତା—ରଜନୀ, ମୁଁ ତୁମକୁ ଭଲ ପାଏନି, ତୁମେ କାହିଁକି ଉପରେ ପଡ଼ି ମୋତେ ଭଲ ପାଉଛ ?

ଯଦି ଖୋଲିକି କହିବାକୁ ତାର ସାହସ ନ ଥିଲା ତାହେଲେ ଅନ୍ୟ କୌଣସି ଭାବେ ତ କହିପାରିଥାନ୍ତା । ଭଲ ପାଇବାର ଅଭିନୟ କାହିଁକି କରୁଥିଲା ? ଜଣେ କେହି ସଙ୍ଗିନୀ କହିଥିଲେ—ରମାକାନ୍ତ ବଡ଼ ଅର୍ଥଲୋଲୁପ ରଜନୀ ! ତୁ ନୁହଁ, ତୋର ଟଙ୍କା ତାକୁ ଆକର୍ଷଣ କରିଛି । ତୋ ଟଙ୍କାକୁ ସେ ଭଲ ପାଏ ।

ରଜନୀ ସେତେବେଳେ ତା କଥାକୁ ବିଶ୍ୱାସ କରି ନ ଥିଲେ । ସତରେ କଣ ଟଙ୍କା ମଣିଷକୁ ଏତେ ଘୃଣ୍ୟ, ଏତେ ସ୍ୱାର୍ଥପର କରି ଦେଇପାରେ ? କାହିଁ, ସେ ତ କେବେ ଟଙ୍କାକୁ ଏତେ ମହତ୍ତ୍ୱ ଦେଇ ନାହାନ୍ତି । ଯେତେବେଳେ ରମାକାନ୍ତ ତାଙ୍କୁ ଯେତେ ଟଙ୍କା ମାଗିଛି ସେତେ ଟଙ୍କା ତାକୁ ଅକୁଣ୍ଠିତ ଚିତ୍ତରେ ସେ ଦେଇ ଦେଇଛନ୍ତି । ତାର ହିସାବ ସେ ରଖିନାହାନ୍ତି ।

କାହିଁକି ରମାକାନ୍ତ ତାଙ୍କ ସହିତ ହିନ୍ଦୁବିଧିରେ ବିବାହ କରିବାକୁ ଅନିଚ୍ଛୁକ ଥିଲା । ଭାବନା, କୁସଂସ୍କାର ? ହିନ୍ଦୁ ରୀତିରେ ବିବାହକରି ତ୍ୟାଗ କଲେ ଲୋକ ଛିଛିକାର କରିବେ, ରମାକାନ୍ତର ଭାବୁକତା ବାଧାପାଇବ, କାରଣ ତାର ପରମ୍ପରା ହିନ୍ଦୁସଂସ୍କୃତି ଉପରେ ପ୍ରତିଷ୍ଠିତ ହୋଇଛି । ସନାତନ ହିନ୍ଦୁବିବାହ ପ୍ରଥାରେ ଗୁଡ଼ପଣ ବୋଲି କିଛି ଜିନିଷ ନାହିଁ । ରେଜିଷ୍ଟାର୍ଡ "ମ୍ୟାରେଜ୍" କରିଥିଲେ ବିବାହ

କଲାପରି ଲାଗିବନି, ତେଣୁ ଅକୁଣ୍ଠିତ ଚିତ୍ତରେ ସ୍ୱତ୍ତ୍ୱପତ୍ର ଦେଇ ଦେବ, ମନରେ ଦ୍ୱିଧା ବା ଗ୍ଲାନି ରହିବନି। ତାଙ୍କୁ ବିବାହ କରି ତାଙ୍କର ଟଙ୍କାକୁ ଆତ୍ମସାତ୍ କରି ତିନି ଚାରିବର୍ଷ ପରେ ତାଙ୍କୁ ରମାକାନ୍ତ ତାହେଲେ ପରିତ୍ୟାଗ କରିଥାନ୍ତା ! ସେଇ କଳ୍ପନା ତା ମନରେ ଥିଲା। ଉଃ...।

ରଜନୀ ଶୋଇବା ଘରକୁ ପଶିଯାଇ ଆଲୁଅକୁ ଟିପିଦେଲେ। ଦୁଆର କିଳିଦେଲେ। ସତରେ କଣ ସେ ଅସୁନ୍ଦରୀ, ତା ଆଜି ତାଙ୍କୁ ଦେଖିବାକୁ ହେବ। କାନ୍ଥ ଦର୍ପଣ ଆଗରେ ସେ ଠିଆ ହେଲେ। ସମସ୍ତ ଶରୀର ପ୍ରତିଫଳିତ ହେଉଥାଏ ବଡ଼ ଦର୍ପଣରେ।

ଦର୍ପଣ ଆଗ ଟେବୁଲ୍ ଉପରେ ରଜନୀ ବହୁପଡ଼ ସୁବର୍ଣ୍ଣ ଅଳଙ୍କାର ଗୁଡ଼ିକୁ ବାହାର କରି ରଖିଦେଲେ। ବର୍ତ୍ତମାନ ସେ ନିଜ ଶରୀରକୁ ଚାହିଁବେ, ସବୁବେଳେ ଯେଉଁ ଦୃଷ୍ଟିରେ ଚାହୁଁଥିଲେ ସେହି ପରିଚିତ ଦୃଷ୍ଟିରେ ନୁହେଁ। ପୁରୁଷଙ୍କ ଦୃଷ୍ଟିରୁ ଚାହିଁବେ, ରମାକାନ୍ତର ଆଖିରେ ଚାହିଁବେ, ସତରେ କଣ ସେ ଏତେ ଅସୁନ୍ଦରୀ ଯେ କୌଣସି ପୁରୁଷ ତାଙ୍କୁ ପ୍ରେମ କରିବାକୁ ଇଚ୍ଛା କରିବନି !

ରକ୍ତଶ୍ୟାମରଙ୍ଗ, କେଶରେ ତରଙ୍ଗ, ମସୃଣତା ମଧ୍ୟ ଅଛି। କ୍ଷୁଦ୍ର ଲଲାଟ, ସିଧା ଭ୍ରୂଯୁଗଳ, ବଡ଼ ବଡ଼ ଆଖି କିନ୍ତୁ ଲମ୍ବା ନୁହେଁ, ମୋଟା ଆଖିପତା—ଗଣ୍ଡ ଅତ୍ୟଧିକ ମାଂସଳ—ସେଇଥି-ପାଇଁ ବୋଧେ ଆଖି ଲମ୍ବା ଦିଶୁନି। ନାକ ବେଶୀ ଉଚ୍ଚ ନୁହେଁ, ଅଗ୍ରଭାଗ ବିଶେଷ ପ୍ରଶସ୍ତ। ମୋଟା ଓ ଛୋଟ ବେକ, କାନ୍ଧରେ ହାଡ଼ ନାହିଁ—ବକ୍ଷ କୋମଳ ଓ ବିଶାଳ—ଅଣ୍ଟାପାଖ ମୋଟା—

ତାହେଲେ ସେ ସ୍ଥୂଳକାୟା ଓ ଅସୁନ୍ଦରୀ।

ରଜନୀଙ୍କର ମୁଣ୍ଡ ବୁଲାଇଗଲା। ସେ ନିଜେ ଭୁଲ ଦେଖୁଛନ୍ତି। ତାଙ୍କର ଆଖି ଖରାପ ହୋଇଯାଇଛି। ଆଖି ଯଦି ଖରାପ ନୁହେଁ,

ଭୁଲ ଯଦି ସେ ଦେଖୁ ନାହାନ୍ତି ତାହେଲେ ଯାହା ଦେଖୁଛନ୍ତି ସେଥିପ୍ରତି ତାଙ୍କର ବିଶ୍ୱାସ କାହିଁକି ହେଉନି । ନା, ନା, ଏ ଶରୀର ତାହେଲେ ତାଙ୍କର ନୁହଁ ।

ହଠାତ୍ ରଜନୀଙ୍କୁ ଲାଗିଲା ସେ ଯେପରି ପାଗଳ ହୋଇ-ଯାଉଛନ୍ତି । ଆଉ ସମ୍ଭାଳି ପାରିଲେନି ସେ, ଖଟ ଉପରକୁ ଯାଇ ମୁହଁମାଡ଼ି ଶୋଇ ଭୋ ଭୋ କରି କାନ୍ଦି ପକାଇଲେ ।

କୋଉ, ମୁଁ କାହିଁକି ଅସୁନ୍ଦର ହେଲି ? ଶରୀର କଣ ସବୁ, ମୋର ଓ ସୁକେଶୀଙ୍କ ଶରୀର ମଧ୍ୟରେ କଣ ଭିନ୍ନତା ରହିଛି ? ପ୍ରକୃତରେ ଦେଖିବାକୁ ଗଲେ କିଛି ତ ନୁହେଁ । ସୁନ୍ଦରୀ ସ୍ତ୍ରୀ ହୋଇଥିବ, ଅଥଚ ସ୍ୱାମୀକୁ ଭଲ ପାଉ ନ ଥିବ, ତାହେଲେ ଚମୁପାତଳୀ ସିଂହକଟି ହୋଇ ଲାଭ କଣ ? ସୁନ୍ଦରୀ ସ୍ତ୍ରୀମାନେ କଣ ସବୁବେଳେ ସାଧ୍ୱୀ ପତିବ୍ରତା ହୁଅନ୍ତି ? ସ୍ୱାମୀଙ୍କୁ ଶାନ୍ତି ଦିଅନ୍ତି ? ଅଧିକାଂଶ ସ୍ଥଳରେ ତ ନୁହେଁ । ମୋର କଣ ହୃଦୟ ନାହିଁ । ଶରୀରଟା ସିନା ଅସୁନ୍ଦର, ମନ ହୃଦୟ ବ୍ୟବହାର ସବୁ ସୁନ୍ଦର ତ । ମୋ ଅସୁନ୍ଦରତା ପାଇଁ କଣ ମୁଁ ଦାୟୀ ? କାହିଁକି ଭଗବାନ୍, ମୋତେ ଭଲ ପାଇବାକୁ କ୍ଷମତା ଦେଇ ଅସୁନ୍ଦର କଲ ? ମୋତେ ଅନ୍ଧ କରିଦେଲନି, କାହାକୁ ଦେଖି ନ ପାରି ମୁଁ ସନ୍ତୁଷ୍ଟ ଥାନ୍ତି, ବଧିର କରିଦେଲନି, କାହାର ଛଳନାପୂର୍ଣ୍ଣ ବାଣୀ ଶୁଣି ନ ପାରି ନିଜ ସୁଖରେ ନିଜେ ଥାନ୍ତି । ଆଶା ତ ହୃଦୟରେ ଦେଲ, ସାମର୍ଥ୍ୟ କାହିଁକି ଦେଲନି ? ହେ ଭଗବାନ୍ ଏ କେଉଁ ନ୍ୟାୟ, କେଉଁ ବିଧାନ !

ରଜନୀ ତକିଆରେ ମୁହଁକୁ ମାଡ଼ି କାନ୍ଦିବାର ସେତେବେଳକୁ କୋଡ଼ିଏ ପଚିଶ ମିନିଟ୍ ହୋଇଯାଇଥିଲା । କୋହ ବନ୍ଦ ହୋଇ

ଆସୁଥିଲା । ଶେଷରୁ ସେ ଉଠି ବସିପଡ଼ିଲେ । ସେ ଯେପରି ମନେ ମନେ କଣ ଠିକ୍ କରୁଥାନ୍ତି ।

ଅଳଙ୍କାରଗୁଡ଼ିକୁ ସେ ନିଜର ଭ୍ୟାନିଟିବ୍ୟାଗରେ ପୂରାଇଲେ । ଲିଭ୍‌ଙ୍କ ଦୋକାନ ସକାଳ ସାଢ଼େ ସାତଟାରେ ଖୋଲେ । ଏଗାରଟା ବେଳକୁ ସେ ଯିବେ । ସେହି ଦୋକାନରୁ ସବୁ ଗହଣା କିଣା ହୋଇଥିଲା । ବିକ୍ରୀ କରିଦେଲେ ଅନ୍ୟୂନ ପାଞ୍ଚହଜାର ଟଙ୍କା ହେବ ।

ଆନନ୍ଦରେ ରଜନୀଙ୍କ ଚକ୍ଷୁ ଉଜ୍ଜ୍ୱଳ ହୋଇ ଉଠିଲା । କୌଣସି ଦୂର ସ୍ୱପ୍ନରେ ସେ ମଗ୍ନ ଥିଲେ ।

ତହିଁଆରଦିନ ସକାଳୁ ରଜନୀ ଚଞ୍ଚଳ ଚଞ୍ଚଳ ନିତ୍ୟକର୍ମ ସାରି ଚଉଧୁରୀବଜାରଆଡ଼େ ମଟର ନେଇ ଯିବାର ଦେଖାଗଲା ।

ସନ୍ଧ୍ୟାରେ ରଜନୀ ରମାକାନ୍ତ ନିକଟରେ ପହଞ୍ଚିଲେ । ଦୋକାନରେ ଭିଡ଼ ଥିଲା । ରମାକାନ୍ତ ଦାମୀ ସୁଟ୍‌ରେ ସତେଜ ଓ ଓଜସ୍ୱୀ ଦିଶୁଥାଏ । ରୋଗୀମାନଙ୍କ ପାଇଁ ଔଷଧ ଲେଖିଦେଉଥିବା ବେଳେ ସେ ବାରମ୍ବାର ହାତଘଡ଼ିକୁ ଚାହୁଁଥାଏ କାହାକୁ ଯେପରି ସେ ଅପେକ୍ଷା କରୁଛି । ରଜନୀ ଯାଇ ରୋଗୀମାନେ ଯେଉଁ ବେଞ୍ଚରେ ବସନ୍ତି ସେହି ବେଞ୍ଚରେ ବସିଗଲେ । ରମାକାନ୍ତ ଚାହିଁଦେଇ ଆଶ୍ଚର୍ଯ୍ୟ ହେଲା ।

ତୁମେ ! ଏଠି କାହିଁକି ବସିଲ, ଭିତରକୁ ଚାଲ ।

ରଜନୀ କିନ୍ତୁ ସେହିପରି ବସି ରହିଲେ । ରମାକାନ୍ତ ରଜନୀଙ୍କ କାର୍ଯ୍ୟରେ ଆଶ୍ଚର୍ଯ୍ୟ ହେଲା ।

ମୁଁ ରୋଗୀମାନଙ୍କ କାମସାରି ଭିତରକୁ ଯାଉଛି, ଅନୁଗ୍ରହ କରି ଭିତରେ ଯାଇ ବସ ।

ରଜନୀ ଉଠି ଚାଲିଗଲେ । ବୈଠକଖାନାରେ ଦୁଇ ତିନୋଟି ଔଷଧ ପାର୍ଶଲ ଖୋଲା ହୋଇ ପଡ଼ିଥାଏ । ବିଲ୍ ସହିତ ମିଳା ହୋଇ ନ ଥାଏ ବୋଲି ଔଷଧଗୁଡ଼ିକ ଆଲମିରାରେ ରଖା ହୋଇ ନ ଥାଏ । ରଜନୀ ଔଷଧ ଶିଶି ଆଡ଼କୁ ଚାହିଁଲେ । ଗୋଟିଏ ଶିଶି ତାଙ୍କର ଦୃଷ୍ଟି ବିଶେଷ ଆକର୍ଷଣ କଲା । କଣ ଭାବି ସେ ଶିଶିଟିକୁ ନେଇ ବ୍ଲାଉଜ ଭିତରେ ପୂରାଇ ଦେଲେ । ଶିଶିଟି ବ୍ଲାଉଜ ଭିତରେ ପୂରାଇବାବେଳେ ତାଙ୍କର ମୁହଁ କ୍ଷଣକପାଇଁ ଧଳା ପଡ଼ିଯାଇଥିଲା । ବୈଠକ-

ଖାନାରେ ସେ ବସିବାର ଦଶ ପନ୍ଦର ମିନଟ ହୋଇଥିବ ରମାକାନ୍ତ ବ୍ୟସ୍ତ ହୋଇ ପଶି ଆସିଲ—

କଣ ତୁମର ହୋଇଛି ରଜନୀ, ଆଜ ଏତେ ଉଦାସ କାହିଁକି, ଦେହରେ ଗୋଟିଏ ହେଲେ ଗହଣାପତ୍ର ବି ରଖିନ ।

ସୁନ୍ଦର ଦିଶୁନ ?

ସୁନ୍ଦର ! —ରମାକାନ୍ତ ରଜନୀଙ୍କ ଆଡ଼କୁ ସେ ସୁନ୍ଦର କି ନା ଜାଣିବାକୁ ପୁଣି ସେପରି ଚାହିଁଲା ।

ଛାଡନ୍ତୁ, ଏତେ ଦେଖୁଛନ୍ତି କଣ, ଅସୁନ୍ଦରୀ କଣ କେବେ ସୁନ୍ଦରୀ ହୋଇପାରେ ?

ରମାକାନ୍ତ କଣ କହିବାକୁ ଯାଉଥିବାବେଳେ ରଜନୀ ତାକୁ କହିବାକୁ ସୁଯୋଗ ନ ଦେଇ କହି ଉଠିଲେ—

ଘୋର ଭୋକ କରୁଛି, ଆଜ କିଛି ଖାଇବାକୁ ଦେବେନି ।

ବଡ଼ ବେଶୀ ଆଶା କରି ଆସିଛି ।

ଓଃ ! ନିଶ୍ଚୟ ନିଶ୍ଚୟ—ରମାକାନ୍ତ ପୂଜାରୀକୁ ଡାକି ଜଳଖିଆ ପାଇଁ ବରାଦ ଦେଲା ।

ରଜନୀଙ୍କୁ ଲାଗି ସୋଫା ଉପରେ ରମାକାନ୍ତ ବସିପଡ଼ିଲା ।

ରଜନୀ, ସତ କହ ତୁମର କଣ ହୋଇଛି, ଆଜ କାହିଁକି ଭିନେ ଭିନେ ଜଣାପଡ଼ୁଛ ।

ରମାକାନ୍ତବାବୁ, ପଚାରିବି ଗୋଟେ କଥା, କହିବେ ? ସଂସାରରେ ମଣିଷ ଯାହା ଚାହେଁ ତା କଣ ପାଏ ?

ରମାକାନ୍ତ ରଜନୀଙ୍କ ମୁହଁକୁ ଚାହିଁଲା ।

କଣ ଦେଖୁଛନ୍ତି, ଚଉଡ଼ା ନାକକୁ ନା ଚବିଲ ଗାଲକୁ ?

ନା, ମଣିଷ ଯାହା ଚାହେଁ ତା ପାଏନି ।

କାହିଁକି ପାଏନ, ମନରେ ତେବେ ଆକାଂକ୍ଷା କାହିଁକି ଆସେ ?

ଠିକ୍ ଚେଷ୍ଟାର ଅଭାବ !

ନା ଠିକ୍ ଚେଷ୍ଟାଥିବା ସତ୍ତ୍ୱେ ଆକାଂକ୍ଷା ବେଳେ ବେଳେ ଅପୂର୍ଣ୍ଣ ରହିଯାଉଚି ।

ରଜନୀ ଆଉ କଣ କହିବାକୁ ଯାଉଥିବାବେଳେ କମ୍ପାଉଣ୍ଡର ଭିତରକୁ ପଶିଆସି ଖବର ଦେଲା—ଅଜିତ୍‌ବାବୁ ଆସିଛନ୍ତି ।

ଅଜିତ୍ !

ଭିତରକୁ କହି ଦିଅନ୍ତୁ । ରଜନୀ କହିଲେ । ଅଜିତ୍ ହସିହସି ଭିତରକୁ ପଶି ଆସିଲା ।

ନମସ୍କାର ରଜନୀଦେବୀ, ବହୁତ ଦିନ ପରେ ଦେଖା, ନମସ୍କାର ରମାକାନ୍ତ ।

ଭଲରେ ଅଛନ୍ତି ? ରଜନୀ ପଚାରିଲେ ।

ଭଲ କାହାକୁ କହୁଛ, ସାଂସାରିକ ଦୃଷ୍ଟିରୁ ନୁହେଁ ବୋଧେ ।

କାହିଁକି ?

ସ୍ତ୍ରୀଟି ପ୍ରସବଯନ୍ତ୍ରଣାରେ ମରିଗଲା । ସ୍ତ୍ରୀଟିକୁ ଭଲ ପାଉଥିଲି, ସେ ମରିଯିବାରୁ ଭାବିଲି ଆତ୍ମହତ୍ୟା କରିବି । ତାପରେ ଭାବିଲି, ବର୍ତ୍ତମାନ ନୁହେଁ, କିଛିଦିନ ପରେ ।

ଏହି ସମୟରେ କୌଣସି ରୋଗୀ ଆସିବାରୁ ରମାକାନ୍ତ ଦୋକାନକୁ ଚାଲିଗଲା ।

ଆତ୍ମହତ୍ୟା ମହାପାପ···ରଜନୀ ରହି ରହି କହିଲେ ।

ହଁ ଯେଉଁମାନଙ୍କ ପାଇଁ ବଞ୍ଚି ରହିବା ମହାପୁଣ୍ୟ ।

ମାନେ ?

ମାନେ, ଯାହାର ଆତ୍ମହତ୍ୟା ପ୍ରୟୋଜନ ପଡ଼ୁଛି ତାପାଇଁ ତା ପାପ ନୁହେଁ । ବରଂ ଯଦି ସବୁ ଧର୍ମ କୌଣସି କଥାରେ ଏକମତ, ତା ହେଉଛି ଆତ୍ମହତ୍ୟା—ପ୍ରୟୋଜନ ପଡ଼ିଲେ ଶରୀରକୁ ଶେଷ କରିଦେବା ।

ସମସ୍ତେ କହନ୍ତି ଆତ୍ମହତ୍ୟା ମହାପାପ ?

ପ୍ରଥମ କଥା ହେଉଚି ଆତ୍ମାର ହତ୍ୟା କେଉଁଠି ହେଉଚି ? ଗୀତା ପଢ଼ିଥିବେ—'ନ ଜାୟତେ ମ୍ରିୟତେ ବା କଦାଚିତ୍‌......' ହିଁଶାପ୍ତରେ ଆତ୍ମହତ୍ୟା କରିବାର ଶକ୍ତିହିଁ ପଶୁଠୁ ମାନବକୁ ଭିନ୍ନ କରିଦେଇଛି । ମଣିଷଛଡ଼ା ସବୁ କ୍ଷେତ୍ରରେ ଶରୀର ତା ମନକୁ ଝିଡ଼େ । ମଣିଷହିଁ ତାର ସ୍ୱାଧୀନ ଇଚ୍ଛା, ସ୍ୱାଧୀନପ୍ରକୃତି ଯୋଗୁ ଯେତେବେଳେ ଇଚ୍ଛା କରେ ସେତେବେଳେ ଶରୀରକୁ ଛାଡ଼ି ଦେଇପାରେ । ଅର୍ଥାତ୍ ଆତ୍ମହତ୍ୟା କରିପାରେ । ଯେ ଶରୀରକୁ ଆତ୍ମା ମନେ କରୁଛି ସେ ଆତ୍ମହତ୍ୟା କରିପାରିବନି । କିନ୍ତୁ ଯେ ସଚେତନ ଆତ୍ମାକୁ ଅଚେତନ ଶରୀରଠୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ବିଶ୍ୱାସ କରେ ସେ ପ୍ରୟୋଜନ ବେଳେ କାହିଁକି ଆତ୍ମହତ୍ୟା କରିପାରିବନି ? ଜୈନ ଧର୍ମରେ ସାଧୁମାନେ ଅନେକ ଉପାୟରେ ପଡ଼ି ପଡ଼ି ଶରୀର ଛାଡ଼ୁଥିଲେ । ହିନ୍ଦୁଧର୍ମରେ ଇଚ୍ଛାମୃତ୍ୟୁ ଅଛି । ଭୀଷ୍ମ, ପଞ୍ଚପାଣ୍ଡବ, ଶ୍ରୀରାମ, ଶ୍ରୀକୃଷ୍ଣ ସମସ୍ତେ ଇଚ୍ଛାମୃତ୍ୟୁ ବରଣ କରିଥିଲେ । ତେବେ କଥା ହେଲା ଆତ୍ମା ଓ ଶରୀରକୁ ବିଚ୍ଛେଦ କରିବା ବେଳେ ଯେପରି ବାଧବାଧକତାରେ ପଡ଼ି କରିବନି । ବାଧବାଧକତାର ଅଂଶ ରହିଲେ ପାପ ହେବ ।

ଯେଉଁ ଝିଅମାନେ ଭଲ ପାଇବାରେ ବିଫଳ ହୋଇ ଆତ୍ମହତ୍ୟା କରନ୍ତି ସେମାନଙ୍କର ପାପ ହବ କି ନାହିଁ ?

ହବନି ବୋଲି ତ ମୁଁ ଭାବୁଛି । ତେବେ ବାଧବାଧକତା ରହିବା ଅନୁଚିତ । ଅର୍ଥାତ୍ ଆତ୍ମହତ୍ୟା କରୁଥିବା ଲୋକର ମନରେ ଦ୍ୱିଧା ନରହିବା ଉଚିତ ।

ହଠାତ୍ ଅଜିତ୍ ହାତଘଣ୍ଟା ଦେଖିଲା ।

ଡେରି ହୋଇଗଲା, ରମାକାନ୍ତ ଚେଣେ ବ୍ୟସ୍ତ । ମୁଁ ଯାଉଛି ।

ହଉ, ନମସ୍କାର ।

ନମସ୍କାର ।

କିଛି ସମୟପରେ ରଜନୀ ମଧ୍ୟ ବାହାରିଲେ । ରମାକାନ୍ତ ତାଙ୍କ ସହ ରାସ୍ତାକୁ ଆସିଲା । ଜଳଖିଆ ସେ ଆଣିନ ?

ଥାଉ । ଆପଣ କାହିଁକି ଆଉ 'କଷ୍ଟ କରୁଛନ୍ତି ଯାଆନ୍ତୁ ।

କାଲି ଆସିବ, ସିନେମା ଯିବା ।

ଯଦି ନ ଆସିବ ମନେ ପକାଇବ ?

ମାନେ ? ରମାକାନ୍ତ ଆଶ୍ଚର୍ଯ୍ୟ ହୋଇଗଲା ।

ଆପଣ ଏତେ ଆଶ୍ଚର୍ଯ୍ୟ କାହିଁକି ହେଉଛନ୍ତି, ଟିକେ ଦୂରକୁ ଯିବାକୁ ଅଛି, ସେଥିପାଇଁ କହିଲି ।

ଆଚ୍ଛା, ଯାତ୍ରା ମଧୁର ଓ ସାର୍ଥକ ହେଉ ।

ରମାକାନ୍ତ ଉତ୍ସାହରେ କହିଲା ।

ଆପଣଙ୍କ ଇଚ୍ଛା···ରଜନୀ ଖୁବ୍ ଧୀରେ କହିଥିଲେ, ରମାକାନ୍ତ ଶୁଣି ପାରିଲାନି ।

କଣ କହିଲ—

ନମସ୍କାର—

ନମସ୍କାର—

ସୁବିଧା ହବ ଯଦି ସକାଳେ ଆମ ଆଡ଼େ ଟିକେ ଆସିବ ।

ତହିଁ ଆରଦିନ ସକାଳୁ ରମାକାନ୍ତ ରଜନୀଙ୍କ ଘରକୁ ଯିବାକୁ ଭୁଲିଗଲା । ଯିବାକୁ ତାର ବିଶେଷ ଆଗ୍ରହ ନଥିଲା । ରଜନୀ ତା ଜୀବନରୁ ଦୂରେଇଯାନ୍ତୁ ଏୟା ତା ଅନ୍ତର୍ମନର ଇଚ୍ଛାଥିଲା । ସୁକେଶୀଙ୍କଠି ସେ ସବୁ ପାଉଥିଲା, ବୈଭବ, ସୌନ୍ଦର୍ଯ୍ୟ, ସବୁ । ତା ମନରେ ବେଳେ ବେଳେ ଶଙ୍କା ଆସୁଥିଲା, କାଳେ ଯଦି ରଜନୀ ବିଫଳ-ମନୋରଥ ହୋଇ ସୁକେଶୀଙ୍କୁ ତା ବିରୁଦ୍ଧରେ ପ୍ରରୋଚନା ଦିଅନ୍ତି ! ତେଣୁ ରଜନୀଙ୍କର ଯେପରି ଦୁଃଖ ନହେବ ଅଥଚ ସେ ଦୂରେଇ ଯିବେ ସେଥିର ଉପାୟ ସେ ଭାବୁଥିଲା । କିନ୍ତୁ ଅନ୍ୟ କେତେକ କାରଣରୁ ରଜନୀଙ୍କର ସମ୍ପର୍କ ଛାଡ଼ିବାକୁ ମଧ୍ୟ ଇଚ୍ଛା ହେଉନଥିଲା । ରଜନୀ ନିର୍ବୋଧ ଥିଲେ, ତାଙ୍କଠୁ ଅର୍ଥଲାଭର ସୁବିଧା ଓ ସୁଯୋଗ ଥିଲା । ବଂଶୀଧରବାବୁ ଅପରେସନ ପାଇଁ ପ୍ରସ୍ତୁତ ହେଉଥିଲେ, ସେ ଅପରେସନ ଟେବୁଲ୍‌ରୁ ଫେରି ଆସିବେ ବୋଲି ରମାକାନ୍ତର ବିଶ୍ୱାସ ନଥିଲା । ସେ ନିଜେ ତାଙ୍କର ବ୍ରଣକୁ ପରୀକ୍ଷା କରିଥିଲା । ତାଙ୍କର ମୃତ୍ୟୁପରେ ରଜନୀଙ୍କୁ ଠକିବା ଆହୁରି ସହଜ, ସୁବିଧା ହୋଇପାଆନ୍ତା । କିନ୍ତୁ ରଜନୀ ଓ ସୁକେଶୀ ଉଭୟଙ୍କୁ ଏକାଠି ଚଳାଇବା କ୍ରମେ ତା ପକ୍ଷରେ କଷ୍ଟକର ହୋଇ ପଡୁଥିଲା । ରଜନୀ ବୋଧେ ସନ୍ଦେହ କରିସାରିଲେଣି । ସୁକେଶୀ କିଛି କିଛି କଳ୍ପନା ନିଶ୍ଚୟ କରୁଥିବେ । ପ୍ରକୃତ ଉଦ୍ଦେଶ୍ୟ ଯଦି ସୁକେଶୀ ଜାଣିପାରିଲେ ତାହେଲେ ସବୁ ଯୋଜନା ବ୍ୟର୍ଥ ହୋଇଯିବ ।

ରମାକାନ୍ତ ଦୋକାନରେ ବସିଥିଲା, ଦିନ ପ୍ରାୟ ବାରଟା ହେବ । କେହି ଜଣେ ଗ୍ରାହକ ଆସି ତାକୁ ଖବର ଦେଲେ—ବଂଶୀଧର ବାବୁଙ୍କ ଝିଅ ବିଷ ଖାଇ ଆତ୍ମହତ୍ୟା କରିଛନ୍ତି । ଆଜି ସକାଳେ ଯେତେବେଳେ ଉଠିବା କଥା ରଜନୀ ସେତେବେଳେ ନ ଉଠିବାରୁ ଦୁଆର ଭଙ୍ଗାଯାଇ ଲୋକ ଭିତରେ ପଶିଲେ । ଦେଖାଗଲା ରଜନୀ ଦେବୀ ନିଶ୍ଚଳ ହୋଇ ଶୋଇଛନ୍ତି । ପାଖ ଟେବୁଲ ଉପରେ କାଗଜଟିଏରେ ଲେଖାହୋଇଛି—ମୋର ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି । ମୁଁ ସ୍ୱେଚ୍ଛାରେ, ସୁଖରେ ମରୁଛି ।

ବଡ଼ ଦୁଃଖର କଥା !

ରମାକାନ୍ତ ସହାନୁଭୂତି ଦେଖାଇ ଭଦ୍ରବ୍ୟକ୍ତିଙ୍କୁ ତାଙ୍କ ବରାଦ ଅନୁଯାୟୀ 'ଭିଟାମିନ୍ ସି' କିଛି ଦେଇ ବିଦାୟ କରିଦେଲା । ଗ୍ରାହକ ଚାଲିଯିବାପରେ ରମାକାନ୍ତ କିଛିକ୍ଷଣ ଶୂନ୍ୟକୁ ଚାହିଁଲା । ରଜନୀଙ୍କ ମୃତ୍ୟୁ ଖବର ପାଇ ସେ ତିଳେହେଲେ ଦୁଃଖିତ ହୋଇ ନଥିଲା । ନିଜ ହୃଦୟର ଭାବକୁ ଲକ୍ଷ୍ୟ କରି ସେ ଆଶ୍ଚର୍ଯ୍ୟ ହେଲା । ସେଠି ଆଶ୍ଚର୍ଯ୍ୟ, ଦୁଃଖ, ଭୟ କୌଣସି ପ୍ରକାରର ଆବେଗ ନଥିଲା । କିଛି ସମୟପରେ ଏହି ଅବିଚଳିତ ଭାବଯୋଗୁଁ ସେ ନିଜ ହୃଦୟକୁ ତିରସ୍କାର କଲା ।

ହଠାତ୍ ତାର ଇଚ୍ଛାହେଲା ସୁକେଶୀଙ୍କୁ ଖବର ଦେଇ ଦେବା ଉଚିତ । ସୁକେଶୀଙ୍କ ପାଖକୁ ସେ ସଙ୍ଗେ ସଙ୍ଗେ ବାହାରିଲା । ହଷ୍ଟେଲ୍‌ରେ ସୁକେଶୀ ନଥିଲେ । ତାଙ୍କର ଜଣେ ବାନ୍ଧବୀ କହିଲେ—ସୁକେଶୀ ଗାଁକୁ ଯାଇଛି, କାଲି ଆସିବ ।

ତହିଁ ଆରଦିନ ରମାକାନ୍ତ ହଷ୍ଟେଲକୁ ଯାଇ ପୁଣି ଫେରି-ଆସିଲା । ସୁକେଶୀ ଗାଁରୁ ଫେରି ନଥିଲେ । ଦ୍ୱିପ୍ରହରରେ ସେ ଦୋକାନ ବନ୍ଦ କରିବାକୁ ଯାଉଛି ଡାକବାଲା ରେଜିଷ୍ଟ୍ରାର୍ଡ ପାର୍ସେଲଟିଏ ଆଣି ଦେଲା । ରମାକାନ୍ତ ପାର୍ଶେଲଟି ଖୋଲିଲା । ଇଂରେଜି ଉପନ୍ୟାସଟିଏ-

ସେ ଭିତରେ ପାଞ୍ଚହଜାର ଟଙ୍କାର ନୋଟ । ରମାକାନ୍ତ ଆଶ୍ଚର୍ଯ୍ୟ ହୋଇଗଲା । ଆନନ୍ଦରେ ଓ ଆଶଙ୍କାରେ ତାର ହୃଦୟର ଗତି ବନ୍ଦ ହୋଇଯିବାକୁ ଲାଗିଲା । ବାକ୍ସରେ ଚିଠିଟିଏ ମଧ୍ୟ ଥିଲା ।

ସ୍ନେହର ରମାକାନ୍ତବାବୁ,

ଚିଠି ପଢ଼ି ଆଶ୍ଚର୍ଯ୍ୟ ହେବେନି । ମୁଁ ମୋର ସମସ୍ତ ଗହଣା ବିକି ଯେଉଁ ଟଙ୍କା ପାଇଲି ତାକୁ ଆପଣଙ୍କ ପାଖକୁ ପଠାଇ ଦେଉଛି । ଆଉ ଟଙ୍କା ମୋ ପାଖରେ ନାହିଁ, ବାବାଙ୍କୁ ମାଗିଲେ ସନ୍ଦେହ କରିବେ ।

ଆପଣଙ୍କୁ ମୁଁ ଭଲ ପାଉଥିଲି, ବର୍ତ୍ତମାନ ମଧ୍ୟ ଭଲ ପାଉଛି । ମୁଁ ଅସୁନ୍ଦର, କୁତ୍ସିତ ଦେଖିବାକୁ ବୋଲି ଆପଣ ଚେଷ୍ଟା କରି ମଧ୍ୟ ମୋତେ ଭଲ ପାଇ ପାରି ନାହାନ୍ତି । ତଥାପି ଅନ୍ୟମାନେ ହସିବା, ଥଟ୍ଟା କରିବା ବେଳେ ଆପଣ ମୋତେ ଯେଉଁ ଟିକକ ସ୍ନେହ ଦେଇପାରିଲେ ତାହାହିଁ ମୋ ସ୍ମୃତିରେ ଅମୂଲ୍ୟ ସମ୍ପଦ ହୋଇ ରହିବ । ସେଇଥିରୁ ମୁଁ ଜାଣିଛି, ମୁଁ ସୁନ୍ଦର ହୋଇଥିଲେ ଆପଣ ନିଶ୍ଚୟ ମୋତେ ବିଭା ହୋଇଥାନ୍ତେ । କିନ୍ତୁ ଛାଡ଼ନ୍ତୁ ସେ କଥା, ଭାଗ୍ୟରେ ନାହିଁ ଯାହା ସେ ବିଷୟରେ ଭାବି କଣ ଲାଭ ? ମୃତ୍ୟୁ ପୂର୍ବରୁ ମୋର ଆଭୂଷଣଗୁଡ଼ିକ ମୋ ପ୍ରେମିକହିଁ ପାଇବା ଉଚିତ ଭାବି ସେଗୁଡ଼ିକୁ ଟଙ୍କା ଆକାରରେ ପଠାଇ ଦେଉଛି । ହଉ ରହିଲି, କେବେ ସୁନ୍ଦର ହେଲେ, ଆପଣଙ୍କ ପାଖକୁ ପୁଣି ଆସିବି ।

ଚିଠି ପଢ଼ିସାରି ରମାକାନ୍ତ ଠୋ ଠୋ ହୋଇ ହସିଲା । ବ୍ୟର୍ଥ ଭାବୁକତା ଓ ରୁଗ୍ଣ ଆଦର୍ଶବାଦ । ନୋଟ୍‌ଗୁଡ଼ିକୁ ସେ ଲୁହା ଆଲମିରାରେ ରଖି ଚିଠିଟିକୁ ଟିକ ଟିକ କରି ଚିରି ନିଆଁ ଲଗାଇଦେଲା । ବାକ୍ସଟିରେ ନିଜର ନାଁ ଓ ମାସକତଳର ତାରିଖ ଦେଇ ରଖିଦେଲା ।

ସ୍ନେହ ଗାଁକୁ ଆସିବାର ପ୍ରାୟ ଦଶଦିନ ଭିତରେ ସ୍ୱାମୀଙ୍କଠାରୁ ଚାରୋଟି ଚିଠି ପାଇଲେ । ପ୍ରତ୍ୟେକ ଚିଠିରେ ସ୍ୱାମୀଙ୍କର ଅନୁନୟ—ରାଣୀ ମୋର, ପ୍ରାଣର ମୋର, କିଛି ଭଲ ଲାଗୁନି । ତୁମେ ଚାଲିଯିବା ପରେ କୌଣସି କଥା କରିବାକୁ ଇଚ୍ଛା ହେଉନି, ସବୁବେଳେ ତୁମ କଥା ଭାବି ଭାବି ସମୟ ଯାଉଛି । ଯଦି ଏହିପରି ବହୁଦିନ କଟେ ତାହେଲେ ମୋର ଅବସ୍ଥା କଣ ହେବ ମୁଁ କହିପାରୁନି । ବୋଉ ଯେତେ ଲଗାଇଲେ ମଧ୍ୟ ଖିଆପିଆ ଠିକ୍‌ବେଳେ ହୋଇପାରୁନି । ତୁମେ ସିନା ଥିଲେ ମନବୋଧ କରି ଖାଉଥାଆନ୍ତି, ତୁମେ ତ ପର ମନେ କରି ଗାଁକୁ ଚାଲିଗଲ । ହଁ ଗୋ ତୁମକୁ ବଡ଼, ଯେତେହେଲେ ଆମେ ସବୁ ପର ତ !" ଆହୁରି କେତେ କଣ । ସ୍ନେହ ବୁଝିପାରନ୍ତି ସ୍ୱାମୀ ତାଙ୍କୁ ନିଜ ଜୀବନଠୁ ବେଶି ଭଲ ପାଆନ୍ତି ।

ସ୍ନେହ ଆସିବାଠୁ ଶିବନାଥ ବେଳେ ବେଳେ ମହେଶ୍ୱର ପାତ୍ରୀଙ୍କ ଘରକୁ ଯାଉଥିଲେ । ଘଣ୍ଟାଏ ଦୁଇଘଣ୍ଟା ସ୍ନେହ ସହିତ କଥାବାର୍ତ୍ତା ହୋଇ ସେ ଫେରିଆସେ । ନାନା କଥା ପଡ଼େ । ଅଧିକାଂଶ ଦିନ ଦେବୀପାଦଙ୍କ ଚର୍ଚ୍ଚାର ବିଷୟ ହୋଇଥାଏ । ଦେବୀପାଦ ଆଉ ଘର କଥା ଭାବୁଥିବ କି ନାହିଁ, ସନ୍ନ୍ୟାସୀମାନେ କିପରି ଚଳନ୍ତି, ମୋକ୍ଷ କଣ, ସ୍ୱର୍ଗ କଣ ଏହିପରି କେତେ କଣ । ଶିବନାଥ କହେ—ଦେବୀପାଦ ସନ୍ନ୍ୟାସ ହେବା ଦ୍ୱାରା ଆମ କୁଳ ଉଦ୍ଧାର ହୋଇଗଲା । ଶାସ୍ତ୍ରରେ ଲେଖାଅଛି ଘରୁ ଜଣେ ଯଦି କେହି

ଶୁଦ୍ଧ ସନ୍ନ୍ୟାସୀ ହୁଏ ତାହେଲେ ମାତୃ ଓ ପିତୃ ଉଭୟ କୂଳରୁ ସପ୍ତପୁରୁଷ ଯାଏଁ ସମସ୍ତେ ସଦ୍‌ଗତି ପାଆନ୍ତି ।

ଦେବୀପାଦର ସ୍ମରଣ, ତାର ଗୁଣକୀର୍ତ୍ତନ ଦୁହିଙ୍କ ମଧ୍ୟରେ ଅନ୍ତରଙ୍ଗତା ସୃଷ୍ଟି କରୁଥିଲା । ସ୍ନେହ ପଚାରୁଥିଲେ—ଆଚ୍ଛା ଶିବନାଥ, ମୁଁ କଣ ସଦ୍‌ଗତି ପାଇବିନି । ମୁଁ ତ ସନ୍ନ୍ୟାସିନୀ ନୁହେଁ ।

ମୋ ମତରେ ହିନ୍ଦୁ ସ୍ତ୍ରୀ ମାନେଇ ସନ୍ନ୍ୟାସିନୀ । ସେମାନଙ୍କର ବିବାହ ସନ୍ନ୍ୟାସବ୍ରତ ନେବା ପରି । ନିଜର ବାପମା ଗୃହଗ୍ରାମ ସବୁକୁ ଛାଡ଼ି ସେମାନେ ଯେ ଅନ୍ୟ ଜଣକର ବାପମା ଗୃହଗ୍ରାମକୁ ସର୍ବସ୍ୱ କରିନିଅନ୍ତି ତା କଣ କମ ତ୍ୟାଗର ସୂଚକ ? ଖାଲି ସଂସାର ଛାଡ଼ିଦେଲେ ଯେ ଜଣେ ସନ୍ନ୍ୟାସୀ ହୋଇଗଲା ତା ନୁହଁ, ସଂସାରରେ ଥାଇ ମଧ୍ୟ ଯଦି ଅନ୍ୟମାନଙ୍କୁ ଧର୍ମ ସଙ୍ଗତ ସୁଖ ଦେଇ ପାରିଲା, ନିଜର କର୍ତ୍ତବ୍ୟ ଠିକ୍ ରୂପେ କରି ପାରିଲା, ତାହେଲେ ତାକୁ ମଧ୍ୟ ସନ୍ନ୍ୟାସୀ ରୂପେ ଗଣନା କରିବାକୁ ହେବ । ସେ ସଦ୍‌ଗତି ପାଇବ । ସ୍ତ୍ରୀମାନେ ସ୍ୱାମୀର ଅନନ୍ୟ ସେବାରେ ସଦ୍‌ଗତି ପାଇବା କଥା ଲେଖାଅଛି । କିନ୍ତୁ ସ୍ତ୍ରୀମାନଙ୍କର ବିଶେଷତା ଏଇ ଯେ ସେମାନଙ୍କ ମଧ୍ୟରୁ ଅନେକେ ସଦ୍‌ଗତି, ଈଶ୍ୱରସାନ୍ନିଧ୍ୟକୁ ମଧ୍ୟ ହେୟ ମନେ କରନ୍ତି । ସ୍ୱାମୀ ସଙ୍ଗ, ସ୍ୱାମୀ ପ୍ରୀତିକୁ ସେମାନେ ସଦ୍‌ଗତିଠୁ ବଡ଼ ବୋଲି ନିଅନ୍ତି ।

ସ୍ନେହ ଅନ୍ୟମନସ୍କ ହୋଇ କହିଲେ—ହୁଁ ବେଳେ ବେଳେ ସେଇପ୍ୱାଇ ମନେହୁଏ ।

ତାଙ୍କର ଚକ୍ଷୁ କଣ ମନେ ପକାଇ ପ୍ରଦୀପ୍ତ ହୋଇ ଉଠିଲା ।

ଏହିପରି କଥା ହେଉଥିବାବେଳେ ଦିନେ ଦିନେ ଗାଁର ଲୋକ କେହି ଚିଠି ଫୋପାଡ଼ି ଦେଇ ଚାଲିଯାନ୍ତି । ସ୍ନେହ ଚିଠିକୁ ନେଇ ବାଡ଼ିଆଡ଼କୁ ଦଉଡ଼ିଯାନ୍ତି । ଶିବନାଥ ହସେ—କେତେ ଚିଠି

ତୁମ ପାଖକୁ ଆସୁଛି, ବୋଧେ ତୁମକୁ ଛାଡ଼ି ସେ ପନ୍ଦରଦିନ ମଧ୍ୟ ରହିପାରୁ ନାହାନ୍ତି । ସ୍ନେହ ଚିଠି ପଢ଼ିସାରି ଫେରିଆସନ୍ତି, ସବୁବେଳେ ଚିଠି ପଢ଼ି ଫେରିବାବେଳକୁ ଆଖି ସିକ୍ତ । ମୁହଁରେ ବିଷାଦ ମିଶା ଆନନ୍ଦର ଆଭା ଖେଳି ବୁଲୁଥାଏ । ଆଜି ଗଳ୍ପ ଜମି ପାରେ ନାହିଁ । ଶିବନାଥ ଅଛାରେ ପଚ୍ଛରେ—ରମେଶ ବାବୁ ତୁମକୁ ଭାରି ଭଲ ପାନ୍ତି । ନୁହଁ ? ହଉ, ହଉ ମୁଁ ଯାଉଛି, କାଲି ଆସିବି ।

ଶିବନାଥ ଫେରି ଆସେ ।

ସ୍ନେହ ଆସିବାର ପନ୍ଦର କୋଡ଼ିଏଦିନ ପରେ, ଦିନେ—ଶିବନାଥ ବସିଛି, ଚିଠି ଆସିଲା । ସ୍ନେହ ଚିଠି ଧରି ଚାଲିଗଲେ । କିଛି ସମୟ ପରେ ସେ ଫେରିବାବେଳକୁ ମୁହଁ ତାଙ୍କର ଉଦାସ । ଆଖି ଛଳଛଳ ।

ସ୍ନେହ, କଣ ହେଲା ?

ମୁଁ ବାଲେଶ୍ବର ଯିବି । ତୁମେ କହୁଥିଲ ବାଲେଶ୍ବର ଦେଖିବ ବୋଲି, ଚାଲ ମୋତେ ଛାଡ଼ିଦେଇ ଆସିବ ।

କଣ କିଛି କଥା ନାହିଁ କହୁଛ ବାଲେଶ୍ବର ଯିବ ।

ମୁଁ ତ ଯିବି ।

କଣ ହୋଇଛି କୁହ ।

ସେ ଲକ୍ଷ୍ନୌ ଯାଇଥିଲେ ଅଧ୍ୟାପକ ଚାକିରି ପାଇଁ, ଫେରି ଆସି ଦେହ ଖରାପ ହୋଇଛି ।

ଏଇଥିପାଇଁ ଏତେ ଚିନ୍ତା ?

ନା, ମୁଁ ଯିବି ।

ମାଉସୀଙ୍କୁ କହିଲଣି ।

ସେ କା' ଘରକୁ ଯାଇଛି, ଆସିଲେ କହିବି ।

ସ୍ନେହ ଶୋଇବା ଘରକୁ ଯାଇ ବନ୍ଧଣାପଟ, ଟ୍ରଙ୍କ ସଜାଡ଼ି-ବାକୁ ଲଗିଲେ । ଶିବନାଥ ପାଖରେ ଠିଆ ହୋଇଥାଏ । ଏହି ସମୟରେ ଯଶୋଦା ଆସିଲେ ।

ମାଉସୀ, ମାଉସୀ, ଦେଖିଲ ସ୍ନେହଙ୍କୁ କ ଭୂତ ଲଗିଛି । କଥା ନାହିଁ ବାର୍ତ୍ତା ନାହିଁ କହୁଛନ୍ତି ବାଲେଶ୍ୱର ଯିବେ ।

ଯଶୋଦା ସେ ଘରକୁ ଦଉଡ଼ି ଆସିଲେ ।

କଣେ ସ୍ନେହ···କଣ ? ?

ବୋଉ ମୁଁ ବାଲେଶ୍ୱର ଯିବ ।

କଣ ମାସେ ହୋଇନ କହୁଛୁ ବାଲେଶ୍ୱର ଯିବୁ ! ମା'ଟି ପରା, କଣ ଅସୁବିଧା ହେଉଛି ଯଦି କହ ।

ନା, ବୋଉ କଛି ଅସୁବିଧା ହେଉନ, କନ୍ତୁ ମୁଁ ଯିବ । ତାଙ୍କ ଦେହ ଖରାପ ହୋଇଛି, ମୁଁ ଏଠି ରହି ମଜା କରୁଥିବ !

କାହା ସାଙ୍ଗରେ ଯିବୁ, ବାପା କାନ୍ତୁପଡ଼ାରୁ ଫେରି ଆସନ୍ତୁ ।

ଶିବନାଥଙ୍କ ସହିତ ଯିବ । ସେ କଣ ମୋର ଭାଇ ନୁହନ୍ତି ?

ଶିବନାଥ ଓ ଯଶୋଦା ପରସ୍ପରକୁ ଚାହିଁଲେ ।

ହଁ ବାପ, ସେ ଯେତେବେଳେ ଜିଦ ଧରିଛି ସେତେବେଳେ ନଶ୍ଚେ ଯିବ, ତାକୁ କଏ ରଖି ପାରିବ ?

ତା ହେଲେ ମୁଁ ଯାଏ, ପ୍ରସ୍ତୁତ ହୁଏ । ଶିବନାଥ କହିଲ ।

× × × ×

ଦୁହେଁ ବାଲେଶ୍ୱରରେ ସ୍ନେହ ଶାଶୁଘରେ ପହଞ୍ଚୁ ପହଞ୍ଚୁ ରାତି ନଅ । ସ୍ନେହଙ୍କୁ ଦେଖି ରମେଶ ଯେତିକ ଖୁସି ହେଲ ସେତିକ ଆଶ୍ଚର୍ଯ୍ୟ ।

ତୁମେ ଆସିବ ବୋଲି ମୁଁ ବିଶ୍ୱାସ କରି ନଥିଲି ।

ବାଃ, ତୁମ ଦେହ ଖରାପ ହେବ, ମୁଁ ଗାଁରେ ମଜା କରୁଥିବ !

କେତେ ଭଲ ପାଉଛ !

ଥାଉ, ଥାଉ । ମୋ ସାଙ୍ଗରେ ବାପା ଆସିପାରିଲେନ । କାନ୍ଦୁପଡ଼ା ଚାଲି ଯାଇଛନ୍ତି । ଗାଁର ଜଣେ ଭାଇ ହେବେ, ଶିବନାଥ ଷଡ଼ଙ୍ଗୀ, ତାଙ୍କ ସହିତ ଚାଲି ଆସିଲି ।

ତୁମେ ଯେଉଁ ଦେବୀପାଦଙ୍କ କଥା କହୁଥିଲ, ତାଙ୍କର ଭାଇ ?

ହଁ ।

ବାପା ଘରେ ନାହାନ୍ତି ଚାଲିଆସିଲ ? ତୁମେ ତ ଲକ୍ଷ୍ମୀ ଝିଅଟି, ଆଦର ପାଦେ ଆଗକୁ ବଢ଼ିଗଲି ସ୍ନେହ ।

ସ୍ନେହ ନୀରବ ରହିଲେ ।

ସାରସୀ ପ୍ରକୃତ ଘଟଣାକୁ ଲୁଚାଇବାକୁ ଚେଷ୍ଟା କରିଥିବା ସତ୍ତ୍ୱେ ବ୍ୟବହାରରୁ ଯାଦବକିଶୋରର ସୃଷ୍ଟି ବୋଲି ପୀତାମ୍ବର ଜାଣି ପାରିଥିଲା । ତଥାପି ସେ ସାରସୀଙ୍କୁ ଭର୍ତ୍ସନା ବା ତାଡ଼ନା କିଛି ନକରି ପୂର୍ବପରି ନିଜର ସ୍ନେହ ଓ ପ୍ରେମକୁ ଅବିଚଳିତ ରଖିଲା । ଜଣେ ଜଣେ ଲୋକ ଅପ୍ରତ୍ୟାଶିତ ଭାବେ ଘୋର ଦୁଃଖର ସମ୍ମୁଖୀନ ହୋଇଗଲେ ତାଙ୍କର ଭାବାବେଗ ବହିର୍ମୁଖୀ ନହୋଇ ଅନ୍ତର୍ମୁଖୀ ହୋଇଯାଏ । ସେତେବେଳେ ବାହାରକୁ ସେମାନେ ଅପରିବର୍ତ୍ତିତ ରହନ୍ତି; କିନ୍ତୁ ଆତ୍ମା ଭିତରେ ତାଙ୍କର ବିପ୍ଳବ ଘଟିଥାଏ । ପୀତାମ୍ବର ଏହି ଘଟଣା ଜାଣିବା ପରେ ପରେ ଅରାଜକ ଦଳର ସଂସ୍ପର୍ଶରେ ଆସେ । ବ୍ୟକ୍ତିଗତ ତିକ୍ତ ଅନୁଭୂତିରେ ବିକଳ ହୋଇ ସେ ଅରାଜକ ଦଳର କାର୍ଯ୍ୟରେ ସଂଲଗ୍ନ ରହି ସବୁ ଭୁଲିବାକୁ ଚେଷ୍ଟା କରେ । ଅରାଜକ ଦଳର ଅଦ୍ଭୁତ ଓ ବୈପ୍ଳବାତ୍ମକ ବିଚାର ଓ କାର୍ଯ୍ୟ ତାର ପ୍ରାଣକୁ ସ୍ପର୍ଶ କରେ । ଅରାଜକଦଳର କାର୍ଯ୍ୟାବଳୀରେ କେବଳ ସରକାର ନୁହଁ ସରକାରୀ କଳ ଚଳେଇବାରେ ସାହାଯ୍ୟ କରୁଥିବା ଧନିକ ସମ୍ପ୍ରଦାୟଙ୍କୁ ଲୁଣ୍ଠନ କରିବା କାର୍ଯ୍ୟ ଅନ୍ତର୍ଭୁକ୍ତ ଥାଏ । ଏହି କାର୍ଯ୍ୟାବଳୀକୁ କଳ୍ପନାରେ ରଖି ସେ ଦିନେ ନା ଦିନେ ଷଡ଼ଙ୍ଗୀଙ୍କ କର୍ମର ପ୍ରତିଶୋଧ ନେବ ବୋଲି ଠିକ୍ କରିଥାଏ । ଏହି ଅବସରରେ ଷଡ଼ଙ୍ଗୀ ମରିଯାନ୍ତି, ଦେଶଭାବ ସୁକୁମାର ଦାଦାଙ୍କ ପ୍ରଭାବରେ ଆସି ଦଳରେ

ଯୋଗଦାନ କରେଁ । ଦ୍ରୁତଗତିରେ ପରିସ୍ଥିତିର ପରିବର୍ତ୍ତନ ହେଉଥିଲେ ମଧ୍ୟ ପୀତାମ୍ବର ତାର ଉଦ୍ଦେଶ୍ୟକୁ ଭୁଲି ନଥାଏ । ପିତାର ଦୋଷ ପାଇଁ ପୁଅକୁ ଦଣ୍ଡ ଦିଆଯାଇପାରେ । ଦିନେ ସୁଯୋଗ ଆସିଲା । ସୁକୁମାର ଦାଦା ଦେବୀପାଦକୁ ବୁଝାଉଥିଲେ—

ଓଡ଼ିଶାରେ ବାଲେଶ୍ୱରଠି ହଠାତ୍ ଆମର କାମ ପଡ଼ୁଛି । ତୁମେ ଯାଇ ଅନୁଭୂତି ସଂଗ୍ରହ କର ବୋଲି ମୋର ଇଚ୍ଛା; କିନ୍ତୁ ସବୁ ତୁମ ଉପରେ ନିର୍ଭର କରୁଛି ।

ଦେବୀପାଦ କିଛି କହିବା ପୂର୍ବରୁ ପୀତାମ୍ବର କହିଲା—

ସୁକୁମାର ଦାଦା, ଦେବୀପାଦ ଯିବା ଉଚିତ ବୋଲି ମୋର ମତ ।

ଦେବୀପାଦ ସ୍ୱୀକୃତି ସୂଚକ ମୁଣ୍ଡ ହଲାଇଲା । ସୁକୁମାର ଦାଦା କହିଲେ—ତାହେଲେ ପୀତାମ୍ବର ! ସୁଶ୍ରୀ ଓ ଦେବୀପାଦଙ୍କୁ ଧରିକି ତୁମେ ଯିବ । ହେଲା ?

ହଁ ।

ସାବଧାନ, ଦୁହେଁ ନୂଆ ଶିଖାଳୀ ।

× × × ×

ସୁଶ୍ରୀ ବାହାରେ ଅପେକ୍ଷା କଲେ । ଅନ୍ଧକାର ରାତି—ବିରାଟ ପ୍ରାସାଦ ଆଗରେ ଠିଆ ହୋଇଛନ୍ତି । ପୀତାମ୍ବର ପାସପୋର୍ଟ୍‌କୁ ଦରଜା ଫୋପାଡ଼ିଲା । ତାପରେ ଦୁହେଁ ଚଢ଼ିଗଲେ । ଦେବୀପାଦର ଛାତି ଧଡ଼ ପଡ଼ ହେଉଥାଏ । ଉପର ମହଲାର ସବୁ ବଖରା ଗୁଡ଼ିକୁ ସେମାନେ ବୁଲି ବୁଲି ଗଲେ । କେତେଗୁଡ଼ାଏ ଅନ୍ଧକାରବୃତ ଥିଲା, ଗୋଟିରେ ମୃଦୁ ନୀଳ ଆଲୋକ । ଗୋଟିଏ ଘର ଆଗରେ ପୀତାମ୍ବର ଠିଆ ହୋଇଗଲା ।

ଏଇ ଘରେ । ଫୁସ୍‌ଫୁସ୍ କରି ପୀତାମ୍ବର କହିଲା ।

ଦେବୀପାଦ ବୁଝିଁଲା । ବଡ଼ ପଲଙ୍କ, ଆଇରନ୍ ସେଫ୍, ଟେବୁଲ, ଗୃହ ଭିତରେ ଶାନ୍ତ ଓ ନୀରବତା, ଯାହା ମଧ୍ୟେ ମଧ୍ୟେ ମଣିଷର ନିଃଶ୍ୱାସ ପ୍ରଶ୍ୱାସ ଯିବା ଆସିବାର ଶବ୍ଦ ଶୁଭୁଥାଏ । ପୀତାମ୍ବର ସ୍ୱର ବଦଳାଇ ଡାକିଲା—ବାବୁ, ବାବୁ !

ଦୁଆରେ ଠକ୍ ଠକ୍ ।

କିଏ......

ବାବୁ ତଳେ ଆପଣଙ୍କୁ କେହି ଜଣେ ଡାକୁଛନ୍ତି । କାର୍‌ରେ ଆସିଛନ୍ତି ।

କିଛି ଉତ୍ତର ନାହିଁ । ଭଦ୍ରବ୍ୟକ୍ତି ବୋଧେ ପୁଣି ଶୋଇ ପଡ଼ିଲେ । ବାବୁ, ବାବୁ !

ପୁଣି ଠକ୍ ଠକ୍ ।

କିଏ ? ଏଥର କିଛି ସ୍ୱର ଉଚ୍ଚ; ବିରକ୍ତିରେ ପୂର୍ଣ୍ଣ ।

ଚଟିକୁ ଘୋଷାରି ଘୋଷାରି ଭଦ୍ରବ୍ୟକ୍ତି ଦୁଆର ପାଖକୁ ଆସିବାର ଶବ୍ଦ । ପୀତାମ୍ବର ଓ ଦେବୀପାଦ ଦୁହିଁଙ୍କ ସ୍ନାୟୁର ଗତି ଊର୍ଦ୍ଧ୍ୱଗଲା—ମାଂସ ପେଶୀ ପ୍ରସ୍ତୁତ ହୋଇଗଲା, କାର୍ଯ୍ୟର ବେଳ ।

ଦୁଆର ଫିଟିଲା ।

ସାମାନ୍ୟ ସଂଘର୍ଷ ।

ଭଦ୍ର ବ୍ୟକ୍ତିଙ୍କର ନିଦ ସମ୍ପୂର୍ଣ୍ଣ ଭାଙ୍ଗିଗଲା । କିନ୍ତୁ ସେତେବେଳକୁ ତାଙ୍କୁ ଦଉଡ଼ି, ରୁମାଲ୍ ଇତ୍ୟାଦିର ସାହାଯ୍ୟରେ ଅକର୍ମଣ୍ୟ କରି ବନ୍ଧା ହୋଇ ବାରଣ୍ଡାରେ ଜନସପନ ପରି ଗଡ଼େଇ ଦିଆଯାଇଥିଲା ।

ତୁମେ ଏଇଠି ରୁହ, ମୁଁ ଭିତରକୁ ଯାଉଛି ।

ପୀତାମ୍ବର ଘର ଭିତରକୁ ପଶିଲା । ଦେବୀପାଦ ଏଣୁତେଣୁ ଚାହିଁ ଠିଆ ହୋଇ ସବୁଆଡ଼କୁ ଦେଖୁଥାଏ । ପୀତାମ୍ବର ପଲଙ୍କ ପାଖକୁ ଯାଇ ଠିଆ ହେଲା ।

ଆଉ ଜଣେ କିଏ ଶୋଇଛି । ଶୋଇଥାଉ, ନଘୋଡ଼ ନିଦ ଜଣା ପଡ଼ୁଛି ।

ଦେବୀପାଦଙ୍କୁ ଡାକି ପୀତାମ୍ବର କହିଲା ।

ହଉ, ତୁମେ ଚାଲିଯାଅ ।

ଦେବୀପାଦ ପୁଣି ବାରଣ୍ଡାକୁ ଚାଲି ଆସିଲା । ପୀତାମ୍ବର ତକିଆତଳୁ ଆଇରନସେଫ୍ ଚାବି ନେଇ ସେଫ୍ ଖୋଲିଲା । ତାପରେ ପୀତାମ୍ବରର ଅଭ୍ୟସ୍ତ ହସ୍ତ ଯୋଗୁଁ ଖୁବ୍ କମ ସମୟରେ ସେଫ୍ ଭିତରୁ ସବୁ ପ୍ରୟୋଜନୀୟ ଜିନିଷ ବ୍ୟାଗ୍ ଭିତରକୁ ଚାଲି ଆସିଲା । ଆଇରନ୍‌ସେଫ ବନ୍ଦ ହୋଇଗଲା । ପିଲଙ୍କ ପାଖରେ ପୀତାମ୍ବର ଚାବି ରଖିବାବେଳେ କୌତୁହଳୀ ହୋଇ ଟର୍ଚ୍ଚ ମାରିଲା—

ଅତି ରୂପବତୀ ଯୁବତୀଟିଏ ଶୋଇଛି ।

ପୀତାମ୍ବର ଥଳସହ ବାହାରକୁ ଚାଲି ଆସିଲା ।

କିଏ ?

ତୁମଘରକୁ ସ୍ନେହପ୍ରଭା ବୋଲି ଝିଅଟିଏ ସବୁବେଳେ ଯାଉଥିଲେ, ମନେ ପଡ଼ୁଛି ?

ହଁ, ହଁ, ମହେଶ୍ବର ପାତ୍ରୀଙ୍କ·····

ସେଠି ସେ ଶୋଇଛନ୍ତି ।

କିଏ ? ଦେବୀପାଦ ବିଶ୍ବାସ କରି ନପାରି ପଚାରିଲା ।

ସ୍ନେହ···

ଦେବୀପାଦ ସଙ୍ଗେ ସଙ୍ଗେ ଘର ଭିତରକୁ ଯିବାକୁ ଉଦ୍ୟତ ହେଲା ।

ଶୁଣ, ଶୁଣ, ଭିତରକୁ ଯଦି ଯାଉଛ ସାବଧାନ ରହିବ, ମୁଁ ତଳେ ଅଛି ।

ପୀତାମ୍ବର ଦଉଡ଼ ସାହାଯ୍ୟରେ ତଳକୁ ଓହ୍ଲାଇଗଲା । ସେତେବେଳକୁ ଦେବୀପାଦ ପଲଙ୍କପାଖରେ ଠିଆ ହୋଇ ଚୈ ଆଲୁଅରେ ସ୍ନେହପ୍ରଭାଙ୍କୁ ଦେଖିବାରେ ବ୍ୟସ୍ତ ।

ଶେଯରେ ରୂପବତୀ···ନିଶ୍ଚିନ୍ତଶାୟିତା ଯୁବତୀ ।

ସୁଖସ୍ୱପ୍ନଉଲ୍ଲସିତା । ମୁକୁଳିତ ଅଧର···ସ୍ରସ୍ତ ବସ୍ତ୍ର···ସ୍ରସ୍ତ କେଶ ଦାମ...ସ୍ଖଳିତ ଅଧୋବାସକ···ସ୍ଖଳିତ କୁଞ୍ଚୁକ ।

ମାନବ ଓ ମାନବୀ ।

ଅନ୍ଧକାର ।

କାମନାର ଘନଘଟା ।

ସ୍ନେହ, ମୋତେ ଚହ୍ନି ପାରୁଛ ?

କିଏ ? ସ୍ନେହ ଖିଷଣ ଭାବେ ଚମକି ପଲଙ୍କ ଉପରୁ ତଳକୁ ଡେଇଁ ପଡ଼ିଲେ । ବିଜୁଳିଆଲୁଅ ଉପରେ ଯାଇ ହାତ ପଡ଼ିଲା । ଘରସାରା ଆଲୋକ । କିଏ ?

ତୁମେ ! ! !

ଦେବୀପାଦକୁ ଦେଖି ସ୍ନେହପ୍ରଭା ପୁଣି ଚମକିଲେ । ତାଙ୍କର ଆଖି ବଡ଼ ବଡ଼ ହୋଇଯାଇଥିଲା, ମୁହଁରେ ଭୟ, ଆଶ୍ଚର୍ଯ୍ୟର ସମ୍ମିଶ୍ରଣ । ସେ ଯେପରି କିଛି ବୁଝି ପାରୁ ନ ଥିଲେ ।

ମୁଁ ସ୍ନେହ, ମୁଁ ଦେବୀପାଦ, ତୁମର ଦେବୀପାଦ !

ଦେବୀଭାଇ ?

ଦେବୀପାଦ ଅଗ୍ରସର ହୋଇ ସ୍ନେହପ୍ରଭାଙ୍କୁ ଆଲିଙ୍ଗନ କଲା ।

ଛାଡ଼, ଛାଡ଼···ତୁମେ କିପରି ଆସିଲ ?

ସ୍ନେହପ୍ରଭାଙ୍କ ଆଖି ଘରର ଚାରିଆଡ଼େ ବୁଲି ଆସିଲା । ପଲଙ୍କରେ ସ୍ୱାମୀ ନ ଥିଲେ । ଆଇରନ୍ ସେଫ୍ ପାଖରେ ନୋଟ୍ କେତୋଟି ପଡ଼ିଥିଲା ।

ସ୍ନେ...

ପାଣି କରନ୍ତ ସ୍ନେହ...ଦେବୀପାଦ ସ୍ନେହପ୍ରଭାଙ୍କ ପାଣିକୁ ହାତଦେଲା । ସ୍ନେହପ୍ରଭା ରାଗରେ ଦେବୀପାଦର ହାତକୁ ଛାଡ଼ି ଦେଇ କହିଲେ—ମୋର ସ୍ୱାମୀ କାହାନ୍ତି ? ତୁମେ କେ ଉଦ୍ଦେଶ୍ୟରେ ଏଠିକୁ ଆସିଛ ?

ସ୍ୱରରେ ଝଡ଼ର ପୂର୍ବାଭାସ ।

ସ୍ନେହ ମୁଁ ତୁମର ପ୍ରଣୟକୁ ପ୍ରତ୍ୟାଖ୍ୟାନ କରିଥିଲି ବୋଲି ତୁମେ ରାଗିଛ । ମୁଁ ଜାଣି ପାରୁଛି । ମୋ ଭୁଲ ମୁଁ ବୁଝି ପାରୁଛି ମୋତେ କ୍ଷମାକର ସ୍ନେହ, ସେଦିନ ଯାହା କହି ପାରି ନ ଥିଲି ଆଜି ତାହା କହୁଛି । ତୁମେ ମୋର ସବୁ ସ୍ନେହ, ମୁଁ ତୁମକୁ ସବୁବେଳେ ଭଲ ପାଉଛି । ମୋ ବୁଦ୍ଧିରେ ସେତେବେଳେ ପର୍ଦ୍ଦା ପଡ଼ିଯାଇ ଥିଲା । ତାପରେ ମୁଁ ତୁମକୁ ବହୁତ ଝୁରି ହୋଇଛି । ବହୁତ... ତୁମକୁ ମୁଁ ନବାକୁ ଆସିଛି ସ୍ନେହ ।

ଦେବୀପାଦ ପ୍ରଣୟ ନିବେଦନ କରୁଥିବାବେଳେ ସ୍ନେ... ବ୍ୟସ୍ତ ହୋଇ ଏଣେତେଣେ ଚାହୁଁଥାନ୍ତି ।

ମୋ ସ୍ୱାମୀ...

ଭୁଲ ସ୍ନେହ...କଏ ଉଠି ପଡ଼ିଲେ ସବୁ ସରିଯିବ ।

ଚଣ୍ଡାଳ, ଦୁଷ୍ଟ, ସଇତାନ୍...ସ୍ନେହପ୍ରଭା ଦେବୀପାଦକୁ ସର୍ବ ଶକ୍ତି ଲଗାଇ ଚାପୁଡ଼ା ମାରିଲେ ।

...ସ୍ତ୍ରୀ ଦେହରେ ହାତ ଦେଉଛୁ ? ଲୁଚ. ମୋ...

ଦେବୀପାଦ ଗାଲକୁ ଆଉଁସି ଆଉଁସି ସ୍ନେହପ୍ରଭାଙ୍କ ଅ... ଅଗ୍ରସର ହେଲା । ତା ଆଖି କ୍ରୋଧ, ଅପମାନ ଓ ଦୃଢ଼ ନିଷ୍ପତ୍ତି... ଜଳୁଥିଲା ।

ଚକ୍ଷୁ ପଲକରେ ସ୍ନେହପ୍ରଭା ତା କାନ୍ଧକୁ ଢଳିଗଲେ ।

ଦେବୀପାଦ ସ୍ନେହପ୍ରଭାଙ୍କୁ ଟେକିସାରି ବୁଲିପଡ଼ିବା ବେଳକୁ
ବନ୍ଧଠି କେହି ଜଣେ ଠିଆ ହୋଇଥିଲା ।

ଦେବୀପାଦର ମାଂସପେଶୀ ଚଞ୍ଚଳ ହୋଇ ଉଠିଲା ।
ପର ସେ ଦୁଆରବନ୍ଧ ପାଖକୁ ଯାଇ ଛୁରୀ ଭୁଷିଦେଲା ।
ମରୁଥିବା ଲୋକ କ୍ଷୀଣ କଣ୍ଠରେ କହିଲା—ଦେବୀ···
ଘର ଭିତରକୁ ଲୋକଟି ଢଳି ପଡ଼ିଲା ।

ରକ୍ତର ଫୁଆରା ।
ଯନ୍ତ୍ରଣାଦଗ୍ଧ ମାନବ ।
ଆହତ ସମ୍ବୋଧନ···ଦେବୀ···ଦେ···
ମୃତ୍ୟୁ ।

ଦେବୀପାଦ ଆଖି ବଡ଼ ବଡ଼ କରି ଚାହିଁଥିଲା । ଶିବନାଥ
ଛଟପଟ ହେଉଛି । ଲାଲ୍ ରକ୍ତ ଚଟାଣରେ ବହିବାକୁ
ଶିବନାଥର ବିଶେଷ କିଛି ପରିବର୍ତ୍ତନ ତ ହୋଇନ ।
ପରି···ତା ଆଡ଼କୁ ଚାହିଁଛି । କଣ କହିବାକୁ ଇଚ୍ଛା କରୁଛି ।
ପାଖରେ ବସିପଡ଼ିଲା । ବର୍ତ୍ତମାନ ଶିବନାଥ ଚେଷ୍ଟା କରୁଛି
କହିବାକୁ । ମୁଖରୁ ତାର ଶବ୍ଦ ବାହାରିପାରୁନ । ଦେବୀପାଦକୁ
ଣ କହିବାକୁ ଇଚ୍ଛା କରୁଛି, କିନ୍ତୁ କହି ପାରୁନ ।

ଦେବୀ··

ଶିବ···

ଶିବନାଥ ମରିଗଲା ବୋଧେ । ଆଖି ତ ମେଲାଇଛି ।
ଛାତିରେ ହାତମାରି ଝିଙ୍କାଇ ଦେଲା ଦୁଇଥର । ଶିବନାଥ
ଉଠ୍ ଶିବ ଉଠ୍ । ଶିବ ଉଠୁନ । କାହିଁକି ଉଠୁନ । ଦେବ
ଶିବ ଉଠୁନ । ସ୍ନେହଙ୍କୁ ଦେବୀପାଦ ଧୀରେ ମୁହଁ ଟେକ